# ଧରିତ୍ରୀ DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୯/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Tuesday, October 29/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 334 | ମୂଲ୍ୟ ₹୭/-






100% BIS Hallmarked HUID Pure Gold Jewellery | 100% Exchange of Old Gold | Fair Price Policy | Free Insurance on Diamonds | Tested and Certified Diamonds | Safe Gold Purchase Scheme | Lifetime Buyback Guarantee | 88 Years Of Trust

621, Saheed Nagar Janpath BHUBANESWAR

309, District Centre Chandrasekharpur BHUBANESWAR

5089 Soubhagya Nagar BHUBANESWAR

551/1815 Samantrapur BHUBANESWAR

Venkatraju Arcade Sano Bazar BERHAMPUR

558/834 Cantonment Road CUTTACK

Sarbahal Road Marwadi Para JHARSUGUDA

Opp.Police Line VIP Road PURI

Kesar Bhawan Main Road ROURKELA

khimjijewellers.com

Follow us on:

1800 3131 777

KHIMJI®
JEWELLERS SINCE 1936

# ୧୦୦ ହମାସ୍ ଆତଙ୍କବାଦୀ ଗିରଫ

## ଇସ୍ରାଏଲ୍‌ର ବଡ଼ କାର୍ଯ୍ୟାନୁଷ୍ଠାନ

ଜେରୁଜେଲମ୍,୨୮।୧୦

ଇସ୍ରାଏଲୀ ସୈନ୍ୟ ଉତ୍ତର ଗାଜାର କମଲ ଅଡୱାନ ହସ୍ପିଟାଲରେ ଚଢ଼ାଉ କରି ପ୍ରାୟ ୧୦୦ ଜଣ ସନ୍ଦିଗ୍ଧ ହମାସ୍ ଆତଙ୍କବାଦୀଙ୍କୁ ଗିରଫ କରିଥିବା ଏହାର ସେନା ସୋମବାର ସୂଚନା ଦେଇଛି। ସୈନ୍ୟମାନେ ଶୁକ୍ରବାର ଉକ୍ତ ହସ୍ପିଟାଲରେ ଧସେଇ ପଶିବା ସହ ଶନିବାର ପର୍ଯ୍ୟନ୍ତ ଚଢ଼ାଉ ଜାରି ରଖିଥିଲେ। ହସ୍ପିଟାଲ ପରିସରରେ ଆତ୍ମଗୋପନ କରିଥିବା ହମାସ୍ ଆତଙ୍କବାଦୀମାନଙ୍କୁ ଧରାଯାଇଛି। ସେଠାରୁ ସାଧାରଣ ନାଗରିକମାନଙ୍କୁ ବାହାର କଲାବେଳେ କେତେଜଣ ଆତଙ୍କବାଦୀ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ହସ୍ପିଟାଲ ଭିତରୁ ଅସ୍ତ୍ରଶସ୍ତ୍ର, ଆତଙ୍କବାଦୀଙ୍କ ପାଣ୍ଠି ଏବଂ ଗୋଇନ୍ଦା ଦସ୍ତାବିଜ୍ ଜବତ ହୋଇଛି। ଅନ୍ୟପକ୍ଷରେ ଇସ୍ରାଏଲୀ ସୈନ୍ୟମାନେ ହସ୍ପିଟାଲର କେତେଜଣ ପୁରୁଷ କର୍ମଚାରୀଙ୍କୁ ଅଟକ ରଖିବା ସହ ହସ୍ପିଟାଲରେ କ୍ଷୟକ୍ଷତି କରିଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

କେତେଜଣ ଜଣାଶୁଣା ଆତଙ୍କବାଦୀ ନିଜକୁ ମେଡିକାଲ କର୍ମଚାରୀ ପରିଚୟ ଦେଇ ହସ୍ପିଟାଲରେ ଲୁଚି ରହିଥିଲେ। ତେଣୁ ସବୁ କର୍ମଚାରୀଙ୍କୁ ଯାଞ୍ଚ କରିବା ବ୍ୟତୀତ ଅନ୍ୟ ବିକଳ୍ପ ନ ଥିଲା ବୋଲି ଇସ୍ରାଏଲ୍‌ର ଜଣେ ସାମରିକ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି। ସେନା ବାହାରିଯିବା ପରେ ହସ୍ପିଟାଲରେ କେତେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଫୁଟେଜ୍‌ରୁ ଜଣାପଡ଼ିଛି। ତେବେ ସୈନ୍ୟମାନେ ହସ୍ପିଟାଲରେ ପ୍ରବେଶ କଲାବେଳେ କିଛିଟା କ୍ଷୟକ୍ଷତି ହୋଇଥିଲା। ଏହା ବ୍ୟତୀତ ଅକ୍ସିଜେନ ଟ୍ୟାଙ୍କ ଭଳି ଦ୍ୱୈତ ବ୍ୟବହାର୍ଯ୍ୟ ଉପକରଣଗୁଡ଼ିକୁ ଧ୍ୱଂସ କରାଯାଇଥିବା ଇସ୍ରାଏଲ୍ ସେନା ସ୍ୱୀକାର କରିଛି। ହସ୍ପିଟାଲ ଖାଲି କରିବାକୁ କିମ୍ବା ରୋଗୀମାନଙ୍କୁ ବିଦା କରିଦେବାକୁ ମେଡିକାଲ ଷ୍ଟାଫ୍ ରାଜି ହୋଇ ନ ଥିଲେ। ସେଠାରେ ବହୁସଂଖ୍ୟାରେ ବିସ୍ଥାପିତ ପାଲେଷ୍ଟିନୀୟ ମଧ୍ୟ ଆଶ୍ରୟ ନେଇଥିଲେ। ସୈନ୍ୟମାନେ ପ୍ରଥମେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ସେଠାରୁ ବାହାର କରିବା ପରେ ପୁରୁଷ ଓ ମହିଳାଙ୍କୁ ଅଲଗା କରି ଦୁଇଟି ଧାଡ଼ିରେ ଛିଡ଼ା କରାଇଥିଲେ। ପୁରୁଷମାନଙ୍କ ଦେହରେ ବସ୍ତ୍ର ନ ଥିଲା ବୋଲି ସେଠାର ଜଣେ ନର୍ସ କହିଛନ୍ତି। ସୈନ୍ୟମାନେ ଗୁଳି ଚଳାଇବାରୁ ହସ୍ପିଟାଲ ପରିସରରେ ଥିବା ଜେନେରେଟର ଏବଂ ଅକ୍ସିଜେନ୍ ସେଣ୍ଟର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଇଣ୍ଟେନ୍‌ସିଭ୍ କେୟାର ୟୁନିଟରେ ଚିକିତ୍ସିତ ହେଉଥିବା ୨ ଜଣ ପିଲାଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ସନ୍ଦିଗ୍ଧ ହମାସ୍ ଆତଙ୍କବାଦୀଙ୍କ ପାଖରେ ଅସ୍ତ୍ର ରହିଛି କି ନାହିଁ, ଯାଞ୍ଚ କରିବା ପାଇଁ ସେମାନଙ୍କୁ ଉଲଗ୍ନ କରାଯାଇଥିଲା। ଯାଞ୍ଚ ପରେ ସେମାନଙ୍କୁ ପୋଷାକ ଯୋଗାଇ ଦିଆଯାଇଥିଲା ବୋଲି ସେନା କହିଛି। ହସ୍ପିଟାଲ ପରିସର ନିକଟରେ ଜୋର୍‌ଦାର ଲଢ଼େଇ ହୋଇଥିଲେ ମଧ୍ୟ ସାଧାରଣ ନାଗରିକଙ୍କୁ ସୁରକ୍ଷିତ ରଖାଯାଇଥିଲା। ହସ୍ପିଟାଲକୁ ଇନ୍ଧନ, ଡାକ୍ତରୀ ଉପକରଣ, ବ୍ଲଡ୍ ୟୁନିଟ ଯୋଗାଇ ଦିଆଯିବା ସହ ବିଦ୍ୟୁତ୍ ଏବଂ ଅକ୍ସିଜେନ୍ ସୁନିଶ୍ଚିତ କରାଯାଇଥିଲା ବୋଲି ଇସ୍ରାଏଲୀ ସେନା କହିଛି।



ଇସ୍ରାଏଲ୍ ସେନାର ଆକ୍ରମଣରେ ଉତ୍ତର ଗାଜାର କମଲ ଅଡୱାନ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଛି।

## ଗାଜାରେ ଆଉ ୫ ଖବରଦାତାଙ୍କୁ ହତ୍ୟା

### ଇସ୍ରାଏଲ୍ ଆକ୍ରମଣରେ ଗଲାଣି ୧୭୬ ସାମ୍ବାଦିକଙ୍କ ଜୀବନ

ଗାଜା ସିଟି,୨୮।୧୦

ଗାଜାର ଏକ ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ଉପରେ ଇସ୍ରାଏଲ୍‌ର ବୋମାମାଡ଼ ଯୋଗୁ ୫ ଜଣ ଖବରଦାତାଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ଗତବର୍ଷ ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଇତିମଧ୍ୟରେ ଇସ୍ରାଏଲ୍ ଆକ୍ରମଣରେ ୧୭୬ ଜଣ ସାମ୍ବାଦିକଙ୍କ ଜୀବନ ଗଲାଣି। ରବିବାର ଆକ୍ରମଣରେ ନିହତ ସାମ୍ବାଦିକମାନେ ହେଲେ ସଏଦ ରାଦ୍ୱାନ, ହମ୍‌ଜା ଅବୁ ସାଲମିୟା, ହନିନ୍ ବାରୁଦ, ଅବଦୁଲ ରହମାନ ଏବଂ ନଦିଆ ଅଲ୍-ସୟେଦ। ସାମ୍ବାଦିକମାନଙ୍କ ଉପରେ ଇସ୍ରାଏଲ୍‌ର ଅଭୂତପୂର୍ବ ଅପରାଧ ସତ୍ତ୍ୱେ ତାହା ସେମାନଙ୍କୁ ଇସ୍ରାଏଲ୍ ସରକାରଙ୍କୁ ସମାଲୋଚନାରୁ ଅଟକାଇପାରି ନାହିଁ। ଏଭଳି ଅଭୂତପୂର୍ବ ଅପରାଧକୁ ଆମେ ଦୃଢ଼ ନିନ୍ଦା କରୁଛୁ ବୋଲି ପାଲେଷ୍ଟିନୀୟ ଖବରଦାତାମାନେ କହିଛନ୍ତି। କିଛିଦିନ ପୂର୍ବରୁ ଲେବାନନ୍‌ରେ ଏକ ଗେଷ୍ଟହାଉସ୍‌ରେ ଶୋଇଥିବା ୩ ସାମ୍ବାଦିକଙ୍କୁ ଇସ୍ରାଏଲୀ ସେନା ହତ୍ୟା କରିଥିଲା।

ଗାଜା ମେଡିକାଲ ସୂତ୍ର ଅନୁଯାୟୀ, ଯୁଦ୍ଧ ଆରମ୍ଭରୁ ଇତିମଧ୍ୟରେ ୧୭୬ ଖବରଦାତା ନିହତ ହେଲେଣି। ଆକ୍ରମଣରେ ୪୨ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିବା ସହ ୯୭,୭୨୦ ଜଣ ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଛୋଟ ପିଲା। ଇସ୍ରାଏଲ୍ ବୋମାମାଡ଼ରେ ଗାଜାର ଅନେକ ବିଲ୍ଡିଂ ମାଟିରେ ମିଶିଥିବାବେଳେ ଭଗ୍ନାବଶେଷ ତଳେ ଅନେକ ହଜାର ଲୋକ ରହିଯାଇଥିବା କୁହାଯାଉଛି। କମିଟି ଫର୍ ଦି ପ୍ରୋଟେକ୍ସନ ଅଫ୍ ଜର୍ନାଲିଷ୍ଟସ୍ ଅନୁଯାୟୀ ଗାଜା ଯୁଦ୍ଧରେ ୧୩୧ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### କାନାଡାରେ ୪ ଭାରତୀୟଙ୍କ ମୃତ୍ୟୁ

ଓଟ୍ଟାୱା,୨୮।୧୦(ପି.ଟି.)

କାନାଡାର ଓଣ୍ଟାରିଓ ପ୍ରଦେଶରେ ଏକ କାର୍ ଦୁର୍ଘଟଣାରେ ୪ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ଦୁର୍ଘଟଣାରେ କାର୍‌ଟି ଜଳିଯାଇଛି। ଗତ ଗୁରୁବାର ଟରଣ୍ଟୋ ସହରର ଲେକ୍ ଶୋର୍ ବୁଲେଭାର୍ଡ ଇଷ୍ଟ ଏବଂ ଚେରୀ ଷ୍ଟ୍ରିଟ୍ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ମୃତକମାନଙ୍କ ବୟସ ୨୫ରୁ ୩୨ ବର୍ଷ ମଧ୍ୟରେ। ସେମାନଙ୍କ ଟେସ୍‌ଲା କାର୍ ଭାରସାମ୍ୟ ହରାଇ ପ୍ରଥମେ ଗାର୍ଡ ରେଲ୍ ଏବଂ ପରେ ଏକ ସିମେଣ୍ଟ ସ୍ତମ୍ଭକୁ ଧକ୍କା ଦେଇ ଜଳିଯାଇଥିଲା।

### ୱାକ୍‌ଫ କମିଟି ବୈଠକରୁ ଉଠିଗଲେ ବିରୋଧୀ

ନୂଆଦିଲ୍ଲୀ,୨୮।୧୦

ଦିଲ୍ଲୀ ୱାକ୍‌ଫ ବୋର୍ଡ ରିପୋର୍ଟକୁ ବିରୋଧ କରି ବିରୋଧୀ ସଦସ୍ୟମାନେ ସୋମବାର ୱାକ୍‌ଫ ବିଲ୍ ବୈଠକରୁ ଉଠିଯାଇଥିଲେ। ଯୁଗ୍ମ ସଂସଦୀୟ କମିଟି ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍‌ଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ବସିଥିଲା। ଦିଲ୍ଲୀ ସରକାରଙ୍କ ବିନା ଜ୍ଞାତସାରରେ ଦିଲ୍ଲୀ ୱାକ୍‌ଫ ବୋର୍ଡ ପ୍ରଶାସନ ଏହାର ରିପୋର୍ଟରେ ପରିବର୍ତ୍ତନ କରିଥିବା ବିରୋଧୀ ସଦସ୍ୟମାନେ ଅଭିଯୋଗ ଆଣିଥିଲେ। ପରେ ଆପ୍ ସଦସ୍ୟ ସଞ୍ଜୟ ସିଂ, ଡିଏମ୍‌କେର ମହମ୍ମଦ ଅବଦୁଲ୍ଲା, କଂଗ୍ରେସର ନାସିର ହୁସେନ୍ ଏବଂ ମହମ୍ମଦ ଜାୱେଦ କକ୍ଷତ୍ୟାଗ କରିଥିଲେ।

### ସେନା ଗାଡ଼ିକୁ ଆକ୍ରମଣ, ଗୁଳି ବିନିମୟରେ ୩ ଆତଙ୍କବାଦୀ ମୃତ

ଶ୍ରୀନଗର, ୨୮।୧୦

ଜମ୍ମୁ-କଶ୍ମୀରର ଅଖନୁରରେ ସୋମବାର ସୁରକ୍ଷାବଳଙ୍କ ଗୁଳିରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ୩ ଆତଙ୍କବାଦୀଙ୍କ ନିକଟରୁ ବହୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ ହୋଇଛି। ଏବେ ମଧ୍ୟ ଉକ୍ତ ଅଞ୍ଚଳରେ ଭାରତୀୟ ସେନାର ସର୍ଚ୍ଚ ଅପରେଶନ ଜାରି ରହିଛି। ସୂଚନା ଅନୁଯାୟୀ, ସୋମବାର ସକାଳେ ଅଖନୁରର ଜୋଗୱାନ ଅଞ୍ଚଳରେ ଭାରତୀୟ ସେନାର ଏକ ଆମ୍ବୁଲାନ୍ସ ଯାଉଥିବାବେଳେ ଏହା ଉପରକୁ କେତେଜଣ ଆତଙ୍କବାଦୀ ଗୁଳିଚାଳନା କରିଥିଲେ। ଫଳରେ ସେଠାରେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ତେବେ ଏହି ଗୁଳି ବିନିମୟରେ ଭାରତୀୟ ସେନାର କୌଣସି ଯବାନ ଆହତ ହୋଇନାହାନ୍ତି। ଗୁଳି ବିନିମୟ ପରେ ଉକ୍ତ ଅଞ୍ଚଳରେ ସୁରକ୍ଷାବଳ ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା।

### ଭାରତୀୟ ବଂଶୋଦ୍ଭବଙ୍କ ସହ ଦୀପାବଳି ପାଳିବେ ବାଇଡେନ୍



ୱାଶିଂଟନ,୨୮।୧୦

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏଥର ହ୍ୱାଇଟ୍ ହାଉସ୍‌ରେ ଭାରତୀୟ-ଆମେରିକୀୟମାନଙ୍କ ସହ ଦୀପାବଳି ପାଳନ କରିବେ। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଭାଗରୁ ଭାରତୀୟ ବଂଶୋଦ୍ଭବମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପୂର୍ବବର୍ଷ ଭଳି ରାଷ୍ଟ୍ରପତି ବାଇଡେନ୍ ବ୍ଲୁ ରୁମ୍‌ରେ ଦୀପ ଜାଳିବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ପରେ ସେ ଭାରତୀୟ ବଂଶୋଦ୍ଭବମାନଙ୍କୁ ଉଦ୍‌ବୋଧନ ଦେବା ସହ ସେମାନଙ୍କୁ ଭୋଜିରେ ଆପ୍ୟାୟିତ କରିବେ। ବାଇଡେନ୍ ଏଥର ରାଷ୍ଟ୍ରପତି ନିର୍ବାଚନ ଲଢୁ ନ ଥିବାରୁ ହ୍ୱାଇଟ୍ ହାଉସ୍‌ରେ ଏହା ତାଙ୍କର ଶେଷ ଦୀପାବଳି ପାଳନ।

## ସାମରିକ ବିମାନ କାରଖାନା ଉଦ୍‌ଘାଟନ କଲେ ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ପେନ୍ ପ୍ରତିପକ୍ଷ ପେଡ୍ରୋ ସାଞ୍ଚେଜ୍ ସାମରିକ ବିମାନ କାରଖାନା ଉଦ୍‌ଘାଟନ କରୁଛନ୍ତି।

ବଡ଼ଦୋରା,୨୮।୧୦

### ୨୦୨୬ ସୁଦ୍ଧା ସି-୨୯୫ ବିମାନ ନିର୍ମାଣ ହେବ

ଭାରତରେ ଘରୋଇ ସାମରିକ ବିମାନ ନିର୍ମାଣ ପାଇଁ ପ୍ରଥମ କାରଖାନା ଗୁଜରାଟର ବଡ଼ଦୋରାସ୍ଥିତ ଟାଟା ଏୟାରକ୍ରାଫ୍ଟ କମ୍ପ୍ଲେକ୍ସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ସ୍ପେନ୍ ପ୍ରତିପକ୍ଷ ପେଡ୍ରୋ ସାଞ୍ଚେଜ୍ ସୋମବାର ଉଦ୍‌ଘାଟନ କରିଛନ୍ତି। ଟାଟା ଆଡ୍‌ଭାନ୍ସଡ୍ ସିଷ୍ଟମ୍ ଲିଃ-ଏୟାରବସ୍ କାରଖାନାରେ ସି-୨୯୫ ସାମରିକ ବିମାନ ନିର୍ମାଣ ହେବ। ଉକ୍ତ ସ୍ଥାନକୁ ପ୍ରଧାନମନ୍ତ୍ରୀ ନୂଆ ଭାରତର କାର୍ଯ୍ୟ ସଂସ୍କୃତିର ପ୍ରତୀକ ବୋଲି କହିଥିବାବେଳେ ୨୦୨୬ ସୁଦ୍ଧା ପ୍ରଥମ ବିମାନ ନିର୍ମାଣ ହେବ ବୋଲି ସାଞ୍ଚେଜ୍ କହିଛନ୍ତି। ଏହା କେବଳ ଭାରତ ଓ ସ୍ପେନ୍ ସମ୍ପର୍କର ସାମର୍ଥ୍ୟ ନୁହେଁ, ବରଂ 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ' ମିଶନକୁ ଏହା ମଜଭୁତ କରିବ। ଏଠାରେ ନିର୍ମିତ ବିମାନ ଭବିଷ୍ୟତରେ ବିଦେଶକୁ ରପ୍ତାନି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମଙ୍ଗଳବାର ପ୍ରଧାନମନ୍ତ୍ରୀ ୧୨,୮୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଶୁଭାରମ୍ଭ କରିବା ସହ ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଯୋଜନା ଆୟୁଷ୍ମାନ ଭାରତ ଉପଲବ୍ଧ କରାଇବେ। ନବମ ଆୟୁର୍ବେଦ ଦିବସ ତଥା ଧନ୍ୱନ୍ତରୀଙ୍କ ଜନ୍ମବାର୍ଷିକୀରେ ପ୍ରଧାନମନ୍ତ୍ରୀ ବୃହତ୍ ସ୍ୱାସ୍ଥ୍ୟ ପ୍ରକଳ୍ପ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ରୋଜଗାର ମେଳାରେ ଭାଗନେଇ ସେ ୫୧,୦୦୦ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ।

## ପପ୍ପୁ ଯାଦବଙ୍କୁ ବିଷ୍ଣୋଇ ଗ୍ୟାଙ୍ଗ୍‌ର ହତ୍ୟା ଧମକ

### ସୁରକ୍ଷା ବଢ଼ାଇବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଚିଠି ଲେଖିଲେ

ପାଟଣା, ୨୮।୧୦

ବିହାରର ପୂର୍ଣ୍ଣିଆରୁ ସ୍ୱାଧୀନ ଏମ୍‌ପି ରାଜେଶ ରଞ୍ଜନ ଓରଫ ପପ୍ପୁ ଯାଦବଙ୍କୁ ଜୀବନରୁ ମାରି ଦେବାକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ଧମକ ମିଳିଛି। ଏନେଇ ସେ ସୋମବାର ବିହାର ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏହାସହ ପପ୍ପୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଚିଠି ଲେଖି ଘଟଣା ସମ୍ପର୍କରେ ଜଣାଇଛନ୍ତି। ତାଙ୍କୁ ଜେଡ୍ ଶ୍ରେଣୀର ସୁରକ୍ଷା ପ୍ରଦାନ କରିବାକୁ ସେ ଏହି ଚିଠିରେ ଦାବି କରିଛନ୍ତି। ସମ୍ପ୍ରତି ତାଙ୍କୁ ୱାଇ ଶ୍ରେଣୀର ସୁରକ୍ଷା ଦିଆଯାଉଛି। ସୁରକ୍ଷା ବଢ଼ା ନ ଗଲେ ତାଙ୍କର ହତ୍ୟା ହେବ ବୋଲି ପପ୍ପୁ କହିଛନ୍ତି। ପ୍ରକାଶ ଯେ, ଦେଶରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଦର୍ଶାଇ କିଛି ଦିନ ତଳେ ପପ୍ପୁ ଏହି ଗ୍ୟାଙ୍ଗକୁ ସମାଲୋଚନା କରିଥିଲେ। ଏହା ପରଠାରୁ ତାଙ୍କୁ ଉକ୍ତ ବିଷ୍ଣୋଇ ଗ୍ୟାଙ୍ଗ୍‌ଠାରୁ ହତ୍ୟାଧମକ ମିଳିଆସୁଛି।



ପପ୍ପୁ ଯାଦବ

## ଜାପାନ ନିମ୍ନ ସଦନରେ ସଂଖ୍ୟାଗରିଷ୍ଠତା ହରାଇଲା ଶାସକ ମେଣ୍ଟ

ଟୋକିଓ,୨୮।୧୦



ଶିଗେରୁ ଇଶିବା

ଜାପାନ ପାର୍ଲାମେଣ୍ଟର ୪୬୫ ସଦସ୍ୟବିଶିଷ୍ଟ ନିମ୍ନ ସଦନରେ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ଶାସକ ମେଣ୍ଟ ସଂଖ୍ୟାଗରିଷ୍ଠତା ହରାଇଛି। ରବିବାର ଅନୁଷ୍ଠିତ ପାର୍ଲାମେଣ୍ଟ ନିର୍ବାଚନରେ ଇଶିବାଙ୍କ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି) ପାର୍ଲାମେଣ୍ଟରେ ଏକକ ସଂଖ୍ୟାଗରିଷ୍ଠ ରହିଥିବାରୁ ସରକାର ବଦଳିବା ଆଶା କରାଯାଉନି। ତେବେ ଫଳାଫଳ ସେଠାରେ ରାଜନୈତିକ ଅନିଶ୍ଚିତତା ସୃଷ୍ଟି କରିଛି। ସରକାରୀ ଦଳର ଅତ୍ୟଧିକ ଦୁର୍ନୀତିରେ ଅତିଷ୍ଠ ଥିବା ଜାପାନ ଜନସାଧାରଣ ଭୋଟ ଜରିଆରେ ସେମାନଙ୍କ କ୍ରୋଧ ବ୍ୟକ୍ତ କରିଛନ୍ତି। ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିବାରୁ ପାର୍ଲାମେଣ୍ଟରେ ଇଶିବା ତାଙ୍କ ଦଳର ନୀତି ଓ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବା କଷ୍ଟକର ହୋଇପଡ଼ିବ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଏକ ତୃତୀୟ ସହଯୋଗୀ ଦଳକୁ ସାଙ୍ଗରେ ନେବାକୁ ପଡ଼ିବ। ତେବେ ଉଚ୍ଚ ସଦନରେ ଏଲ୍‌ଡିପି ମେଣ୍ଟ ସଂଖ୍ୟାଗରିଷ୍ଠତା ବଜାୟ ରଖିଛି। ଶାସକ ମେଣ୍ଟ ୨୧୫ ଆସନରେ ବିଜୟୀ ହୋଇଛି। ପୂର୍ବରୁ ମେଣ୍ଟ ସରକାରଙ୍କ ପାଖରେ ୨୭୯ ଆସନ ରହିଥିଲା। ଅକ୍ଟୋବର ୧ରେ ଇଶିବା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଆମେରିକାରେ ନିର୍ବାଚନ ପରବର୍ତ୍ତୀ ହିଂସା ଆଶଙ୍କା

ୱାଶିଂଟନ,୨୮।୧୦

୨୦୨୦ ଭଳି ଏଥର ମଧ୍ୟ ରାଷ୍ଟ୍ରପତି ନିର୍ବାଚନ ପରେ ରାଜନୈତିକ ହିଂସାକାଣ୍ଡ ଘଟିପାରେ ବୋଲି ଅନେକେ ଆମେରିକୀୟ ଆଶଙ୍କା ବ୍ୟକ୍ତ କରିଛନ୍ତି। ନିକଟରେ ଏପି-ଏନ୍‌ଓଆର୍‌ସି ଜନମତ ସର୍ଭେରୁ ଏହା ଜଣାପଡ଼ିଛି। ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଯଦି ପରାଜିତ ହୁଏନ୍ତି, ସେ ଏହାକୁ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି। ଫଳାଫଳକୁ ବଦଳାଇବା ପାଇଁ ତାଙ୍କ ଦଳ ହିଂସାକାଣ୍ଡ ଘଟାଇପାରେ। ଏପରି ହେଲେ ଗଣତନ୍ତ୍ର ଉପରେ ବ୍ୟାପକ ପ୍ରଭାବ ପଡ଼ିବ ବୋଲି ଜନମତ ପ୍ରକାଶ ପାଇଛି। ନଭେମ୍ବର ୫ରେ ନିର୍ବାଚନ ପାଇଁ ରିପବ୍ଲିକାନ୍ ପ୍ରାର୍ଥୀ ଟ୍ରମ୍ପ ଏବଂ ଡେମୋକ୍ରାଟିକ୍ ପ୍ରାର୍ଥୀ କମଲା ହାରିସ୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜୋର୍‌ଦାର ହୋଇଛି।

## ବାଂଲାଦେଶରେ ହିନ୍ଦୁ କର୍ମଚାରୀଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଉଛି

କୋଲକାତା,୨୮।୧୦

ବାଂଲାଦେଶରେ ଶେଖ୍ ହାସିନାଙ୍କ ସରକାରର ପତନ ପରେ ମୌଳବାଦୀ ସଂଗଠନଗୁଡ଼ିକର ଶକ୍ତି ବୃଦ୍ଧି ପାଇବା ସହ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ବଢ଼ିଛି। ସରକାରୀ ଚାକିରିରୁ ହିନ୍ଦୁମାନଙ୍କୁ ଇସ୍ତଫା ଦେବା ପାଇଁ ବାଧ୍ୟ କରାଯାଉଛି। ସେମାନେ ମୁସଲମାନ ମହିଳାଙ୍କୁ ପ୍ରେମ ଜାଲରେ ଫସାଉଥିବା ନେଇ ମିଥ୍ୟା ଅଭିଯୋଗ ଅଣାଯାଉଛି। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ପ୍ରତ୍ୟକ୍ଷ ଆକ୍ରମଣ କମିଥିଲେ ମଧ୍ୟ ଧମକ ଦେବା ଏବଂ ପକ୍ଷପାତ ଆଚରଣ ଜାରି ରହିଛି। କଠୋରପନ୍ଥୀ ସଂଗଠନଗୁଡ଼ିକ ସଂଖ୍ୟାଲଘୁମାନଙ୍କୁ ବିଭିନ୍ନ କୌଶଳରେ ଟାର୍ଗେଟ କରୁଛନ୍ତି। ସେମାନଙ୍କୁ ମାଡ଼ ମାରିବା ସହ ସାମାଜିକ ବାସନ୍ଦ ଏବଂ ବଦନାମ କରାଉଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟର ହିନ୍ଦୁ ଶିକ୍ଷକ ଓ ପ୍ରଫେସରମାନଙ୍କୁ ଇସ୍ତଫା ଦେବା ପାଇଁ ଚାପ ପକାଯାଉଛି। ଅନ୍ୟାନ୍ୟ ସରକାରୀ ଚାକିରିରୁ ହିନ୍ଦୁ କର୍ମଚାରୀଙ୍କୁ ବରଖାସ୍ତ କରାଯାଉଛି କିମ୍ବା ଇସ୍ତଫା ଦେବାକୁ ବାଧ୍ୟ କରାଯାଉଥିବା ଜଣାପଡ଼ିଛି। ଚିଟ୍ଟାଗଙ୍ଗ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ରୋଣ୍ଟୁ ଦାସ୍‌ଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯିବା ସହ ତାଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ଉକ୍ତ ଇସ୍ତଫାପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶାରଦା ପୋଲିସ ଏକାଡେମୀରେ ତାଲିମ ଶେଷ କରିଥିବା ୨୫୨ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ବିଶୃଙ୍ଖଳିତ ଆଚରଣ ଏବଂ ଅନିୟମିତତା ଅଭିଯୋଗରେ ଚାକିରିରୁ ବହିଷ୍କାର କରାଯାଇଛି। ସେମାନଙ୍କ ମଧ୍ୟରୁ ୯୧ ଜଣ ହିନ୍ଦୁ।




## ରେକର୍ଡ ସ୍ତରରେ ସବୁଜ ଗୃହ ବାଷ୍ପ ନିର୍ଗମନ

### ଡବ୍ଲ୍ୟୁଏମ୍‌ଓ ରିପୋର୍ଟ

ଜେନେଭା, ୨୮।୧୦

ଗ୍ରୀନ୍ ହାଉସ୍ ଗ୍ୟାସ୍‌ର ସ୍ତର ୨୦୨୩ରେ ଏକ ନୂତନ ରେକର୍ଡ ଛୁଇଁଛି। କେବଳ ଗତ ୨ ଦଶନ୍ଧି ମଧ୍ୟରେ ୧୦%ରୁ ଅଧିକ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ବୃଦ୍ଧି ପାଇଛି ବୋଲି ସୋମବାର ବିଶ୍ୱ ପାଣିପାଗ ସଙ୍ଗଠନ(ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ଜାରି ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି। ଡବ୍ଲ୍ୟୁଏମ୍‌ଓର ବାର୍ଷିକ ଗ୍ରୀନ୍ ହାଉସ୍ ଗ୍ୟାସ୍ ବୁଲେଟିନ ଅନୁଯାୟୀ, ୨୦୨୩ରେ ଅଙ୍ଗାରକାମ୍ଳ ନିର୍ଗମନ ସର୍ବାଧିକ ସ୍ତରରେ ପହଞ୍ଚିଛି। ଖାସ୍‌କରି ଜଙ୍ଗଲ ଦ୍ୱାରା ଅଙ୍ଗାରକାମ୍ଳ ଅବଶୋଷଣରେ ହ୍ରାସ ଲକ୍ଷ୍ୟ କରାଯିବା ସହ ଶିଳ୍ପ କାର୍ଯ୍ୟକଳାପରେ ବୃଦ୍ଧି ଯୋଗୁ ଏପରି ଘଟିଥିବା ନେଇ ଡବ୍ଲ୍ୟୁଏମ୍‌ଓ ପକ୍ଷରୁ କୁହାଯାଇଛି। ୨୦୨୩ରେ ଅଙ୍ଗାରକାମ୍ଳର ବୈଶ୍ୱିକ ହାରାହାରି ଭୂପୃଷ୍ଠ ସାନ୍ଦ୍ରତା ୪୨୦ ପିପିଏମ୍(ପାର୍ଟ୍ସ ପର୍ ମିଲିୟନ୍), ମିଥେନର ୧୯୩୪ ପିପିବି(ପାର୍ଟ୍ସ ପର୍ ବିଲିୟନ୍) ଏବଂ ନାଇଟ୍ରୋଜେନ ଅକ୍ସାଇଡ୍ ୩୩୬.୯ ପିପିବି ରହିଛି। ଡବ୍ଲ୍ୟୁଏମ୍‌ଓ ସାଧାରଣ ସମ୍ପାଦକ ସେଲେଷ୍ଟେ ସାଓଲୋ କହିଛନ୍ତି, ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ପ୍ରତି ବର୍ଷ ନୂତନ ରେକର୍ଡକୁ ଛୁଇଁବାରେ ଲାଗିଛି। ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିୟସ୍ ସ୍ତରରୁ କମ୍ ରଖିବା ପାଇଁ କରାଯାଇଥିବା ପ୍ୟାରିସ୍ ଚୁକ୍ତିନାମା ଏହାର ଲକ୍ଷ୍ୟ ପୂରଣଠାରୁ ବହୁ ଦୂରରେ ରହିଛି।

ସେହିପରି ସୋମବାର ଜଳବାୟୁ ପରିବର୍ତ୍ତନକୁ ଆକଳନ କରୁଥିବା ଜାତିସଂଘର 'ଇଣ୍ଟର ଗଭର୍ମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଣ୍ଟ ଚେଞ୍ଜ' ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି, ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବା ପାଇଁ ସମ୍ପ୍ରତି ବିଶ୍ୱର ବିଭିନ୍ନ ଦେଶ ପକ୍ଷରୁ ଲାଗୁ କରାଯାଇଥିବା ଜଳବାୟୁ ଯୋଜନାଗୁଡ଼ିକ ଯଥେଷ୍ଟ ନୁହେଁ। ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବାକୁ ୨୦୩୦ ସୁଦ୍ଧା ବୈଶ୍ୱିକ ନିର୍ଗମନ(ଗ୍ଲୋବାଲ ଏମିଶନ)କୁ ୪୩% ଏବଂ ୨୦୩୫ ସୁଦ୍ଧା ୬୦% ପର୍ଯ୍ୟନ୍ତ ହ୍ରାସ କରିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ବିଭିନ୍ନ ଦେଶର ଜାତୀୟ ଜଳବାୟୁ ଯୋଜନା ଦ୍ୱାରା ବୈଶ୍ୱିକ ନିର୍ଗମନ ୨୦୧୯ର ସ୍ତରଠାରୁ ମାତ୍ର ୨.୬% ହ୍ରାସ ପାଇଛି। ଜାତିସଂଘ ପକ୍ଷରୁ ଜାରି ଏହି ନୂଆ ରିପୋର୍ଟରେ, ପ୍ୟାରିସ୍ ଚୁକ୍ତିନାମାରେ ସହଭାଗୀଥିବା ୧୬୮ ଦେଶ ପକ୍ଷରୁ ଲାଗୁ କରାଯାଇଥିବା ୧୯୫ଟି ଜାତୀୟ ଜଳବାୟୁ ଯୋଜନାଗୁଡ଼ିକୁ ସୂଚିତ କରାଯାଇଛି। ସାମ୍ପ୍ରତିକ ବୈଶ୍ୱିକ ନିର୍ଗମନ ୧୯୯୦ ତୁଳନାରେ ୫୧.୮% ଅଧିକ, ୨୦୧୦ ତୁଳନାରେ ୮.୩% ପ୍ରତିଶତ ଅଧିକ, ୨୦୧୯ ତୁଳନାରେ ୨.୬% କମ୍ ଥିବା ନେଇ ଉକ୍ତ ରିପୋର୍ଟ କହିଛି। ସେହିପରି ସ୍ଥିତି ଏପରି ରହିଲେ ୨୦୩୦ ସୁଦ୍ଧା ବୈଶ୍ୱିକ ନିର୍ଗମନ ଚରମ ସୀମାରେ ପହଞ୍ଚିବ ବୋଲି ଉକ୍ତ ରିପୋର୍ଟରେ ଆଶଙ୍କା ପ୍ରକଟ କରାଯାଇଛି।



ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୯/୨୦୨୪ | Bhubaneswar, Tuesday, October 29/2024 | ପୃଷ୍ଠା-୧



## 'ଫି' ବଢ଼ାଇଛନ୍ତି କାର୍ତ୍ତିକ

'ଭୁଲ୍ ଭୁଲୈୟା ୨' ତୁଳନାରେ 'ଭୁଲ୍ ଭୁଲୈୟା ୩' ଫିଲ୍ମରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଫି' ୨୩୩% ବୃଦ୍ଧି ପାଇଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି।

୦୭

୧୦

## ଭାରତୀୟ ଦଳରେ ସୁନେଲତା

ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ସୁନେଲିତା ଟପ୍ପୋ।



# ୨୦୨୫ରେ ଜନଗଣନା

## ଜାତିଗତ ସର୍ଭେ ନିଷ୍ପତ୍ତି ହୋଇନାହିଁ

ସରକାରୀ ନୀତି ପ୍ରଣୟନ ଓ କାର୍ଯ୍ୟାନ୍ୱୟନରେ ଜନଗଣନା ସହାୟକ ହୋଇଥାଏ। ଦେଶର ସମ୍ବଳର ସୁଷମ ବଣ୍ଟନକୁ ସୁନିଶ୍ଚିତ କରିବାରେ ମଧ୍ୟ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତରେ ୧୯୫୧ ପରଠାରୁ ପ୍ରତି ୧୦ ବର୍ଷରେ ଜନଗଣନା କରାଯାଉଥିଲା। କିନ୍ତୁ ୨୦୨୧ରେ କରୋନା ମହାମାରୀ ଯୋଗୁ ସେନ୍ସସ ହୋଇପାରି ନ ଥିଲା। ଏହାର ୪ ବର୍ଷ ବିଳମ୍ବରେ ଅର୍ଥାତ୍ ୨୦୨୫ ପ୍ରାରମ୍ଭରେ ଜନଗଣନା କରାଯିବ, ଯାହାର ତଥ୍ୟ ୨୦୨୬ରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ତେବେ ସମ୍ପ୍ରତି ଜାତୀୟ ରାଜନୀତିରେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଥିବା ଜାତିଗତ ଜନଗଣନା ସମ୍ପର୍କିତ ସର୍ଭେ ଉପରେ କୌଣସି ନିଷ୍ପତ୍ତି ହୋଇ ନ ଥିବାରୁ କଂଗ୍ରେସ ସର୍ବଦଳୀୟ ବୈଠକ ଡାକିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛି।




**ନୂଆଦିଲ୍ଲୀ,୨୮।୧୦**

ବହୁ ବିଳମ୍ବିତ ଦଶବର୍ଷିଆ ଜନଗଣନା ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ସଂଶୋଧନ କାର୍ଯ୍ୟ ୨୦୨୫ ପ୍ରଥମ ଭାଗରୁ ଆରମ୍ଭ ହୋଇପାରେ। ୨୦୨୬ରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ତଥ୍ୟ ଘୋଷଣା କରାଯିବ। ସେହି ଅନୁଯାୟୀ ଭବିଷ୍ୟତର ଜନଗଣନା ୧୦ ବର୍ଷ ଲେଖାଏ ବ୍ୟବଧାନରେ ଅର୍ଥାତ୍ ୨୦୩୫, ୨୦୪୫ ବର୍ଷରେ ହେବ। ତେବେ ସାଧାରଣ ଜନଗଣନା ସହ ଜାତି ଜନଗଣନା ହେବ କି ନାହିଁ, ସେନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନାହିଁ। ଜନଗଣନା କାର୍ଯ୍ୟ ଶେଷ ହେବା ପରେ ଲୋକ ସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୮ରେ ଶେଷ ହେବା ନେଇ ଆଶା କରାଯାଉଛି।

ଭାରତରେ ୧୯୫୧ରୁ ପ୍ରତି ୧୦ ବର୍ଷରେ ଜନଗଣନା ହେଉଥିଲା। ତେବେ କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୧ରେ ଜନଗଣନା ହୋଇପାରି ନ ଥିଲା। ପରବର୍ତ୍ତୀ ଜନଗଣନା କାର୍ଯ୍ୟସୂଚୀ ସମ୍ପର୍କରେ ଅଦ୍ୟାବଧି ଆନୁଷ୍ଠାନିକ ଘୋଷଣା ହୋଇନାହିଁ। ତେବେ ଏହି କାର୍ଯ୍ୟ ଆସନ୍ତାବର୍ଷ ପ୍ରଥମ ଭାଗରୁ ଆରମ୍ଭ ହୋଇ ଜନସଂଖ୍ୟା ☞ପୃଷ୍ଠା-୨

## ସ୍ୱଚ୍ଛତା ପାଇଁ ସର୍ବଦଳୀୟ ବୈଠକ ହେଉ: କଂଗ୍ରେସ

**ନୂଆଦିଲ୍ଲୀ,୨୮।୧୦**

ଆସନ୍ତାବର୍ଷ ହେବାକୁ ଥିବା ଜନଗଣନା ସହ ଜାତି ଗଣନା ହେବ କି ନାହିଁ, ତାହା ଉପରେ ସ୍ୱଚ୍ଛତା ପାଇଁ ସର୍ବଦଳୀୟ ବୈଠକ ଡକାଯାଉ ବୋଲି କଂଗ୍ରେସ ସୋମବାର ଦାବି କରିଛି। ଲୋକ ସଭାରେ ପ୍ରତ୍ୟେକ ରାଜ୍ୟର ସାମର୍ଥ୍ୟ ନିର୍ଦ୍ଧାରଣ ପାଇଁ ଜନଗଣନା ତଥ୍ୟ ବ୍ୟବହାର କରାଯିବ କି ନାହିଁ, ତାହା ସ୍ପଷ୍ଟ ହେବା ଦରକାର ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ରେଜିଷ୍ଟ୍ରାର ଜେନେରାଲ ଓ ସେନ୍‌ସସ୍ କମିଶନରଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ବହୁବିଳମ୍ବିତ ଜନଗଣନା ଖୁବ୍‌ଶୀଘ୍ର ହେବାକୁ ଯାଉଥିବା ସୂଚନା ମିଳିଛି। ତେବେ ୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୂର୍ବଭଳି ଏଥର ଜନଗଣନାରେ ଦେଶର ସମସ୍ତ ଜାତିଙ୍କୁ ଗଣନା କରାଯିବ କି ନାହିଁ। ସମ୍ବିଧାନ ଅନୁଯାୟୀ ଏଭଳି ଜାତି ଗଣନା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ବୋଲି ଜୟରାମ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୮୨ ଅନୁଯାୟୀ ବର୍ଷ ୨୦୨୬ ପରେ ହେବାକୁ ଥିବା ଜନଗଣନା ତଥ୍ୟ ଆଧାରରେ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ହେବା ବ୍ୟବସ୍ଥା ରହିଛି। ତେବେ ଆସନ୍ତାବର୍ଷ ଜନଗଣନା ହେଲେ ଏହାର ତଥ୍ୟକୁ ଲୋକ ସଭାରେ ପ୍ରତ୍ୟେକ ରାଜ୍ୟର ସାମର୍ଥ୍ୟ ନିର୍ଦ୍ଧାରଣ ପାଇଁ ବ୍ୟବହାର କରାଯିବ କି ନାହିଁ ସରକାର ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ନେତା କହିଛନ୍ତି।

**ଆଜିର ସମ୍ପାଦକୀୟ** କେବେ ଆୟତ୍ତ ନ ଥିଲା

## ତୃଣମୂଳରୁ ଦୁର୍ନୀତି ରୋକ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୧୦ (ସୁନିତ୍ ମିଶ୍ର)**

ଲୋକସେବା ଭବନ କନ୍‌ଭେନସନ ହଲ୍‌ଠାରେ ସୋମବାର ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ୨୦୨୪ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତିକୁ ଦୃଢ ଭାବେ ବିରୋଧ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦୁର୍ନୀତି ହେଉଛି ଭୟଙ୍କର ମଧୁମେହ ରୋଗ ସଦୃଶ। ଦୁର୍ନୀତିର କୁପ୍ରଭାବ ପ୍ରଥମେ ଜଣା ପଡ଼ିବ ନାହିଁ, ଧୀରେ ଧୀରେ ଏହା ବ୍ୟକ୍ତିଗତ ଓ ସାମାଜିକସ୍ତରରେ ଭୟଙ୍କର କୁପ୍ରଭାବ ପକାଇଥାଏ। ଭାରତୀୟ ସମାଜରେ ଦୁର୍ନୀତିର


ମୋହନ ଚରଣ ମାଝୀ

### ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଲୋଡ଼ା

କୁପ୍ରଭାବ ଯେ କେତେ ଥିଲା, ଏହା ଜାଣିବାକୁ ରକେଟ ବିଜ୍ଞାନର ଜ୍ଞାନ ଆବଶ୍ୟକତା ନାହିଁ। ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ନିଜେ ଗୋଟିଏ ସାଧାରଣ ସଭାରେ କହିଥିଲେ, ଦିଲ୍ଲୀରୁ ଟଙ୍କାଟିଏ ପଠାଇଲେ ହିତାଧିକାରୀ ମାତ୍ର ୧୫ ପଇସା ପାଉଛି। ଏଠାରେ ପ୍ରଶ୍ନ ହୁଏ, ବାକି ୮୫ ପଇସା ତେବେ କାହା ପକେଟକୁ ଯାଉଥିଲା, ଏହାର ଉତ୍ତର ସମସ୍ତେ ଜାଣିଛନ୍ତି। ହେଲେ ସେକାଳ ପଖାଳ ଆଉ ନାହିଁ। ☞ପୃଷ୍ଠା-୨

## ଶିମିଳିପାଳ ଏନ୍‌କ୍ଲୋଜରରେ 'ଯମୁନା'

**ବାରିପଦା,୨୮।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମହାରାଷ୍ଟ୍ରର ତଡ଼ବା ଅନ୍ଧାରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଅଣାଯାଇଥିବା ମହାବଳ ବାଘୁଣୀକୁ ଶିମିଳିପାଳ ଅଭୟାରଣ୍ୟର ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ଏନ୍‌କ୍ଲୋଜରରେ ବୁଲାବୁଲି କରୁଥିବା ବେଳେ ମହାବଳ ବାଘୁଣୀର ନାମ ଯମୁନା ରଖାଯାଇ ତାର ଗତିବିଧି ଉପରେ ସ୍ୱତନ୍ତ୍ର ଦୃଷ୍ଟି ☞ପୃଷ୍ଠା-୨









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ସଚେତନତା ରାଲି, ସ୍ଥାନ: ଗଭର୍ନର ହାଉସ୍ ଛକ, ସମୟ: ସକାଳ ୬ଟା ୩୦ ।
- ରନ୍ ଫର୍ ୟୁନିଟି, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍, ସମୟ: ସକାଳ ୭ଟା ।
- ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ, ସ୍ଥାନ: ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ, ବରମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ।
- ୪ର୍ଥ ଏଲ୍ କେ ମେମୋରିଆଲ ଲେକ୍ଚର, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା ।
- ସିଆଇଟିୟୁ ଓ ଶ୍ରମିକ କର୍ମଚାରୀ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ କ୍ୟୁବା ସଂହତି ଦିବସ ପାଳନ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୪ଟା ।
- ଓଏସ୍‌ୟୁକେ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ଖାରବେଳ ନଗର, ସମୟ: ଅପରାହ୍ନ ୫ଟା ।
- ସଂଭାବନା ପକ୍ଷରୁ ମହାବାତ୍ୟାର ୨୫ ବର୍ଷରେ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ଅପରାହ୍ନ ୫ଟା ୧୫ ।
- ମହାବାତ୍ୟାକୁ ୨୫ବର୍ଷ ପୂରିବା ଅବସରରେ ପୁସ୍ତକ ଓ ସଙ୍ଗୀତ ଲୋକାର୍ପଣ, ସ୍ଥାନ: ହୋଟେଲ ଶୀତଲ, ସମୟ: ସନ୍ଧ୍ୟା ୬ଟା ।
- ୭୯ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା ୧୫ ।
- ୨୦୨ତମ ଆଲୋଚନା ଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା ୩୦ ।
- ଗୁରୁ ଦେବପ୍ରସାଦ ଫାଉଣ୍ଡେଶନ ପକ୍ଷରୁ ୯ମ ଦେବପ୍ରସାଦ ଉତ୍ସବ ୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ପୁରୀ

- ନିରଞ୍ଜନ ମିଶନ ପକ୍ଷରୁ ସପ୍ତାହ ବ୍ୟାପି ଅଖଣ୍ଡଶାନ୍ତି ଆଧ୍ୟାତ୍ମିକଜ୍ଞାନ ଯଜ୍ଞ ଶିବିର ତୃତୀୟ ଦିବସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ(ଓମ୍‌ଫେଡ୍ ଛକ ନିକଟ), ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର

- ମୋ ଭାରତ ଓ ଦୀପାବଳି ସ୍ୱଚ୍ଛତା ଅଭିଯାନ,ସ୍ଥାନ: ବସ୍‌ଷ୍ଟାଣ୍ଡ, ରୂପ୍‌ସା,ସମୟ: ସକାଳ ୮ଟା ୩୦ ।

## ଭଦ୍ରକ

- 'ମୁଁ ବି ମିତା ହେବି' କାର୍ଯ୍ୟକ୍ରମ ପାଇଁ ଗଣଦୌଡ଼ ଓ ସଚେତନତା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ସକାଳ ୭ଟା ୩୦ ।
- ଦିବଂଗତ ଦେବଦତ୍ତ ନାୟକଙ୍କ ଶ୍ରାଦ୍ଧ ଉତ୍ସବ ଓ ଭଜନ ସନ୍ଧ୍ୟା, ସ୍ଥାନ: ପାଳିଆବିନ୍ଧା ବିଜୟାନନ୍ଦ କ୍ଲବ, ତିହିଡ଼ି, ସମୟ: ଅପରାହ୍ନ ୪ଟା ।
- କାଳୀପୂଜା ପାଇଁ ଚାନ୍ଦବାଲି ପୋଲିସ ପକ୍ଷରୁ ସର୍ବଦଳୀୟ ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା ।

## କେନ୍ଦୁଝର

- ପାଠ ଉତ୍ସବ ଏବଂ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ବଡ଼ଦାଣ୍ଡ, ବ୍ରଜବନ୍ଧୁ ହାଇସ୍କୁଲ, ଆନନ୍ଦପୁର, ସମୟ: ସକାଳ ୭ ଟା ।
- ମା' ଭୂଆସୁଣୀ ମନ୍ଦିରରେ ଭଜନ ମେଳା, ସ୍ଥାନ: ମଠ ଗୋବିନ୍ଦପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା ।
- ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜା ଏବଂ ମେଳା, ସ୍ଥାନ: ଶାଳକଣିଆ, ଭୂଈଁପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା ।
- ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୫ ଶୁଭାରମ୍ଭ ପରିପ୍ରେକ୍ଷୀରେ ୱାକାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୭ଟା ୩୦ ।
- ସତ୍ୟସାଇ ସମିତିରେ ବେଦ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଡ଼ଅଁର, ମରୈଗାଁ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଶା ବିପର୍ଯ୍ୟୟ ମୁକାବିଲା ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାରହଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ମୟୂରଭଞ୍ଜ

- ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫ ଉପଲକ୍ଷେ ପଥ ଉତ୍ସବ, ସ୍ଥାନ:ରାଇରଙ୍ଗପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟଠାରୁ ମୁର୍ମୁ ଛକ, ସମୟ: ସକାଳ ୭ରୁ ପୂର୍ବାହ୍ନ ୧୦ଟା ।
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦିବସ ଅବସରରେ ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୭ଟା ୩୦ ।
- ନିର୍ବାଚନ କମିଶନ ପକ୍ଷରୁ ପଥ ଉତ୍ସବ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୮ଟା ।
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବାରିପଦା, ସମୟ: ସକାଳ ୯ଟା ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମହିମା ଆଶ୍ରମ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଶିଶୁ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆଥ୍‌ଲେଟିକ ଆସୋସିଏଶନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ଯୋଗ୍ୟ ବିବେଚିତ ଭୋଟରଙ୍କୁ ନେଇ ସଚେତନତାଭିତ୍ତିକ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।
- ଏମ୍‌ପିସି ଆଲୁମିନି ପ୍ରଯୋଜିତ ନାଟକ ଉତ୍ସବ 'ବିଶ୍ୱାସର ଆତ୍ମଲିପି', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର

- ସ୍ତନ କର୍କଟ ସଚେତନତା, ସ୍ଥାନ : ବ୍ରହ୍ମପୁର ଆଇଟିଆଇ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ଗଞ୍ଜାମ

- ପଥ ଉତ୍ସବ, ସ୍ଥାନ: ଭଞ୍ଜନଗର ଟାଉନ ହଲ, ସମୟ: ସକାଳ ୮ଟା ।
- ଆନ୍ତଃ କଲେଜ କବାଡ଼ି (ପୁରୁଷ) ପ୍ରତିଯୋଗିତା,ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ ପରିସର,ସମୟ: ସକାଳ ୯ଟା ୧୫ ।

## କନ୍ଧମାଳ

- ଫୁଡ୍ ଫେଷ୍ଟିଭାଲ,ସ୍ଥାନ: ଦାରିଙ୍ଗବାଡି ବ୍ଲକ ଭ୍ରମରବାଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ

- ମିନି ମାରାଥନ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୭ଟା୩୦ ।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ:ଢେଙ୍କାନାଳ ସୌଦାମିନୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ୯ଟା୩୦ ।
- ଜିଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍, ସମୟ: ମଧ୍ୟାହ୍ନ ୧୨ଟା ।

## ଅନୁଗୋଳ

- ପ୍ରଶାସନ ତରଫରୁ ପଥୋତ୍ସବ, ସ୍ଥାନ: ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୭ଟା ୩୦ ।
- ପୌର କାର୍ଯ୍ୟାଳୟରେ ବୈଠକ, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## ଜଗତ୍‌ସିଂହପୁର

- ପାଠ ଉତ୍ସବ ଏବଂ ୱାକାଥନ୍, ସ୍ଥାନ: ଇଣ୍ଡୋର ଷ୍ଟାଡିୟମରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ, ଜଗତ୍‌ସିଂହପୁର, ସମୟ: ସକାଳ ୭ଟା ୩୦ ।
- ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ପାରାଦୀପ, ସମୟ: ସକାଳ ୯ଟା ।
- ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ।
- ମା'ଅମ୍ବିକାଇ ଗଣପରିଷଦ ଅନୁଷ୍ଠାନ ପକ୍ଷରୁ ମହାବାତ୍ୟା ଉପରେ ସ୍ମୃତିଚାରଣ କାର୍ଯ୍ୟକ୍ରମ,ସ୍ଥାନ: ଆମ୍ବେଡ଼କର ଭବନ, ମଧୁବନ, ପାରାଦୀପ ସମୟ: ପୂର୍ବାହ୍ନ ୧୦ଟା ।
- ଭାଗବତ ସପ୍ତାହ ଉପଲକ୍ଷେ ବାବା ସତ୍ୟାନନ୍ଦ ଦାସଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

## ନୟାଗଡ଼

- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଓଡ଼ଗାଁ ରଘୁନାଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ।
- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ଅଷ୍ଟମ ଦିବସ ଇଶାନ ରୟାଲ ବନାମ ରାଜା ସୁପର ଷ୍ଟ୍ରାଇକର୍, ଥଣ୍ଡର ବାଲୁଙ୍କେଶ୍ୱର ବନାମ ଶତପଥୀ ଲାୟନ, ସ୍ଥାନ: କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।
- ରାମଚରିତ ମାନସ ପାରାୟଣରେ ପ୍ରବଚନ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ନେଇ ପଥ ଉତ୍ସବ ଏବଂ ୱାକ୍‌ଥନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବ୍ଲକ ଅଫିସ୍ ଜଙ୍କସନଠାରୁ ଆମ୍ବେଡକର ପ୍ରତିମୂର୍ତ୍ତି, ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଟାଉନ ହଲ, ସମୟ: ସକାଳ ୭ଟା ୩୦ ।
- ଭିଜିଲାନ୍ସ ସଚେତନତା ସପ୍ତାହ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଗଜପତି ଜଙ୍କସନରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡା, ସମୟ: ସକାଳ ୯ ଟା ।
- ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୪ ପାଳନ, ସ୍ଥାନ: ଜିଲା ପରିଷଦ କନ୍‌ଫରେନ୍ସ ହଲ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା ।

## କୋରାପୁଟ

- ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ନେଇ ୱାକଥନ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୭ ଟା ୩୦ ।
- ପଥ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିର ଛକ, କୋରାପୁଟ, ସମୟ: ସକାଳ ୮ଟା ।
- ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ, ସ୍ଥାନ: କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦ ।
- ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- ଦୀପାବଳି ନେଇ ଓର୍‌ମାସ ପକ୍ଷରୁ ସୁଲଭ ମୂଲ୍ୟ ଷ୍ଟଲ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ଆଇଟିଡିଏ ସମ୍ମୁଖ, ସମୟ : ଅପରାହ୍ନ ୪ ଟା ।

## ସମ୍ବଲପୁର

- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା ।
- ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪, ସ୍ଥାନ : ମାନେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ସମୟ : ସକାଳ ୮ଟା ୩୦ ।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ର ପ୍ରଦର୍ଶନୀ, ସ୍ଥାନ: ସିଏସବି ଜିଲା ସ୍କୁଲସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ-ସିଏସବି ଜିଲା ସ୍କୁଲ ବନାମ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ବିଦ୍ୟାଳୟ , ସ୍ଥାନ : ସିଂହପାଲି-କାଇଁଶିର ଖେଳ ପଡିଆ, ସମୟ : ଅପରାହ୍ନ ୨ଟା ।
- ସାର୍ବଜନୀନ ଦୁର୍ଗାପୂଜାର ପୁରସ୍କାର ବିତରଣ ଉତ୍ସବ ଓ ଲଟେରୀ ଉଠାଣ କାର୍ଯ୍ୟକ୍ରମ, ସ୍ଥାନ : ଗୋବିନ୍ଦତୋଲା ଦୁର୍ଗା ମଣ୍ଡପ, ସମୟ : ସନ୍ଧ୍ୟା ୬ଟା ୩୦ ।

## ସୁବର୍ଣ୍ଣପୁର

- ମା' ପୂର୍ଣ୍ଣମାସୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ:ବୁଟୁଖମନ,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା ।
- ଗୁଦଗୁଦା ଗ୍ରାମକୁ ରାସ୍ତା ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ।
- ରାମାୟଣ ପଠନ, ସ୍ଥାନ: ଜଗନ୍ନାଥ ମନ୍ଦିର , ଲୁତୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା ।

## ବରଗଡ଼

- ବିପର୍ଯ୍ୟୟ ପ୍ରଶମନ ଦିବସ ଅବସରରେ ପଦଯାତ୍ରା, ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ବରଗଡ଼, ସମୟ: ସକାଳ ୭ଟା ।
- ଜରୁରୀକାଳୀନ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା ୧୫ ।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ନିମନ୍ତେ ପଥ ଉତ୍ସବ ଓ ୱାକଥନ, ସ୍ଥାନ:ଡିଆରଡିଏ ଛକ, ସମୟ: ସକାଳ ୭ଟା ୩୦ ।

## ଦେବଗଡ଼

- ପଥ ଉତ୍ସବ ଓ ୱାକାଥନ୍ କାର୍ଯ୍ୟକ୍ରମ, ସ୍ଥାନ: ସବ୍‌କଲେକ୍ଟର ଅଫିସରୁ ଦେବଗଡ କଲେଜ ଅଡିଟୋରିୟମ୍, ସମୟ: ସକାଳ ୭ଟା ୩୦ ।
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଦେବଗଡ ସହର, ସମୟ: ସକାଳ ୯ଟା ।
- ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ, ସ୍ଥାନ: ଦେବଗଡ କଲେଜ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ।
- ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧିକରଣ ଅନ୍ତର୍ଗତ ସମସ୍ତ ଅଂଶୀଦାରଙ୍କ ଦକ୍ଷତା ବୃଦ୍ଧି ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସିଡିଏଓ ଟ୍ରେନିଂହଲ, ନୂଆ ବାଲିରୋଇ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ମଶାଜନିତ ରୋଗ ସମ୍ପର୍କିତ ବ୍ଲକସ୍ତରୀୟ ସଭା, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାରକୋଟ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।
- ଚାଷୀମାନଙ୍କୁ ନେଇ ଉପକରଣ ମାଧ୍ୟମରେ ଭର୍ମି କଲଚର ଓ ଭର୍ମି କମ୍ପୋଷ୍ଟ ଉତ୍ପାଦନ ସମ୍ପର୍କିତ ୪ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ କଳା ଉତ୍ସବ, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା

- ଖଡ଼ିଆଳ ଫୁଟ୍‌ବଲ ମହାକୁମ୍ଭ ଦଶମ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡ଼ିଆଳ, ସମୟ: ଅପରାହ୍ନ ୩ଟା ।
- ନୂଆପଡ଼ା ଜିଲା ପ୍ରଶାସନ ପକ୍ଷରୁ ୱାକାଥନ୍, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏସ୍‌ପି କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦ ।
- ପଥ ଉତ୍ସବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକତା ଛକ, ସମୟ: ସକାଳ ୮ଟା ।

## ବୌଦ୍ଧ

- ପଥ ଉତ୍ସବ, ସ୍ଥାନ: ମ୍ୟୁଜିୟମଠାରୁ ଟାଉନହଲ, ବୌଦ୍ଧ, ସମୟ: ସକାଳ ୬ଟା ୩୦ ।
- ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ଅବସରରେ ମିନି ମାରାଥନ, ସ୍ଥାନ: ମ୍ୟୁଜିୟମ, ବୌଦ୍ଧ, ସମୟ : ସକାଳ ୮ଟା୩୦ ।
- ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ । ରାହୁଙ୍କ ପ୍ରଭାବରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ସକାଳୁ ସକାଳୁ ମାତ୍ରାଧିକ ଭ୍ରମଣ ମନକୁ ବିଭ୍ରାନ୍ତି କରାଇବା ଆଶଙ୍କା ରହିଛି । ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ କରିପାରିବେ ।

**ବୃଷ** ବୁଧାଦିତ୍ୟ ଯୋଗଜନିତ ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପଡ଼ୋଶୀ ସାହାଯ୍ୟ କରିବେ । ଉପରିସ୍ଥଙ୍କ ଅନୁକମ୍ପାରୁ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ । ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ହେତୁ ମନ ହାଲୁକା ହୋଇଯାଇପାରେ । ପିଲାଙ୍କ ପଢ଼ା ସମସ୍ୟା, ପରିବହନରେ ଝଗଡ଼ା, ସଭାସମିତିରେ ଅସ୍ଥିରତାର ସୂଚନା ମଧ୍ୟ ରହିଛି ।

**ମିଥୁନ** ମଙ୍ଗଳ ଦୃଷ୍ଟ ଶନି ହେତୁ ଆଜିର ପ୍ରତ୍ୟୁଷ ଯାତ୍ରା ଦୀର୍ଘ ଦିନର ଅଭିଳାଷ ପୂରଣକରି ନ ପାରେ । ସ୍ୱାସ୍ଥ୍ୟରେ ଉନ୍ନତି ଓ ପାରିବାରିକ ସ୍ଥିତି ନିୟନ୍ତ୍ରଣରେ ରହିବ । ମକଦ୍ଦମା, ଆଲୋଚନା, ଗବେଷଣା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି ।

**କର୍କଟ** କର୍ମାଧିପତି ରାଶିରେ ଥିବାରୁ ନୂତନ ପରିବେଶରେ ଭିନ୍ନ ସ୍ୱାଦର ଅନୁଭୂତି ଲାଭ କରିବେ । କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ, ଭ୍ରମଣ ସୁଯୋଗଜନିତ ମନ ଖୁସି ରହିବ । ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ହେତୁ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି ।

**ସିଂହ** ଶନିଙ୍କ ଦୃଷ୍ଟି ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବ୍ୟସ୍ତତା ଅନୁଭବ କରିବେ । ସଦାବେଳେ ହାତଖାଲି ରହିବା କାରଣରୁ ମନରେ ସରସତା ରହିବ ନାହିଁ । ଏହା ସାଙ୍ଗକୁ ଅପୂରଣୀୟ ଆଶା, ସଙ୍ଗୀତ ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ । ଅଧୁରା କାମ ପୂରାକରିବା ପାଇଁ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ ।

**କନ୍ୟା** ପାପଗ୍ରହ ଯୁକ୍ତ ଚନ୍ଦ୍ର ହେତୁ ବିଭିନ୍ନ ସମସ୍ୟା ମାନସିକ ଚିନ୍ତାଧାରାକୁ ବିକ୍ଷିପ୍ତ କରିବ । ହସ୍ତା ନକ୍ଷତ୍ରର ମନରେ ଶୁଦ୍ଧ ଭାବନା ରହିଲେ ମଧ୍ୟ ପାରିବେଶିକ ବ୍ୟତିକ୍ରମ କର୍ମକ୍ଷେତ୍ରର ଯୋଜନାକୁ ବଦଳାଇଦେଇପାରେ । ହଠାତ୍ ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ । ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ।

**ତୁଳା** କର୍ମାଧିପ ବ୍ୟୟସ୍ଥ ଯୋଗୁ ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି । ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ । ଗୃହନିର୍ମାଣ କିମ୍ବା ଜମିଜମା ସଂକ୍ରାନ୍ତୀୟ କଳହର ଆଶଙ୍କାକୁ ଏଡ଼ିହେବ ନାହିଁ ।

**ବିଛା** ଶନି ଦୃଷ୍ଟିରେ ଶୁକ୍ର ଥିବାରୁ ସାଧାରଣ ସମସ୍ୟା ମଧ୍ୟ ଦେଇ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେବେ । ମନରେ ବିରକ୍ତି ଜାଗ୍ରତ ହେବା ସହ କଥାବାର୍ତ୍ତାର କଠୋରତା ସମ୍ପର୍କକୁ ହ୍ରାସ କରାଇବ । ପରିସ୍ଥିତିର ବିଡ଼ମ୍ବନା କାରଣରୁ ମତାନ୍ତର ସମ୍ଭାବନା ରହିଛି । ଶିଳ୍ପ, ବାଣିଜ୍ୟ, ପରିବହନାଦିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ ।

**ଧନୁ** ଅଷ୍ଟମାଧିପତି ଏକାଦଶସ୍ଥ ଯୋଗୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିପାରେ । ଅର୍ଥନୈତିକ କାରବାର, ବ୍ୟବସାୟ, ଆଲୋଚନା, ଯାତ୍ରାଦିରେ ହଇରାଣ ହୋଇପାରନ୍ତି । ପାରିବାରିକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ସମସ୍ୟାକୁ ନିମନ୍ତ୍ରଣ କରିବ । ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ ।

**ମକର** ଆଜି ସତର୍କତା ଅଭାବରୁ ଧନହାନି, କଳହ କିମ୍ବା ଆକସ୍ମିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବା ଆଶଙ୍କା ରହିଛି । ସପ୍ତମସ୍ଥ ମଙ୍ଗଳ ଯୋଗୁ ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହେବାର ସୂଚନା ରହିଛି । ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି ।

**କୁମ୍ଭ** ଶନିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବେ । ଯାନ୍ତ୍ରିକ ଜିନିଷ, ଅଳଙ୍କାର ପ୍ରଭୃତି ପାଇଁ ପରିବାରରୁ ବରାଦ ପାଇବେ । ଏହା ସାଙ୍ଗକୁ ଆରକ୍ଷୀ ମାମଲା, ଜମିଜମା, ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ । ଆନୁଷ୍ଠାନିକ କାର୍ଯ୍ୟ ସମ୍ପନ୍ନରେ ବନ୍ଧୁ ସାହାଯ୍ୟ ଆଶା କରିପାରନ୍ତି ।

**ମୀନ** କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରନ୍ତି । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ । ଗୁରୁ ଓ ଶୁକ୍ରଙ୍କ ପାରସ୍ପରିକ ଦୃଷ୍ଟି ବିନିମୟ କାରଣରୁ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ । ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନିଧ୍ୟ ଲାଭରୁ ଖୁସି ହେବେ ।

ଆଜି ଅକ୍ଟୋବର ୨୯ ତାରିଖ, ଜାତୀୟ ବିପର୍ଯ୍ୟୟ ପରିଚାଳନା ଦିବସ, ଜୟୀ ରାଜଗୁରୁଙ୍କ ଜୟନ୍ତୀ, ଧନତେରସ୍, ଲକ୍ଷ୍ମୀପୂଜା ଯମ ଦୀପଦାନ, କାର୍ତ୍ତିକ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ମଙ୍ଗଳବାର । ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୫।୫୦ ଗତେ, ଘ.୦୬।୩୫ ମଧ୍ୟେ, ଘ.୦୮।୪୦ ଗତେ, ଘ. ୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୨।୨୦ ଗତେ, ଘ.୦୩।୪୫ ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## ୨୦୨୫ରେ ...

ତଥ୍ୟ ୨୦୨୬ରେ ଘୋଷଣା କରାଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି । ଜନଗଣନା ବେଳେ ନାଗରିକମାନଙ୍କ ସମ୍ପର୍କରେ ଜାଣିବା ପାଇଁ ୩୧ଟି ପ୍ରଶ୍ନ ପଚାରିବାକୁ ରେଜିଷ୍ଟ୍ରାର ଜେନେରାଲ ଏବଂ ସେନ୍‌ସସ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଅନ୍ୟପକ୍ଷରେ ଜାତି ଜନଗଣନା ପାଇଁ କଂଗ୍ରେସ, ଆର୍‌ଜେଡି ସମେତ କେତେକ ବିରୋଧୀ ଦଳ ଦାବି କରିଆସୁଛନ୍ତି । ଦେଶରେ ମୋଟ ପଛୁଆ ବର୍ଗ ଜନସଂଖ୍ୟା କେତେ, ତାହା ଜଣାପଡ଼ିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି । ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ହେବାକୁ ଥିବାବେଳେ ଲୋକ ସଭା ଆସନ ହରାଇବା ଏବଂ ରାଜନୈତିକ ସାମର୍ଥ୍ୟ ହ୍ରାସ ପାଇବା ସମ୍ଭାବନାକୁ ନେଇ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଅନେକ ରାଜନେତା ଆଶଙ୍କା ବ୍ୟକ୍ତ କରିଛନ୍ତି । କାରଣ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବାରୁ ସେମାନଙ୍କ ଭାଗରେ ଉତ୍ତର ଭାରତୀୟ ରାଜ୍ୟ ତୁଳନାରେ କମ୍ ଆସନ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି । ତେବେ ସମ୍ବିଧାନର ଅନୁଚ୍ଛେଦ ୮୨ ଅନୁଯାୟୀ, ୨୦୨୬ ପରେ ହେବାକୁ ଥିବା ପ୍ରଥମ ଜନଗଣନା ତଥ୍ୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଆସନ ପୁନଃ ଆବଣ୍ଟନ କରିବା ଆବଶ୍ୟକ ନାହିଁ । ଅର୍ଥାତ୍ ଯଦି ୨୦୨୫ରେ ଜନଗଣନା କରାଯାଇ ୨୦୨୬ରେ ତଥ୍ୟ ପ୍ରକାଶ କରାଯାଏ, ତେବେ ଏହାକୁ ଆଧାର କରି ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରାଯାଇପାରିବ ନାହିଁ । ଏଥିପାଇଁ ଅନୁଚ୍ଛେଦ ୮୨ରେ ସଂଶୋଧନ ଆଣିବାକୁ ପଡ଼ିବ । ସୀମା ନିର୍ଦ୍ଧାରଣ ନିଷ୍ପତ୍ତି ପୂର୍ବରୁ ଏହିସବୁ ବିଷୟକୁ ଧ୍ୟାନ ଦେବାକୁ ପଡ଼ିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି । ଜନଗଣନା ବେଳେ ପ୍ରତ୍ୟେକ ପରିବାରକୁ ପଚରାଯିବାକୁ ଥିବା ୩୧ ପ୍ରଶ୍ନ ମଧ୍ୟରେ ରହିଛି, ଉକ୍ତ ଘରେ କେତେଜଣ ରହୁଛନ୍ତି, ଘରର ମୁଖିଆ ମହିଳା କି, ଘରେ କେତୋଟି ପ୍ରକୋଷ୍ଠ ରହିଛି, ବିବାହିତ ଦମ୍ପତିଙ୍କ ସଂଖ୍ୟା କେତେ, ପରିବାରରେ ଟେଲିଫୋନ୍, ଇଣ୍ଟରନେଟ୍ ସଂଯୋଗ, ମୋବାଇଲ କିମ୍ବା ସ୍ମାର୍ଟଫୋନ୍, ସାଇକେଲ, ସ୍କୁଟର କିମ୍ବା ମୋଟରସାଇକେଲ ଏବଂ ନିଜର କାର୍, ଜିପ୍ କିମ୍ବା ଭ୍ୟାନ୍ ଅଛି କି ନାହିଁ ପ୍ରଶ୍ନ କରାଯିବ । ଏତଦ୍ ବ୍ୟତୀତ ପରିବାର ଲୋକେ କେଉଁ ଖାଦ୍ୟଶସ୍ୟ ଖାଉଛନ୍ତି, ପାନୀୟ ଜଳର ମୁଖ୍ୟ ଉତ୍ସ କ'ଣ, ଆଲୋକର ମୁଖ୍ୟ ଉତ୍ସ କ'ଣ, ପାଇଖାନା, ଏହାର ପ୍ରକାର, ବର୍ଜ୍ୟଜଳ ବାହାରିବା ବ୍ୟବସ୍ଥା, ଗାଧୋଇବା ସୁବିଧା, ରୋଷେଇ ଘର, ଏଲ୍‌ପିଜି/ପିଏନ୍‌ଜି ସଂଯୋଗ, ରୋଷେଇ ପାଇଁ ବ୍ୟବହୃତ ମୁଖ୍ୟ ଇନ୍ଧନ, ରେଡିଓ, ଟ୍ରାଞ୍ଜିଷ୍ଟର, ଟେଲିଭିଜନ ଅଛି କି ନାହିଁ ପଚରାଯିବ । ୨୦୧୧ ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟା ୧୨୧ କୋଟି ହୋଇଥିବାବେଳେ ପ୍ରତି ୧,୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ୯୪୦ ରହିଛି । ସାକ୍ଷରତା ହାର ୭୪.୦୪ ପ୍ରତିଶତ ହୋଇଥିବାବେଳେ ୨୦୦୧ରୁ ୨୦୧୧ ମଧ୍ୟରେ ଜନସଂଖ୍ୟା ବୃଦ୍ଧି ହାର ୧୭.୬୪ ପ୍ରତିଶତ ।

## ତୃଣମୂଳରୁ ଦୁର୍ନୀତି ...

ଦୁର୍ନୀତି ବର୍ତ୍ତମାନ ଦୁର୍ନୀତିଖୋରଙ୍କ ପାଇଁ ଇତିହାସ ହୋଇସାରିଛି । ଦୁର୍ନୀତି ବିରୋଧରେ ଲଢ଼େଇ କେବଳ ଲୋକସେବା ଭବନ ଅଥବା ରାଜଧାନୀ ଭୁବନେଶ୍ୱରରେ ସୀମିତ ନ ରହି ତୃଣମୂଳ ପର୍ଯ୍ୟନ୍ତ ନେବାକୁ ଉଦ୍ୟମ ଆରମ୍ଭ ହୋଇଛି । ଦୁର୍ନୀତି ବିରୋଧରେ ଲଢେଇ କରିବା ପାଇଁ ଆମ ସରକାର ଉଭୟ ଟପ୍ ଡାଉନ ଓ ବଟମ ଅପ୍ ଆଭିମୁଖ୍ୟ କାର୍ଯ୍ୟକାରୀ କରିଛନ୍ତି । ଦୁର୍ନୀତି ବିରୋଧରେ କେବଳ ଗୋଟିଏ ଦୁଇଟି କିମ୍ବା ଅଳ୍ପ କେତେଜଣ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ । ଦୁର୍ନୀତିର ଚେର ଏବେ ରାଜ୍ୟରେ ମଜଭୁତ ହୋଇଯାଇଛି । ଏହାକୁ ଗୋଟିଏ ଦିନ ବା ମାସ ବା ବର୍ଷରେ ବନ୍ଦ କରିହେବ ନାହିଁ । ଏଥିପାଇଁ ନିରନ୍ତର ସଂଗ୍ରାମ ଚାଲିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଦୁର୍ନୀତି ନିବାରଣ ବିଭାଗର ଦୋଷୀ ସାବ୍ୟସ୍ତ ହାର ୫୦ ପ୍ରତିଶତରୁ ଅଧିକ ଏବଂ ଆୟବହିର୍ଭୂତ ଦୋଷୀ ସାବ୍ୟସ୍ତ ହାର ୮୦ ପ୍ରତିଶତରୁ ଅଧିକ । ଭାଜପା ସରକାର ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଓ ମାନବ ସମ୍ବଳ ବୃଦ୍ଧି କରି ଓଡ଼ିଶା ଭିଜିଲାନ୍ସକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ଭିଜିଲାନ୍ସ ବିଭାଗ ପାଇଁ ୮ଟି ନୂତନ ଅତିରିକ୍ତ ଏସ୍‌ପି ଓ ୨୪ ନୂତନ ଡିଏସ୍‌ପି ପଦବୀ ବୃଦ୍ଧି କରାଯିବ । ଏସବୁ ପଦବୀଗୁଡ଼ିକ ଭିଜିଲାନ୍ସ ବିଭାଗର ତଦନ୍ତ ଅନୁସନ୍ଧାନ, ତଦାରଖ ଓ ଦୁର୍ନୀତି ମାମଲାର ବିଚାର ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବ । ତଦନ୍ତ ଏବଂ ଅନୁସନ୍ଧାନରେ ସହାୟତା କରିବା ପାଇଁ ୧୬ ଜଣ ସବ୍‌ଇନସ୍‌ପେକ୍ଟରଙ୍କୁ ମଧ୍ୟ ନିୟୋଜିତ କରାଯିବ । ଏହା ସହିତ ଆଗାମୀ ଦିନରେ ୨୪ ଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ବ୍ୟାଙ୍କିଙ୍ଗ୍ ଓ ସାଇବର ବିଶେଷଜ୍ଞ ମଧ୍ୟ ବିଭାଗରେ ଅନ୍ତର୍ଭୁକ୍ତ ହେବା ପାଇଁ ଅନୁମୋଦନ ମିଳିଛି । ଭିଜିଲାନ୍ସ ଟିମ୍‌ର ଗତିଶୀଳତା ବୃଦ୍ଧି କରିବା ପାଇଁ ୧୩୫ଟି ନୂତନ ମୋଟରସାଇକେଲ, ୧୫୦ଟି ନୂତନ ଡେସ୍କଟପ/ଲାପ୍‌ଟପ ଯୋଗାଇ ଦିଆଯିବ । ଏଥି ସହିତ ରାଜ୍ୟ ଫରେନ୍‌ସିକ ବିଜ୍ଞାନ ପରୀକ୍ଷାଗାର ନିର୍ଦ୍ଦେଶାଳୟ ମଧ୍ୟରେ ପ୍ରତିଷ୍ଠା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଯେତେବେଳେ ପ୍ରଥମ ଥର ପାଇଁ ଶାସନ ଭାର ଗ୍ରହଣ କଲେ ସେ ସମୟରେ ବିଭିନ୍ନ ଦୁର୍ନୀତି ଓ ସ୍କାମ୍‌ରେ ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଦେଶ ବୁଡ଼ି ରହିଥିଲା । ସାଧାରଣ ଜନତା ଏହି ଦୁର୍ନୀତିର ଭାରରେ ଅଣନିଃଶ୍ୱାସୀ ହୋଇଯାଇଥିଲେ । ଶାସନ ଡୋରି ହାତକୁ ନେବା ପରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଥମ ଦିନରୁ ହିଁ ଦୁର୍ନୀତି ବିରୋଧରେ ମହାସଂଗ୍ରାମ ଆରମ୍ଭ କରିଦେଇଥିଲେ, ଯାହା ବର୍ତ୍ତମାନ ମଧ୍ୟ ଚାଲୁ ରହିଛି । ପ୍ରଧାନମନ୍ତ୍ରୀଙ୍କ ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ବଳରେ ଏବେ ଦିଲ୍ଲୀରୁ ଯେଉଁ ସହାୟତା ରାଶି ହିତାଧିକାରୀଙ୍କ ପାଖକୁ ଆସୁଛି ଏହା ସମ୍ପୂର୍ଣ୍ଣ ରୂପେ ହିତାଧିକାରୀଙ୍କ ଖାତାରେ ପହଞ୍ଚୁଛି । ଦୁର୍ନୀତିକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ । କର୍କଟ ରୋଗକୁ ଠିକ୍ କରିବାକୁ ହେଲେ ଯେଉଁଭଳି ପ୍ରଭାବିତ ସ୍ଥାନକୁ ସର୍ଜରି ମାଧ୍ୟମରେ କାଢ଼ିବାକୁ ପଡ଼େ ଠିକ୍ ସେହିଭଳି ସଭ୍ୟ ସମାଜରୁ ଦୁର୍ନୀତିଖୋରଙ୍କୁ ବାହାର କରି ଜେଲ୍‌କୁ ପଠାଇବାର ବ୍ୟବସ୍ଥା ରହିଛି । ଆମ ସରକାର ଆସିବାର ୧୪୦ ଦିନ ମଧ୍ୟରେ ୬ ଜଣ ମୁଖ୍ୟଯନ୍ତ୍ରୀଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି । କେବଳ ମୁଖ୍ୟଯନ୍ତ୍ରୀ ନୁହନ୍ତି ବିଭିନ୍ନ ବର୍ଗର ପ୍ରାୟ ୨୦ଜଣ ଅଧିକାରୀଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଛି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୦୨୯ ମଧ୍ୟରେ ଭାରତ ବର୍ଷର ୫ଟି ସମୃଦ୍ଧ ରାଜ୍ୟ ମଧ୍ୟରେ ଓଡିଶାକୁ ସ୍ଥାନିତ କରିବା ଲକ୍ଷ୍ୟରେ ଆମେ ଆଗକୁ ବଢୁଛୁ । ଏହି ଅବସରରେ ସେ ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ୍ ଭାବେ କୋରାପୁଟ ଡିଭିଜନ, ଶ୍ରେଷ୍ଠ ୟୁନିଟ୍ ଭାବେ ବଲାଙ୍ଗୀର ଡିଭିଜନ, ଶ୍ରେଷ୍ଠ ତଦନ୍ତକାରୀ ଅଫିସର ଭାବେ ବାଲେଶ୍ୱର ଡିଭିଜନର ଡିଏସ୍‌ପି ଦୁଷ୍ମନ୍ତ କୁମାର ନାୟକ, ଶ୍ରେଷ୍ଠ ମହିଳା ତଦନ୍ତକାରୀ ଅଫିସର ଭାବେ ବ୍ରହ୍ମପୁର ଡିଭିଜନର ସବିତାଞ୍ଜଳୀ ନାୟକ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରସିକ୍ୟୁଟର ଭାବେ ଭୁବନେଶ୍ୱରର ହେମନ୍ତ କୁମାର ସ୍ୱାଇଁଙ୍କୁ ପୁରସ୍କୃତ କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ରହିଛି ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ । ଦୁର୍ନୀତି ରୋକିବା ପାଇଁ ଆମକୁ ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଦରକାର । ସବୁଥିରେ ସ୍ୱଚ୍ଛତା ରହିଲେ ଦୁର୍ନୀତି କମିବ ବୋଲି ସେ କହିଛନ୍ତି । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠୱା ସ୍ୱାଗତ ଭାଷଣ ଦେଇ କହିଛନ୍ତି, ବର୍ତ୍ତମାନର ଏହି ଦୁର୍ନୀତି ବିରୋଧରେ ଶପଥ ପାଠର ଗୁଞ୍ଜରଣ ଗର୍ଜନରେ ପରିଣତ ହେବ । କାରଣ ଏଥିରେ ପ୍ରତ୍ୟେକ ଜିଲା ଓ ବ୍ଲକ କାର୍ଯ୍ୟାଳୟରୁ ସମସ୍ତେ ଯୋଡ଼ି ହୋଇଛନ୍ତି । ଚଳିତ ବର୍ଷ 'ସତ୍ୟ ନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ବିଷୟବସ୍ତୁ ଉପରେ ଅକ୍ଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି ବୋଲି ଜେଠୱା କହିଛନ୍ତି ।

## ଶିମିଳିପାଳ ଏନ୍‌କ୍ଲୋଜରରେ ...

ଦିଆଯାଇଛି । କିଛି ଦିନ ବାଘୁଣୀକୁ ନିରୀକ୍ଷଣ କରାଯିବା ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର ଅଞ୍ଚଳରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ମହାରାଷ୍ଟ୍ରରୁ ସ୍ୱତନ୍ତ୍ର ଭାବରେ ତାଲିମପ୍ରାପ୍ତ ଏକ ଦଳ ବାଘର ଗତିବିଧି ନିରୀକ୍ଷଣ କରିବେ । ପ୍ରକାଶ ଯେ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘର ଜେନେଟିକରେ ପରିବର୍ତ୍ତନକୁ ନେଇ ରିସୋର୍ସ ଜାରି ରହିଛି । ମିଲେନାଷ୍ଟିକ ବାଘର ସୃଷ୍ଟିକୁ ନେଇ ଜଙ୍ଗଲ ବିଭାଗ ବାଘ ବଂଶର ଆନୁବଂଶୀୟ ବିବିଧତା ଓ ଗୁଣବତ୍ତାରେ ଉନ୍ନତି ଆଣିବାକୁ ଯୋଜନା କରିଥିଲେ । ଏହାକୁ ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଥରିଟି ପକ୍ଷରୁ ଅନୁମତି ମିଳିବା ପରେ ମହାରାଷ୍ଟ୍ରର ତଡ଼ବା ଅନ୍ଧାରି ବ୍ୟାଘ୍ର ପ୍ରକଳ୍ପରୁ ୨ ଗୋଟି ମାଈ ବାଘ ଶିମିଳିପାଳକୁ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରୁ ଏକ ଦଳ ବାଘ ପାଇଁ ୨ ଗୋଟି ବିଶେଷ ଭାବରେ ପ୍ରସ୍ତୁତ ପରିବହନ ବାହନ ସହିତ ତଡ଼ବା ଯାଇଥିଲେ । ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଅଢ଼େଇ ବର୍ଷର ମାଈ ବାଘକୁ ତଡ଼ବା ଅନ୍ଧାରି ବ୍ୟାଘ୍ର ପ୍ରକଳ୍ପରୁ ଶିମିଳିପାଳ ଅଣାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଗୋଟିଏ ମାଈ ବାଘ ତଡ଼ବାରୁ ଅଣାଯିବାର ପ୍ରକ୍ରିୟା ଚାଲୁରହିଛି । ଦୀର୍ଘ ୯ ଶହ କିଲୋମିଟର ସଡ଼କ ପଥରେ ଅଣାଯାଇ ରବିବାର ରାତିରେ ଶିମିଳିପାଳରେ ପହଞ୍ଚିଥିଲା । ସୋମବାର ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦଙ୍କ ଉପସ୍ଥିତିରେ ଶିମିଳିପାଳ କୋର ଅଞ୍ଚଳ ମଧ୍ୟରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ବାଘୁଣୀ ଯମୁନାକୁ ନିରୀକ୍ଷଣ ପାଇଁ ରଖାଯାଇଛି । ବାଘୁଣୀ ଦେହରେ ରେଡିଓକଲର ଲଗାଯାଇ ତାର ସ୍ୱାସ୍ଥ୍ୟ ଓ ଗତିବିଧିରେ ୨୪ ଘଣ୍ଟିଆ ନଜର ରଖିବା ପାଇଁ ଏକ ଟିମ୍ ଗଠନ କରାଯାଇଛି । ଶିମିଳିପାଳର ଜଳବାୟୁ ସହିତ ଖାପଖୁଆଇବା ପରେ ବାଘୁଣୀକୁ ଜଙ୍ଗଲରେ ଛଡ଼ାଯିବ ବୋଲି ପିସିସିଏଫ୍ ନନ୍ଦଙ୍କ ପକ୍ଷରୁ ସୂଚନା ମିଳିଛି । ଅନ୍ୟମାନଙ୍କ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟ ପ୍ରାଣୀ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।




# ଖୁବ୍‌ଶୀଘ୍ର ସୁଭଦ୍ରା ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ

ଭୁବନେଶ୍ୱର, ୨୮।୧୦ (ସୁନିତ୍ ମିଶ୍ର)

'ସୁଭଦ୍ରା'ର ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ ଟଙ୍କା ଖୁବ୍‌ଶୀଘ୍ର ମିଳିବ। ଏହି ପର୍ଯ୍ୟାୟରେ ବାକିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ୧୭ରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିଦିନ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନେକ ହିତାଧିକାରୀଙ୍କୁ ଚଳିତ ମାସ ୯ ତାରିଖରେ ପ୍ରଥମ କିସ୍ତି ଟଙ୍କା ମିଳିଥିଲା। ସେଦିନ ୩୫ ଲକ୍ଷରୁ ଅଧିକ ହିତାଧିକାରୀ ଏହି ଟଙ୍କା ପାଇଥିଲେ। ପ୍ରଥମ ଦୁଇ ପର୍ଯ୍ୟାୟରେ ଏଯାବତ୍ ପ୍ରାୟ ୬୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି। ରାଜ୍ୟ ସରକାର କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ଟଙ୍କା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ମାର୍ଚ୍ଚ ୮ ତାରିଖରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବା ନିମନ୍ତେ ଘୋଷଣା କରାଯାଇଥିବାରୁ ଏହା ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ଏହି ପର୍ଯ୍ୟାୟରେ କେତେ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ଯିବ ତାହା ସ୍ପଷ୍ଟ ହୋଇପାରିନି। ରାଜ୍ୟର ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଉଦ୍ଦେଶ୍ୟରେ 'ସୁଭଦ୍ରା'ର ଗାଇଡ୍‌ଲାଇନରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇସାରିଛନ୍ତି। ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ରାଶନ କାର୍ଡ ଡାଟାବେସ୍‌ରେ ନିଶ୍ଚିତ ନାମ ଥିବାର ମାନଦଣ୍ଡକୁ ହଟାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସୁଭଦ୍ରା ଯୋଜନାରେ ମୋଟ ୧ କୋଟି ୨ ଲକ୍ଷ ହିତାଧିକାରୀ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯାଇସାରିଛି। ବିଭିନ୍ନ କାରଣରୁ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଯାଇଛି।

# ହେନ୍ତାଳ ସଂରକ୍ଷଣକୁ ବ୍ୟାପକ କରାଯିବ: ମୁଖ୍ୟମନ୍ତ୍ରୀ

ବାଲେଶ୍ୱର,୨୮।୧୦ (ବାଞ୍ଛାନିଧି ଦେ)

ବାତ୍ୟା 'ଦାନା' ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କ୍ଷତିଗ୍ରସ୍ତଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ହେଲିକପ୍ଟର ଯୋଗେ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଉପକୂଳବର୍ତ୍ତୀ ଅଞ୍ଚଳରେ ବାତ୍ୟା କ୍ଷୟକ୍ଷତିକୁ ରୋକିବା ପାଇଁ ବ୍ୟାପକ ହେନ୍ତାଳ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ବାଲେଶ୍ୱର ଜିଲା ଅନ୍ତର୍ଗତ ସଦର, ସିମୁଳିଆ, ସୋର, ଖଇରା ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରିଥିଲେ। ଏହାପରେ ଚାନ୍ଦିପୁରସ୍ଥିତ ଡିଆରଡିଓ ସମ୍ମିଳନୀ କକ୍ଷଠାରେ ଏମ୍‌ପି, ବିଧାୟକ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ବାତ୍ୟା 'ଦାନା' ଏବଂ ବନ୍ୟା କ୍ଷୟକ୍ଷତିର ଆକଳନ ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ବୈଠକରେ ଉପସ୍ଥିତ ସମସ୍ତ ବିଧାୟକ ନିଜ ନିଜ ନିର୍ବାଚନୀ ମଣ୍ଡଳୀରେ ବାତ୍ୟା ଓ ବନ୍ୟା ସମ୍ବନ୍ଧୀୟ ପୁନରୁଦ୍ଧାର ଓ ଜାରି ରହିଥିବା




- ଆକାଶମାର୍ଗରୁ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ
- ବାଲେଶ୍ୱରରେ ସମୀକ୍ଷା ବୈଠକ

କାର୍ଯ୍ୟକଳାପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ବାତ୍ୟାର ସଫଳ ମୁକାବିଲା ପାଇଁ ଜିଲା ପ୍ରଶାସନ ଏବଂ ରାଜନୈତିକ ନେତୃତ୍ୱଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ଜୀବନ ମୂଲ୍ୟବାନ୍ ହୋଇଥିବାରୁ ପ୍ରଭାବିତ ଲୋକଙ୍କ ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପଦକ୍ଷେପ ଅତ୍ୟନ୍ତ ସତର୍କତାର ସହ ନିଆଯିବା ଆବଶ୍ୟକ। ସରକାର ବହୁପାକ୍ଷିକ ସାମୁଦାୟିକ ରିଲିଫ୍ କେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ବାତ୍ୟା ସମୟରେ ଜିଲା ପ୍ରଶାସନ ଓ ରାଜନୈତିକ ନେତା, ପିଆରଆଇ ସଦସ୍ୟଙ୍କ ମିଳିତ ଉଦ୍ୟମକୁ ପ୍ରଶଂସା କରିବା ସହ ସମସ୍ତ ବନ୍ୟା ପ୍ରଭାବିତଙ୍କୁ ଯଥାଶୀଘ୍ର ପଲିଥିନ ଓ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବରିଷ୍ଠ ଅଧିକାରୀଙ୍କୁ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଥିଲେ।

ସମୀକ୍ଷା ବୈଠକରେ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡ଼ା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଆରକ୍ଷୀ ମହା ନିର୍ଦ୍ଦେଶକ ୱାଇବି ଖୁରାନିଆ, ଉପ-ମହାନିରୀକ୍ଷକ (ପୂର୍ବାଞ୍ଚଳ ଜୋନ) ଡ. ସତ୍ୟଜିତ ନାୟକ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜ ପ୍ରସାଦ, ଉପ-ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ପିଏକ୍ସଇ ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଏପ୍ରିଲ ପୂର୍ବରୁ ଓଡ଼ିଶାରେ ଆୟୁଷ୍ମାନ ଭାରତ ଲାଗୁ ହେବ

ଭୁବନେଶ୍ୱର, ୨୮।୧୦ (ବନ୍ଦନା ସେଠୀ)

ଓଡ଼ିଶାରେ ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ ମଙ୍ଗଳବାର ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂରେ ଜାତୀୟ ସ୍ତରରେ ଏହି ଯୋଜନାର ଶୁଭାରମ୍ଭ କରିବେ। ତେବେ ଓଡ଼ିଶା ଏହାକୁ କେବଳ ଗ୍ରହଣ କରିବ। ଯେହେତୁ ଓଡ଼ିଶାରେ ପୂର୍ବରୁ ଆୟୁଷ୍ମାନ୍ ଯୋଜନା ଲାଗୁ ହୋଇ ନ ଥିଲା, ତେଣୁ ତା'ର ମୋଡାଲିଟି ପ୍ରସ୍ତୁତ ହୋଇନାହିଁ। ତେବେ ଖୁବ୍‌ଶୀଘ୍ର ମୋଡାଲିଟି ପ୍ରସ୍ତୁତ କରି ଚଳିତ ଆର୍ଥିକ ବର୍ଷ ଶେଷ (୨୦୨୫ ଏପ୍ରିଲ) ସୁଦ୍ଧା ଏହାକୁ ଲାଗୁ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିସହ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆୟୁଷ୍ମାନ୍ ଭାରତ ଯୋଜନା ପାର୍ଟ-୧ ଓ ୨ ଓଡ଼ିଶାରେ ଲାଗୁ କରିବା ପାଇଁ ପ୍ରସ୍ତୁତି କରାଯାଉଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ସରିଛି ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ଚାଲିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କାର୍ଡ ଇସ୍ୟୁ କରିବା ସହ ଯୋଜନାର ଶୁଭାରମ୍ଭ କରାଯିବ। ଉଭୟ ଆୟୁଷ୍ମାନ୍ ଯୋଜନା ଓ ଗୋପବନ୍ଧୁ ଆରୋଗ୍ୟ ଯୋଜନାର ଗୋଟିଏ କାର୍ଡ ହେବ। ରାଜ୍ୟରେ ୧ କୋଟି ପରିବାର ପାଇଁ ଏହି ନୂଆ କାର୍ଡର ବ୍ୟବସ୍ଥା କରାଯିବ। ପୁରୁଣା କାର୍ଡରେ ପୂର୍ବରୁ ୯୫୦ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଥିବାବେଳେ ନୂଆ କାର୍ଡ ଲଞ୍ଚ ହେବା ପରେ ଏଥିରେ ୨୭ ହଜାର ହସ୍ପିଟାଲରେ ଲୋକଙ୍କୁ ଚିକିତ୍ସା ସୁବିଧା ମିଳିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଓଏଏସ୍ ସ୍ତରରେ ଅଦଳବଦଳ କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୮।୧୦ (ସୁନିତ୍ ମିଶ୍ର)

ଓଏଏସ୍ ସ୍ତରରେ ସୋମବାର ରାଜ୍ୟ ସରକାର ଅଦଳବଦଳ କରିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କୁ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ମମତା ବାରିକଙ୍କୁ ଓଡ଼ିଶା ଜୀବିକା ମିଶନର ଯୁଗ୍ମ ସଚିବ, ମିଶନ ଶକ୍ତି ବିଭାଗରେ ଯୁଗ୍ମ ସଚିବ ଥିବା ବିନୋଦ କୁମାର ଜେନାଙ୍କୁ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ପୁରୀ ଜିଲାର ସବ୍-କଲେକ୍ଟର ଗୋପୀନାଥ କୁଅଁରଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବା ବେଳେ ସୂରଜ କୁମାର ପଟ୍ଟନାୟକଙ୍କୁ ବରଗଡ଼ ଜିଲା ପରିଷଦର ଅତିରିକ୍ତ ଇଓ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଡେପୁଟି କମିଶନର ଥିବା ରାଜ କିଶୋର ଜେନାଙ୍କୁ ପୁରୀ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ସେହିପରି ସମ୍ବଲପୁର ଜିଲା କୁଚିଣ୍ଡାର ପୂର୍ବତନ ସବ୍-କଲେକ୍ଟର ହେମସାଗର ଭୋଇ ଏବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ ଥିବାବେଳେ ତାଙ୍କୁ କୁଚିଣ୍ଡା ଆଇଟିଡିଏ ପିଏ ଭାବେ ବଦଳି କରାଯାଇଛି। ସୋହେଲା ବିଡିଓ ସୁରେନ୍ଦ୍ର ମେହେରଙ୍କୁ ସୁବର୍ଣ୍ଣପୁରର ଅତିରିକ୍ତ ସବ୍-କଲେକ୍ଟର, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ରେ ଜିଏମ୍(ସୋସିଆଲ ପ୍ରୋଜେକ୍ଟସ) ଥିବା ମନୋରଞ୍ଜନ ସାହୁଙ୍କୁ ଭୁବନେଶ୍ୱର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ଯାଜପୁରର ଅତିରିକ୍ତ ସବ୍-କଲେକ୍ଟର ମନୋରମା ଜାଲିଙ୍କୁ ଭୁବନେଶ୍ୱରସ୍ଥିତ ଏସ୍‌ଆଇଆର୍‌ଡିର ଡେପୁଟି ଡାଇରେକ୍ଟର ଭାବେ ବଦଳି କରାଯାଇଛି। ବଲାଙ୍ଗୀର ତହସିଲଦାର ସୁନୀଲ କୁମାର ମେହେରଙ୍କୁ ପାଟଣାଗଡ଼ ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି।




**Junagarh: Binayak Motors,** Ph: 9237387143, 9237387150, 9237387144; **Bolangir: Jairam Motors,** Ph: 6372703005, 8117911265; **Rourkela: Rev Motors,** Ph: 9861929403, 7735123565, 7978289917; **Bargarh: Shivam Motors,** Ph: 9938120588, 7978563215; **Bhawanipatna: Sriram Enterprises,** Ph: 9437966332, 06670230332; **Jharsuguda: Shree Swapneshwar Motors,** Ph: 9583152832, 9861085558; **Sambalpur: Maa Samleswari Automobiles,** Ph: 8118050205; **YBC: Sundergarh,** Ph: 9438622911; **Bonaigarh,** Ph: 7008868582; **Kesinga,** Ph: 9938312661; **Sonepur,** Ph: 9937535378; **Khariar,** Ph: 9556605754; **Padampur,** Ph: 9777767175; **Attabira,** Ph: 8018927369; **Titlagarh,** Ph: 8249952614; **Bamra,** Ph: 9668703749; **Kuchinda,** Ph: 8280063040.

> ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। **–ଶ୍ରୀଅରବିନ୍ଦ**



# କେବେ ଆୟତ୍ତ ନ ଥିଲା

ଦୀର୍ଘ ୧୦ ବର୍ଷ ପରେ ଜମ୍ମୁ ଓ କଶ୍ମୀରରେ ନିର୍ବାଚନ ଅନୁଷ୍ଠିତ ହୋଇ ଏବେ ସେଠାରେ ଗଣତାନ୍ତ୍ରିକ ଉପାୟରେ ସରକାର ଗଠନ ହୋଇଛି। ନୂଆ ସରକାର ୧୬ ଅକ୍ଟୋବରରେ ଆସିବା ପରେ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରାୟ ୪ଟି ଛୋଟବଡ଼ ଆତଙ୍କବାଦୀ ଆକ୍ରମଣ ଘଟି ସାଧାରଣ ଲୋକ ଓ ଯବାନଙ୍କୁ ମିଶାଇ ୧୩ ଜଣଙ୍କ ମୃତ୍ୟୁ ଘଟି ସାରିଲାଣି। ୨୮ ଅକ୍ଟୋବରରେ ଆତଙ୍କବାଦୀମାନେ ଜମ୍ମୁର ଅଖନୁର ସେକ୍ଟରରେ ସେନା ଗାଡ଼ି ଉପରକୁ ଆକ୍ରମଣ କରିଥିଲେ। ସେନା ପ୍ରତିଆକ୍ରମଣ କରିବାରୁ ୩ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ସେହି ରାଜ୍ୟକୁ ବିଭାଜନ କରି ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରିଥିଲେ। ତେବେ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ପିଟିଶନଗୁଡ଼ିକର ଶୁଣାଣି କରି ଗତବର୍ଷ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ବୈଧ ଘୋଷଣା କରିଥିଲେ ହେଁ ଜମ୍ମୁ ଓ କଶ୍ମୀର ରାଜ୍ୟ ମାନ୍ୟତା ପୁନଃ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୯୦ ଆସନ ବିଶିଷ୍ଟ ବିଧାନସଭା ପାଇଁ ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ଏବର ପରିସ୍ଥିତିକୁ ଦେଖିଲେ ଜମ୍ମୁ ଓ କଶ୍ମୀରରେ ଗଣତନ୍ତ୍ର ଫେରିଛି, ହେଲେ ସେଠାକାର ଲୋକଙ୍କ ମଧ୍ୟରେ ବିଶ୍ୱାସ ହେଉ ନାହିଁ ଯେ ନିର୍ବାଚନ ପରେ ସରକାର କେଉଁ ଧାରଣା ନେଇ କାର୍ଯ୍ୟ କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ଦୀର୍ଘବର୍ଷର ଦମନଲୀଳା ବିଫଳ ହୋଇଛି, ଯେଉଁଥିପାଇଁ ଆତଙ୍କବାଦ ସୁଦୃଢ଼ ହୋଇ ମୁଣ୍ଡ ଟେକିଛି। କେଉଁ ଜାଗାରେ ତ୍ରୁଟି ରହୁଛି ତାହା ଖୋଜି ବାହାର କରିବା ପାଇଁ କେହି ଇଚ୍ଛୁକ ଥିଲା ଭଳି ମନେ ହେଉନାହିଁ। ଜନସାଧାରଣଙ୍କ ଇଚ୍ଛାକୁ ପୋଲିସ ଓ ସେନା ବେଶି ଦିନ ପାଇଁ ଦମନ କରି ରଖିପାରିବେ ନାହିଁ। ସମ୍ଭବତଃ ଏବେ ଦେଖାଯାଉଥିବା ବିସ୍ଫୋରଣ ଆତଙ୍କବାଦର ଆଢୁଆଳରେ ଘଟୁଥାଇପାରେ। ମନେରଖିବାକୁ ହେବ ଯେ, ଆତଙ୍କବାଦୀଙ୍କୁ ସଫଳତା ମିଳିବା ସକାଶେ ସାଧାରଣ ନାଗରିକଙ୍କ ସମର୍ଥନ-ସକ୍ରିୟ କିମ୍ବା ମାନସିକ- ସବୁବେଳେ ଲୋଡ଼ା ଥାଏ। ଜମ୍ମୁ ଓ କଶ୍ମୀରରେ ସମସ୍ୟା ସୁଧୁରିଯାଇଛି ଏବଂ ଆୟତ୍ତ ହୋଇଯାଇଛି ବୋଲି ସରକାର କହିବା ଫଳରେ ତାହାର ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ଏବେକାର ଘଟଣାଗୁଡ଼ିକର ବିଶେଷତା ହେଲା ଯେ, ଆକ୍ରମଣଗୁଡ଼ିକ ମୁସଲମାନ ବହୁଳ ଅଞ୍ଚଳ କଶ୍ମୀର ଉପତ୍ୟକା ପରିବର୍ତ୍ତେ ହିନ୍ଦୁବହୁଳ ଜମ୍ମୁରେ ଘଟୁଛି। ପରିବର୍ତ୍ତିତ ସ୍ଥିତି ସହ ତାଳ ମିଳାଇ ଯେଉଁଭଳି ପଦକ୍ଷେପ ନିଆଯିବା ଦରକାର, ହୁଏତ କେନ୍ଦ୍ର ସରକାର ସେଥିପାଇଁ ସଜାଗ ନ ଥିବା ପରି ମନେହେଉଛି। ନିଜର ଏଜେଣ୍ଡା ବା ରାଜନୈତିକ କାର୍ଯ୍ୟକ୍ରମକୁ ଜୋରଜବରଦସ୍ତ ଲାଗୁ କରାଇବାକୁ ଯାଇ ଦେଶର ପ୍ରବଳ କ୍ଷତି ଘଟୁଛି। ସେଥିପାଇଁ ଜମ୍ମୁ ଓ କଶ୍ମୀରର ସମସ୍ୟା କେନ୍ଦ୍ର ସରକାରଙ୍କ ନେତୃତ୍ୱରେ କେବେ ନିୟନ୍ତ୍ରଣାଧୀନ ହୋଇପାରିଥିଲା ବୋଲି ଏବେ ବିଶ୍ୱାସ ହେଉ ନାହିଁ। ସ୍ଥାନୀୟ ଗଣମାଧ୍ୟମର କଣ୍ଠରୋଧ କରି ସରକାରୀ ବିବୃତିଗୁଡ଼ିକ ବାସ୍ତବ ପରିସ୍ଥିତିଠାରୁ ଭିନ୍ନ ଦିଗକୁ ଦର୍ଶାଇ ଆସୁଥିଲା ଭଳି ମନେହୁଏ। ସେହିସବୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକ୍ରମର କୁଫଳ ଏବେ ଦେଶକୁ ଭୋଗିବାକୁ ପଡ଼ିବ।

> ନିଜର ଏଜେଣ୍ଡା ବା ରାଜନୈତିକ କାର୍ଯ୍ୟକ୍ରମକୁ ଜୋରଜବରଦସ୍ତ ଲାଗୁ କରାଇବାକୁ ଯାଇ ଦେଶର ପ୍ରବଳ କ୍ଷତି ଘଟୁଛି। ସେଥିପାଇଁ ଜମ୍ମୁ ଓ କଶ୍ମୀରର ସମସ୍ୟା କେନ୍ଦ୍ର ସରକାରଙ୍କ ନେତୃତ୍ୱରେ କେବେ ନିୟନ୍ତ୍ରଣାଧୀନ ହୋଇପାରିଥିଲା ବୋଲି ଏବେ ବିଶ୍ୱାସ ହେଉ ନାହିଁ। ସ୍ଥାନୀୟ ଗଣମାଧ୍ୟମର କଣ୍ଠରୋଧ କରି ସରକାରୀ ବିବୃତିଗୁଡ଼ିକ ବାସ୍ତବ ପରିସ୍ଥିତିଠାରୁ ଭିନ୍ନ ଦିଗକୁ ଦର୍ଶାଇ ଆସୁଥିଲା ଭଳି ମନେହୁଏ। ସେହିସବୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକ୍ରମର କୁଫଳ ଏବେ ଦେଶକୁ ଭୋଗିବାକୁ ପଡ଼ିବ।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୭୫

- ବନ୍ୟା ବିଧ୍ୱସ୍ତ ପାଟନା ସହରର ପୁନଃ ନିର୍ମାଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବା ଲାଗି ବିହାର ସରକାର ସ୍ଥିର କରିଛନ୍ତି।
- ଆମେରିକା ଭାରତକୁ ୮୨୧.୮ ନିୟୁତ ଡଲାର ପରିମାଣର ସାହାଯ୍ୟ ଦେବା ସଂକ୍ରାନ୍ତ ରାଜିନାମା ସ୍ୱାକ୍ଷରିତ।
- ବଲିଭିୟା ବିମାନ ବାହିନୀର ଏକ ବିମାନ ଆକାଶମାର୍ଗରୁ ଏକ ପାହାଡ଼ିଆ ଅଞ୍ଚଳକୁ ଖସିପଡ଼ିବା ଫଳରେ ୫୫ ଜଣ ନିହତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | 1 | | 9 |
| | | | 7 | 1 | | | 2 | |
| | | | 5 | | | | | |
| | 1 | 6 | | | | | 9 | 3 |
| 7 | 9 | | | | | 5 | | |
| | | 3 | | 8 | | | | 6 |
| 5 | | | | | 7 | | | |
| | 3 | | | | | 4 | 1 | |
| | 4 | | 3 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 9 | 5 | 6 | 4 | 8 | 7 | 1 |
| 8 | 4 | 1 | 2 | 7 | 9 | 3 | 6 | 5 |
| 6 | 5 | 7 | 1 | 3 | 8 | 2 | 4 | 9 |
| 1 | 9 | 5 | 6 | 8 | 2 | 4 | 3 | 7 |
| 2 | 7 | 3 | 9 | 4 | 1 | 5 | 8 | 6 |
| 4 | 6 | 8 | 3 | 5 | 7 | 9 | 1 | 2 |
| 7 | 3 | 2 | 8 | 9 | 6 | 1 | 5 | 4 |
| 9 | 8 | 6 | 4 | 1 | 5 | 7 | 2 | 3 |
| 5 | 1 | 4 | 7 | 2 | 3 | 6 | 9 | 8 |

ଗତକାଲିର ଉତ୍ତର

# ମନୋସାମାଜିକ ଯତ୍ନ ଓ ବିପର୍ଯ୍ୟୟ



ଶୁଭନାରାୟଣ ଶତପଥୀ

ଆମେ ଜାଣୁ ଯେ ପ୍ରାକୃତିକ ବା ମନୁଷ୍ୟକୃତ ବିପର୍ଯ୍ୟୟ ଯେକୌଣସି ସମୟରେ ଆମ ସାମ୍ନାରେ ଆସି ଉଭା ହୋଇପାରେ। ଏହି ବିପର୍ଯ୍ୟୟ ଏକ ଘଟଣା ବା ଦୁର୍ଘଟଣା ଯାହା ପରିବେଶ, ବ୍ୟକ୍ତି, ପରିବାର, ଗୋଷ୍ଠୀ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ଯେଉଁଠି ମାନସିକ, ଶାରୀରିକ, ପାରିପାର୍ଶ୍ୱିକ, ସାଂସ୍କୃତିକ, ପରିସଂସ୍ଥାର ମେରୁଦଣ୍ଡକୁ ଦୋହଲାଇ ଦେଇଥାଏ। କିଛି ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ମରୁଡ଼ି ଆଦି ଏକ ନିର୍ଦ୍ଦିଷ୍ଟ ସମୟରେ ପୂର୍ବ ସୂଚନା ସହିତ ଆସୁଥିବାବେଳେ ଅନେକ ବିପର୍ଯ୍ୟୟ ଯଥା ଭୂମିକମ୍ପ, ସୁନାମି, ଆଗ୍ନେୟ ଉଦ୍‌ଗିରଣ, ବୋମା ବିସ୍ଫୋରଣ, ରାସ୍ତା ଦୁର୍ଘଟଣା ଆଦି ଯେକୌଣସି ମୁହୂର୍ତ୍ତରେ ଆସିଥାଏ। ତେବେ ଏସବୁ ଦୁର୍ଘଟଣାକୁ ବ୍ୟକ୍ତିଗତ, ପରିବାର, ଗୋଷ୍ଠୀ ସ୍ତରରେ ପରିଚାଳନା କରିବା ନିମିତ୍ତ ପ୍ରସ୍ତୁତ ରହିବାକୁ ପଡିଥାଏ। ଫଳରେ ବିପର୍ଯ୍ୟୟ ପୂର୍ବରୁ, ସମୟରେ, ପରେ ଏସବୁକୁ ମୁକାବିଲା କରିବାରେ ସକ୍ଷମ ହୋଇଥାଉ।

ଦିନକୁ ଦିନ ପ୍ରାକୃତିକ ପରିବେଶର ଅସନ୍ତୁଳନ, ବିଗୁଡୁଥିବା ପାଣିପାଗକୁ ନେଇ ପ୍ରାକୃତିକ ବିପର୍ଯ୍ୟୟ ବଢ଼ି ଚାଲିଛି। କେରଳର ୱେନାଡରେ ଓ ଉତ୍ତର କନ୍ନଡର ଆଙ୍କୋଲାରେ ମାଟିଧସିବା ବା ଲ୍ୟାଣ୍ଡସ୍ଲାଇଡ, ଉତ୍ତରପୂର୍ବ ରାଜ୍ୟର କାରୁଆ ନଦୀରେ ବନ୍ୟା, ରେମାଲ ବାତ୍ୟା, ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଓ ବନ୍ୟା ହେଉଛି ୨୦୨୪ ମସିହାରେ ଘଟିଥିବା ବିପର୍ଯ୍ୟୟର କିଛି ଉଦାହରଣ, ଯେଉଁଥିରେ ଧନଜୀବନ, ବାସଗୃହ, ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ବିପର୍ଯ୍ୟୟ ପରିଚାଳନା କରିବାକୁ ସରକାରୀ, ବେସରକାରୀ ସଂସ୍ଥା ଅଣ୍ଟାଭିଡି ରିଲିଫ, ଉଦ୍ଧାର, ଥଇଥାନ କରୁଥିବାବେଳେ ସ୍ଥାନୀୟ ବିପର୍ଯ୍ୟୟ ପୀଡିତମାନେ ମାନସିକ ଅସ୍ଥିରତା, ଅବସାଦ, ଚିନ୍ତା, ଅଶାନ୍ତି ମଧ୍ୟଦେଇ ଗତି କରୁଥାନ୍ତି। ସେମାନେ ନିକଟ ସମ୍ପର୍କୀୟଙ୍କୁ ହରାଇ, ଭୟଭୀତ ହୋଇ କିମ୍ବା ଅତ୍ୟଧିକ ଉତ୍କଣ୍ଠିତ ହୋଇ ଅସ୍ୱାଭାବିକ ବ୍ୟବହାର କରନ୍ତି। ତା'ଛଡା ସେମାନଙ୍କର ଆବେଗ, ଭାବନା, ପ୍ରତିକ୍ରିୟା, ସାମାଜିକ ଚଳଣି, ଯୋଗାଯୋଗରେ ଭିନ୍ନତା ପରିଲକ୍ଷିତ ହୁଏ, ଯାହା ସିଧାସଳଖ ମାନସିକ, ସାମାଜିକ ଓ ଶାରୀରିକ ପ୍ରଭାବ ପକାଇଥାଏ। ଏହି ମାନସିକ, ସାମାଜିକ ସମସ୍ୟାକୁ ସାମ୍ନା କରିବା ନିମନ୍ତେ ମନୋସାମାଜିକ ଯତ୍ନ ସହାୟତାର ଆବଶ୍ୟକତା ପଡେ। ଏକ ସୁସ୍ଥ ମାନସିକ ଓ ସନ୍ତୁଳିତ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ବ୍ୟବସ୍ଥାର ପୁନଃସ୍ଥାପନ ଓ ବ୍ୟକ୍ତିଗତ ଥଇଥାନ ନିମନ୍ତେ ଏହି ସହାୟତା ଦରକାର ହୁଏ। ମାନସିକ ସ୍ୱାସ୍ଥ୍ୟ ଠିକ୍ ନ ରହିବା କାରଣରୁ ଏହାର ପ୍ରଭାବ ସିଧାସଳଖ ମାନସିକ ଓ ଶାରୀରିକ ସ୍ତରରେ ଦେଖାଯାଏ। ଉଦାହରଣସ୍ୱରୂପ ଏହି ସମୟରେ ଲୋକମାନେ ମାନସିକ ସମସ୍ୟା ଦ୍ୱାରା ଉତ୍ପନ୍ନ ବିଭିନ୍ନ



ପ୍ରକାର ରୋଗ ଯଥା ; ପେଟବ୍ୟଥା, ମୁଣ୍ଡବିନ୍ଧା, ବାନ୍ତି, ଗ୍ୟାସ, ଦୁର୍ବଳ ଅନୁଭବ କରିବା, ଝାଡା, ଅତ୍ୟଧିକ ଝାଳବୋହିବାର ଶିକାର ହୋଇ ଡାକ୍ତରଖାନାରେ ଭିଡ ଜମାଇଥାନ୍ତି। କିନ୍ତୁ ଏହିସବୁ ଲକ୍ଷଣଗୁଡିକ ମାନସିକ ଅସୁସ୍ଥତା କାରଣରୁ ସୃଷ୍ଟି ହୋଇଥାଏ ବୋଲି ସେମାନେ ଜାଣିପାରି ନ ଥାନ୍ତି। ଏସବୁଥିରୁ ରକ୍ଷାପାଇବା ପାଇଁ କିଛିଲୋକ ନିଶାସେବନ କରିବା, ଡାକ୍ତରଖାନାରେ ରହିବାକୁ ଜିଦ୍ ଧରିବା, ସାମାଜିକ ବ୍ୟବସ୍ଥାଠାରୁ ନିଜକୁ ଦୂରେଇ ରଖିବା, ଆତ୍ମହତ୍ୟା ଭଳି ଖରାପ ଜୀବନଶୈଳୀକୁ ଆପଣେଇବାକୁ ଅଗ୍ରାଧିକାର ଦେଇଥାନ୍ତି। ଦାରିଦ୍ର୍ୟ, କ୍ଷୁଧା, ମାନସିକ ଅସୁସ୍ଥତା କାରଣରୁ ସମାଜରେ ବା ସ୍ଥାନୀୟ ଅଞ୍ଚଳରେ ଚୋରି, ଡକାୟତି, ଲୁଣ୍ଠନ, ଚାଲାଣ, ସ୍ଥାନାନ୍ତରଣ, ଯୌନଗତ କାର୍ଯ୍ୟକଳାପ ବୃଦ୍ଧି ପାଇ ପରିସ୍ଥିତି ଅଣାୟତ୍ତ ହୋଇଥାଏ। ଏଣୁ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଆର୍ଥିକ ଓ ସାଧାରଣ ସୁବିଧାଗୁଡିକ ଠିକ୍ ସମୟରେ ପ୍ରଦାନ ଓ ଉପଯୁକ୍ତ ବିନିଯୋଗ ପାଇଁ ମନୋସାମାଜିକ ସହାୟତାର ଆବଶ୍ୟକତା ପଡେ।

ମନୋସାମାଜିକ ସହାୟତା ପ୍ରଦାନ କରିବାକୁ ହେଲେ ସମାନୁଭୂତିର ସହିତ କାର୍ଯ୍ୟ କରିବା ଜରୁରୀ। ଜଟିଳତା ଓ ବ୍ୟକ୍ତିର ମାନସିକ ଅବସାଦ, ଚିନ୍ତାକୁ ଦୂର କରିବାର ଉପାୟକୁ କାର୍ଯ୍ୟକାରୀ କରିବା ସହିତ ସେମାନଙ୍କ କଥା ଶୁଣିବା, ବୁଝିବା, ଗୁରୁତ୍ୱଦେବାକୁ ହୁଏ, ଅନାବଶ୍ୟକ ଚିନ୍ତାରୁ ମୁକ୍ତ ରଖି ତଦନୁସାରେ ମନୋସାମାଜିକ ସହାୟତାକୁ ଜାରି ରଖିବାକୁ ପଡେ। ତା'ଛଡା ବିପର୍ଯ୍ୟୟ ପ୍ରପୀଡିତ ଲୋକମାନଙ୍କର ଆଗ୍ରହ, ଦକ୍ଷତାକୁ ବୃଦ୍ଧି କରିବାକୁ ସୁଯୋଗ ପ୍ରଦାନ କରିବା, ଚିତ୍ତବିନୋଦନ ଭଳି କାର୍ଯ୍ୟ ହାତକୁ ନେଇ ଦୁର୍ବଳ ମାନସିକ ଓ ସାମାଜିକ ପରିସ୍ଥିତିକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରାଯାଇପାରେ। ପ୍ରକାରାନ୍ତରେ ଏହାକୁ ମନୋସାମାଜିକ ପ୍ରାଥମିକ ଚିକିତ୍ସା କୁହାଯାଇଥାଏ। ଏହାଦ୍ୱାରା ଅବସାଦ, ଚିନ୍ତା ଆଦିର ଲକ୍ଷଣକୁ ଚିହ୍ନିବା, ବୈଷୟିକ ଜ୍ଞାନକୌଶଳ, ମାର୍ଗଦର୍ଶିକାର ଉପଯୋଗ କରିବା, ନିର୍ଦ୍ଦିଷ୍ଟ ସହାୟତା ଯୋଗାଇଦେବା, ସ୍ଥାନୀୟ ନେତା ଓ ଗୋଷ୍ଠୀର ସହାୟତା ନେବା, ସୁରକ୍ଷାକୁ ନିଶ୍ଚିତ କରିବା, ସମନ୍ୱୟ ଓ ସହଯୋଗରେ ଯୋଜନା ପ୍ରସ୍ତୁତ କରି କାମ କରିବା ଉଚିତ। ଫଳରେ ବିପର୍ଯ୍ୟୟ ପୂର୍ବରୁ, ସମୟରେ ଓ ପରେ ଯୋଜନାବଦ୍ଧ ଭାବରେ ବ୍ୟକ୍ତିଗତ, ପାରିବାରିକ ଓ ଗୋଷ୍ଠୀଗତ ସୁରକ୍ଷା କରାଯାଇପାରିବ। ଏ କ୍ଷେତ୍ରରେ ଶିଶୁ, ମହିଳା, ବୟୋଜ୍ୟେଷ୍ଠ, ଦିବ୍ୟାଙ୍ଗଙ୍କ ମନୋସାମାଜିକ ସମସ୍ୟାକୁ ଅଗ୍ରାଧିକାର ଦିଆଯିବାର ଆବଶ୍ୟକତା ରହିଛି। କାରଣ ଦେଖାଯାଇଛି ଶିଶୁମାନଙ୍କୁ ହରାଇଥିବା ମହିଳାଙ୍କ ମାନସିକ ସ୍ଥିତି ସାଧାରଣ ଅବସ୍ଥାକୁ ଫେରି ନ ଥିବା ସ୍ଥଳେ ସେମାନଙ୍କୁ ଯୌନସମ୍ପର୍କ ରଖିବାକୁ ଓ ପୁଅଟିଏ ଜନ୍ମ କରିବାକୁ ବାଧ୍ୟ କରିବା ବୋଝ ଉପରେ ନଳିତାବିଡା ସଦୃଶ।

ସେହିପରି ଶିଶୁମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଖାଦ୍ୟର ଯତ୍ନ ନେଉଥିବାବେଳେ ସମ-ଅସୁବିଧାର ସାମ୍ନା କରୁଥିବା ବୃଦ୍ଧବୃଦ୍ଧାଙ୍କ ସ୍ୱତନ୍ତ୍ର ଯତ୍ନ, ସ୍ୱତନ୍ତ୍ର ଖାଦ୍ୟ, ଶାରୀରିକ ଅକ୍ଷମତା ନିମନ୍ତେ ଆବଶ୍ୟକ ସହାୟତା ପ୍ରତି ଏପର୍ଯ୍ୟନ୍ତ ଆମେ ସଜାଗ ହୋଇପାରିନାହୁଁ। ଏ ସମସ୍ୟାଗୁଡିକୁ ଦୂରକରି ଏକ ସୁସ୍ଥ ସମାଜରେ ସ୍ଥିରତା ରଖି ଆଗକୁ ବଢ଼ିବା ନିମନ୍ତେ ତଥା ବିପର୍ଯ୍ୟୟ ପ୍ରସ୍ତୁତି, ସମୟରେ ଓ ପରେ ଏହି ସୁବିଧା ପ୍ରଦାନ କରାଯାଇପାରେ। ଏଣୁ ବିପର୍ଯ୍ୟୟ ପରିଚାଳନାରେ ମନୋସାମାଜିକ ସହାୟତା ଏକ ଭିନ୍ନ, ଅନନ୍ୟ ଓ ଅନବଦ୍ୟ ପ୍ରୟାସ।

ଭାରତୀୟ ସଂସ୍କୃତି ଅତି ପ୍ରାଚୀନ। ଏଥିରେ ଜରୁରିକାଳୀନ ତଥା ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ମନୋସାମାଜିକ ସହାୟତା ଦେବାର ନଜିର ରହିଛି। ଯେପରିକି ସାମାଜିକ ସୁବିଧା ପାଇଁ ଦାନ ଦେବା, ଯୌଥ ପରିବାରରେ ବସବାସ କରିବା, ଅସୁବିଧା ସମୟରେ ପରିବାର ସଦସ୍ୟସଦସ୍ୟାଙ୍କ ସହଯୋଗ ପାଇବା, ଯୋଗ, ପ୍ରାଣାୟାମ, ଧ୍ୟାନ, ପ୍ରାର୍ଥନା ଆଦିର ପ୍ରଚଳନ ରହିଛି। ତେବେ ଜାପାନ ଏକ ଜନସଂଖ୍ୟାବହୁଳ ରାଷ୍ଟ୍ର ହୋଇଥିବାବେଳେ ସେଠାରେ ଲୋକମାନଙ୍କ ମାନସିକ ସାମାଜିକ ସୁସ୍ଥତା ଯୋଗୁ ଲୋକମାନଙ୍କ ଜୀବନଧାରଣ କାଳ ୮୭ ବର୍ଷ ରହିଛି, ଯେଉଁଠି ଭାରତରେ ଏହା ମାତ୍ର ୬୭ ବର୍ଷ। ତା'ଛଡା ବିଶ୍ୱରେ ଭାରତ ଆଗକୁ ସଂକ୍ରାମକ ଓ ଅଣସଂକ୍ରାମକ ରୋଗର ରାଜଧାନୀ ହେବାକୁ ଯାଉଛି। ଏଣୁ ମନୋସାମାଜିକ ସହାୟତାର କେବଳ ବିପର୍ଯ୍ୟୟ କାହିଁକି ବରଂ ଦୈନନ୍ଦିନ ଜୀବନରେ ଓ ଜୀବନର ଭିନ୍ନ ଭିନ୍ନ ପରିସ୍ଥିତିରେ, ଅବସ୍ଥାରେ ଆବଶ୍ୟକତା ରହିଛି। ଏଥିପାଇଁ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତାଙ୍କଠାରୁ ଅଧିକାରୀ, ଗୋଷ୍ଠୀ, ପରିବାରର ବ୍ୟକ୍ତିବିଶେଷ, ନେତୃବୃନ୍ଦ ସଚେତନ ଓ ଦକ୍ଷ ହୋଇ କାର୍ଯ୍ୟ କରିବା ଉଚିତ। ପ୍ରତି ବାତ୍ୟା ଆଶ୍ରୟସ୍ଥଳୀ, ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ମନୋସାମାଜିକ ସ୍ୱେଚ୍ଛାସେବୀଙ୍କ ମୁତୟନ ସ୍ଥାନୀୟ ଅଞ୍ଚଳରେ ଅସ୍ୱାଭାବିକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସହଯୋଗ କରିବ। ବଡକଥା ହେଉଛି ଆମ ଦେଶର ବେଙ୍ଗାଲୁରୁରେ ଥିବା ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁବିଜ୍ଞାନ ପ୍ରତିଷ୍ଠାନ ହେଉଛି ଆମର ସମ୍ବଳ ଓ ଆମ ରାଜ୍ୟର ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ହେଉଛନ୍ତି ବିପର୍ଯ୍ୟୟ ପରିଚାଳନାର ମେରୁଦଣ୍ଡ। ଏ ସୁଯୋଗ ବିପର୍ଯ୍ୟୟରେ ମନୋସାମାଜିକ ସହାୟତାକୁ ବଳିଷ୍ଠ କରିବ ନିଶ୍ଚୟ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

# ଭାରତୀୟ ଜୀବନଚର୍ଯ୍ୟା



ଡ. ମନୋରଞ୍ଜନ ପ୍ରଧାନ

ଆଜିକାଲି ବିଭିନ୍ନ କାରଣ ହେତୁ ରୋଗୀ ଓ ଭୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଜୀବନଚର୍ଯ୍ୟାରେ ପରିବର୍ତ୍ତନ ହେତୁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେବା ସହ ବ୍ୟକ୍ତିଗତ ସମସ୍ୟା ବହୁଗୁଣିତ ହେବାରେ ଲାଗିଛି। ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବହୁଗୁଣିତ ହୋଇଛି। ସମାଜର ଅଧିକାଂଶ ଲୋକ ଔଷଧ ବିନା ବଞ୍ଚିବା ମୁସ୍କିଲ ହୋଇପଡ଼ିଲାଣି। ପରିବାରର ଔଷଧ ମୁଣି ତା'ର କଳେବର ବଢ଼ାଇଛି। ଏସବୁ ଆମ ଦିନଚର୍ଯ୍ୟା ଓ ଜୀବନଚର୍ଯ୍ୟାର ଅସନ୍ତୁଳିତ ବ୍ୟତିକ୍ରମର ଫଳ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଭାରତବର୍ଷର ଜୀବନଚର୍ଯ୍ୟା ଚାରି ଆଶ୍ରମ ଓ ଚାରି ପୁରୁଷାର୍ଥ ଉପରେ ପର୍ଯ୍ୟବସିତ ଥିଲା। ବ୍ରହ୍ମଚର୍ଯ୍ୟାଶ୍ରମରୁ ଜୀବନର ଆରମ୍ଭ ଏବଂ ସନ୍ୟାସରେ ସମାପନ ହେଉଥିଲା। ଏହି ଚାରି ଆଶ୍ରମ ପାରକଲା ଭିତରେ ଜୀବନର ଚାରି ପୁରୁଷାର୍ଥ ଯଥା ଧର୍ମ,ଅର୍ଥ,କାମ ଓ ମୋକ୍ଷକୁ ପ୍ରାପ୍ତକରି ମାନବ ଜୀବନର ସାର୍ଥକତା ପ୍ରତିପାଦନ କରିପାରୁଥିଲା। ତେଣୁ ବିକଶିତ ଓ ଶୃଙ୍ଖଳିତ ସମାଜ ଗଠନ ସମ୍ଭବ ହୋଇପାରୁଥିଲା। କିନ୍ତୁ ଆଜି ଭାରତୀୟ ଜୀବନ ମୂଲ୍ୟ ଓ ପଦ୍ଧତିରେ ଅନେକ ପରିବର୍ତ୍ତନ ଘଟିଛି। ଚାରି ପୁରୁଷାର୍ଥ ମଧ୍ୟରୁ ଦୁଇଟି ଯଥା ଧର୍ମ ଓ ମୋକ୍ଷ (ପ୍ରଥମ ଓ ଶେଷ) ଭାରତୀୟମାନଙ୍କ ଜୀବନ ଅଭିଧାନରୁ ଲୋପପାଇବାରେ ଲାଗିଛି। ତେଣେ ବ୍ରହ୍ମଚର୍ଯ୍ୟାଶ୍ରମରେ ଯେଉଁ ଚିନ୍ତନ,ମମନ ଓ ନିଦିଧ୍ୟାସନ ପଦ୍ଧତି ଜରିଆରେ ଜ୍ଞାନ,ବିଦ୍ୟା(ପରା ଓ ଅପରା), କୌଶଳ, ଦକ୍ଷତା, ଜୀବନ ଓ ଜୀବିକା କଳାକୌଶଳ, ଉତ୍ତମ ଚରିତ୍ର,ସମାଜ ଓ ରାଷ୍ଟ୍ର ପ୍ରତି ପ୍ରତିଶ୍ରୁତିବଦ୍ଧତା ତଥା ସମର୍ପିତ ଆଚରଣ ଆଦି ମାନବୀୟ ଗୁଣାବଳୀ ଶିକ୍ଷା କରିବା କଥା ସେସବୁ ଆଜିର ଶିକ୍ଷା ବ୍ୟବସ୍ଥାରେ ତାହା ନାହିଁ। ଏବେ କେବଳ ୨ ବର୍ଷରୁ ତଥ୍ୟ ଘୋଷା ଓ ନମ୍ବର ଖେଳର ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା। ସକାଳୁ ସଞ୍ଜ ଯାଏଁ କୋଚିଂ, ସ୍କୁଲ ବା କଲେଜ, ହୋମ୍ ୱାର୍କ, ମାର୍କ ପାଇଁ କସରତ ଇତ୍ୟାଦି ଆମ ବ୍ୟକ୍ତିଗତ ଜୀବନର ମୁଖ୍ୟ ଭାବେ ପରିଗଣିତ ହୋଇଯାଇଛି। ଶିକ୍ଷା ବ୍ୟବସ୍ଥାରୁ ନୈତିକତା, ମୂଲ୍ୟବୋଧ, ପରୋପକାର, ଅନୁଭୂତିଭିତ୍ତିକ ଶିକ୍ଷା ଜରିଆରେ ସଦ୍‌ଭାବନା, ପରସ୍ପର ପ୍ରତି ସମ୍ମାନବୋଧ ଓ ସମ୍ବେଦନଶୀଳତା ଆଦି ଗୁଣ ଶିଶୁମାନେ ପାଇପାରୁନାହାନ୍ତି। ଅପରପକ୍ଷରେ ଉପରୋକ୍ତ ବାସ୍ତବ ଶିକ୍ଷାର ଅଭାବବୋଧ ହେତୁ ଗୃହସ୍ଥାଶ୍ରମ ମଧ୍ୟ ଠିକ୍‌ଠାକ୍ ଚାଲିନାହିଁ। ପାଶ୍ଚାତ୍ତ ବିଚାର ଓ ଅପସଂସ୍କୃତିର ଅନ୍ଧାନୁକରଣ, ବିବାହ ଭଳି ପବିତ୍ର ବ୍ରତକୁ ଦୈହିକ ଆବେଗର ପରିପ୍ରକାଶ ନାମରେ ଚୁକ୍ତିଭିତ୍ତିକ ବିବାହ(କନ୍‌ଟ୍ରାକ୍ଟ ମ୍ୟାରେଜ) ଭଳି ଅପସଂସ୍କୃତିର ଦୃଢ଼ ସମର୍ଥକ ଓ ଅନୁପାଳକ ସାଜିବା ଆଜିର ଯୁବପିଢ଼ିଙ୍କ ଗୃହସ୍ଥ ଜୀବନକୁ ଦୁର୍ବିଷହ କରିଦେଉଛି। ତେଣୁ ସମାଜ ଯେ ଯୋଗ୍ୟ ଉତ୍ତର ପିଢ଼ି ପାଇବାରୁ ବଞ୍ଚିତ ହେଉଛି ତାହା ନୁହେଁ, ପରସ୍ପରକୁ ପଣ୍ୟ ଭଳି ଦେଖିବାର ମାନସିକତା ସମାଜରେ ବିଶୃଙ୍ଖଳା ସୃଷ୍ଟିକରୁଛି। ତେଣୁ ଧୀରେ ଧୀରେ ପାରିବାରିକ ଜୀବନ ସୁଖମୟ ପରିବର୍ତ୍ତେ ବିବାଦୀୟ ହେବାରେ ଲାଗିଛି। ଛାଡ଼ପତ୍ର, ଶୋଷଣ, ଅସୂୟା ମନୋଭାବ, କଳହ, ଘରୋଇ ହିଂସା, ହତ୍ୟା, ଲୁଣ୍ଠନ, ଅରାଜକତା



ଆଦି ବଢୁଛି। ଅପରପକ୍ଷରେ ଶେଷ ଦୁଇଟି ପାହାଚ ଯଥା ବାନପ୍ରସ୍ଥ ଓ ସନ୍ୟାସ ବୋଧହୁଏ କେବେଠାରୁ ଆମ ସମାଜରୁ କବର ନେଇସାରିଲାଣି।

୬୦ବର୍ଷ ପରେ ବୃତ୍ତିଗତ ସେବା ନିବୃତ୍ତ ହୋଇ ସମାଜ ସେବାରେ ନିଜକୁ ନିୟୋଜିତ କରିବା ଜାଗାରେ ଆଜିର ମଣିଷ ଆହୁରି ରୋଜଗାର କରିବାର ତୃଷ୍ଣାକୁ ବିରାମ ଦେଇପାରୁନାହିଁ। ରୋଜଗାର କରିବାରେ ଅସୁବିଧା ନାହିଁ , କିନ୍ତୁ ସେ ରୋଜଗାର ସିଂହଭାଗ ସମାଜର ନିଷ୍ପେଷିତ ଜନତାଙ୍କ ମଙ୍ଗଳ ପାଇଁ ସମର୍ପଣ କରିବାର ମାନସିକତା ସୃଷ୍ଟି ହେଉନାହିଁ। ଏହି ସ୍ତରରେ ମଧ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ଆପେ ବଞ୍ଚିବାର ଦୁର୍ବାର ଲାଳସା ଯୁବପିଢ଼ିଙ୍କୁ ସମାଜ ଓ ରାଷ୍ଟ୍ର ମନସ୍କ ହେବା ପାଇଁ ପ୍ରେରଣା ଦେଇପାରୁନାହିଁ। କେବଳ ସେତିକି ନୁହେଁ, ଜୀବନର ଶେଷ ପର୍ଯ୍ୟାୟରେ ମଣିଷ ଆତ୍ମଜ୍ଞାନ ପ୍ରାପ୍ତି ପାଇଁ ସାଧନା ନ କରି ଭୌତିକ ଭୋକକୁ ମେଣ୍ଟାଇବା ସକାଶେ ଚେଷ୍ଟିତ। ସେଥିପାଇଁ ଆଜି ସମାଜ ଅସନ୍ତୁଳିତ ଓ ଅସମ୍ପୂର୍ଣ୍ଣ।

ଏବେ ଭାରତୀୟମାନଙ୍କ ଭିତରେ ଚତୁରାଶ୍ରମ ଓ ପୁରୁଷାର୍ଥ ସମ୍ବନ୍ଧିତ ସଚେତନତାର ଅଭାବ ଘଟିଛି। ସାଧାରଣ ଜୀବନଚର୍ଯ୍ୟା ସମ୍ବନ୍ଧିତ ସାଧାରଣ ଜ୍ଞାନ ମଧ୍ୟ ଲୋପ ପାଇଗଲାଣି। ସାମାଜିକ ଜୀବନ ନଷ୍ଟ ହୋଇଛି। ପାରିବାରିକ ଜୀବନ ସନ୍ଦେହାତ୍ମକ। ବ୍ୟକ୍ତି ନିଜକୁ ନ୍ୟାୟ ଦେଇପାରୁ ନାହିଁ। ଅନ୍ତତଃ ନିଜକୁ ଶୃଙ୍ଖଳିତକରି ସୁଖଦ ତଥା ନିରାମୟ ଜୀବନ ଜିଇଁବାର କଳା ଆଧୁନିକ ଭାରତୀୟ ଭୁଲିଗଲାଣି।

ସୂର୍ଯ୍ୟୋଦୟ ପୂର୍ବରୁ ନିତ୍ୟକର୍ମ ସାରି ପରମେଶ୍ୱରଙ୍କ ଆଶୀର୍ବାଦ ଭିକ୍ଷାରୁ ନିଜର ଦୈନନ୍ଦିନ ବୃତ୍ତି ଆରମ୍ଭ କରୁଥିବା ବିଜ୍ଞାନୀ ସଭ୍ୟତାର ମଣିଷ ଆଜି ଦିନ ୮ ବା ୯ ଟା ପୂର୍ବରୁ ଉଠିପାରୁନାହିଁ। ଖାଦ୍ୟପେୟ କଥା କହିଲେ କୁଳକୁଟୁମ୍ବକୁ ଲାଜ। ପଲିଥିନ ଜରିରେ ପ୍ୟାକ୍ ହୋଟେଲର ଖାଦ୍ୟ କିମ୍ବା ଫ୍ରିଜ୍ ଖାଦ୍ୟ ମଣିଷର ନିର୍ଭରଶୀଳ ଖାଦ୍ୟାଭ୍ୟାସ। ଓଡ଼ିଆଘରର ପିଠା ଓ ସନ୍ତୁଳିତ ଖାଦ୍ୟପେୟ ଯୁବପିଢ଼ିଙ୍କୁ ପ୍ରାୟତଃ ଭଲ ଲାଗୁନି। ବିଦେଶୀ ଖାଦ୍ୟପେୟ ସେମାନଙ୍କ ପ୍ରଥମ ପସନ୍ଦ। ଅନ୍‌ଲାଇନରେ ମଗାଇ ଖାଇବା ସମ୍ଭ୍ରାନ୍ତ ପଣିଆର ଏକ ମୁଖ୍ୟ ଆଧାର। ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପୁଳାପୁଳା ଔଷଧ। ଡାକ୍ତରଖାନାରେ ଅସମ୍ଭବ ଭିଡ଼। ଗାଁଠାରୁ ସହର ଯାଏଁ ଔଷଧାଳୟର ମାତ୍ରାଧିକ ସଂଖ୍ୟା ବୃଦ୍ଧି। ସଂକ୍ଷେପରେ କହିଲେ, ଜୀବନଶୈଳୀ ଓ ଜୀବନଚର୍ଯ୍ୟାର ଅସନ୍ତୁଳିତ ବ୍ୟତିକ୍ରମ ହିଁ ଆମ ଅସ୍ଥିର ତଥା ଶୋକମୟ ଜୀବନର ମୁଖ୍ୟ କାରଣ। ଶରୀର ରୋଗଶାଳା ହେବାର କାରଣ ଆମର ଦିନଚର୍ଯ୍ୟା, ଖାଦ୍ୟପେୟ, ଅସ୍ୱାଭାବିକ ଜୀବନଶୈଳୀ ଓ କୁଅଭ୍ୟାସ। ଆମ ଦିନଚର୍ଯ୍ୟା ଓ ଜୀବନଚର୍ଯ୍ୟାରେ ପରିବର୍ତ୍ତନ କରିପାରନ୍ତେ, ଆମକୁ ଏଭଳି ଉଦାସ ଜୀବନ ବିତାଇବାକୁ ପଡ଼ି ନ ଥାନ୍ତା। ତେଣୁ ଭାରତୀୟ ଜୀବନ ମୂଲ୍ୟ ଓ ଜୀବନଚର୍ଯ୍ୟା ହିଁ ଆତ୍ମସୁଖ ଓ ବିଶ୍ୱ ସମୃଦ୍ଧିର ଚାବିକାଠି ବୋଲି ମୋର ମତ।

**ସହକାରୀ ପ୍ରଫେସର, ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

କୃଷି ଇଞ୍ଜିନିୟରିଂ ପାସ୍ କରିବା ପରେ ଚାକିରି ପାଇଁ ଆଗ୍ରହୀ ନ ହୋଇ ଡ୍ରାଗନ ଫ୍ରୁଟ୍ ଚାଷ କରି ବର୍ଷକୁ ୨ କୋଟି ଟଙ୍କା ରୋଜଗାର କରୁଛନ୍ତି ମହାରାଷ୍ଟ୍ରର ମହେଶ ଅଶାବେ। ମହେଶଙ୍କ ବୟସ ୨୭। ସେ ସୋଲାପୁର ଜିଲାର ମରୁଡ଼ିପ୍ରବଣ ଅଞ୍ଚଳ ସଙ୍ଗୋଲାରେ ଡ୍ରାଗନ ଚାଷ କରିବା ସହ ଆଗାମୀ ପିଢ଼ିଙ୍କୁ ବାଟ ଦେଖାଇଛନ୍ତି। ଡ୍ରାଗନ ଗ୍ରୀଷ୍ମର ପ୍ରକୋପ ସହ୍ୟ କରିବା ସହ ଯେକୌଣସି ମାଟିରେ ଏହାକୁ ଚାଷ କରାଯାଇପାରୁଥିବାରୁ ସେ ତାଙ୍କ ଗାଁ, ଯାହା କି ସମ୍ପୂର୍ଣ୍ଣ ଶୁଷ୍କ ଅଞ୍ଚଳ, ସେଠାରେ ଏହି ଚାଷ ଆରମ୍ଭ କରିଥିଲେ। ୨୦୧୨ରେ ୯,୦୦୦ ଚାରା ଆଣି ୩ ଏକର ଜମିରେ ଲଗାଇଥିଲେ। ଏଥିରେ ସେ ମୋଟ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ପ୍ରଥମରୁ ଲାଭ ପାଇ ନ ଥିଲେ ମଧ୍ୟ ମହେଶ ନିରାଶ ହୋଇ ନ ଥିଲେ। ଦ୍ୱିତୀୟ ବର୍ଷରୁ ଡ୍ରାଗନ ଫଳ ଅଧିକ ହେଲା ଓ ସେ ଲାଭ ପାଇଲେ। ଏବେ ସେ ଏକର ପିଛା ୧୦ ଲକ୍ଷ ଟଙ୍କା ହିସାବରେ ୨୦ ଏକରରୁ ବର୍ଷକୁ ୨ କୋଟି ଟଙ୍କା ପାଉଛନ୍ତି। ଥରେ ଡ୍ରାଗନ ଚାଷ ଆରମ୍ଭ କଲେ ଏହା ୨୦ରୁ ୨୫ ବର୍ଷ ଯାଏ ଅମଳକ୍ଷମ ରହିବ ଓ ଏବେ ଅଧିକ ଲାଭ ହେବ ବୋଲି କୁହନ୍ତି ମହେଶ। ଏହାସହ ସେ ଡ୍ରାଗନ ଫ୍ରୁଟ୍‌ରୁ ଜୁସ୍, ସ୍କ୍ୱାସ୍, ଜାମ୍ ଓ ଚକୋଲେଟ ତିଆରି କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ମହେଶଙ୍କ ପଦକ୍ଷେପ କେବଳ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ଚାଷୀଙ୍କୁ ବାଟ ଦେଖାଇନାହିଁ, ବରଂ କୃଷକମାନଙ୍କ ସମୃଦ୍ଧିକୁ ଏକ ନୂଆ ସ୍ତରରେ ପହଞ୍ଚାଇ ପାରିଛି।

## ଚିରନ୍ତନୀ

ପବନ ସିରି ସିରି
ବରଷା ଝିରି ଝିରି
ପଡ଼ଇ ପଥଘାଟେ ବରଷି।
କି କଥା ତୁନି ତୁନି
କହିବି ହୁଏଁ ଗୁଣି
ସଖିରେ ନ ପାରଇଁ ଭରସି!
–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାତ୍ୟା ପ୍ରପୀଡ଼ିତଙ୍କୁ ସହାୟତା ପ୍ରଦାନରେ ସ୍ୱଚ୍ଛତା ରହୁ

ମହାଶୟ,

ଦୁର୍ଭାଗ୍ୟର ବିଷୟ ଏହି କି, ଟିଭିରେ ପ୍ରସାରିତ ହେଉଥିବା ଲୋକମାନଙ୍କ ପ୍ରାୟ ସବୁଘର ସ୍ଥାନାନ୍ତରିତ ପ୍ରକ୍ରିୟା ସମୟରେ କେବଳ ଭଗ୍ନ, ଅର୍ଦ୍ଧଭଗ୍ନ ମାଟି ଘରକୁ ଦେଖିବାକୁ ମିଳୁଛି। ଏଥିରୁ ସୁସ୍ପଷ୍ଟ ଅନୁମେୟ ଯେ, ପ୍ରଶାସନ ସେସବୁ ଗରିବମାନଙ୍କୁ ସିମେଣ୍ଟ ପକ୍କା ଘର ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କରିବା ପାଇଁ ଏପରି ସ୍ଥାନାନ୍ତରିତ ପ୍ରକ୍ରିୟା ବର୍ଷ ବର୍ଷ ଧରି ଚାଲିଥିବ ଆଉ ରହିଥିବ କି ? ବାତ୍ୟା ପ୍ରବଣତା ଅଞ୍ଚଳରୁ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା ଅପେକ୍ଷା ସୁରକ୍ଷିତ ଘର ଯୋଗାଇ ଦେବା ଆବଶ୍ୟକ। ବାତ୍ୟା ପ୍ରପୀଡ଼ିତମାନଙ୍କୁ ସରକାରୀ ଓ ବେସରକାରୀ ସାହାଯ୍ୟ ଓ ସହାୟତା ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ ଜରୁରୀ। ବାତ୍ୟା ତାଣ୍ଡବଲୀଳା ରଚିଗଲା ପରେ ସରକାର, ସ୍ଥାନୀୟ ଜିଲା ପ୍ରଶାସନକୁ ବାତ୍ୟାଜନିତ କ୍ଷୟକ୍ଷତିକୁ ଆକଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ। କିନ୍ତୁ ସେଇ କ୍ଷୟକ୍ଷତି ଆକଳନ ମଧ୍ୟରେ ଗରିବ ଲୋକମାନଙ୍କ ତାଳପତ୍ର, ନଡ଼ା ଓ ପଲିଥିନରେ ଛପର ହୋଇଥିବା ମାଟି କଚ୍ଚା ଘରସବୁକୁ ନୂତନ ସିମେଣ୍ଟ ଘରରେ ପରିଣତ କରିବା ପାଇଁ ଆବାସିକ ଯୋଜନା କାର୍ଯ୍ୟକାରୀ କରିବାକୁ ହେବ। ଏପରି ହେଲେ ଲୋକମାନଙ୍କୁ ଆଉ ସ୍ଥାନାନ୍ତରିତ କରିବାକୁ ପଡ଼ିବ ନାହିଁ। ଅତୀତରେ ଓଡ଼ିଶାରେ ତାଣ୍ଡବଲୀଳା ରଚିଥିବା ବାତ୍ୟାର ସମ୍ମୁଖୀନ ହେବା ସତ୍ତ୍ୱେ ଆମ୍ଭେମାନେ ବାତ୍ୟାରୋଧ କରିବାର ପଦକ୍ଷେପ ନେବାରେ କୌଣସି ପୂର୍ଣ୍ଣାଙ୍ଗ ଅଭିଜ୍ଞତା ଓ ଶିକ୍ଷା ହାସଲ ନ କରିପାରିବା ଦୁର୍ଭାଗ୍ୟଜନକ।

**– ଅଶୋକ କୁମାର ଆଢ୍ୟ , ମରାଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନଭେମ୍ବର ପ୍ରଥମ ସପ୍ତାହରେ ଲଣ୍ଡନ ଗସ୍ତ କରିପାରନ୍ତି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନଭେମ୍ବର ୩ ତାରିଖରୁ ୪ ଦିନିଆ ଲଣ୍ଡନ ଗସ୍ତରେ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ବିଭାଗର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏହି ଗସ୍ତ କରୁଥିବା ଜଣାପଡ଼ିଛି। ଯଦି କେନ୍ଦ୍ର ସରକାରଙ୍କ କୌଣସି କାର୍ଯ୍ୟକ୍ରମ ଏହି ସମୟ ମଧ୍ୟରେ ରୁହେ କିମ୍ବା ରାଜ୍ୟ ସରକାରଙ୍କ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଲେ ମୁଖ୍ୟମନ୍ତ୍ରୀଙ୍କ ଲଣ୍ଡନ ଗସ୍ତ ବଦଳିପାରେ। ହେଲେ ଏଯାଏ ସେଭଳି କିଛି ବିଷୟ ନ ଥିବାରୁ ମୁଖ୍ୟମନ୍ତ୍ରୀ ନଭେମ୍ବର ପ୍ରଥମ ସପ୍ତାହରେ ଲଣ୍ଡନ ଗସ୍ତ କରିବେ ବୋଲି ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ବାତ୍ୟାବେଳେ କାର୍ଯ୍ୟରେ ଅବହେଳା: ରାଜସ୍ୱ ସୁପରଭାଇଜର ନିଲମ୍ବିତ

ତିହିଡ଼ି,୨୮।୧୦(ସଞ୍ଜିତ ବଳ)

ବାତ୍ୟା 'ଦାନା' ସମୟରେ କାର୍ଯ୍ୟରେ ଅବହେଳା ପାଇଁ ଭଦ୍ରକ ଜିଲା ତିହିଡ଼ି ତହସିଲର ରାଜସ୍ୱ ସୁପରଭାଇଜର ବିକାଶ ଦାସଙ୍କୁ ସୋମବାର ଜିଲାପାଳ ଦିଲୀପ ରାଉତରାଏ ନିଲମ୍ବନ କରିଛନ୍ତି। ସୁପରଭାଇଜର ବିକାଶ ବାତ୍ୟା ସମୟରେ ଜାମଯୋଡ଼ି, ରାଜନଗର ଓ ନରେନ୍ଦ୍ରପୁର ପଞ୍ଚାୟତ ଦାୟିତ୍ୱରେ ଥିଲେ। ଆଶ୍ରୟସ୍ଥଳରେ ଥିବା ବାତ୍ୟା ବିପନ୍ନମାନଙ୍କୁ ଖାଦ୍ୟ ପ୍ରଦାନରେ ଅବହେଳା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ତଦନ୍ତ କରାଯାଇ ନୋଡାଲ ଅଫିସର ଅତିରିକ୍ତ ଜିଲା ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକଙ୍କ ରିପୋର୍ଟ ଆଧାରରେ ଜିଲାପାଳ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ନିଲମ୍ବନ ସମୟରେ ସୁପରଭାଇଜର ବିକାଶ ଭଦ୍ରକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଡିଓ ଜ୍ୟୋତିର୍ମୟ କର କହିଛନ୍ତି।

# ଦଲାଲ ହଟିଲେ ଦାଦନ ବିସ୍ଥାପନ କମିବ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮।୧୦ (ବନ୍ଦନା ସେଠୀ)

**ଉଚ୍ଚସ୍ତରୀୟ ଟାସ୍କଫୋର୍ସର ପ୍ରଥମ ବୈଠକ**

- ଦାଦନ ଖଟିବାକୁ ଯାଉଥିଲେ ପଞ୍ଜୀକରଣ କରାନ୍ତୁ
- ଅବୈଧ କଣ୍ଟ୍ରାକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

ଲୋକଙ୍କୁ ସ୍ଥାୟୀ ଜୀବିକା କିମ୍ବା ରୋଜଗାରର ପନ୍ଥା ଯୋଗାଇ ଦେବା ସହ ଦଲାଲ (ଲେବର ସର୍ଦ୍ଦାର, କଣ୍ଟ୍ରାକ୍ଟର)ଙ୍କୁ ହଟାଇ ପାରିଲେ ଦାଦନ ବିସ୍ଥାପନ ସମସ୍ୟା କିଛି ମାତ୍ରାରେ କମିଯିବ। ଅଧିକ ରୋଜଗାରର ଆଶା ଦେଖାଇ ସେମାନେ ଦିନମଜୁରିଆଙ୍କୁ ପ୍ରଲୋଭିତ କରନ୍ତି। କିନ୍ତୁ ପରେ ସେମାନଙ୍କୁ ଠିକ୍ ଭାବରେ ପାରିଶ୍ରମିକ ନ ଦେଇ ଦିନରାତି ଖଟାନ୍ତି। ସେଥିପାଇଁ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇ ରଣନୀତି ପ୍ରସ୍ତୁତ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଦାଦନଜନିତ ବିସ୍ଥାପନ ସମସ୍ୟାର ନିରାକରଣ ନିମନ୍ତେ ଗଠନ ହୋଇଥିବା ଟାସ୍କଫୋର୍ସର ପ୍ରଥମ ବୈଠକରେ ଉପମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରି କହିଲେ, ଦାଦନ ଭାବେ ବାହାର ରାଜ୍ୟକୁ କିମ୍ବା ଦେଶକୁ ଯାଉଥିବା ବ୍ୟକ୍ତି ପ୍ରଥମେ ନିଜକୁ ପଞ୍ଜୀକରଣ କରାନ୍ତୁ। ଫଳରେ ଭବିଷ୍ୟତରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସରକାର ଆବଶ୍ୟକ ମୁତାବକ ସାହାଯ୍ୟ ଯୋଗାଇ ଦେଇପାରିବେ। ଲେବର କଣ୍ଟ୍ରାକ୍ଟରମାନେ ମଧ୍ୟ ଲାଇସେନ୍ସପ୍ରାପ୍ତ ହେବା ଆବଶ୍ୟକ। ଏଥିସହ ନିର୍ଦ୍ଧାରିତ ସମୟରେ ସେମାନଙ୍କର ଯାଞ୍ଚ କରାଯିବା ଦରକାର। ଅବୈଧ କଣ୍ଟ୍ରାକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ଦାଦନ ବିସ୍ଥାପିତଙ୍କ ତଥ୍ୟ ରଖିବା ପାଇଁ ଏକ ମୋବାଇଲ ଆପ୍ ବିକାଶ ସହ ଦାଦନ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ କରିବାର ଯୋଜନା ରଖିଥିବା ସେ କହିଥିଲେ। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବିଭାଗର ମନ୍ତ୍ରୀ, ଅତିରିକ୍ତ ପ୍ରମୁଖ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ପ୍ରମୁଖ ଉପସ୍ଥିତ ରହି ଦାଦନର କାରଣ ଓ ସମାଧାନ ନେଇ ମତ ରଖିଥିଲେ।

## ଶ୍ରମିକଙ୍କ ପାଇଁ ଟୋଲ୍ ଫ୍ରି ନଂ. ୧୮୦୦୩୪୫୬୭୦୩

କୋଭିଡ୍ ଓ ଏହା ପରବର୍ତ୍ତୀ ସମୟରେ ପ୍ରାୟ ୮.୩୮ଲକ୍ଷ ଦାଦନ ଓଡ଼ିଶା ଫେରିଥିଲେ। ୨୦୨୪ରେ ପ୍ରାୟ ୧୦୩୬ ଜଣଙ୍କୁ ଲେବର୍ ଲାଇସେନ୍ସ ପ୍ରଦାନ କରାଯାଇଥିବାବେଳେ ୯୬ଥର ଯାଞ୍ଚ ପ୍ରକ୍ରିୟା ହୋଇଛି। ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଜିଲା ଅନ୍ତର୍ଗତ ୨୦ ବ୍ଲକର ୨୯ ଗ୍ରାମ ପଞ୍ଚାୟତରେ ସର୍ଭେ କରାଯାଇଛି। ଏହି ସମସ୍ୟାର ନିରାକରଣ ପାଇଁ ଶ୍ରମିକଙ୍କ ପାରିଶ୍ରମିକ ବୃଦ୍ଧି କରିବା ସହ ଠିକ୍ ସମୟରେ ସେମାନଙ୍କୁ ପାରିଶ୍ରମିକ ଯୋଗାଇବା ଆବଶ୍ୟକ। ଆଇଏସ୍ଏମ୍ଡବ୍ଲ୍ୟୁ ଆକ୍ଟ ୧୯୭୯ ଅନ୍ତର୍ଗତ ଅବାଧ ଚାଲାଣକୁ ରୋକିବା ପାଇଁ ଟ୍ରାକିଂ ଓ ଆବଶ୍ୟକସ୍ଥଳେ ପୋଲିସ-ପ୍ରଶାସନର ମିଳିତ ରେଡ୍ ହେବା ଦରକାର। ଏଥିସହ ଓଡ଼ିଶା ସରକାରଙ୍କ ପକ୍ଷରୁ ଟୋଲ୍ ଫ୍ରି ନଂ. ୧୮୦୦୩୪୫୬୭୦୩ ଯୋଗାଇ ଦିଆଯାଇଛି। ଶ୍ରମିକମାନେ ଏହାର ସହାୟତା ନେଇପାରିବେ ବୋଲି ସୂଚନା ଦିଆଯାଇଛି।

# ନଭେମ୍ବର ଆରମ୍ଭରୁ ବଢ଼ିବ ଶୀତ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ବାତ୍ୟା 'ଦାନା' ପ୍ରଭାବରେ ରାଜ୍ୟ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହି ଘୂର୍ଣ୍ଣିବଳୟ ଜଳୀୟବାଷ୍ପକୁ ଧରି ରଖିଥିବାରୁ ରାଜ୍ୟରେ ତାପମାତ୍ରା କମୁନାହିଁ। ଏହା ରାଜ୍ୟରେ ଶୀତର ପ୍ରଭାବ ଅନୁଭୂତ ହେବାରେ ବାଧା ସୃଷ୍ଟି କରୁଛି। କେବଳ କୋରାପୁଟ, ଫୁଲବାଣୀ ଓ ଦାରିଙ୍ଗବାଡିରେ ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ୍‌ରୁ କମ୍ ରହୁଥିବାବେଳେ ରାଜ୍ୟରେ ଅନ୍ୟ ସମସ୍ତ ସ୍ଥାନରେ ଉଚ୍ଚ ତାପମାତ୍ରା ଅନୁଭୂତ ହେଉଛି। କେନ୍ଦ୍ରୀୟ ଭାରତରେ ୩୦ ତାରିଖ ସୁଦ୍ଧା ଗୁରୁଚାପ ବଳୟ ସକ୍ରିୟ ହୋଇପାରେ। ଏହା ପରଠାରୁ ଘୂର୍ଣ୍ଣିବଳୟ ଦୁର୍ବଳ ହେବା ସହ ଆସନ୍ତା ସପ୍ତାହରୁ ରାଜ୍ୟରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ହୋଇପାରେ। ନଭେମ୍ବର ୨ରୁ ୩ ତାରିଖ ପରେ ରାଜ୍ୟରେ ଶୀତ ବଢ଼ିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ସୂଚନାନୁସାରେ, ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ରପତ୍ତନଠାରୁ ୫.୮ କିମି ଊର୍ଦ୍ଧ୍ୱରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହି କ୍ରମଶଃ ଦକ୍ଷିଣ-ପଶ୍ଚିମ ଦିଗରେ ଅଗ୍ରସର ହେଉଛି। ଏହା ପ୍ରଭାବରେ ରାଜ୍ୟରେ ଖରା ଓ ଗୁଳୁଗୁଳି ଅନୁଭୂତ ହେଉଛି। ସୋମବାର ପାରଳାଖେମୁଣ୍ଡିରେ ସର୍ବାଧିକ ୩୫.୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ୧୮.୫ ଡିଗ୍ରୀ ସେଲସିୟସ୍ ରହିଥିଲା। ତେବେ ମଙ୍ଗଳବାର ରାଜ୍ୟର କେତେକ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମଧରଣ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି ଓ ଗଞ୍ଜାମ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ନଭେମ୍ବର ୪ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି।

# ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ଶୁଭାରମ୍ଭ

## ସଚେତନତା ଥିମ୍ ସଂକ୍ରାନ୍ତ ବାଲୁକା କଳାକୁ ଉଦ୍‌ଘାଟନ କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

ପୁରୀ,୨୮।୧୦(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ ସୋମବାର ପୁରୀ ନୀଳାଦ୍ରି ବିଚ୍‌ରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ (ଏସ୍ଏସ୍ଆର୍)-୨୦୨୫ର ଥିମ୍ ଉପରେ ନିର୍ମିତ ବାଲୁକା କଳା ମାଧ୍ୟମରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ସଂଶୋଧନ କାର୍ଯ୍ୟକ୍ରମ ଅକ୍ଟୋବର ୨୯ରୁ ଆରମ୍ଭ ହୋଇ ନଭେମ୍ବର ୨୮ରେ ଶେଷ ହେବ। ଏହି ଅବସରରେ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ସିଇଓ ଶତ୍ରୁଘ୍ନ କର, ଅତିରିକ୍ତ ସିଇଓ ମିହିର ପ୍ରସାଦ ମହାନ୍ତି, ଅତିରିକ୍ତ ସିଇଓ ପଦ୍ମଜା ଦାଶ, ଅତିରିକ୍ତ ସିଇଓ ଅନାମିକା ସିଂ, ଅତିରିକ୍ତ ସିଇଓ ଲକ୍ଷ୍ମୀପ୍ରସାଦ ସାହୁ, ଏଫ୍ଏ ତଥା ଯୁଗ୍ମ ସଚିବ ସଞ୍ଜୟ ଲୁଗୁନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଉପଜିଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସିଇଓ ଗୋପାଳନ କହିଛନ୍ତି, ପ୍ରତ୍ୟେକ ଭୋଟର ସେମାନଙ୍କ ମୂଲ୍ୟବାନ ମତାଧିକାର ସାବ୍ୟସ୍ତ କରିବା ପାଇଁ ନିଜ ନାମ ଭୋଟର ତାଲିକାରେ ସାମିଲ କରିବା ଜରୁରୀ। ନିର୍ଭୁଲ ଭୋଟର ତାଲିକା ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟ। ଯଦି ଜଣେ ୧୮ ବର୍ଷ ବୟସ ପୂରଣ କରିଛନ୍ତି, ତେବେ ସେ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ। ଭୋଟର ହେଲ୍ପ ଲାଇନ ଆପ୍ ମାଧ୍ୟମରେ ପଞ୍ଜୀକରଣ କରିହେବ ବୋଲି ସେ ସୂଚନା ଦେଇଥିଲେ। ଏହି ବାଲୁକା କଳା ମାଧ୍ୟମରେ ଭୋଟର ସଚେତନତାର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚିବା ସହ ଭାରତର ନିର୍ବାଚନ କମିଶନରଙ୍କ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତରେ ସହାୟକ ହେବ ବୋଲି ସେ କହିଥିଲେ। ଉକ୍ତ ବାଲୁକା କଳାକୁ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ନିର୍ମାଣ କରିଥିଲେ।











ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ଅଧ୍ୟକ୍ଷ ଅଜିତ ପାୱାର ସୋମବାର ବାରାମତୀ ଆସନରୁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ସୋମବାର ଗୋଡ୍ଡା ଜିଲାରେ ଆର୍‌ଜେଡି ପ୍ରାର୍ଥୀ ସଞ୍ଜୟ ପ୍ରସାଦ ଯାଦବ ନାମାଙ୍କନପତ୍ର ଦାଖଲ କରିବା ପରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏକ ସାଧାରଣ ସଭାରେ ଯୋଗଦେଇଛନ୍ତି।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## କାଡ୍ରାକା ଆପଲସ୍ୱାମୀ-ରାୟଗଡ଼ା



କୋରାପୁଟ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାୟଗଡ଼ା ଜିଲାର ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୨୪ ନିର୍ବାଚନରେ କଂଗ୍ରେସ ଟିକେଟରେ କାଡ୍ରାକା ଆପଲସ୍ୱାମୀ ବିଜୟୀ ହୋଇ ପ୍ରଥମ ଥର ପାଇଁ ବିଧାୟକ ହୋଇଛନ୍ତି। ସେ ବିଜେଡିର ଅନସୂୟା ମାଝୀଙ୍କୁ ୨୯,୧୮୬ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି।

ରାୟଗଡ଼ା ସହରସ୍ଥିତ ଆମ୍ବାଗୁଡ଼ାଠାରେ ୧୯୬୯ ମାର୍ଚ୍ଚ ୯ ତାରିଖରେ ଆପଲସ୍ୱାମୀଙ୍କ ଜନ୍ମ। କେ.ଧର୍ମା ଓ କେ.କାଡୋଙ୍କ ସେ ତୃତୀୟ ସନ୍ତାନ। ପିତା ଜଣେ ସମାଜସେବୀ ଭାବେ ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ୧୯୮୦ରୁ ୧୯୯୦ ପର୍ଯ୍ୟନ୍ତ ଦୁଇ ଥର ରାୟଗଡ଼ା ପୌର ପରିଷଦର କାଉନସିଲର ରହିଥିଲେ। ଆପଲସ୍ୱାମୀ ରାୟଗଡ଼ା ସହରସ୍ଥିତ ଆର୍‌ଏସ୍‌ଡବ୍ଲ୍ୟୁସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ମ, ପରେ ଜିବିଏମ୍ ହାଇସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ମାଟ୍ରିକ୍ ପାସ୍ ପରେ କୋରାପୁଟ ଜିଲା ଜୟପୁର ଉପଖଣ୍ଡର ଆମ୍ବାଗୁଡ଼ା ଆଇଟିଆଇରେ ଇଲେକ୍ଟ୍ରିସିଆନ କୋର୍ସ କରିଥିଲେ। ପରେ ରାୟଗଡ଼ା କଲେଜରେ ଯୁକ୍ତ ୨ରେ ନାମ ଲେଖାଇଥିଲେ। ସେଠାରେ ସେ ଛାତ୍ର ରାଜନୀତିରେ ପାଦ ଥାପିଥିଲେ। ଛାତ୍ର ଜୀବନରେ ରାଜ୍ୟସ୍ତରୀୟ କବାଡ଼ି ଖେଳି ସୁନାମ ଅର୍ଜନ କରିଥିଲେ। ୧୯୯୦ରେ କ୍ରିକେଟ ପ୍ରତି ତାଙ୍କ ରୁଚି ବଢ଼ିଥିଲା। ଦୀର୍ଘ ସମୟ ଧରି ରାୟଗଡ଼ା କ୍ରିକେଟ କ୍ଲବ ପାଇଁ ଖେଳିଛନ୍ତି। ୨୦୦୦ରେ ସେ ରାଜନୀତିରେ ପ୍ରବେଶ କରି କଂଗ୍ରେସରେ ସକ୍ରିୟ ସଦସ୍ୟ ହୋଇଥିଲେ। ୨୦୦୮ରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ଟାଣୁଆ ନେତା ରାମଚନ୍ଦ୍ର ଉଲ୍ଲାକାଙ୍କ ସହିତ କାର୍ଯ୍ୟ କରିଥିଲେ। ୨୦୦୯ ନିର୍ବାଚନରେ ରାମଚନ୍ଦ୍ର ପରାଜିତ ହୋଇଥିଲେ। ୨୦୦୯ ଓ ୨୦୧୪ରେ କଂଗ୍ରେସ ଖାତା ମଧ୍ୟ ଖୋଲିପାରି ନ ଥିଲା। ୨୦୧୧ରେ ରାମଚନ୍ଦ୍ରଙ୍କ ମୃତ୍ୟୁ ପରେ ଆପଲସ୍ୱାମୀ ଦଳୀୟ ନେତା ଓ କର୍ମୀଙ୍କ ସହ ମିଶି କାମ କରିଥିଲେ। ଫଳରେ ୨୦୧୯ରେ ରାମଚନ୍ଦ୍ର ଉଲ୍ଲାକାଙ୍କ ପୁଅ ସପ୍ତଗିରି ଶଙ୍କର ଉଲ୍ଲାକା ଚାକିରି ଛାଡ଼ି ଆସି କୋରାପୁଟ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବା ବେଳେ ଆପଲସ୍ୱାମୀ ରାୟଗଡ଼ା ବିଧାନସଭା ଆସନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ଏମ୍‌ପି ସପ୍ତଗିରି ବିଜୟୀ ହୋଇଥିଲେ ମଧ୍ୟ ଆପଲସ୍ୱାମୀ ପରାସ୍ତ ହୋଇଥିଲେ। ୨୦୨୨ ପୌର ନିର୍ବାଚନରେ ରାୟଗଡ଼ା ପୌର ପରିଷଦ ଅଧ୍ୟକ୍ଷ ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ ହେଁ ସେ ପରାଜିତ ହୋଇଥିଲେ। ତଥାପି ଧୈର୍ଯ୍ୟ ହରାଇ ନ ଥିଲେ। କୋଭିଡ୍ ସମୟରେ ଲୋକଙ୍କୁ ସହଯୋଗର ହାତ ବଢ଼ାଇଥିଲେ। ୨୦୨୪ ନିର୍ବାଚନରେ ଦଳ ପୁଣି ଆପଲସ୍ୱାମୀଙ୍କ ଉପରେ ଭରସା କରି ରାୟଗଡ଼ା ବିଧାନସଭା ଆସନ ପାଇଁ ତାଙ୍କୁ ଟିକେଟ ଦେଇଥିଲା। ଫଳରେ ସେ ୮୭,୪୮୨ ଖଣ୍ଡ ଭୋଟ ପାଇ ବିଧାୟକ ହୋଇଛନ୍ତି।

**ବିଧାୟକ କହନ୍ତି:**

୨୦୨୪ ନିର୍ବାଚନରେ ଭୋଟର ବିଜେଡିକୁ ଅନେକାଂଶରେ ପ୍ରତ୍ୟାଖ୍ୟାନ କରିଛନ୍ତି। ଭାଜପା ରାଜ୍ୟରେ ସରକାର ଗଠନ କରିଛି। ହେଲେ କଂଗ୍ରେସ ନେତା ତଥା କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ଜନହିତକର କାମ ଦେଖି ରାୟଗଡ଼ା ଜିଲାର ୩ଟି ଆସନରେ କଂଗ୍ରେସକୁ ଭୋଟର ବିଜୟୀ କରାଇଛନ୍ତି ବୋଲି ଆପଲସ୍ୱାମୀ କହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଶୁଦ୍ଧ ପାନୀୟ ଜଳ ଓ ବେକାରି ସମସ୍ୟା ଦୂର କରିବା ପାଇଁ ସେ ପ୍ରୟାସ ଆରମ୍ଭ କରିଛନ୍ତି। ସେ କହିଛନ୍ତି ପୂର୍ବ ସରକାରରେ ୨୪ବର୍ଷ ଧରି ଏସବୁ କ୍ଷେତ୍ରରେ ଉନ୍ନତି ହୋଇନାହିଁ। ଭୋଟର ତାଙ୍କ ଉପରେ ଭରସା କରିଥିବାରୁ ସେମାନଙ୍କ ସମସ୍ୟା ଦୂର କରିବା ପ୍ରଥମ କର୍ତ୍ତବ୍ୟ ବୋଲି ସେ କହିଛନ୍ତି।

**ରିପୋର୍ଟ-ଆଶିଷ ରଞ୍ଜନ ପଣ୍ଡା, ରାୟଗଡ଼ା**

# ଫଳକ ଭଙ୍ଗାର ପ୍ରତିବାଦ କରିବ ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

## ପାଲଲହଡ଼ାରେ ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟକୁ ସମାଲୋଚନା କରି ଆଜି ଥାନା ଘେରିବ

**ପାଲଲହଡ଼ା,୨୮।୧୦ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ାଠାରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ ପୂର୍ବରୁ ରବିବାର ଉଦ୍‌ଘାଟନୀ ଫଳକକୁ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାୟକ ଭାଙ୍ଗିଦେଇଥିଲେ। ଏହି ଘଟଣାକୁ ନେଇ ସୋମବାର ତୀବ୍ର ପ୍ରତିବାଦ କରିଛି ଭାଜପା। ପାଲଲହଡ଼ା ଜାତୀୟ ରାଜପଥ ଡାକବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ମଣ୍ଡଳ ସଭାପତି ପଞ୍ଚାନନ ସାହୁ ବିଜେଡି ନେତ୍ରୀଙ୍କ କାର୍ଯ୍ୟକୁ ନିନ୍ଦା କରିବା ସହ କେତେଜଣ ବିଜେଡି କର୍ମୀ ସ୍ଥାନୀୟ ଭାଜପା କର୍ମୀମାନଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିବା ଅଭିଯୋଗ କରିଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସେ ପୋଲିସ ନିକଟରେ ଦାବି କରିଥିଲେ। ଯଦି ୨୪ ଘଣ୍ଟା ମଧ୍ୟରେ ଫଳକ ଭାଙ୍ଗିଥିବା ଏବଂ ଭାଜପା କର୍ମୀମାନଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଯାଏ, ତେବେ ମଙ୍ଗଳବାର ପାଲଲହଡା ଥାନା ଘେରାଉ କରାଯିବ ବୋଲି ସଭାପତି ସାହୁ ଚେତାବନୀ ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ନେତା ଦେୱାନ ମାଝୀ, ଆଶିଷ ସାମଲ, ହିମାଂଶୁ ନହରା, କାର୍ତ୍ତିକ କୁମାର ସାହୁ, ଯୁବ ନେତା ଶକ୍ତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମନ୍ତ୍ରୀ ନାଏକ ରବିବାର ଦିନିକିଆ ପାଲଲହଡା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଉଦ୍‌ଘାଟନ ହେବାକୁ ଥିବା ପ୍ରକଳ୍ପର ଫଳକଗୁଡ଼ିକରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀଙ୍କ ନାଁ ଉଲ୍ଲେଖ ନ ଥିଲା। ଏହି ଖବରପାଇ ସେ ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ସଦସ୍ୟ ବୁଦ୍ଧୁରାମ ବୋଇପାଇ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏବଂ ଦଳୀୟ କର୍ମୀମାନେ ପ୍ରକଳ୍ପ ଉଦ୍‌ଘାଟନ ସ୍ଥାନରେ ପହଞ୍ଚି ଫଳକଗୁଡିକୁ ଭାଙ୍ଗି ଦେଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି।

# ଏମ୍‌ପିଙ୍କ ମନ୍ତବ୍ୟକୁ ସରପଞ୍ଚ ସଂଘର ନାପସନ୍ଦ

## ପ୍ରତାପ ଷଡ଼ଙ୍ଗୀଙ୍କ ୩୦୦ଟଙ୍କିଆ ମିଲ୍ ମନ୍ତବ୍ୟ ଭାଇରାଲ

**ଜଳେଶ୍ୱର(ନବୀନ ସାହୁ)/ (ରବିନାରାୟଣ ପାତ୍ର),୨୮।୧୦**

ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଲୋକଙ୍କ ପାଇଁ ସରକାରୀ ଖାଦ୍ୟ ବ୍ୟବସ୍ଥାକୁ ନେଇ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମନ୍ତବ୍ୟକୁ ନେଇ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ସରପଞ୍ଚ ସଂଘ ଅସନ୍ତୋଷ ପ୍ରକାଶ କରିଛି। ସୋମବାର ପୂର୍ବାହ୍ନ ୧୧ଟାରେ ସରପଞ୍ଚ ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଏମ୍‌ପିଙ୍କ ମନ୍ତବ୍ୟକୁ ନାପସନ୍ଦ କରାଯାଇଛି। ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷତା କରି ସରପଞ୍ଚ ସଂଘର ଜିଲା ସଭାପତି ଅଜୟ ମହାନ୍ତି କହିଛନ୍ତି, ବାତ୍ୟା 'ଦାନା' ସମୟରେ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ଜଳେଶ୍ୱର ବ୍ଲକରେ ୧୩୫ଟି ବାତ୍ୟା ଆଶ୍ରୟସ୍ଥଳୀ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଦିନ ଲୋକ ପିଛା ୧୦୦ ଟଙ୍କାର ମିଲ୍ ଖର୍ଚ୍ଚ ପାଇଁ ବ୍ୟବସ୍ଥା କରାଯାଇଥିଲା। ବାତ୍ୟା ସମୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏବଂ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବସ୍ତା ବ୍ଲକ ସାହାଡ଼ା ଅଞ୍ଚଳର ଏକ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନରେ ଆସିଥିଲେ। ଏମ୍‌ପି ଷଡ଼ଙ୍ଗୀ ସେଠାରେ ଲୋକଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ପରେ ଏମ୍‌ପିଙ୍କ ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଏହି ଭିଡିଓରେ ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ୩୦୦ ଟଙ୍କିଆ ମିଲ୍ ବ୍ୟବସ୍ଥା ହୋଇଥିବା ଏମ୍‌ପି କହୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଲୋକେ ସେମାନଙ୍କ ପାଇଁ ଆସିଥିବା ୩୦୦ ଟଙ୍କିଆ ମିଲ୍ କୁଆଡ଼େ ଗଲା ବୋଲି ସରପଞ୍ଚମାନଙ୍କୁ ପ୍ରଶ୍ନ କରିଛନ୍ତି। ଏମ୍‌ପିଙ୍କ ଏଭଳି ମତକୁ ନେଇ ସରପଞ୍ଚ ସଂଘ ନାପସନ୍ଦ କରିବା ସହିତ ଏମ୍‌ପି ଏକ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସରପଞ୍ଚ ସଂଘ ଦାବି କରିଛି। ଖବରଦାତା ସମ୍ମିଳନୀରେ ସୁଗ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ପରିଡ଼ା, ବ୍ଲକ୍ ସରପଞ୍ଚ ସଂଘ ସଭାପତି ତଥା ମହମ୍ମଦ ନଗର ପାଟଣା ସରପଞ୍ଚ ଅରୁଣ ସେନାପତିଙ୍କ ସହିତ ଖୁଲୁଡ଼ା ସରପଞ୍ଚ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଏବଂ ସରପଞ୍ଚ ସଂଘ ପ୍ରଭାରୀ ତଥା ବାଇଗଣବାଡ଼ିଆ ସରପଞ୍ଚ ବିଷ୍ଣୁପଦ ପାତ୍ର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସରପଞ୍ଚ ସଂଘର ସଦସ୍ୟମାନେ।

# ବିଜେଡି ମୋ କର୍ମଭୂମି, ନବୀନ ବାବୁ ଆଦର୍ଶ: ଚନ୍ଦ୍ର ସାରଥି

**କଟକ ସଦର,୨୮।୧୦(ସୁଶାନ୍ତ କୁମାର ଜେନା)**

କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା ବିଜୁ ଜନତା ଦଳ(ବିଜେଡି) ଛାଡ଼ି ଭାଜପାର ସଦସ୍ୟତା ଗ୍ରହଣକୁ ନେଇ ଏକ ନକଲି ହ୍ୱାଟ୍ସଆପ୍ ମେସେଜ ନିର୍ଦ୍ଦିଷ୍ଟ ଏକ ଗ୍ରୁପରେ ଭାଇରାଲ ହେବା ଘଟଣାକୁ ନେଇ ବିଭିନ୍ନ ଥାନାରେ ଦଳୀୟ କର୍ମୀ ରବିବାର ଏତଲା ଦେଇଥିଲେ। ଏହି ଅପପ୍ରଚାରକୁ ନେଇ ପୂର୍ବତନ ବିଧାୟକ ବେହେରା ନିଜ ପ୍ରତିକ୍ରିୟା ଦେଇଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ତାଙ୍କ ଓକିଲଙ୍କ ସହ ପରାମର୍ଶ କରିବେ ଓ ବୁଧବାର ସାଇବର ଥାନାରେ ମଧ୍ୟ ନିଜେ ଏତଲା ଦେବେ ବୋଲି ଚନ୍ଦ୍ରସାରଥି କହିଛନ୍ତି। ବିଜୁ ଜନତା ଦଳ ତାଙ୍କର କର୍ମଭୂମି, ନବୀନ ବାବୁ ଆଦର୍ଶ ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ତାଙ୍କ ନାମରେ ଭାଜପାର ଅପପ୍ରଚାରକୁ ସେ ଆଦୌ ବରଦାସ୍ତ କହିବେ ନାହିଁ ବୋଲି କହିଛନ୍ତି। ପୋଲିସ ତୁରନ୍ତ ପଦକ୍ଷେପ ନ ନେଲେ କଟକ ସଦର ନିର୍ବାଚନମଣ୍ଡଳୀର ଜନତା ରାସ୍ତାକୁ ଓହ୍ଲାଇବା ପାଇଁ ପଛାଇବେ ନାହିଁ ବୋଲି ଚନ୍ଦ୍ରସାରଥି ଚେତାବନୀ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ବିଜେଡି କର୍ମକର୍ତ୍ତାମାନେ ରବିବାର ୩ ଥାନା ଅଧିକାରୀଙ୍କୁ ଭେଟି ଏହି ମେସେଜ୍ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଇଙ୍ଗିତରେ କରାଯାଇଛି ବୋଲି ଅଭିଯୋଗ କରିଥିଲେ।

# ଆଶ୍ରୟସ୍ଥଳରେ ମୃତ୍ୟୁ କ'ଣ ବାତ୍ୟାଜନିତ ନୁହେଁ: କଂଗ୍ରେସ

## ବାତ୍ୟା ଅଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ

**ରାଜନଗର, ୨୮।୧୦ (ଭାସ୍କର ରାଉତରାୟ)**



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା।

ବାତ୍ୟା ଦାନା ରାଜନଗର ଅଞ୍ଚଳରେ ବିପର୍ଯ୍ୟୟ ଘଟାଇଛି। ବାତ୍ୟା ଛାଡ଼ିବାର ୪ଦିନ ପରେ ବି ବିପନ୍ନ ଲୋକଙ୍କ ପାଖରେ ରିଲିଫ ପହଞ୍ଚିପାରିଲାନାହିଁ। ବିପନ୍ନ ଲୋକେ ଦୁର୍ଦ୍ଦଶାରେ ଅଛନ୍ତି। ଘର ଭାଙ୍ଗି ପଡ଼ିଥିଲେ ବି ପଲିଥିନଟିଏ ଏଯାଏଁ ମିଳିନାହିଁ। ଆଜି ଯାଏ ଫସଲ ସର୍ଭେ କରାଗଲାନାହିଁ। ବାତ୍ୟା ସମୟରେ ରାଜନଗରରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ମାତ୍ର ସରକାର ଜିରୋ କାଜୁଆଲ୍‌ଟିରେ ବାତ୍ୟା ଶେଷ କରିଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ଯଦି ବାତ୍ୟା ଆଶ୍ରୟସ୍ଥଳରେ ମୃତ୍ୟୁ ହେଉଛି, ତାହା କ'ଣ ବାତ୍ୟାଜନିତ ମୃତ୍ୟୁ ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି କଂଗ୍ରେସ ନେତା ତଥା ବାଲେଶ୍ୱରର ପୂର୍ବତନ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ। ଏଥିସହ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ୧ ନମ୍ବର ବୋଲି ଗଣମାଧ୍ୟମରେ ଶୁଣି ଆସୁଛୁ, କିନ୍ତୁ ଗ୍ରାଉଣ୍ଡ ଜିରୋ ତଥ୍ୟ ସମ୍ପୂର୍ଣ୍ଣ ଭିନ୍ନ। ପ୍ରଶାସନ ତା'ର ଦାୟିତ୍ୱ ଠିକ୍ ଭାବେ ତୁଲାଇ ନ ପାରିବାରୁ ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କର ମୃତ୍ୟୁ ଘଟିଲା। ସରକାର ତୁରନ୍ତ ମୃତକ ପରିବାରକୁ କ୍ଷତିପୂରଣ, ଗୃହପାଳିତ ପ୍ରାଣୀ କଷ୍ଟରେ ଥିବାରୁ ଚିକିତ୍ସା ପାଇଁ ଡାକ୍ତରୀଦଳ ପଠାଇବା ସହ ଗୋଖାଦ୍ୟ, ୭ ଦିନ ପାଇଁ ରିଲିଫ, କୃଷିଋଣ ଛାଡ଼ ଓ ବିପର୍ଯ୍ୟସ୍ତ ରାସ୍ତାଘାଟର ମରାମତି ପାଇଁ ନବଜ୍ୟୋତି ରାଜନଗର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।

ଏହି ସମ୍ମିଳନୀରେ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ ଯୋଗଦେଇ ବାତ୍ୟା ପରିଚାଳନାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଥିଲେ। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକର ମରାମତି ସହ ନୂତନ ନିର୍ମାଣ, ଚାଳଘର ଥିବା ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ତୁରନ୍ତ ଯୋଗାଇ ଦେବାକୁ ଦାବି କରିଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି, ବାତ୍ୟାର ୪ଦିନ ପରେ ବି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନଙ୍କର ବାତ୍ୟା ଅଞ୍ଚଳରେ ଦେଖା ମିଳିଲା ନାହିଁ। ବାତ୍ୟା ଅଞ୍ଚଳରେ ଲୋକଙ୍କ ସମସ୍ୟା ଓ ଦାବି ନେଇ ଜିଲାପାଳଙ୍କୁ ୨ରୁ ୩ ଦିନ ଭିତରେ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ଦାବିପତ୍ର ଦିଆଯିବ। ଦାବି ପୂରଣ ନ ହେଲେ ଆମେ ରାସ୍ତାକୁ ଓହ୍ଲାଇବୁ, ଜିଲାପାଳଙ୍କ ଅଫିସ ଘେରାଉ କରିବୁ ବୋଲି କହିଛନ୍ତି। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପରିଡ଼ା ଯୋଗଦେଇ ବାତ୍ୟା ଯୋଗୁ ଲୋକେ ବିପନ୍ନ ଅବସ୍ଥାରେ ଅଛନ୍ତି। ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସମସ୍ତ ଫି' ଛାଡ଼ କରିବାକୁ ଦାବି କରିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ, କଂଗ୍ରେସ ନେତା ପ୍ରଶାନ୍ତ କୁମାର ରାଉତ, ପୂର୍ବତନ ବ୍ଲକ୍ କଂଗ୍ରେସ କମିଟି ସଭାପତି ଦାମୋଦର ବିଶ୍ୱାଳ, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ପ୍ରମୁଖ ଯୋଗଦେଇଥିଲେ। ବାତ୍ୟାରେ ଅଧିକ ପ୍ରଭାବିତ ହୋଇଥିବା ରଙ୍ଗଣୀ, କେରୁଆଁପାଳ, ବାଘମାରି, ତାଳଚୁଆ, କୃଷ୍ଣନଗର, ଡାଙ୍ଗମାଳ, ଖମାରସାହି ଆଦି ପଞ୍ଚାୟତରେ କଂଗ୍ରେସ ପ୍ରତିନିଧି ଦଳ ପହଞ୍ଚି ବିପନ୍ନ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳ ସହ ଗୌତମ ସ୍ୱାଇଁ, ସୁଶୀଲ ପ୍ରଧାନ, ବିକାଶ ସେଠୀ, ସଞ୍ଜୟ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମନସ୍ୱୀ
ପରିବାରବର୍ଗ


ରାଜଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଆଇଟିଟିରେ ରାଜ୍ୟର ୭୧,୭୦୨ ଛାତ୍ରୀଛାତ୍ର କୃତକାର୍ଯ୍ୟ

## କୌଶଳ ଦୀକ୍ଷାନ୍ତ ସମାରୋହରେ ଉତ୍ସାହିତ କଲେ ମନ୍ତ୍ରୀ

ଭୁବନେଶ୍ୱର,୨୮।୧୦
(ଅନୁରାଧା ମହାରଣା)

ଚଳିତବର୍ଷ ଅଲ୍ ଇଣ୍ଡିଆ ଟ୍ରେଡ୍ ଟେଷ୍ଟ (ଏଆଇଟିଟି)ରେ ସାରା ଦେଶରୁ ୧୯ ଲକ୍ଷରୁ ଅଧିକ ଆଇଟିଆଇ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଓଡ଼ିଶାରୁ ୮୦,୦୭୨ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବାବେଳେ ୯୦ ପ୍ରତିଶତ ଅର୍ଥାତ୍ ୭୧,୭୦୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ନିମନ୍ତେ ସୋମବାର କୌଶଳ ଦୀକ୍ଷାନ୍ତ ସମାରୋହ ଏସ୍‌ସିଟିଇଭିଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ। ମନ୍ତ୍ରୀ କହିଲେ, ସ୍କିଲଡ୍ ଇନ୍ ଓଡ଼ିଶା ଯୁବଶକ୍ତି କଠିନ ପରିଶ୍ରମ, ସଂକଳ୍ପ ଏବଂ କୌଶଳ ଦ୍ୱାରା ରାଜ୍ୟର



ଏଆଇଟିଟିରେ କୃତୀ ଛାତ୍ରୀଛାତ୍ରଙ୍କ ସହ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଅଧିକାରୀମାନେ।

ସ୍ୱାଭିମାନକୁ ସ୍ଥାନୀୟ, ଦେଶୀୟ ତଥା ଆନ୍ତର୍ଜାତିକ ମଞ୍ଚରେ ପ୍ରଦର୍ଶିତ କରିବାରେ ସଫଳ ହୋଇଛନ୍ତି। ରାଜ୍ୟରେ ଦକ୍ଷତା ବିକାଶର ପରିବେଶକୁ ଉନ୍ନତ କରିବା ପାଇଁ ଏହାକୁ ସ୍ଥାନୀୟ ଭାବରେ ପ୍ରାସଙ୍ଗିକ, ଶିଳ୍ପଚାଳିତ କରାଯିବା ସହ ନିଯୁକ୍ତି ଉପରେ ଧ୍ୟାନ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି। ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା କହିଲେ, ଏହି ସମାରୋହ ସ୍କିଲଡ୍ ଇନ୍ ଓଡ଼ିଶା ଯୁବଶକ୍ତିଙ୍କ ଆତ୍ମନିର୍ଭର ଭାରତ ଏବଂ ଆତ୍ମନିର୍ଭର ଓଡ଼ିଶା ଗଠନ କରିବା ଯାତ୍ରାର ଆରମ୍ଭ । ଏଆଇଟିଟିରେ ଓଡ଼ିଶାର ୫ଜଣ ଉଦୀୟମାନ ଛାତ୍ରୀଛାତ୍ର ଗତ ୨୬ ତାରିଖରେ ଭାରତ ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ସ୍ୱତନ୍ତ୍ର ଆଇଟିଆଇ ପାଇଁ ପିଡବ୍ଲ୍ୟୁଡି କମ୍ପ୍ୟୁଟର ଅପରେଟର ଏବଂ ପ୍ରୋଗ୍ରାମିଂ ଆସିଷ୍ଟାଣ୍ଟ ପାଠ୍ୟକ୍ରମରେ ତୁଳସୀ ଦାସ, ୱେଲ୍ଡର ପାଠ୍ୟକ୍ରମରେ ସରକାରୀ ଆଇଟିଆଇ ପୁରୀର ଅନସୂୟା ପରିଡା ଓ ରାକେଶ ବେହେରା, ଇଲେକ୍ଟ୍ରିସିଆନ୍‌ରେ ସରକାରୀ ଆଇଟିଆଇ ପୁରୀର ଜିକିରିଆ ଖାନ୍ ଓ ମେକାନିକ୍ ମୋଟର ଭେହିକଲ୍‌ରେ ସରକାରୀ ଆଇଟିଆଇର ଚନ୍ଦନ ପ୍ରଧାନ। ଏଥିସହ ୪୬ଜଣ ଜାତୀୟ ଓ ୬୮ ରାଜ୍ୟସ୍ତରୀୟ ଟପ୍ପରମାନଙ୍କୁ ସମ୍ମାନିତ କରାଯାଇଥିଲା। ସରକାରୀ ଆଇଟିଆଇ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର ଓ ତାକତପୁର ପରି ଅନୁଷ୍ଠାନଗୁଡିକ ବିଭିନ୍ନ କ୍ଷେତ୍ରରେ ଏହି ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବାଲେଶ୍ୱର ଓ ବ୍ରହ୍ମପୁରରୁ ୯ଟି, ଭୁବନେଶ୍ୱରରୁ ୮ଟି ଏବଂ ତାକତପୁରରୁ ୫ଟି ଟ୍ରେଡ୍‌ର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ବୋଲି ସେ କହିଥିଲେ। ଅତିରିକ୍ତ ଶାସନ ସଚିବ ପିନାକୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ପରିତ୍ୟକ୍ତ କୂଅରେ ପଡ଼ିଲେ ୨୬ ବାର୍‌ହା

କେନ୍ଦୁଝର,୨୮।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)


ପରିତ୍ୟକ୍ତ କୂଅରେ ପଡ଼ିଥିବା ବାର୍‌ହା ପଲ।

କେନ୍ଦୁଝର ଜିଲାର ଜଙ୍ଗଲରେ ଖାଦ୍ୟ ଅଭାବରୁ ବନ୍ୟପ୍ରାଣୀ ଜନବସତି ମୁହାଁ ହେଉଛନ୍ତି। ଅନେକ ସମୟରେ ଜନବସତିରେ ପଶି ବ୍ୟାପକ କ୍ଷତି କରୁଥିବା ବେଳେ ବନ୍ୟପ୍ରଣୀ ମଧ୍ୟ ବିପଦରେ ପଡୁଛନ୍ତି। ଏଭଳି ଏକ ରୋଚକ ଦୃଶ୍ୟ ସଦର ରେଞ୍ଜ ଅନ୍ତର୍ଗତ ଜୁଙ୍ଗା ପଞ୍ଚାୟତର ହାଣ୍ଡିଭଙ୍ଗା ଗ୍ରାମରେ ଦେଖିବାକୁ ମିଳିଛି। ୨୬ରୁ ଊର୍ଦ୍ଧ୍ୱ ବାର୍‌ହା ଖାଦ୍ୟ ଅନ୍ୱେଷଣରେ ଆସି ଗାଁ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ବାର୍‌ହା ପଲଙ୍କୁ ଉଦ୍ଧାର କରିଥିଲେ।

ପ୍ରକାଶ ଯେ, ସୋମବାର ଭୋର ସମୟରେ ଖାଦ୍ୟ ଅନ୍ୱେଷଣରେ ଆସି ବାର୍‌ହା ପଲ ହାଣ୍ଡିଭଙ୍ଗା ଗ୍ରାମର କିଷାନ ସାହିରେ ଏକ ସରକାରୀ ପରିତ୍ୟକ୍ତ କୂଅରେ ଖସି ପଡ଼ିଥିଲେ। ପଲରେ ଛୋଟ ବଡ଼ ମିଶାଇ ୨୬ରୁ ଊର୍ଦ୍ଧ୍ୱ ବାର୍‌ହା ଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ସଦର ରେଞ୍ଜ ଅଧିକାରୀ ଅଜିତ୍ ଦାସ, ନରଣପୁର ଫରେଷ୍ଟର କାଳନ୍ଦୀ ସାମଲଙ୍କ ସମେତ ରେସ୍କ୍ୟୁ ଟିମ୍ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମେଶିନ ଦ୍ୱାରା ମାଟି କାଟି ବାର୍‌ହା ପଲଙ୍କୁ ଉଦ୍ଧାର କରିଥିଲେ। କୂଅରେ ଗୋଟିଏ ମାଇ ବାର୍‌ହାର ମୃତ୍ୟୁ ଘଟିଥିବା ବେଳେ ବାକି ଜଙ୍ଗଲକୁ ପଳାଇଥିବା ଫରେଷ୍ଟର ସାମଲ ସୂଚନା ଦେଇଛନ୍ତି। ଏହି ବାର୍‌ହା ପଡ଼ିଥିବା ଖବର ପାଇ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ରେଞ୍ଜ ଅଧିକାରୀ ଦାସ କହିଛନ୍ତି, ଖାଦ୍ୟ ଅନ୍ୱେଷଣରେ ଆସି ବାର୍‌ହା ପଲ କୂଅରେ ପଡ଼ିଯାଇଥିଲେ। ଉଦ୍ଧାର ପରେ ଖଜୁରିବାଣୀ ସଂରକ୍ଷିତ ଜଙ୍ଗଲକୁ ପଳାଇଛନ୍ତି।

# ପୋଖରୀ କୂଳରୁ ନବଜାତକ ଉଦ୍ଧାର

## ଅଲୋଡ଼ା ହେଲା ଶିଶୁକନ୍ୟା

ପାଟଣା,୨୮।୧୦
(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ଧାନବେଣୀ ସାହିରେ ଶିଶୁ କନ୍ୟାକୁ ଅଲୋଡ଼ାକରି ଫିଙ୍ଗିଦେଇଥିବା ଦେଖିବାକୁ ମିଳିଛି। ଧାନବେଣୀ ସାହି ଶିଶୁ ବିଦ୍ୟାମନ୍ଦିର ପଛ ପଟରେ ଥିବା ଏକ ମୋରମ ଗାଡ଼ିଆ(ପୋଖରୀ)କୂଳରୁ ବ୍ୟାଗ୍ ଭିତରୁ ସୋମବାର ଶିଶୁ କନ୍ୟାଙ୍କୁ ଉଦ୍ଧାର କରାଯାଇଛି। ଶିଶୁକନ୍ୟାଟି ୭ରୁ ୧୦ ଦିନର ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ନିମନ୍ତେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଗ୍ରାମର ଗୁରୁବାରୀ ମୁଣ୍ଡା ଶୌଚହେବାକୁ ଯାଇଥିବା ବେଳେ କାନ୍ଦ ଶୁଣିଥିଲେ। ବ୍ୟାଗ୍‌ରୁ ଶିଶୁଙ୍କୁ ଉଦ୍ଧାରକରି ଘରକୁ ଆଣିଥିଲେ। ଗ୍ରାମର ଡାଳିମ୍ବ ମୁଣ୍ଡା ଗୁରୁବାରୀଙ୍କ ଘରେ ପହଞ୍ଚି ପ୍ରାଥମିକ ଶୁଶ୍ରୂଷା କରି ତୁରୁମୁଙ୍ଗା ପୋଲିସକୁ ଖବର ଦେଇଥିଲେ। ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସଦଳବଳ ପହଞ୍ଚି ଶିଶୁ କନ୍ୟାକୁ ଉଦ୍ଧାରକରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିଶୁ କନ୍ୟାଟି ୭ରୁ ୧୦ ଦିନର ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ପୋଲିସ ସିଡବ୍ଲ୍ୟୁସିକୁ ଶିଶୁକନ୍ୟାଙ୍କୁ ହସ୍ତାନ୍ତରକରି ତଦନ୍ତ ଆରମ୍ଭ କରିଛି। ଶିଶୁ କନ୍ୟାର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ଅନ୍ୟ ଅଞ୍ଚଳର କେହି ଶିଶୁକନ୍ୟାକୁ ସେଠାରେ ଛାଡ଼ି ଚାଲିଯାଇଥିବା ଆଲୋଚନା ହେଉଛି। ତେବେ ଶିଶୁକନ୍ୟାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ।


ଗ୍ରାମର ମହିଳା ଶିଶୁଙ୍କୁ ଧରିଛନ୍ତି।


## ନିରୁଦ୍ଦିଷ୍ଟ



ନାମ: ହରି ବେହେରା, ବୟସ-୮୫, ଭୁବନେଶ୍ୱର ଲକ୍ଷ୍ମୀସାଗର, ଡାଲଖାଇବସ୍ତି। ଗତ ୧୬।୧୦।୨୦୨୪ରେ ସନ୍ଧ୍ୟା ୬ ଘଟିକା ସମୟରେ ଘରୁ ବାହାରି ଚାଲି ଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। Mob- 9777431014, 9861713799. D-1789


# ଚତୁର୍ଥ ଶିଳ୍ପ ବିପ୍ଳବରେ ବିଶ୍ୱ କଲ୍ୟାଣର ନେତୃତ୍ୱ ନେବ ଭାରତ: ଧର୍ମେନ୍ଦ୍ର



## ଆଇଆଇଟି, ବିଏଚ୍‌ୟୁର ୧୩ତମ ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦
(ସୁନିତ୍ ମିଶ୍ର)

ଏକବିଂଶ ଶତାବ୍ଦୀ ଭାରତର ଶତାବ୍ଦୀ। ଚତୁର୍ଥ ଶିଳ୍ପ ବିପ୍ଳବ ସମୟରେ ଭାରତ ପାଖରେ ଦୁନିଆର ଲୋକକଲ୍ୟାଣର ନେତୃତ୍ୱ ନେବା ପାଇଁ ଏକ ଅଭୂତପୂର୍ବ ସୁଯୋଗ ରହିଛି। ଏ ଦିଗରେ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜର ବଡ଼ ଦାୟିତ୍ୱ ନିର୍ବାହ କରିବେ ବୋଲି ଏହି ଶିକ୍ଷାନୁଷ୍ଠାନର ୧୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ସମାବର୍ତ୍ତନ ସମାରୋହ ଜୀବନର ଏକ ଅନନ୍ୟ ମୁହୂର୍ତ୍ତ। ବାରାଣସୀସ୍ଥିତ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସାମିଲ ହେବା ସୌଭାଗ୍ୟର ବିଷୟ। ସମ୍ମାନ, ଡିଗ୍ରୀ ଏବଂ ପଦକଧାରୀ ବିଦ୍ୟାର୍ଥୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ବହୁତ ଭାଗ୍ୟବାନ୍। ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଦ୍ୱାରା ଏହି ପବିତ୍ର ସ୍ଥାନରୁ ଆରମ୍ଭ ହୋଇଥିବା ଶିକ୍ଷା ଯଜ୍ଞରୁ ଉତ୍ପନ୍ନ ହୋଇଥିବା ଛାତ୍ରୀଛାତ୍ରମାନେ ଜଣେ ଜଣେ ଅମୃତ ସଦୃଶ। କାଶୀ ଦୁନିଆର ସ୍ୱଳ୍ପ କିଛି ଜୀବନ୍ତ ସହର ମଧ୍ୟରୁ ଅନ୍ୟତମ। କାଶୀ ହେଉଛି ଭାରତର ଦର୍ଶନଶାସ୍ତ୍ର ତଥା ପାଲି, ପ୍ରାକୃତ, ସଂସ୍କୃତ ଏବଂ ତାମିଲ ଭଳି ପୁରାତନ ଭାଷାର ସଙ୍ଗମ। କାଶୀ ଭଳି ଏକ ଜୀବନ୍ତ ସଭ୍ୟତା ସହ ଯୋଡ଼ି ହେବା ଏକ ବଡ଼ ସୌଭାଗ୍ୟର ବିଷୟ। ଅନେକ ମହାପୁରୁଷ କାଶୀକୁ ଆସିଛନ୍ତି। ଆଜି ମାନ୍ୟତା ହାସଲ କରିଥିବା ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ସେହି ମହାପୁରୁଷଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ପ୍ରତିଭାସମ୍ପନ୍ନ ଛାତ୍ରୀଛାତ୍ରମାନେ ଚାକିରି କରିବା ଅପେକ୍ଷା ଅନେକଙ୍କୁ ଚାକିରି ଦେବା ଦିଶାରେ କାର୍ଯ୍ୟ କରିବେ ବୋଲି ବିଶ୍ୱାସ ରହିଛି। ଆସନ୍ତା ୨୫ ବର୍ଷ ଭାରତର ପ୍ରଗତିର ସୁବର୍ଣ୍ଣ ସମୟ ହେବ। ବିଶ୍ୱର ଏକ ନମ୍ବର ଅର୍ଥନୀତିରେ ପରିଣତ ହେବା ଆମ ଦେଶର ଭାଗ୍ୟରେ ଲେଖାଯାଇଛି। ସମଗ୍ର ବିଶ୍ୱ ଆଜି ଭାରତକୁ ବହୁତ ଆଶାର ସହ ଦେଖୁଛି ବୋଲି ସେ କହିଛନ୍ତି।

# ମାଙ୍କଡ଼ ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ଗୁରୁତର

## ଗାଁରେ ପହଞ୍ଚିଲା ବନ ବିଭାଗ ଟିମ୍

ବାଲିଆପାଳ,୨୮।୧୦
(ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ଶିଂଲା ଥାନା ଅନ୍ତର୍ଗତ ରଘୁନାଥପୁର ପଞ୍ଚାୟତରେ ମାଙ୍କଡ଼ ଆତଙ୍କ ଦେଖାଦେଇଛି। ଗତ କିଛିଦିନ ହେଲା ୫୦ରୁ ଊର୍ଦ୍ଧ୍ୱ ମାଙ୍କଡ଼ ଗାଁ ଭିତରେ ପଶି ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛନ୍ତି। ଏହି ମାଙ୍କଡ଼ ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ଲୋକ ଗୁରୁତର ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ରଘୁନାଥପୁର ପଞ୍ଚାୟତର ସାନଅସ୍ତ୍ରୀ, କୁକୁଡ଼ି, ମଠକୁକୁଡ଼ି ଓ ପାଳସାହି ପ୍ରଭୃତି ଗାଁରେ ମାଙ୍କଡ଼ପଲ ଆତଙ୍କ ଖେଳାଇଛନ୍ତି। ଲୋକେ ମାଙ୍କଡ଼ ଭୟରେ କାମ ଧନ୍ଦା କରିବାକୁ ଯାଇ ପାରୁ ନ ଥିବା ବେଳେ ପିଲାମାନେ ପାଠ ପଢ଼ିବା ପାଇଁ ମଧ୍ୟ ଘରୁ ବାହାରକୁ ଯାଇ ପାରୁ ନାହାନ୍ତି। ଯଦି କୌଣସି ଜରୁରୀ କାମ କିମ୍ବା ହାଟ ବଜାରକୁ ଯିବାକୁ ପଡୁଛି, ତାହାଲେ ହାତରେ ଠେଙ୍ଗା ଲାଠି ଧରି ଗ୍ରାମବାସୀ ମିଳିତ ହୋଇ ବାହାରୁଥିବା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ମାଙ୍କଡ ପଲ ଭିତରେ କିଛି ପାଗଳ ମାଙ୍କଡ଼ ଅଛନ୍ତି। ସେମାନେ ଗୋଡ଼ାଇ ଗୋଡ଼ାଇ ଲୋକଙ୍କୁ କାମୁଡୁଛନ୍ତି। କିଛି ଗ୍ରାମବାସୀ ଗୁରୁତର ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ କଟକ ଏବଂ ଭୁବନେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ବନ ବିଭାଗ ଟିମ୍ ଗାଁରେ ପହଞ୍ଚି ମାଙ୍କଡ଼ଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତୁରନ୍ତ ଏହି ମାଙ୍କଡ଼ ପଲଙ୍କୁ କାବୁ କରି ଅନ୍ୟତ୍ର ଛାଡ଼ିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଯୁବ କର୍ମଚାରୀ ମୃତ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଓଡ଼ାପଡ଼ା, ୨୮।୧୦ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ବିଦ୍ୟୁତ୍ ସେକ୍ସନର ଯୁବ କର୍ମଚାରୀ ସ୍ନେହଦତ୍ତ ପରିଡ଼ା (୨୧)ଙ୍କ ସୋମବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସକାଳ ୮ଟା ୪୦ରେ ସେ ଲାଇନମ୍ୟାନ ଜିତେନ୍ଦ୍ର କୁମାର ପୃଷ୍ଟିଙ୍କ ସହିତ ଗୁଡିଆକାଟେଣି ଛକ ନିକଟରେ ମରାମତି କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ତାଙ୍କୁ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ସ୍ନେହଦତ୍ତଙ୍କୁ ଡାକ୍ତରଖାନା ନେଇଥିବା ବ୍ୟକ୍ତିମାନେ ସେଠାରୁ ପଳାଇଯାଇଥିବାରୁ ଏବଂ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ଡାକ୍ତରଖାନା ନ ଆସିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ମୃତଦେହ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ୫୫ ନଂ. ଜାତୀୟରାଜପଥରେ ରଖି ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଖବରପାଇ ହିନ୍ଦୋଳ ରୋଡ୍ ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ଶୁଣି ନ ଥିଲେ। ପରେ ଢେଙ୍କାନାଳ ଉପଜିଲାପାଳ ବିଭୁଧ ଗଡ଼ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂର୍ଯ୍ୟମଣି ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀ ପହଞ୍ଚି ହିନ୍ଦୋଳ ରୋଡ୍ ଫାଣ୍ଡିରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରାଣ ହରାଇଥିବା କର୍ମଚାରୀଙ୍କ ପରିବାରବର୍ଗଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ଆନ୍ଦୋଳନରୁ ଓହରି ଯାଇଥିଲେ। ଏ ସମ୍ପର୍କରେ ଉପଜିଲାପାଳ ଗଡ଼ନାୟକ କହିଛନ୍ତି, ମୃତକଙ୍କ ପରିବାରକୁ ରେଡକ୍ରସ୍‌ରୁ ୧୦ ହଜାର ଟଙ୍କା ଦିଆଯାଇଛି। କମ୍ପାନୀ ପକ୍ଷରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥିସହ ଇପିଏଫ୍‌ରେ ଥିବା ଅର୍ଥ ପ୍ରଦାନ କରାଯିବ। ଘଟଣାର ତଦନ୍ତ କରାଯିବ।

# ବିସ୍ଫୋରକ ସାମଗ୍ରୀ ସହ ୨ ମାଓବାଦୀ ଗିରଫ

ମାଲକାନଗିରି,୨୮।୧୦
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା କେରଲାପାଲ ଥାନା ଅଞ୍ଚଳରେ ସୋମବାର ୨ ମାଓବାଦୀ ଗିରଫ ହେବା ସହ ସେମାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ସେମାନେ ହେଲେ କାୱାସୀ ହିଡମା(୨୧), ଭଞ୍ଜାମ ଦେବା (୩୦)। ଉଭୟେ ମିଲିସିଆ ସଦସ୍ୟ। ଏମାନେ ସଂଗଠନରେ ସକ୍ରିୟ ରହି କାମ କରୁଥିବା ସୁକ୍‌ମା ପୋଲିସଠାରୁ ସୂଚନା ମିଳିଛି।

ଛତିଶଗଡ଼ର ସୁକ୍‌ମା ଜିଲାରେ ମାଓବାଦୀ ଦମନ ଅଭିଯାନ ଚାଲିଥିବା ବେଳେ କିଛି ସନ୍ଦିଗ୍ଧ ବ୍ୟକ୍ତି କେରଲାପାଲ ଅନ୍ତର୍ଗତ ସାମସେଟୀକୁ ଜଙ୍ଗଲ ନିକଟରେ ବୁଲୁଥିଲେ। ଏହି ଖବର କେରଲାପାଲ ପୋଲିସ ଥାନାରୁ ଡିଆର୍‌ଜି ଏବଂ ବସ୍ତର ଫାଇଟର୍ସର ଏକ ଦଳ ଉକ୍ତ ଅଞ୍ଚଳକୁ ଯାଇ ଘେରାବନ୍ଦୀକରି ସେମାନଙ୍କୁ କାବୁ କରିଥିଲେ। ତେବେ ଜେରାବେଳେ ସେମାନଙ୍କଠାରୁ ଏକ ବ୍ୟାଗ୍‌ରେ ବିସ୍ଫୋରକ ସାମଗ୍ରୀ ପାଇଥିଲେ। ପରେ ଏମାନଙ୍କୁ ପଚରାଉଚରା କରିବାରୁ ମାଓବାଦୀ ବୋଲି ସ୍ୱୀକାର କରିବାରୁ ତାଙ୍କୁ ଗିରଫ କରାଯାଇଥିଲା।


# Classified Everyday 0674-2580101, 2549949


REAL ESTATE
SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରତାରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-76201

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

G+2 Storied building near National Highway, opposite Hyundai Showroom, Uttara, Bhubaneswar for 1.5 crores. Call-8917520527. D-1792

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965. D-1791

Duplex sale at Bhubaneswar and apartment Kalinganagar DAV School- 9777433701. D-76202

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-1793

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


CONSTRUCTION

Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469. D-76203

AFFIDAVIT

By virtue of an affidavit sworn before Executive Magistrate, Balasore, dated 28.10.2024. I Puspita Behera (25 yrs), D/o- Laxmidhar Behera, Address- At/ P.o./via- Pratappur, P.s.- Baliapal, Dist.-Balasore, Pin- 756083 declare that I have changed my name Puspita Pradhan to Puspita Behera. Henceforth, I shall be known as Puspita Behera for all purposes. D-1795

(Ph.D) ଲାଭ



କେନ୍ଦ୍ରାପଡ଼ାର (ଜୟଚନ୍ଦ୍ରପୁର) ମେଧାବୀ ଗବେଷକ ଡଃ ଦେବଦତ୍ତ ମହାପାତ୍ର ଆଇ.ଆଇ.ଟି (ବି.ଏଚ୍.ୟୁ)ର ୧୩ତମ ଦିକ୍ଷାନ୍ତ ସଭାରେ ଡକ୍ଟରେଟ୍ ସମ୍ମାନ ପ୍ରାପ୍ତି କରିଛନ୍ତି। ଡଃ ଦେବଦତ୍ତ ମହାପାତ୍ର ତାଙ୍କ ପି.ଏଚ୍.ଡି କାର୍ଯ୍ୟ ଆଇ.ଆଇ.ଟି (ବି.ଏଚ୍.ୟୁ)ର ଫାର୍ମାସ୍ୟୁଟିକାଲ୍ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରୋଫେସର. ଡଃ. ଅଲେଖ ନୀରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ସଫଳତାର ସହିତ ସମ୍ପୂର୍ଣ୍ଣ କରିଥିଲେ। ତାଙ୍କର ଗବେଷଣାର ମୁଖ୍ୟ କ୍ଷେତ୍ର ଥିଲା ଉଦ୍ଭିଦ ଭିତ୍ତିକ ଔଷଧ ଦ୍ୱାରା ଚର୍ମ କ୍ୟାନ୍ସରର ଚିକିତ୍ସା। ସେ ଏକ ନାନୋମେଡିସିନ ବିଶିଷ୍ଟ ମୌଖିକ ଔଷଧ ଓ ଜେଲ୍ ଉଦ୍ଭାବନ କରିଥିଲେ, ଯାହା ଚର୍ମ କ୍ୟାନ୍ସର ଚିକିତ୍ସାରେ ଏକ ନୂତନ ପଦକ୍ଷେପ ଭାବେ ଗଣାଯାଏ। ତାଙ୍କର ଗବେଷଣା କାର୍ଯ୍ୟ ବିଭିନ୍ନ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ କରି ବଶ୍ୱବ୍ୟାପୀ ମାନ୍ୟତା ପାଇଛନ୍ତି ଯାହାକି ଔଷଧ କ୍ଷେତ୍ରର ଗବେଷଣାରେ ଦୃଢ ସମର୍ପଣକୁ ପ୍ରତିପାଦନ କରେ। ବର୍ତ୍ତମାନ ଡଃ ମହାପାତ୍ର କାନାଡାର ପ୍ରସିଦ୍ଧ ଟୋରଣ୍ଟୋ ବିଶ୍ୱବିଦ୍ୟାଳୟରେ ପୋଷ୍ଟଡକ୍ଟରାଲ ରିଷ୍ଟର ଭାବେ ତାଙ୍କର ଶୋଧ କାର୍ଯ୍ୟ ଜାରି ରଖିଛନ୍ତି। ଏହି ସଫଳତା ତାଙ୍କ ନିଜ ଜନ୍ମଭୂମି ଓଡିଶା ସହ ସାରା ଦେଶ ପାଇଁ ଗର୍ବର ଏକ ଅବସର।
ଧ-୧୭୯୦

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫ୍ୟାଶନ୍

# ମଲ୍ଟିକଲର ଆଉଟ୍‌ଫିଟ୍ ଫ୍ୟାଶନ

ବର୍ତ୍ତମାନ ଅଧିକାଂଶ ମହିଳା ମଲ୍ଟିକଲର ଆଉଟ୍‌ଫିଟ୍ ଅଧିକ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ ଶାଢ଼ିଠୁ ଆରମ୍ଭକରି ବିଭିନ୍ନ ଡିଜାଇନର ଡ୍ରେସ୍ ଏମିତିକି ମଲ୍ଟିକଲର ପ୍ୟାଣ୍ଟ ମଧ୍ୟ ମାର୍କେଟରେ ଉପଲବ୍ଧ। ତା'ସହ କଲରଫୁଲ୍ ମ୍ୟାଚିଂ ଜୁଏଲେରି, ଫୁଟ୍‌ୱେର ଏବଂ ଅନ୍ୟାନ୍ୟ ଆସେସରିଜ୍ ବି ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡ ପାଲଟିଛି...



- ବର୍ତ୍ତମାନ ମଲ୍ଟିକଲର କିମ୍ବା ରେନ୍‌ବୋ ଶାଢ଼ି ସହ ସିଙ୍ଗଲ କଲର ବ୍ଲାଉଜ୍ ଅଧିକାଂଶ ମହିଳାଙ୍କ ପ୍ରଥମ ପସନ୍ଦ ପାଲଟିଛି। ବିଶେଷକରି ପିଓର୍ ସିଫନ୍, ଜର୍ଜେଟ୍ ସିଫନ୍, ଅର୍ଗାଞ୍ଜା ଫାର୍ବିକ୍‌ର ମଲ୍ଟିକଲର ଶାଢ଼ି ଉଭୟ ମାର୍କେଟ୍ ଏବଂ ଅନ୍‌ଲାଇନରେ ବେଶି ଡିମାଣ୍ଡରେ ରହୁଛି।
- ଫୁଲ୍‌ହ୍ୟାଣ୍ଡ ଅମ୍ବ୍ରେଲାକଟ୍ ମଲ୍ଟିକଲର ସିଫନ୍ ଚୁଡ଼ିଦାର ଏବଂ ଲଙ୍ଗ୍ ଗାଉନ୍ ଏବେ ଅଧିକାଂଶଙ୍କ ପାଇଁ ଫ୍ୟାଶନ ଷ୍ଟେଟ୍‌ମେଣ୍ଟ ପାଲଟିଛି।
- ଡିଜାଇନର ସିଙ୍ଗ୍‌ଲ କଲର ଟପ୍ସ ସହିତ ମଲ୍ଟିକଲର ସ୍କର୍ଟ ବର୍ତ୍ତମାନ ଖୁବ୍ ଡିମାଣ୍ଡରେ ଅଛି। ବିଶେଷକରି ଲଙ୍ଗ୍ ଅମ୍ବ୍ରେଲା ମଲ୍ଟିକଲର ସ୍କଟ୍ ନା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁଛି ବରଂ ଯେକୌଣସି କଲରର ଟପ୍ସ ସହିତ ଏହାକୁ ପେୟାର କଲେ ଫ୍ୟାଶନେବଲ ଲାଗୁଛି।
- ସେହିପରି ଅନେକେ ଆଇକ୍ୟାଚି ଲୁକ୍ ପାଇଁ ବ୍ଲାକ୍, ହ୍ୱାଇଟ୍, ୟେଲୋ ଭଳି ପ୍ଲେନ୍ କଲର କୁର୍ତ୍ତି ବା ଡ୍ରେସ୍ ସହିତ ମଲ୍ଟିକଲର ଦୁପଟା ବିଶେଷକରି ରେନ୍‌ବୋ ଦୁପଟା ଏବଂ ଷ୍ଟୋଲ୍ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।
- ମଲ୍ଟିକଲର କଲରର ଇୟରିଂ ହୁପ୍ସ, ନେକ୍‌ଲେସ୍, ଚୁଡ଼ି, ବ୍ୟାଗ୍, କ୍ଲଚ୍ ଏବଂ ଜୋତା ଆଦି ବ୍ୟବହାର କରୁଥିବା ମଧ୍ୟ ଦେଖିବାକୁ ମିଳୁଛି।

# ଏସବୁ ଫ୍ରିଜ୍‌ରେ ରଖିବା ମନା

**ଆଳୁ:** ଆଳୁକୁ ଫ୍ରିଜ୍‌ରେ ଆଦୌ ରଖିବା ଠିକ୍ ନୁହେଁ। କାରଣ ଫ୍ରିଜ୍‌ରେ ରଖିଲେ ଏଥିରେ ଥିବା ପ୍ରାକୃତିକ ଷ୍ଟାର୍ଚ ସୁଗାର ବା ଶର୍କରାରେ ପରିବର୍ତ୍ତିତ ହୋଇଯାଏ। ଏହି ପ୍ରକ୍ରିୟା ଯୋଗୁ ଆଳୁରେ ଏକ୍ରିଲାମାଇଡ୍ ନାମକ ଏକ ରାସାୟନିକ ସୃଷ୍ଟି ହୋଇଥାଏ ଯାହାକି ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ତେଣୁ ଆଳୁକୁ ଫ୍ରିଜ୍ କିମ୍ବା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖନ୍ତୁ ନାହିଁ।

**ପିଆଜ:** ଏହାକୁ ଫ୍ରିଜ୍‌ରେ ରଖିଲେ ଫ୍ରିଜ୍‌ର ଆର୍ଦ୍ରତା ପାଇଁ ଏଥିରେ ଶୀଘ୍ର ଫଙ୍ଗସ୍ ଲାଗି ଖରାପ ହୋଇଯାଏ। ତେଣୁ ଏହାକୁ ଶୁଖିଲା ଓ ଅନ୍ଧାରୁଆ ସ୍ଥାନରେ ରଖିଲେ ଅଧିକ ଦିନ ପର୍ଯ୍ୟନ୍ତ ଭଲ ରହିଥାଏ।

**ଟମାଟୋ:** ଏହାକୁ ରଖିଲେ ତାହା ଧୀରେ ଧୀରେ ପାଚିଥାଏ। ହେଲେ ଫ୍ରିଜ୍‌ରେ ରଖିଲେ ଏହାର ପ୍ରାକୃତିକ ପାଚିବା ପ୍ରକ୍ରିୟା ରୋକିଯାଏ। ଖାଲି ଏତିକି ନୁହେଁ, ଧୀରେ ଧୀରେ ଏହାର ସ୍କିନ୍ ଏବଂ ଭିତର ଝିଲ୍ଲୀ ଖରାପ ହୋଇ ହଳଦିଆ ପଡ଼ିଯାଏ ଏବଂ ଖରାପ ହୋଇଯାଏ। ଯାହାକୁ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ।

**କଫି:** ଅନେକେ ଫ୍ରିଜ୍‌ରେ କଫି ରଖିଥାଆନ୍ତି। ହେଲେ ଫ୍ରିଜ୍‌ରେ ରଖିଲେ ଏହା ପାଖରେ ଥିବା ଅନ୍ୟ ଖାଦ୍ୟ ପଦାର୍ଥର ସୁଗନ୍ଧ ଶୋଷିନେଇଥାଏ। ଏହାର ମଧ୍ୟ ପ୍ରାକୃତିକ ସୁଗନ୍ଧ ଧୀରେ ଧୀରେ ନଷ୍ଟ ହୋଇଯାଇଥାଏ। ଏହାଛଡ଼ା ଡବା ସାମାନ୍ୟ ଖୋଲା ରହିଲେ କଫି ତୁରନ୍ତ ଟାଣ ହୋଇଯାଇଥାଏ।

# ଆନନ୍ଦର ପର୍ବ ନ ଆଣୁ ଦୁଃଖ

ଦିନକ ପରେ ଆଲୋକର ପର୍ବ ଦୀପାବଳି। ସୁନ୍ଦର ସୁନ୍ଦର ରଙ୍ଗୋଲି କରିବା, ରଙ୍ଗିନ୍ ଆଲୋକରେ ଘର ସଜାଇବା, ନୂଆ ନୂଆ ପୋଷାକ ପିନ୍ଧିବା ସହ ପିଠା, ମିଠା ଆଦି ନାନାଦି ବ୍ୟଞ୍ଜନ ଉପହାର ପଡ଼ୋଶୀଙ୍କୁ ଦେବାକୁ ନେଇ ମହିଳାମାନେ ଆରମ୍ଭ କରିଦେଇଛନ୍ତି ପ୍ରସ୍ତୁତି। ତେବେ ଏହାସହ ଫଟୋ ଓ ରିଲ୍ସ ଭିଡିଓ ଶୁଟ୍‌କରି ସୋସିଆଲ ସାଇଟ୍‌ରେ ପୋଷ୍ଟ କରିବାକୁ ଅନେକ ମହିଳା ବେଶ୍ ଉତ୍କଣ୍ଠିତ। ହେଲେ ସାମାନ୍ୟ ଅବହେଳାରୁ ଏହି ଆନନ୍ଦର ପର୍ବ ଯେପରି କୌଣସି ଦୁର୍ଘଟଣାର କାରଣ ନ ସାଜୁ ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ସତର୍କ ରହିବା ଜରୁରୀ।



ଆସିଛି ଆଲୋକର ପର୍ବ। ରଙ୍ଗିନ୍ ଆଲୋକରେ ଘର ସଜାଇବା, ସୁନ୍ଦର ସୁନ୍ଦର ରଙ୍ଗୋଲି କରିବା, ନୂଆ ନୂଆ ପୋଷାକ ପିନ୍ଧିବା, ବିଭିନ୍ନ ଆତସବାଜିର ମଜା ନେବାକୁ ମହିଳାମାନେ ମଧ୍ୟ ବେଶ୍ ଉତ୍କଣ୍ଠିତ। ବିଶେଷକରି ଦୀପ, ବିଭିନ୍ନ ରଙ୍ଗୋଲି ଓ ଭଳିକି ଭଳି ଆଲୋକମାଳା ମଧ୍ୟରେ ଫଟୋ ଓ ଭିଡିଓ ଶୁଟ୍‌କରି ସୋସିଆଲ ସାଇଟ୍‌ରେ ଅପ୍‌ଲୋଡ୍ କରି ଅଧିକ ଲୋକପ୍ରିୟତା ସାଉଁଟିବା ଲାଗି ଅନେକଙ୍କ ମଧ୍ୟ କ୍ରେଜ୍ କହିଲେ ନ ସରେ। ତେବେ ସଭିଙ୍କ ପାଇଁ ବହୁ ପ୍ରତୀକ୍ଷିତ ଏହି ଦିନଟିରେ ଖୁସି ଆଳରେ କରାଯାଉଥିବା ଭିଡିଓ କିମ୍ବା ଫଟୋ ଶୁଟ୍ ବେଳେ ସାମାନ୍ୟ ଅସାବଧାନତା ବି କେବେ କେବେ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହିଦିନ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ।

**ଦୀପଠୁ ଦୂରେଇ ରୁହନ୍ତୁ:** ଦୀପାବଳିରେ ସାଧାରଣତଃ ମହିଳାମାନେ ସୁନ୍ଦର ସୁନ୍ଦର ଶାଢ଼ି, ଲେହେଙ୍ଗା ଭଳି ବିଭିନ୍ନ ହେଭି ଓ ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ପିନ୍ଧିଥାନ୍ତି। ଏଭଳି ପୋଷାକ ସହ ଦୀପ ଧରି ଫଟୋ ଓ ଭିଡିଓ କରିବା ନିଶ୍ଚିତ ଭାବେ ଆକର୍ଷଣୀୟ। ହେଲେ ଗୋଟିଏ ହାତରେ ଦୀପ ଧରିବା କିମ୍ବା ଦୀପ ପାଖେ ଠିଆହୋଇ ଅନ୍ୟ ହାତରେ ମୋବାଇଲ ଧରି ଫଟୋ ଉଠାଇବା ବେଳେ ଶାଢ଼ିର ପଣତ, ଓଢ଼ଣି, ଡ୍ରେସ୍ କିମ୍ବା କେଶ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ। ଏଭଳି କୌଣସି ଫଟୋ କିମ୍ବା ରିଲ୍ସ ଭିଡିଓ କରୁଥିଲେ ଆଉ କାହାକୁ ଫୋନ୍ ଦିଅନ୍ତୁ ଏବଂ ଦୀପ, କ୍ୟାଣ୍ଡେଲ ନିଆଁଠାରୁ ଦୂରରେ ଠିଆ ହୁଅନ୍ତୁ।

**ଲାଇଟ୍‌ର କରେଣ୍ଟ ପ୍ରତି ରୁହନ୍ତୁ ସତର୍କ :** ଦୀପାବଳିରେ ନିଜ ଘରକୁ ସୁନ୍ଦର ଭାବେ ସଜାଇବା ଲାଗି ସମସ୍ତେ କେବଳ ଦୀପ ନୁହେଁ, ଭଳିକି ଭଳି ରଙ୍ଗର ଲିଚୁ ଲାଇଟ୍ ସହ ବିଭିନ୍ନ ପ୍ରକାର କଲରଫୁଲ୍ ଡେକୋରେଟିଭ୍ ଲାଇଟ୍ ବ୍ୟବହାର କରୁଛନ୍ତି। ରାତିରେ ଏହି ଆକର୍ଷଣୀୟ ଆଲୋକ ସଜା ଭିତରେ ଫଟୋ ଆଉ ଭିଡିଓର ଦୃଶ୍ୟ ସତରେ ଅପୂର୍ବ। ହେଲେ ବର୍ତ୍ତମାନ ଅନେକେ ୟୁନିକ୍ ଭିଡିଓ ନିଶାରେ ନିଜ ଦେହରେ, ହାତରେ ଲିଚୁ ଲାଇଟ୍ ଧରି ଭିଡିଓ କରୁଥିବାର ଦେଖିବାକୁ ମିଳୁଛି। ଆଉ ଏଥିପାଇଁ କରେଣ୍ଟ ଲାଗି ଅନେକଙ୍କ ଜୀବନ ବିପଦକୁ ଚାଲିଯାଉଥିବା ଘଟଣା ବି ନଜରକୁ ଆସୁଛି। ମନେରଖନ୍ତୁ, କୌଣସି ଲାଇଟ୍‌କୁ ଧରିବା କିମ୍ବା ତାକୁ ଲାଗି ଠିଆହୋଇ ଫଟୋ ଉଠାଇବାର ଭୁଲ୍ ଆଦୌ କରନ୍ତୁ ନାହିଁ। କାରଣ କୌଣସି ଲିକେଜ୍ ଥିଲେ କିମ୍ବା କେବେ କେବେ ଶର୍ଟ ସର୍କିଟ୍ ହୋଇ କରେଣ୍ଟ ଲାଗିବାର ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ଲିଚୁ କିମ୍ବା ଅନ୍ୟ ଇଲେକ୍ଟ୍ରି ଲାଇଟ୍ ପାଖରେ ଦୀପ କିମ୍ବା କ୍ୟାଣ୍ଡେଲ ଲଗାନ୍ତୁ ନାହିଁ। ନଚେତ୍ ଏହା ନିଆଁ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିବା ଆଶଙ୍କା ରହିଛି।

**ବାଣଠୁ ରଖନ୍ତୁ ଦୂରତା:** ଚକ୍ରି, ଝରଝରି, କୁମ୍ପି, ସ୍କାଏ ଲାମ୍ପ ଭଳି ବାଣ ଫୁଟାଇ ଭିଡିଓ କରିବା ଯେମିତି ଅଧିକାଂଶଙ୍କ ପାଇଁ ଦୀପାବଳି ସେଲିବ୍ରେଶନ୍ ଅଧୁରା। ଏହିଭଳି ରିଲ୍ସ ବର୍ତ୍ତମାନ ଏକ ଟ୍ରେଣ୍ଡ ପାଲଟିଗଲାଣି। ଦୀପାବଳି ପରଦିନ ସଭିଙ୍କ ସୋସିଆଲ ମିଡିଆରେ ଏଭଳି ଅନେକ ଫଟୋ ଏବଂ ଭିଡିଓ ନିଶ୍ଚିତ ଭାବେ ଦେଖିବାକୁ ମିଳୁଛି। ହେଲେ ଏଭଳି ବାଣରୁ ବାହାରୁଥିବା ନିଆଁ ଛିଟିକିପଡ଼ିବା ଯୋଗୁ ପୋଷାକରେ ନିଆଁ ଲାଗି ଅନେକଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବାର ନଜିର ରହିଛି। ତେଣୁ ବାଣ ପାଖକୁ ଯାଆନ୍ତୁ ନାହିଁ। କୌଣସି ସିଲ୍କ, ସିନ୍ଥେଟିକ୍ ପରିବର୍ତ୍ତେ କେବଳ କଟନ ଆଉଟ୍‌ଫିଟ୍ ହିଁ ପିନ୍ଧନ୍ତୁ।

**ଗ୍ରୁପ୍ ଫଟୋଶୁଟ୍ ପଡ଼ିପାରେ ଭାରି:** ଶର୍ଟ୍ସ ବା ରିଲ୍ସର ଏବେ ଟ୍ରେଣ୍ଡ ଚାଲିଛି, ଯେଉଁଥିରେ ଅଧିକାଂଶ ମହିଳା ସବୁଠୁ ବେଶି ଆକ୍ଟିଭ୍ ଥିବା ଦେଖିବାକୁ ମିଳୁଛି। ଏକାଠି ଦୀପ ଧରି ଚାଲିବା, ଏକାଠି ମିଶି ରଙ୍ଗୋଲି ଚାରିପଟେ ଦୀପ ଲଗାଇବା, ଘରେ ଥିବା ଗାର୍ଡେନ୍ କିମ୍ବା ବାଲ୍‌କୋନି ଗଛରେ ଲିଚୁ ଲଗାଇ ଭିଡିଓ କରିବାକୁ ଅନେକେ ଆକୃଷ୍ଟ ହେଉଛନ୍ତି। କେବଳ ଏତିକି ନୁହେଁ, କେହି କେହି ଫନି ରିଆକ୍ସନ ଭିଡିଓ କରିବାକୁ ମିଛରେ ଅନ୍ୟ ଉପରକୁ ଡରାଇବା ଲାଗି ପାଖକୁ ବାଣ ଫିଙ୍ଗିଥା'ନ୍ତି, ହେଲେ ଏଥିରେ ଅନ୍ୟର ଜୀବନ ପ୍ରତି ବିପଦ ରହିଛି। ତେଣୁ ଏପରି କରିବା ଆଦୌ ଠିକ୍ ନୁହେଁ।










ସୌନ୍ଦର୍ଯ୍ୟ

# ଘରେ ନିଅନ୍ତୁ ପାର୍ଲର ଭଳି ମେକ୍‌ଅପ୍

ସୁନ୍ଦର ଦେଖାଯିବାକୁ ପ୍ରତ୍ୟେକ ନାରୀଙ୍କ ଇଚ୍ଛା ଥାଏ। ସେଥିପାଇଁ ସେମାନେ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରସାଧନ ମଧ୍ୟ ବ୍ୟବହାର କରିଥାନ୍ତି। କେହି କେହି ପାର୍ଟି, ଫଙ୍କସନ କିମ୍ବା କୌଣସି ସ୍ପେଶାଲ ଅକେଜନ୍‌ରେ ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ବ୍ୟୁଟି ପାର୍ଲରେ ମେକ୍‌ଅପ୍ ନେବାକୁ ବି ପଛାନ୍ତିନାହିଁ। ହେଲେ ଏହା ଅଧିକ ବ୍ୟୟବହୁଳ। ତେଣୁ ଆପଣ ଚାହିଁଲେ ଘରେ ମଧ୍ୟ ପାର୍ଲର ଭଳି ମେକ୍‌ଅପ୍ ନେଇପାରିବେ...



- ମୁହଁ ଧୋଇବା ପରେ ଟାୱେଲରେ ଟ୍ୟାପ୍ ଡ୍ରାଏ କରିଦିଅନ୍ତୁ। ମୁହଁ ଏବଂ ବେକରେ ମଶ୍ଚରାଇଜର ଲଗାନ୍ତୁ। ମେକ୍‌ଅପ୍ ଅଧିକ ସମୟ ରହିବା ଲାଗି ପ୍ରାଇମର ଲଗାନ୍ତୁ।
- ନିଜ ସ୍କିନ୍ ଟୋନ୍ ଅନୁଯାୟୀ ଫାଉଣ୍ଡେଶନ ବ୍ୟବହାର କରନ୍ତୁ। ଏକ ସ୍ପଞ୍ଜ ସାହାଯ୍ୟରେ ମୁହଁ, ବେକ ଏବଂ କାନ ଉପରେ ଭଲ ଭାବେ ବ୍ଲେଣ୍ଡ କରନ୍ତୁ।
- ଆଖି ତଳେ ଏବଂ ମୁହଁରେ କେଉଁଠି କଳାଦାଗ, ଟ୍ୟାନିଂ ଥିଲେ ଏହା ଉପରେ କନ୍‌ସିଲର ଲଗାନ୍ତୁ। ଏହା ଏକ ଇଭିନ୍‌ଟୋନ୍ ବେସ୍ ଭାବେ କାମ କରିବ। ଆଙ୍ଗୁଠି ଟିପ କିମ୍ବା ଏକ ଛୋଟ ବ୍ରଶ୍ ସାହାଯ୍ୟରେ ଏହାକୁ ଲଗାନ୍ତୁ। ଏହାକୁ ଆଦୌ ନ ଘଷି ଧୀରେ ଧୀରେ ଟ୍ୟାପ୍ କରି ଲଗାନ୍ତୁ ନଚେତ୍ ମେକ୍‌ଅପ୍ ଖରାପ ଦେଖାଯାଇପାରେ।
- ଏହାପରେ ଏକ ଆଇବ୍ରୋ ପେନ୍‌ସିଲ୍ ସାହାଯ୍ୟରେ ଭଲ ଭାବେ ଆଇବ୍ରୋକୁ ଇନର କର୍ନରରୁ ଆଉଟର କର୍ନର ପର୍ଯ୍ୟନ୍ତ ଲଗାନ୍ତୁ। କେଉଁଠି ଅଧିକ ଡାର୍କ ହୋଇଗଲେ ବ୍ରଶ୍ ସାହାଯ୍ୟରେ ହାଲ୍‌କା କରିପାରିବେ।
- ଆଇବ୍ରୋ ମେକ୍‌ଅପ୍ ପରେ ଆଖିପତା ଉପରେ ବ୍ରଶ୍ ସାହାଯ୍ୟରେ ଆଇଶ୍ୟାଡୋ ଲଗାନ୍ତୁ। ହାଲୁକା ମେକ୍‌ଅପ୍ ଆଇ ଲାଇଟ୍ ପିଙ୍କ୍, ବ୍ରୋଞ୍ଜ, କପର୍ ଆଦି କଲର ଭଲ ଲାଗିଥାଏ।
- ବର୍ତ୍ତମାନ ଆଖି ଉପରେ ଆଇଲାଇନର୍ ଲଗାନ୍ତୁ। ହାତ ସ୍ଥିର ରଖି ଲଗାନ୍ତୁ ନ ହେଲେ ପୂରା ମେକ୍‌ଅପ୍ ଖରାପ ଦେଖାଯିବ। ଯଦି ଲିକ୍ୟୁଡ୍ ଲାଇନର ଲଗାଇବାରେ ଅସୁବିଧା ହେଉଛି ତେବେ ପେନ୍‌ସିଲ୍ କିମ୍ବା ସ୍କେଚ୍ ଲାଇନର ଲଗାନ୍ତୁ।
- ଏବେ କାଜଲ ପେନ୍‌ସିଲ୍‌କୁ ଆଖିର ଉଭୟ ପତାରେ ଭଲ ଭାବେ ଲଗାନ୍ତୁ।
- ମସ୍କରା ଲଗାଇ ଆଇ ମେକ୍‌ଅପ୍ କମ୍ପ୍ଲିଟ୍ କରନ୍ତୁ। କାରଣ ଏହା ବିନା ଆଇ ମେକ୍‌ଅପ୍ ଅସମ୍ପୂର୍ଣ୍ଣ ଲାଗିଥାଏ।
- ଏବେ ବ୍ରଶ୍ ସାହାଯ୍ୟରେ ବ୍ଲଶ୍ ନେଇ ଗାଲରୁ କାନ ପର୍ଯ୍ୟନ୍ତ ଧୀରେ ଧୀରେ ବ୍ଲେଣ୍ଡ କରନ୍ତୁ।
- ଶେଷରେ ଦୁଇ ଗାଲ, ନାକ ଉପରେ (ନୋଜ୍ ବ୍ରିଜ୍) ହାଇଲାଇଟର ଲଗାନ୍ତୁ। ନିଜ ପସନ୍ଦ ଅନୁଯାୟୀ ବିନ୍ଦି ଲଗାନ୍ତୁ।
- ମେକ୍‌ଅପ୍‌କୁ ଅଧିକ ସମୟ ରଖିବା ଲାଗି ସେଟିଂ ସ୍ପ୍ରେ ଲଗାନ୍ତୁ। ଶେଷରେ ନିଜ ଡ୍ରେସ୍‌କୁ ସୁଟ୍ କରିବା ଭଳି ମନ ପସନ୍ଦର ହେୟାର ଷ୍ଟାଇଲ୍ କରନ୍ତୁ।



ଖାଦ୍ୟରୁଚି

# ଗ୍ୱାଭା ଜାମ୍

**ଆବଶ୍ୟକ ସାମଗ୍ରୀ:** ପାଚିଲା ପିଜୁଳି ବା ଗ୍ୱାଭା ଅଧା କେଜି, ଚିନି ୧ କପ୍ ଏବଂ ଲେମ୍ବୁରସ ୨ ବଡ଼ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପିଜୁଳିକୁ ଭଲ ଭାବେ ଧୋଇ ଛୋଟ ଛୋଟ କାଟି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡକରି ଭଲ ଭାବେ ଛାଣିଦିଅନ୍ତୁ ଯେପରି ମଞ୍ଜି କିମ୍ବା କୌଣସି ଖଦଡ଼ା ନ ରହେ। ଚୁଲାରେ ନନ୍‌ଷ୍ଟିକ୍ ପ୍ୟାନ୍ ବସାନ୍ତୁ। ସେଥିରେ ୪ କପ୍ ପିଜୁଳି ରସ, ଚିନି ୧ କପ୍ ଏବଂ ଲେମ୍ବୁରସ ୨ ଚାମଚ ପକାଇ ଧୀରେ ଧୀରେ ଗୋଳାନ୍ତୁ। ୨୦-୨୫ ମିନିଟ୍ ପରେ ଏହି ମିଶ୍ରଣ ଧୀରେ ଅଠାଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏହାକୁ ଥଣ୍ଡା କରିବା ପରେ ଏୟାର ଟାଇଟ୍ ବୋତଲରେ ରଖି ଦିଅନ୍ତୁ। ଏହି ଜାମ୍ ସମ୍ପୂର୍ଣ୍ଣ କେମିକାଲ ଫ୍ରି ହୋଇଥିବାରୁ ସ୍ୱାସ୍ଥ୍ୟ ପ୍ରତି ହିତକର। ଏହାକୁ ଆପଣ ଫ୍ରିଜ୍‌ରେ ରଖି ୧୫-୨୦ ଦିନ ପର୍ଯ୍ୟନ୍ତ ଖାଇପାରିବେ।



ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୯/୨୦୨୪ Bhubaneswar, Tuesday, October 29/ 2024



ରାଜ୍ୟସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତାକୁ ସୋମବାର କଟକ ନୂଆପାଟଣାସ୍ଥିତ ମଧୁସୂଦନ ସେତୁ ଉପରେ ପତାକା ଦେଖାଇ ଆଶୀର୍ବାଦ ବେହେରା ଶୁଭାରମ୍ଭ କରୁଛନ୍ତି । (ଫଟୋ: ରାଜକିଶୋର ମହାନ୍ତି)

# ପାକିସ୍ତାନ କୋଚ୍ ପଦବୀରୁ କର୍ଷ୍ଟେନଙ୍କ ଇସ୍ତଫା

**କରାଚୀ, ୨୮।୧୦ (ପି.ଟି.)**



ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସହିତ ମତାନ୍ତର ହେବାରୁ ଦେଶର ହ୍ୱାଇଟ ବଲ୍ କୋଚ୍ ଗ୍ୟାରୀ କର୍ଷ୍ଟେନ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ପିସିବି କର୍ଷ୍ଟେନଙ୍କୁ ୬ମାସ ପୂର୍ବେ ନିଯୁକ୍ତି ଦେଇଥିଲା। ଦକ୍ଷିଣ ଆଫ୍ରିକାର ଏହି ୫୬ ବର୍ଷୀୟଙ୍କ ନେତୃତ୍ୱରେ ଭାରତ ୨୦୧୧ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ହୋଇପାରିଥିଲା। ପିସିବି ତାଙ୍କୁ ଚଳିତବର୍ଷ ଏପ୍ରିଲ ଶେଷରେ ନିଯୁକ୍ତି ଦେଇଥିଲା। କର୍ଷ୍ଟେନଙ୍କ ଇସ୍ତଫାପତ୍ର ଗ୍ରହଣ କରାଯାଇଛି। ଆସନ୍ତା ମାସ ୪ରୁ ପାକିସ୍ତାନ ପୁରୁଷ ଦଳର ଅଷ୍ଟ୍ରେଲିଆ ହ୍ୱାଇଟ୍ ବଲ୍ ଟୁର୍ ପାଇଁ ପିସିବି ତାଙ୍କ ସ୍ଥାନରେ ଜାସନ ଗିଲେସ୍ପିଙ୍କୁ କୋଚ୍ ଭାବେ ନିଯୁକ୍ତି ଦେଇଛି। ରେଡ୍-ବଲ୍ କୋଚ୍ ଗିଲେସ୍ପି କିନ୍ତୁ ସ୍ପଷ୍ଟ କରିଛନ୍ତି ଯେ, ସେ କେବଳ କାମଚଳା ଭାବେ ହ୍ୱାଇଟ୍‌ବଲ ଟୁର୍ ପାଇଁ ରାଜି ହୋଇଛନ୍ତି। ନିୟମିତ ସୀମିତ ଓଭର କୋଚ୍ ହେବାକୁ ତାଙ୍କର ଆଗ୍ରହ ନ ଥିବା କୁଆଡେ ପିସିବିକୁ କହିଛନ୍ତି। ପରେ ଜିମ୍ବାୱେ ଟୁର୍ ଓ ଆଗକୁ ଖେଳାଯିବାକୁ ଥିବା ମ୍ୟାଚଗୁଡ଼ିକ ପାଇଁ କର୍ଷ୍ଟେନଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ମନୋନୀତ କରିବା ଲାଗି ସେ କହିଛନ୍ତି। କର୍ଷ୍ଟେନଙ୍କ ଆକସ୍ମିକ ଇସ୍ତଫା ଉପରେ ପିସିବି ତରଫରୁ କୌଣସି ଟିପ୍ପଣୀ ଦିଆଯାଇନାହିଁ। ତେବେ ରବିବାର ଅଷ୍ଟ୍ରେଲିଆ ଓ ଜିମ୍ବାୱେ ଟୁର୍ ପାଇଁ ହ୍ୱାଇଟ ବଲ୍ ଫର୍ମାଟ ଲାଗି ନୂଆ ଅଧିନାୟକ ମନୋନୟନ ବେଳେ ତାଙ୍କୁ ସାମିଲ କରାଯାଇ ନ ଥିବାରୁ କର୍ଷ୍ଟେନ ଇସ୍ତଫା ଦେଇଥିବା କୁହାଯାଉଛି। ପିସିବି କୋଚ୍‌ମାନଙ୍କଠାରୁ ଦଳ ମନୋନୟନ ଅଧିକାର କରିନେଇଛି। ଏଣିକି କେବଳ ସିଲେକ୍ସନ କମିଟି ଦଳର ଖେଳାଳି ଚୟନ କରିବ। ଖେଳାଳି ଚୟନ ହେଉ ଅବା ଦଳର ଅନ୍ୟାନ୍ୟ ବ୍ୟାପାରରେ ତାଙ୍କଠାରୁ କ୍ଷମତା ପ୍ରତ୍ୟାହାର କରିନିଆଯିବା ପିସିବିର ମନମୁଖି କାର୍ଯ୍ୟ। ଏହାକୁ ସେ ପସନ୍ଦ କରନ୍ତି ନାହିଁ ବୋଲି କର୍ଷ୍ଟେନ ତାଙ୍କ ଇସ୍ତଫା ଦେବା ପୂର୍ବରୁ ଚେୟାରମ୍ୟାନ ମୋହସିନ ନକ୍‌ବୀଙ୍କୁ ସ୍ପଷ୍ଟ କରିଦେଇଥିଲେ।

# ଆନ୍ଧ୍ର ବିପକ୍ଷରେ ଓଡ଼ିଶାର ସହଜ ବିଜୟ

## ସିନିୟର ମହିଳା ଟି୨୦

**ଭୁବନେଶ୍ୱର,୨୮।୧୦(ସରୋଜ ଜେନା)**

ଗୁଜରାଟର ଭଦୋଦରାରେ ଅନୁଷ୍ଠିତ ସିନିୟର ମହିଳା ଟି୨୦ ଚାମ୍ପିୟନଶିପରେ ଓଡ଼ିଶା। ଓଡ଼ିଶା ୩୦ ରନ୍‌ରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ବିଜୟୀ ହୋଇଛି। ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଜବାବରେ ଆନ୍ଧ୍ର ୧୮.୩ ଓଭରରେ ୧୧୩ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଆନ୍ଧ୍ରପ୍ରଦେଶ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଓଡ଼ିଶା ପକ୍ଷରୁ ମାଧୁରୀ ମେହେଟା ସର୍ବାଧିକ ୭୬ ରନ୍ କରିଥିଲେ। ୬୪ ବଲ୍‌ର ମାଧୁରୀଙ୍କ ଇନିଂସରେ ୮ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ଦିବ୍ୟଦର୍ଶିନୀ ୨୮ ବଲ୍‌ରୁ ୪ ଚୌକା ସହ ୩୪ ରନ୍ କରିଥିଲେ। ଆନ୍ଧ୍ର ପକ୍ଷରୁ ବାସବୀ ଅଖିଳା ପାବନୀ ଓ ସରାୟୁ ୨ଟି ଲେଖାଏ ଉଇକେଟ ନେଇଥିଲେ।

୧୪୪ ରନ୍‌ର ପିଛା କରୁଥିବା ଆନ୍ଧ୍ର ୧୮.୩ ଓଭରରେ ୧୧୩ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ପି. ରଙ୍ଗଲକ୍ଷ୍ମୀ ସର୍ବାଧିକ ୪୯ ରନ୍ କରିଥିଲେ। ୪୧ ବଲ୍‌ର ଇନିଂସରେ ୫ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ୟପକ୍ଷରେ ଭି. ସ୍ନେହା ଦୀପ୍ତି ୨୨ ବଲ୍‌ରୁ ୪ ଚୌକା ସହ ୨୫ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ୩ ଓ ରୀମା ଲକ୍ଷ୍ମୀ ଏକା ୨ ଉଇକେଟ ନେଇଥିଲେ।



ମାଧୁରୀ ମେହେଟା



ସୁଶ୍ରୀ ଦିବ୍ୟଦର୍ଶିନୀ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୪୩/୫ (ମାଧୁରୀ ମେହେଟା-୭୬, ସୁଶ୍ରୀ ଦିବ୍ୟଦର୍ଶିନୀ-୩୪, ବାସବୀ ଅଖିଳା ପାବନୀ-୨/୨୨, ସରାୟୁ-୨/୨୩)। ଆନ୍ଧ୍ର ପ୍ରଦେଶ ୧୮.୩ ଓଭରରେ ୧୧୩/୧୦ (ପି. ରଙ୍ଗଲକ୍ଷ୍ମୀ-୪୯, ଭି. ସ୍ନେହା ଦୀପ୍ତି-୨୫, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ-୩/୨୦, ରୀମା ଲକ୍ଷ୍ମୀ ଏକ୍କା-୨/୧୩)।

# ସାଲିମା ଅଧିନାୟିକା, ଓଡ଼ିଶାରୁ ସୁନେଲିତା

## ଏସିଆନ ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳ

**ନୂଆଦିଲ୍ଲୀ, ୨୮।୧୦ (ପି.ଟି.)**

ବିହାରର ରାଜଗିର ହକି ଷ୍ଟାଡିୟମରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ନଭେମ୍ବର ୧୧ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ୧୮ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ସାଲିମା ଟେଟେ ଅଧିନାୟିକା ମନୋନୀତ ହୋଇଥିବାବେଳେ ଓଡ଼ିଶାରୁ ଏକମାତ୍ର ସୁନେଲିତା ଟପ୍ପୋ ଦଳରେ ସ୍ଥାନ ପାଇଛନ୍ତି। ନଭନୀତ କୌରଙ୍କୁ ଉପ-ଅଧିନାୟିକା ମନୋନୀତ କରାଯାଇଛି। ରାଞ୍ଚିରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିବାରୁ ଏଥର ଦଳ ନିକଟରୁ ସେପରି ପ୍ରଦର୍ଶନ ଆଶା କରାଯାଉଛି।

ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଅଲିମ୍ପିକ୍ ସିଲଭର ମେଡାଲିଷ୍ଟ ଚାଇନା, ଜାପାନ, କୋରିଆ, ମାଲେସିଆ ଓ ଥାଇଲାଣ୍ଡ। ନଭେମ୍ବର ୧୧ରେ ମାଲେସିଆ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ''ଡିଫେଣ୍ଡିଂ ଚାମ୍ପିୟନଭାବେ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଯାଉଥିବାରୁ ବିଶେଷକରି ଦଳର ନେତୃତ୍ୱ ନେଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଆମେ ଏହି ପ୍ରତିଯୋଗିତା ପାଇଁ ଟ୍ରେନିଂ ସମୟରେ କଠିନ ପରିଶ୍ରମ କରିଛୁ। ଟାଇଟଲ ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ'' ବୋଲି ସାଲିମା ପ୍ରକାଶ କରିଛନ୍ତି। ଅଭିଜ୍ଞ ସବିତା ଓ ପ୍ରତିଭାସମ୍ପନ୍ନ ବିଚୁ ଦେବୀ ଖରିବାମ ଗୋଲକିପିଂ ଦାୟିତ୍ୱରେ ରହିବେ।

ଭାରତୀୟ ଦଳ: ଗୋଲକିପର୍ସ-ସବିତା, ବିଚୁ ଦେବୀ ଖରିବାମ୍, ଡିଫେଣ୍ଡର୍ସ: ଉଦିତା, ଜ୍ୟୋତି, ବୈଷ୍ଣବୀ ଭିଥାଲ ଫାଲ୍‌କେ, ସୁଶୀଳା ଚାନୁ ପୁଖରମବାମ, ଇଶିକା ଚୌଧାରୀ, ମିଡ୍‌ଫିଲ୍ଡର୍ସ: ନେହା, ସାଲିମା ଟେଟେ (ଅଧିନାୟିକା), ଶର୍ମିଳା ଦେବୀ, ମନୀଷା ଚୌହାନ, ସୁନେଲିତା ଟପ୍ପୋ, ଲାଲରେମସିଆମି, ଫରୱାର୍ଡ୍ସ: ନଭନୀତ କୌର, ପ୍ରୀତି ଦୁବେ, ସଙ୍ଗୀତା କୁମାରୀ, ଦୀପିକା, ବିୟୁଟି ଡୁଙ୍ଗଡୁଙ୍ଗ।



ସୁନେଲିତା ଟପ୍ପୋ



ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି ପାଇଁ ମନୋନୀତ ଭାରତୀୟ ଦଳ।

# ଖ୍ରୀଷ୍ଟୋଫରଙ୍କ ସ୍ଥାନରେ ଲୁକାସଙ୍କୁ ନେଲା ଏସ୍‌ଜି ପାଇପର୍ସ

**ନୂଆଦିଲ୍ଲୀ, ୨୮।୧୦ (ପି.ଟି.)**

ଦିଲ୍ଲୀ ଏସ୍‌ଜି ପାଇପର୍ସ ସୋମବାର ଜର୍ମାନୀର ଫରୱାର୍ଡ ଖ୍ରୀଷ୍ଟୋଫର ରୁର୍‌ଙ୍କ ସ୍ଥାନରେ ଆର୍ଜେଣ୍ଟିନା ମିଡ୍ ଫିଲ୍ଡର ଲୁକାସ ଟୋସ୍‌କାନୀଙ୍କ ସହିତ ଚୁକ୍ତି କରିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଫ୍ରାଞ୍ଚାଇଜ ପ୍ରକାଶ କରିଛି। ପ୍ୟାରିସ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ବେଳେ ରୁର୍‌ଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇପାରି ନ ଥିବାରୁ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ୨୫ ବର୍ଷୀୟ ଟୋସ୍କାନୀଙ୍କ ଦଳରେ ଯୋଗଦାନ ପରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଫରୱାର୍ଡ ଲାଇନ୍ ଅଧିକ ସୁଦୃଢ ହୋଇପାରିବ। ପୁନଶ୍ଚ ରୁର୍‌ଙ୍କ ଅନୁପସ୍ଥିତିରେ ଦଳର ଗୋଲ୍ ସ୍କୋରିଂ ସାମର୍ଥ୍ୟ ବୃଦ୍ଧିପାଇବ ବୋଲି ପାଇପର୍ସ ତରଫରୁ ଏକ ବିବୃତିରେ କୁହାଯାଇଛି। ଆର୍ଜେଣ୍ଟିନା ଦଳରେ ଯୋଗଦାନ ପରଠାରୁ ଟୋସ୍କାନୀ ୬୦ ମ୍ୟାଚ ଖେଳିଛନ୍ତି ଓ ୧୪ ଗୋଲ୍ ସ୍କୋର କରିଛନ୍ତି। ଟୋସ୍କାନୀ ଆହୁରି ମଧ୍ୟ ଗତବର୍ଷ ଓଡ଼ିଶାରେ ହକି ବିଶ୍ୱକପ୍ ଏବଂ ପ୍ୟାରିସ ଅଲିମ୍ପିକ୍ସରେ ତାଙ୍କ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ପୁନଶ୍ଚ ୨୦୨୨ ପାନ୍ ଆମେରିକା କପ୍ ଓ ୨୦୨୩ ପାନ୍ ଆମେରିକାନ ଗେମ୍ସରେ ଲସ୍ ଲିଓନେସ ଦଳର ସ୍ୱର୍ଣ୍ଣ ପଦକ ହାସଲ ପଛରେ ତାଙ୍କର ବଡ଼ ଭୂମିକା ରହିଥିଲା। ଦିଲ୍ଲୀର ମୁଖ୍ୟ କୋଚ୍ ଗ୍ରାହମ ରିଡ୍ ରୁର୍‌ଙ୍କ ଅନୁପସ୍ଥିତିରେ ନୈରାଶ୍ୟ ପ୍ରକାଶ କରିବା ସହ ଟୋସ୍କାନୀଙ୍କୁ ପାଇ ସେ ଉତ୍ସାହିତ ବୋଲି କହିଛନ୍ତି।

# ଚିରାଗ ଚିକାରାଙ୍କୁ ସ୍ୱର୍ଣ୍ଣ

**ଟିରାନା (ଆଲବାନିଆ), ୨୮।୧୦ (ପି.ଟି.):** ଚିରାଗ ଚିକାରା ଓଭର ଅଲ ତୃତୀୟ ଭାରତୀୟ ଭାବେ ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଟୁର୍ନାମେଣ୍ଟରେ ଏହି ବୟସ ବର୍ଗରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ମୋଟ ୯ଟି ପଦକ ଜିତିପାରିଛି। ଚିକାରା ପୁରୁଷ ୫୭ କେଜି ଫ୍ରିଷ୍ଟାଇଲ କାଟେଗୋରିରେ ଭାଗ ନେଇଥିଲେ। ଫାଇନାଲରେ ସେ କିର୍‌ଗିଜସ୍ତାନର ଆବ୍‌ଦିମଲିକ କାରାଚୋଭଙ୍କୁ ୪-୩ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିବାରେ ପ୍ୟାରିସ ଅଲିମ୍ପିକ ବ୍ରୋଞ୍ଜ ବିଜେତା ଅମନ ଶେରାୱତଙ୍କ ପଛକୁ ସେ ଦ୍ୱିତୀୟ ଭାରତୀୟ ପୁରୁଷ କୁସ୍ତିଯୋଦ୍ଧା। ଶେରାୱତ ୨୦୨୨ ସଂସ୍କରଣରେ ସମାନ କାଟେଗୋରିରେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଗତବର୍ଷ ରୀତିକା ହୁଦା ପ୍ରଥମ ଭାରତୀୟ ଭାବେ ଏହି ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ୭୬ କାଟେଗୋରିରେ ଭାଗ ନେଇଥିଲେ। ୨୦୧୮ରେ ରବି କୁମାର ଦହିୟା ମଧ୍ୟ ୨୩ବର୍ଷରୁ କମ୍ ବିଶ୍ୱଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ଚିକାରା ଫାଇନାଲରେ ପ୍ରବେଶ ପୂର୍ବରୁ ପ୍ରଭାବୀ ପ୍ରଦର୍ଶନ ସହ ପ୍ରି-କ୍ୱାର୍ଟରରେ ଗାକୋଟୋ ଓଜାୱାଙ୍କୁ ୬-୧, କ୍ୱାର୍ଟରରେ ୟୁନସ ଇବାତୋରୋଭ ଏବଂ ସେମିଫାଇନାଲରେ ଆଲାନ ଓରାଲବେକ୍‌ଙ୍କୁ ୮-୦ରେ ହରାଇ ଦେଇଥିଲେ। ଭାରତ ୮୨ ପଏଣ୍ଟ ସହ ପୁରୁଷ ଫ୍ରିଷ୍ଟାଇଲ କାଟେଗୋରିରେ ଦୁଇଟି ବ୍ରୋଞ୍ଜ ପଦକ ମଧ୍ୟ ଲାଭ କରିଛି। ଟିମ୍ ଷ୍ଟାଣ୍ଡିଂରେ ଇରାନ (୧୫୮), ଜାପାନ (୧୦୨) ଓ ଆଜରବୈଜନା (୧୦୦) ପଛକୁ ୪ର୍ଥ ସ୍ଥାନରେ ରହିଛି।

# ପ୍ରାଣ ହରାଇଲେ କ୍ରୁଜେରିଓ ସମର୍ଥକ

## ପ୍ରତିପକ୍ଷ ସମର୍ଥକଙ୍କ ଗୁଳିମାଡ଼



ପାଲ୍‌ମେରିଆସ୍ ସମର୍ଥକମାନେ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି।

**ସାଓ ପାଓଲୋ, ୨୮।୧୦ (ପି.ଟି.)**

ପ୍ରତିପକ୍ଷ ଫୁଟବଲ ଦଳର ସମର୍ଥକଙ୍କ ଗୁଳିମାଡ଼ରେ କ୍ରୁଜେରିଓ ଦଳର ଜଣେ ଫ୍ୟାନ୍ ପ୍ରାଣ ହରାଇଛନ୍ତି। ସାଓ ପାଓଲୋର ୪୬ କି.ମି. ଉତ୍ତରରେ ଥିବା ସହର ମାଇରିପୋରାର ଏକ ହସ୍ପିଟାଲରେ ଆହତ ଫ୍ୟାନ୍ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କ୍ରୁଜେରିଓ ସମର୍ଥକମାନେ ଏକ ବସ୍ ଜରିଆରେ ବେଲୋ ହରିଜୋଣ୍ଟେ ଫେରୁଥିବା ବେଳେ ଏହି ଆକ୍ରମଣ ଘଟିଥିଲା। ଆଥ୍‌ଲେଟିକୋ ପାରାନାଏନ୍ସ ବିପକ୍ଷରେ ୩-୦ ବିଜୟ ପରେ ଦଳର ସମର୍ଥକମାନେ ବସ୍‌ରେ ପ୍ରତ୍ୟାବର୍ତ୍ତନ କରୁଥିଲେ। ଫେଡେରାଲ ପୋଲିସର ସୂଚନା ମୁତାବକ ଅଚାନକ ବନ୍ଧୁକଧାରୀ ବ୍ୟକ୍ତି ବସ୍ ଉପରକୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଜଣେ ୩୦ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ପୋଲିସ୍ ପକ୍ଷରୁ ଅଧିକ ସୂଚନା ଦିଆଯାଇନାହିଁ। ଏହି ଘଟଣାରେ ଆହୁରି ୧୨ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଏହି ଆକ୍ରମଣରେ ପାଲ୍‌ମେରିଆସ୍ ଦଳର ସମର୍ଥକ ସମ୍ପୃକ୍ତ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଟିଭି ଚ୍ୟାନେଲର ଫୁଟେଜ୍ ଅନୁଯାୟୀ ପାଲ୍‌ମେରିଆସ୍ ସମର୍ଥକମାନେ ବସ୍‌ରେ ନିଆଁ ଲଗାଇ ଦେଇଥିବାବେଳେ ତଳେ ପଡିଥିବା କ୍ରୁଜେରିଓ ସମର୍ଥକଙ୍କୁ ପିଟୁଥିବାର ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ କ୍ରୁଜେରିଓ ଦଳର ସୋସିଆଲ ମିଡିଆ ପୋଷ୍ଟରେ ଏହି ଘଟଣାକୁ ନିନ୍ଦା କରାଯାଇଛି।

# ଇଣ୍ଡିଆନ ଓମେନ୍ସ ଲିଗ୍ ଜାନୁଆରୀ ୧୦ରୁ

**ନୂଆଦିଲ୍ଲୀ, ୨୮।୧୦ (ପି.ଟି.)**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ୨୦୨୫ ଜାନୁଆରୀ ୧୦ରୁ ଖେଳାଯିବ। ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ ଖେଳାଯିବ। ଗୋଟିକରେ ଗତଥରର ଚାମ୍ପିୟନ ଓଡ଼ିଶା ଏଫ୍‌ସି ଇଷ୍ଟବେଙ୍ଗଲକୁ ଭେଟିବାକୁ ଥିବାବେଳେ ଅନ୍ୟଟିରେ ଗୋକୁଲମ କେରଳ ଏଫ୍‌ସି ନବାଗତ ଶ୍ରୀଭୂମି ଏଫ୍‌ସି ସହିତ ମୁକାବିଲା କରିବ। ଏହି ଲିଗ୍ ହୋମ୍ ଓ ଆୱେ ଫର୍ମାଟରେ ଖେଳାଯିବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଦ୍ୱାରା ସୋମବାର ଘୋଷଣା କରାଯାଇଥିବା କାର୍ଯ୍ୟସୂଚୀ ଅନୁସାରେ ଏହାର ଏପ୍ରିଲ ୧୩ ପର୍ଯ୍ୟନ୍ତ ଖେଳାଯିବ। ଗତ ସିଜନର ଦ୍ୱିତୀୟ ଶ୍ରେଣୀ ଲିଗ୍ ଚାମ୍ପିୟନ କୋଲକାତାର ଶ୍ରୀଭୂମି ଏଫ୍‌ସି ଓ ରନରଅପ୍ ଓଡ଼ିଶାର ନୀତା ଫୁଟ୍‌ବଲ ଏକାଡେମୀକୁ ଏଥର ଆଇଡବ୍ଲ୍ୟୁରେ ସାମିଲ କରାଯାଇଛି। ଫଳରେ ଏଥର ପ୍ରତିଯୋଗିତାର ୮ଟି ଦଳକୁ ନେଇ ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲେ ଇଷ୍ଟବେଙ୍ଗଲ ଏଫ୍‌ସି (କୋଲକାତା), ଶ୍ରୀଭୂମି ଏଫ୍‌ସି ( ବାରାକପୁର), ଓଡ଼ିଶା ଏଫ୍‌ସି( ଭୁବନେଶ୍ୱର), ନୀତା ଏଫ୍‌ସି (ରାଉରକେଲା), ସେଥୁ ଏଫ୍‌ସି (ଚେନ୍ନାଇ), ଗୋକୁଲମ କେରଳ ଏଫ୍‌ସି (ମଞ୍ଜେରୀ) ଓ କିକ୍ ଷ୍ଟାର୍ଟ ଏଫ୍‌ସି (ବେଙ୍ଗାଲୁରୁ)।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 50 Years
DHARITRI
ପୃଷ୍ଠା-୧୨+୮
ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୯/୨୦୨୪ (୨୦ ପୃଷ୍ଠା) Bhubaneswar, Tuesday, October 29/2024 Page 20 ₹ 7.00 | SAMBALPUR
୫୦ଶ ଭାଗ ୩୩୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 334 ମୂଲ୍ୟ₹୭/-


# ୮ କୋଟି ପାଇଁ ସ୍ୱାମୀଙ୍କୁ ହତ୍ୟା


ରମେଶ


ନୀହାରିକା

**ବେଙ୍ଗାଲୁରୁ, ୨୮।୧୦**

କର୍ନାଟକର କୋଡାଗୁ ଜିଲା ଅନ୍ତର୍ଗତ ଏକ କଫି ବଗିଚାରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ୩ ସପ୍ତାହ ପୂର୍ବରୁ ମିଳିଥିଲା। ପୋଲିସ ଏହା ଉପରେ ତଦନ୍ତ କରିବା ପରେ ଏକ ଜଘନ୍ୟ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି। ୮ କୋଟି ଟଙ୍କା ପାଇଁ ତେଲଙ୍ଗାନାର ୫୪ ବର୍ଷୀୟ ବ୍ୟବସାୟୀଙ୍କୁ ତାଙ୍କ ସ୍ତ୍ରୀ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ଲାଗି ମୃତଦେହକୁ ପୋଡ଼ିବା ସହ ୮୦୦ କିଲୋମିଟର ଦୂର କୋଡାଗୁ ଜିଲାରେ ନେଇ ଫିଙ୍ଗିଦେଇଥିଲେ।

ବ୍ୟବସାୟୀ ରମେଶ କିଛି ସପ୍ତାହ ହେଲା ନିଖୋଜ ଥିଲେ। ସେ ୮ କୋଟି ଟଙ୍କା ଦେବାକୁ ମନା କରିଦେବାରୁ ତାଙ୍କ ସ୍ତ୍ରୀ ନୀହାରିକା ନିଜ ପ୍ରେମିକ ନିଖିଲ ଓ ଅନ୍ୟ ଅଭିଯୁକ୍ତ ଅଙ୍କୁରଙ୍କ ସହ ମିଶି ତାଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। କୋଡାଗୁ ଜିଲାରୁ ବ୍ୟବସାୟୀଙ୍କ ପୋଡ଼ିଯାଇଥିବା ମୃତଦେହ ମିଳିବା ପରେ ୨୯ ବର୍ଷୀୟା ନୀହାରିକାଙ୍କ ସମେତ ୩ ଅଭିଯୁକ୍ତଙ୍କୁ

## ମୃତଦେହକୁ ୮୦୦ କି.ମି. ଦୂରରେ ଫିଙ୍ଗିଥିଲେ

ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଅକ୍ଟୋବର ୮ରେ କୋଡାଗୁର ସୁଣ୍ଟିକୋପା ନିକଟ କଫି ବଗିଚାରୁ ଏକ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିଲା। ମୃତକଙ୍କ ପରିଚୟ ଜାଣିବାକୁ ଉଦ୍ୟମ କରି ପୋଲିସ ବିଫଳ ହେବା ପରେ ସିସିଟିଭି ଫୁଟେଜ୍‌ରୁ ସେହି ଅଞ୍ଚଳ ଦେଇ ଯାଇଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲା। ଏହି ସମୟରେ ଏକ ନାଲି ମର୍ସିଡିସ୍ ବେଞ୍ଜ୍ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲା। କାର୍‌ଟି ରମେଶଙ୍କ ନାଁରେ ଥିଲା। କର୍ନାଟକ ପୋଲିସ ଗାଡ଼ି ପଞ୍ଜୀକୃତ ହୋଇଥିବା ତେଲଙ୍ଗାନା ପୋଲିସ ସହ ଯୋଗାଯୋଗ କରିଥିଲା। ସ୍ୱାମୀ ରମେଶ ନିଖୋଜ ଥିବା ନେଇ ସ୍ତ୍ରୀ ନିହାରିକା ଏତଲା ଦେଇଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ କେନ୍ଦ୍ରୀଭୂତ ☞ପୃଷ୍ଠା-୬

**ଭାରତୀୟ ବୈଜ୍ଞାନିକଙ୍କ ଆବିଷ୍କାର**

# ପୃଥିବୀଠାରୁ ୫ ଗୁଣା ବଡ଼ ଗ୍ରହ

**ଅହମଦାବାଦ, ୨୮।୧୦**

ଅହମଦାବାଦରେ ଭାରତ ସରକାରଙ୍କ ମହାକାଶ ବିଭାଗ ଅଧୀନ ଫିଜିକାଲ ରିସର୍ଚ୍ଚ ଲାବରେଟୋରି (ପିଆର୍‌ଏଲ୍) ରହିଛି। ପିଆର୍‌ଏଲ୍‌ରେ ଗବେଷଣାରତ ବୈଜ୍ଞାନିକମାନେ ସୋମବାର ବାହ୍ୟ ଗ୍ରହ ବିଜ୍ଞାନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଆବିଷ୍କାର ସମ୍ପର୍କରେ ଘୋଷଣା କରିଛନ୍ତି। ସେମାନେ ଶନି ଆକାରର ଏକ ଏକ୍ସୋପ୍ଲାନେଟ୍ (ସୌରମଣ୍ଡଳ ବାହ୍ୟ ଗ୍ରହ) 'ଟିଓଆଇ-୬୬୫୧ବି'ର ଆବିଷ୍କାର କରିଛନ୍ତି, ଯାହାକି ସୂର୍ଯ୍ୟଙ୍କ ଭଳି ଏକ ତାରାକୁ ପରିକ୍ରମା କରୁଛି। ଉନ୍ନତ ପାରସ-୨ ସ୍ପେକ୍ଟ୍ରୋଗ୍ରାଫ ଉପକରଣକୁ ବ୍ୟବହାର କରି ବୈଜ୍ଞାନିକମାନେ ଏହି ନୂତନ ଗ୍ରହକୁ ଚିହ୍ନଟ କରିଛନ୍ତି। ପିଆର୍‌ଏଲ୍ ବୈଜ୍ଞାନିକଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ଏହା ହେଉଛି ଚତୁର୍ଥ ଏକ୍ସୋପ୍ଲାନେଟ, ଯାହା ବିଶ୍ୱ ମହାକାଶ ଗବେଷଣାରେ ଭାରତର ବଢୁଥିବା ଅବଦାନକୁ ଦର୍ଶାଉଛି।

'ଟିଓଆଇ-୬୬୫୧ବି' ହେଉଛି ଏକ ବିରଳ ଗ୍ରହ। ଏହାର ଓଜନ ପୃଥିବୀର ପ୍ରାୟ ୬୦ ଗୁଣା ହୋଇଥିବାବେଳେ ପରିଧି ୫ ଗୁଣା ଅଧିକ। ଏହି ଗ୍ରହ ଆବିଷ୍କାର ହୋଇଥିବା ମହାକାଶ କ୍ଷେତ୍ରକୁ ବୈଜ୍ଞାନିକମାନେ 'ନେପଚ୍ୟୁନିଆନ୍ ଡିଜର୍ଟ' ନାମକରଣ କରିଛନ୍ତି। ତେବେ ସେଠାରେ 'ଟିଓଆଇ-


ନାସା ପକ୍ଷରୁ ଜାରି ହୋଇଥିବା ପ୍ରତୀକାତ୍ମକ ଚିତ୍ର।

୬୬୫୧ବି' ଆକାରର କ୍ୱଚିତ ଗ୍ରହ ଦେଖିବାକୁ ମିଳିଥାଏ।

'ଟିଓଆଇ-୬୬୫୧ବି' ଆବିଷ୍କାର ଗ୍ରହ ଗଠନ ଏବଂ ବିବର୍ତ୍ତନ ଉପରେ ନୂତନ ତଥ୍ୟ ପ୍ରଦାନ କରିଛି। ନେପଚ୍ୟୁନିଆନ୍ ଡିଜର୍ଟ ଏକ ରହସ୍ୟମୟ କ୍ଷେତ୍ର, ଯେଉଁଠାରେ 'ଟିଓଆଇ-୬୬୫୧ବି' ଆକାରର ଖୁବ୍ ଅଳ୍ପ ଗ୍ରହ ବିଦ୍ୟମାନ। ତେଣୁ ସେଠାରେ 'ଟିଓଆଇ-୬୬୫୧ବି' ଆକୃତିର ଗ୍ରହ ଦେଖା ନ ଯିବାର କାରଣ ସମ୍ପର୍କରେ ଅଧିକ ଗବେଷଣା ପାଇଁ ସଦ୍ୟ ଆବିଷ୍କାର ସୁଯୋଗ ସୃଷ୍ଟି କରିଛି। ଏହି ଗ୍ରହ ସୂର୍ଯ୍ୟଙ୍କ ବଦଳରେ 'ଟିଓଆଇ-୬୬୫୧' ତାରାର ପ୍ରତି ୫.୦୬ ଦିନ ଚକ୍ରରେ ପରିକ୍ରମା କରିଥାଏ। ତେଣୁ ଏହାର ଏକ ବର୍ଷ ପୃଥିବୀର ଏକ ମାସଠାରୁ ବି କମ୍ ହୋଇଥାଏ। ଟିଓଆଇ-୬୬୫୧ ତାରା ଏକ ପ୍ରକାର ସବ୍-ଜାଏଣ୍ଟ, ଯାହା ସୂର୍ଯ୍ୟଙ୍କଠାରୁ ସାମାନ୍ୟ ବଡ଼ ଓ ଗରମ। ଏହାର ଭୂପୃଷ୍ଠ ତାପମାତ୍ରା ପ୍ରାୟ ୫୯୪୦କେ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି।

ତେବେ ପିଆର୍‌ଏଲ୍ ବୈଜ୍ଞାନିକଙ୍କ ଦ୍ୱାରା କରାଯାଇଥିବା ଉକ୍ତ ଅଧ୍ୟୟନର ସବୁଠାରୁ ମୁଖ୍ୟ ଆକର୍ଷଣ ହେଉଛି 'ଟିଓଆଇ-୬୬୫୧ବି' ଗ୍ରହର ଗଠନ ଏବଂ ରଚନା ସମ୍ବନ୍ଧୀୟ ତଥ୍ୟ। ଏହି ଗ୍ରହର ଉଚ୍ଚ ସାନ୍ଦ୍ରତା ସୂଚାଉଛି, ଏହାର ୮୭% ଓଜନ ପଥର ଏବଂ ଲୁହା ସମୃଦ୍ଧ ସାମଗ୍ରୀକୁ ନେଇ ଗଠିତ। ସେହିପରି ଅବଶିଷ୍ଟ ଓଜନ ହାଇଡ୍ରୋଜେନ୍ ଏବଂ ହିଲିୟମର ହାଲୁକା ଆବରଣ ଦ୍ୱାରା ଗଠିତ। 'ଟିଓଆଇ-୬୬୫୧ବି' ଗ୍ରହର ଆବିଷ୍କାର ଗ୍ରହ ଗଠନ ସମ୍ବନ୍ଧୀୟ ସମ୍ପ୍ରତି ବିଦ୍ୟମାନ ଥିବା ଥିଓରିକୁ ଚ୍ୟାଲେଞ୍ଜ କରିବା ସହ ଏହିପରି ବୃହତ୍ ଗ୍ରହଗୁଡ଼ିକ କିପରି ବିକଶିତ ହୁଏ, ସେନେଇ ନୂତନ ପ୍ରଶ୍ନ ସୃଷ୍ଟି କରିଛି। ଏହି ଅଧ୍ୟୟନ ଦ୍ୱାରା ଗ୍ରହ ପ୍ରଣାଳୀ ଗଠନ କରି ପାରୁଥିବା ଜଟିଳ ଗତିଶୀଳତା ବିଷୟରେ ନୂତନ ଜ୍ଞାନ ଆହରଣ କରିହେବ ବୋଲି 'ଟିଓଆଇ-୬୬୫୧ବି' କୁ ନିକଟରୁ ଭଲ ଭାବେ ଅଧ୍ୟୟନ କରିଥିବା ବୈଜ୍ଞାନିକମାନେ ଆଶା କରିଛନ୍ତି। ଏପରି ହେଲେ ମହାକାଶ କ୍ଷେତ୍ରରେ ଭାରତକୁ ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ମିଳିପାରିବ।

# ଚିକିତ୍ସା ଅବହେଳାରୁ ନବଜାତ ଶିଶୁ ମୃତ

**କଟକ, ୨୮।୧୦ (ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସିଡିଏ ସେକ୍ଟର-୭ସ୍ଥିତ ଘରୋଇ ହସ୍ପିଟାଲ 'ନ୍ୟୁ ବର୍ନ ଆଣ୍ଡ ପେଡିଆଟ୍ରିକ୍ ହେଲ୍‌ଥ ସେଣ୍ଟର'ରେ ସୋମବାର ଏକ ନବଜାତ ଶିଶୁର ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଚିକିତ୍ସା ଅବହେଳାରୁ ସମ୍ପୃକ୍ତ ତିନିଦିନର ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏଥିସହ ସେମାନଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ମୃତ୍ୟୁ ଖବର ନ ଦେବା ଓ ବିଲ୍ ପୈଠ କରିବାକୁ କହିବାରୁ ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ନେଇ ମୃତ ଶିଶୁର ପରିବାର ଲୋକେ ମର୍କତ ନଗର ଥାନାରେ ଏତଲା ଦେଇଛନ୍ତି।

ସୂଚନା ମୁତାବକ, ଗତ ୨୬ ତାରିଖରେ ଯାଜପୁର କୋରେଇ ଅଞ୍ଚଳର ସୁପ୍ରଭା ବିଶ୍ୱାଳ ଓ ରାଜେନ୍ଦ୍ର ସାହୁଙ୍କ ଏକ ଶିଶୁପୁତ୍ର ଯାଜପୁର ମେଡିକାଲରେ ଜନ୍ମ ହୋଇଥିଲା। ଶିଶୁଟିର ନିଃଶ୍ୱାସ ନେବାରେ ଅସୁବିଧା ହେବାରୁ ଭେଣ୍ଟିଲେଟର ଆବଶ୍ୟକ ପଡ଼ିଥିଲା। ତେଣୁ ଶିଶୁଟିକୁ ଯାଜପୁର ମେଡିକାଲରୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଶିଶୁଭବନରେ ଭେଣ୍ଟିଲେଟର ଫାଙ୍କା

## ଘରୋଇ ହସ୍ପିଟାଲରେ ଉତ୍ତେଜନା

ନ ଥିବା ଜାଣି ପରିବାର ଲୋକ ଶିଶୁଟିକୁ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଶିଶୁକୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ନେଇ ପରିବାର ଲୋକଙ୍କୁ ହସ୍ପିଟାଲ ପକ୍ଷରୁ ଜଣାଯାଇଥିଲା। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବା ଜାଣି ସୁପ୍ରଭା ଡାକ୍ତରଙ୍କୁ ଖୋଜିଥିବାବେଳେ ହସ୍ପିଟାଲରେ ଡାକ୍ତର ଉପସ୍ଥିତ ନ ଥିଲେ। ଫଳରେ ଚିକିତ୍ସା ଅବହେଳାରୁ ଶିଶୁଟିର ସୋମବାର ସକାଳ ସମୟରେ ମୃତ୍ୟୁ ହୋଇଥିଲା। ଶିଶୁର ମୃତ୍ୟୁ ଖବର ପରିବାର ଲୋକଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ନ ଜଣାଇ ଓଲଟା ବିଲ୍ ପୈଠ କରିବାକୁ କହିଥିଲେ। ପରିବାର ଲୋକ ଶିଶୁର ସ୍ୱାସ୍ଥ୍ୟାବସ୍ଥା ନେଇ ପଚାରିବାରୁ କିଛି ସମୟ ପରେ ଶିଶୁର ମୃତ୍ୟୁ ଖବର ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଏନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ମୃତ ଶିଶୁର ମାମୁ କରିଥିବା ଅଭିଯୋଗ ଅନୁଯାୟୀ, ଚିକିତ୍ସା ଆଳରେ ହସ୍ପିଟାଲଗୁଡ଼ିକରେ ଟଙ୍କା ଆଦାୟ କରାଯାଉଛି। ଉକ୍ତ ହସ୍ପିଟାଲ ବିରୋଧରେ ☞ପୃଷ୍ଠା-୬


DSPL-165



# ଜମି ଦେବା ଆଳରେ ୧୧.୭୦ ଲକ୍ଷ ଠକେଇ

## ବିଲ୍ଡର ସଂସ୍ଥା ଏମ୍‌ଡି ଗିରଫ

ଭୁବନେଶ୍ୱର,୨୮।୧୦ (ସତ୍ୟଜିତ୍ ରାଉତ)

ଜମି ଦେବା ଆଳରେ ୧୧.୭୦ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଏକ ବିଲ୍ଡର ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ମହତାବ ରୋଡରେ ରହୁଥିବା ଶିବଶକ୍ତି ଇଷ୍ଟକନ୍ ପ୍ରାଇଭେଟ୍ ଲିଃର ଏମ୍‌ଡି ପ୍ରଭାତ ରଞ୍ଜନ ବେଉରା(୫୮)। କୋର୍ଟଚାଲାଣ ପରେ ପ୍ରଭାତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏୟାରପୋର୍ଟ ଥାନା ଅଧୀନ ଗଙ୍ଗନଗରରେ ରହୁଥିବା ନଗେନ କୁମାର ସାହୁ ୨୦୧୭ରେ ଜମି କିଣିବାକୁ ଆଗ୍ରହ ଥିବା ଜାଣି ପ୍ରଭାତ ତାଙ୍କୁ ଏବରଙ୍ଗ ଅଞ୍ଚଳର ଏକ ଜମିର ଦସ୍ତାବିଜ୍ ଦେଖାଇଥିଲେ। ଜମି କିଣିବାକୁ ନଗେନ ବିଭିନ୍ନ ପର୍ଯ୍ୟାୟରେ ୧୧ ଲକ୍ଷ ୭୦ ହଜାର ଟଙ୍କା ଦେଇଥିଲେ। ହେଲେ ଏହାପରେ ପ୍ରଭାତ ଆଉ ଜମି ନ ଦେବା ସହ ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଏନେଇ ନାଗେମଙ୍କ ଏତଲାକ୍ରମେ ପୋଲିସ ୨୦୨୧ ସେପ୍ଟେମ୍ବର ୧୦ରେ ଏକ ମାମଲା (ନଂ.୨୪୦/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

# ଯୁବକଙ୍କୁ ଉଲଗ୍ନ କରି ଆଣ୍ଠେଇ ଚଲାଇଲେ

- ପରକୀୟା ପ୍ରୀତିକୁ ନେଇ କଙ୍ଗାରୁ କୋର୍ଟ
- ଭିଡିଓ ଭାଇରାଲ

ପାଟଣା,୨୮।୧୦ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ମଙ୍ଗଳପୁର ପାଟନାଳୀ ସାହିରେ ପରକୀୟା ପ୍ରୀତିକୁ ନେଇ କଙ୍ଗାରୁ କୋର୍ଟ ହୋଇଛି। ଜଣେ ଯୁବକଙ୍କୁ ଗ୍ରାମବାସୀ ରବିବାର ମାଡ଼ ମାରିବା ସହ ଉଲଗ୍ନ କରି ଆଣ୍ଠେଇ ଚଲାଇଥିବା ଜଣାପଡ଼ିଛି। ଘଟଣାର ଭିଡିଓ ଭାଇରାଲ ହେଉଥିବା ବେଳେ ସୋମବାର ଗ୍ରାମର ଆପୋସ ବୁଝାମଣା ବେଳେ ଗଣ୍ଡଗୋଳ ହେବାରୁ ପୋଲିସ ଉଭୟ ପକ୍ଷରୁ ୨ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଅନ୍ୟପକ୍ଷେ ସମ୍ପୃକ୍ତ ଯୁବକ ଜଣକ ତହସିଲଦାରଙ୍କ ଡ୍ରାଇଭର ହୋଇଥିବାରୁ ମାମଲାକୁ ଚପାଇବାକୁ ଉଦ୍ୟମ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ରବିବାର ଘଟଗାଁ ଥାନା ନାକଝରି ଗ୍ରାମର ସମ୍ପୃକ୍ତ ଯୁବକ ପାଟନାଳୀ ସାହିର ଜଣେ ମହିଳାଙ୍କ ନିକଟକୁ ଆସିଥିଲେ। ଏହି ସମୟରେ ସେ ଲୋକଙ୍କ ହାତରେ ଧରାପଡ଼ିଯିବାରୁ ଉତ୍ୟକ୍ତ ଲୋକେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ଲୋକେ ତାଙ୍କୁ ଉଲଗ୍ନ କରି ଆଣ୍ଠେଇ ଚଲାଇଥିଲେ। ସେ ଗୁରୁତର ହୋଇ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଘଟଣାର ସମସ୍ତ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଉକ୍ତ ଯୁବକ ଜଣକ ତହସିଲଦାରଙ୍କ ଗାଡ଼ି ଚଲାଉଥିବା ବେଳେ ସରକାରୀ ଗାଡ଼ି ଧରି ଆସିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋକେ ଉକ୍ତ ଗାଡ଼ିକୁ ମଧ୍ୟ ଅଟକ ରଖିଥିଲେ। ସୋମବାର ଘଟଗାଁ ନାକଝରିରୁ ୪ ଜଣ ବ୍ୟକ୍ତି ପାଟନାଳୀକୁ ଆପୋସ ବୁଝାମଣା କରିବାକୁ ଯାଇଥିଲେ। ମାତ୍ର ପାଟନାଳୀ ଗ୍ରାମବାସୀ ସେମାନଙ୍କୁ ମଧ୍ୟ ବାନ୍ଧି ଅଟକ ରଖିଥିଲେ। ଉତ୍ତେଜନା ପ୍ରକାଶ ପାଇବା ପରେ ପାଟଣା ପୋଲିସ ପହଞ୍ଚି ଉଭୟ ପକ୍ଷରୁ ୨ ଜଣଙ୍କୁ ଥାନାକୁ ନେଇ ତଦନ୍ତ କରୁଛି।






ଗ୍ରାମବାସୀଙ୍କ ଦ୍ୱାରା ଆକ୍ରମଣର ଶିକାର ଯୁବକ। ଲୋକଙ୍କ ଦ୍ୱାରା ଅଟକ ଗାଡ଼ି।

# ୨ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା ମାମଲା

ଧର୍ମଗଡ଼/ବେହେରା, ୨୮।୧୦ (ଆକାଶ କୁମାର ଜଗତ/ଭୂପେଶ ତିୱାରୀ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ହତ୍ୟା ମାମଲାର ବିଚାର କରି କଳାହାଣ୍ଡି ଜିଲା ଧର୍ମଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ସୋମବାର ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ହଜାର ଟଙ୍କା ଆର୍ଥିକ ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅର୍ଥ ଜମା ନ କଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ହୋଇଛି। ଦୁଇ ଅଭିଯୁକ୍ତ ହେଲେ ଜୟପାଟଣା ଥାନା ଆମଜୋର ଗ୍ରାମର ଖଗେଶ୍ୱର ରାଉତ ଓ ଗଦାଧର ରଣା।

ମାମଲାର ବିରଣୀରୁ ପ୍ରକାଶ ଯେ, ଆମଜୋର ଗ୍ରାମର ମନୁ ରଣା ଗ୍ରାମରେ ମଦ କାରବାର କରିବା ସହ ଏକ ପୋଖରୀରେ ମାଛ ଚାଷ କରିଥିଲେ। ଗଦାଧର ଓ ଖଗେଶ୍ୱରଙ୍କ ଚାଷ ଜମି ପୋଖରୀର ଅନ୍ୟ ପାର୍ଶ୍ୱରେ ଥିବାବେଳେ ସେମାନେ ପୋଖରୀ ହୁଡାରେ ନିଜ ଜମିକୁ ଯାତାୟାତ କରୁଥିଲେ। ଏପରିସ୍ଥଳେ ମନୁ ପୋଖରୀ ହୁଡାରେ ଯାତାୟାତ ନ କରିବା ପାଇଁ ସେମାନଙ୍କୁ କହିବା ସହ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ୨ ଅଭିଯୁକ୍ତ ମନୁଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଗତ ୭।୧୦।୨୦୧୫ରେ ମନୁ ନିକଟସ୍ଥ କୁତୁରୁ ମଦ ଭାଟିରୁ ମଦ ଆଣିବାକୁ ଯାଇ ଫେରୁଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଜଙ୍ଗଲ ପାଖରେ ଜଗିରହିଥିବା ଅଭିଯୁକ୍ତମାନେ ମନୁଙ୍କ ତଣ୍ଟିଚିପି ହତ୍ୟାକରି ମାଠିଆପଦର ଗ୍ରାମର ଶିଶୁଭାଟି ଡଙ୍ଗରରେ ଫିଙ୍ଗି ଦେଇଥିଲେ। ଏ ନେଇ ମୃତକଙ୍କ ବଡ଼ଭାଇ କୃପାସିନ୍ଧୁ ରଣା ଜୟପାଟଣା ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ.୨୮୩ ବିଏନ୍‌ଏସ୍ ଦଫା ୩୦୨/୨୦୧/୩୪ରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରା ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରୁଥିଲେ।



ଜେଲ ଦଣ୍ଡ ପାଇଥିବା ୨ ଅଭିଯୁକ୍ତ।

# ଶିଶୁକନ୍ୟାଙ୍କୁ ବଳାତ୍କାର, ଯୁବକ ଗିରଫ

ପୁରୁଷୋତ୍ତମପୁର,୨୮।୧୦ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଏକ ଅମାନବିକ ଘଟଣା ଘଟିଛି। ଗାଁ ଦାଣ୍ଡରେ ଖେଳୁଥିବା ୮ ବର୍ଷୀୟା ଶିଶୁକନ୍ୟାଙ୍କୁ ଜଣେ ଯୁବକ ଘରକୁ ଡାକି ନେଇ ବଳାତ୍କାର କରିଛନ୍ତି। ଅଭିଯୁକ୍ତ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିଛି । ସେ ହେଲେ ଆଦିତ୍ୟ ମହାପାତ୍ର ଓରଫ ଅଙ୍ଗା(୩୬)। ଶିଶୁକନ୍ୟାର ଅବସ୍ଥା ଗୁରୁତର ଥିବାରୁ ପୁରୁଷୋତ୍ତମପୁର ଡାକ୍ତରଖାନାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ଶିଶୁକନ୍ୟା ଜଣକ ଗାଁ ଦାଣ୍ଡରେ ଖେଳୁଥିଲେ। ଏହାର ସୁଯୋଗ ନେଇ ଆଦିତ୍ୟ ତାଙ୍କୁ ଚକୋଲେଟ ଦେବେ ବୋଲି କହି ନିଜ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ସେଠାରୁ ଶିଶୁକନ୍ୟାଟି କାନ୍ଦି କାନ୍ଦି ଘରକୁ ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇ ଶିଶୁକନ୍ୟାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ପୋଲିସ ନଂ. ୭୧୬/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ଆଦିତ୍ୟଙ୍କୁ ଗିରଫ କରିଥିଲା। ଡାକ୍ତରୀମାଇନା ପରେ ତାଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ କୋର୍ଟ ଚାଲାଣ କରାଯାଇଥିବା ଥାନା ଏସ୍‌ଆଇ ପ୍ରିୟଙ୍କା ବେହେରା କହିଛନ୍ତି।

# ୨୦ଲକ୍ଷରୁ ଊର୍ଦ୍ଧ୍ୱ ବାରୁଦ, ଆଇରନ୍ ଡଷ୍ଟ ଜବତ

## ବାଲିପାଟଣାରେ ବେଆଇନ ବାଣ ତିଆରି

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ବାଲିପାଟଣା, ୨୮।୧୦ (ଅଭିମନ୍ୟୁ ନାୟକ)

ଦୀପାବଳି ପାଇଁ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଣ ତିଆରି ହେଉଛି। ଏହାକୁ ରୋକିବା ଲାଗି କମିଶନରେଟ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବାଲିପାଟଣା ଥାନା ଅନ୍ତର୍ଗତ ଗୁଆପୁରରେ ବେଆଇନ ଭାବେ ବାଣ ତିଆରି ଚାଲିଥିବା ଖବରପାଇ ପାଟ୍ରୋଲିଂରେ ଥିବା ପୋଲିସ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିବା ସହ ବିପୁଳ ବିସ୍ଫୋରକ ଜବତ କରିଛି। ଗାଁର ଦୁଇଟି ଘରେ ଏହି ଚଢ଼ାଉ ହୋଇଥିଲା। ସେଠାରୁ ମୋଟ ୧୪୧ କେଜି ବାରୁଦ ଓ ୪୦ କେଜିର ଆଇରନ୍ ଡଷ୍ଟ ଜବତ ହୋଇଥିଲା। ତେବେ ବାଣ ତିଆରି ଓ ବିକ୍ରି ନେଇ କୌଣସି ଉପଯୁକ୍ତ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଗୁଆପୁର ଗାଁର ଚନ୍ଦ୍ରଶେଖର ମଲ୍ଲିକ (୨୪) ଓ ବିଶ୍ୱନାଥ ମଲ୍ଲିକ(୩୧)ଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ବିନା ଲାଇସେନ୍ସରେ ଅସୁରକ୍ଷିତ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖି ବାଣ ତିଆରି କରି ବିକ୍ରି କରୁଥିଲେ। ବାଲିପାଟଣା ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୨୮୮ ଓ ଦ ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍ସ ଆକ୍ଟର ଦଫା ୫ରେ ଦୁଇଟି ମାମଲା (ନଂ. ୪୫୭ ଓ ୪୫୮/୨୦୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।




ଜବତ ବାରୁଦ ଏବଂ ଗିରଫ ଅଭିଯୁକ୍ତ।

# ଯୁବକଙ୍କୁ ଅପହରଣ ମାମଲାରେ ୩ ଗିରଫ

ମୋରଡ଼ା,୨୮।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ଅପହରଣ ଅଭିଯୋଗ ହୋଇଛି। ଏ ନେଇ ଅପହରଣ ହୋଇଥିବା ଯୁବକ ଜଗନ୍ନାଥ ବେହେରାଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୁହିୟା ହାଁସଦା, ସହଯୋଗୀ ବାବୁଲା ମାର୍ଣ୍ଡି, ଟେମ୍ପ ହାଁସଦା। ପୋଲିସ ଜଗନ୍ନାଥଙ୍କୁ ଉଦ୍ଧାର କରି ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ କହିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ଥାନା ଅଧୀନ ହଳଦୀପାଳ ପଞ୍ଚାୟତର ପାରିଆଉଡ଼ା ଗ୍ରାମର ଜଗନ୍ନାଥଙ୍କୁ ରବିବାର ସନ୍ଧ୍ୟା ୫ଟା ୩୦ ସମୟରେ ଗାଁ ରାସ୍ତାରୁ ୭ ଜଣ ଲୋକ ଏକ ଗାଡ଼ିରେ ଅପହରଣ କରି ନେଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଜଗନ୍ନାଥଙ୍କ ସ୍ତ୍ରୀ ସସ୍ମିତାଙ୍କୁ କହିଥିଲେ। ସସ୍ମିତା ତାଙ୍କ ସ୍ୱାମୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଅପହରଣକାରୀ ୧୦ ହଜାର ଟଙ୍କା ସାଙ୍ଗରେ ନେଇ ବାରମାଇଲ ଛକକୁ ଆସିବାକୁ କହିଥିଲେ। ନଚେତ ଜଗନ୍ନାଥଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ସସ୍ମିତା ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା(ନଂ. ୩୦୫/୨୪) ରୁଜୁ ହୋଇଥିଲା। ପୋଲିସ ଜଗନ୍ନାଥଙ୍କ ଫୋନ ନମ୍ବରକୁ ଟ୍ରାକ୍ କରିଥିଲା। ମୋରଡ଼ା ଏବଂ ବାରିପଦା ସଦର ପୋଲିସ ୨ ସ୍ୱତନ୍ତ୍ର ଟିମ ଗଠନ କରି ଜଗନ୍ନାଥଙ୍କୁ ବାରିପଦା ସଦର ଥାନା ଅନ୍ତର୍ଗତ ମୋହିନୀଗଞ୍ଜସ୍ଥିତ ଏକ କ୍ଲବ୍ ଘର ତାଲା ଭାଙ୍ଗି ଉଦ୍ଧାର କରିଥିଲା। ପୋଲିସକୁ ଦେଖି ଅପହରଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ ଜଗନ୍ନାଥଙ୍କ ନିକଟରୁ ଅପହରଣକାରୀଙ୍କ ତଥ୍ୟ ନେଇ ରୁହିୟା, ବାବୁଲା, ଟେମ୍ପଙ୍କୁ ଗିରଫ କରିଛି। ସେହିପରି ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟ ଯୁବକଙ୍କୁ ଗିରଫ କରିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି। ଅପହରଣକାରୀ ଜଗନ୍ନାଥଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି। ଠିକାଦାର ରୁହିୟା ଏବଂ ଶ୍ରମିକ ଜଗନ୍ନାଥଙ୍କ ମଧ୍ୟରେ ଟଙ୍କା ନେଣଦେଣକୁ ନେଇ ଏଭଳି ଘଟିଥିବା ଜଗନ୍ନାଥ କହିଛନ୍ତି।

# ଅଭିଯୁକ୍ତ ଦୋକାନ ମାଲିକଙ୍କୁ ୩ବର୍ଷ ଜେଲଦଣ୍ଡ

## ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

ଭବାନୀପାଟଣା,୨୮।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନା ଅଞ୍ଚଳରେ ଗତ ୨୦୨୦ ମସିହାରେ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସ୍ମୃତି ଲେଖା ବାରିକ ଏହି ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଦୋକାନ ମାଲିକ ଭବାନୀପାଟଣା ସହରର ହୌସିଲା ପ୍ରସାଦ ତିୱାରୀ(୬୭)ଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ସହ ୪୫ ଶହ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସୂଚନାରୁ ପ୍ରକାଶ ଯେ, ନାବାଳିକା ଜଣକ ହୌସିଲାଙ୍କ ଡେଲି ନିଡ୍ସ ଦୋକାନକୁ ସାମଗ୍ରୀ କିଣିବା ପାଇଁ ଯାଇଥିଲେ। ଏହି ସମୟରେ ହୌସିଲା ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ପୀଡିତାଙ୍କ ବାପା ୧୭ ମାର୍ଚ୍ଚ ୨୦୨୦ରେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ମାମଲାଟି ଥାନାରୁ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ (ପିପି) ରୋହିତ କୁମାର ମିଶ୍ର ପରିଚାଳନା କରୁଥିଲେ।

# ପୂର୍ବତନ ସରପଞ୍ଚ, ସ୍ତ୍ରୀ ଗିରଫ

## ଘରୁ ୨୬ ଲିଟର ବିଦେଶୀ ମଦ ଜବତ

ପରଜଙ୍ଗ,୨୮।୧୦ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବଡ଼ଝରା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପଞ୍ଚାୟତ ବିଜେଡି ସଭାପତି ଦୁଃଖବନ୍ଧୁ ସାହୁ ଓ ତାଙ୍କ ସ୍ତ୍ରୀ ଭଗବତୀ ସାହୁଙ୍କୁ ରବିବାର ରାତିରେ ପରଜଙ୍ଗ ଅବକାରୀ ବିଭାଗ ଗିରଫ କରିଛି। ପୂର୍ବତନ ସରପଞ୍ଚ ସାହୁଙ୍କ ଘରୁ ଅବକାରୀ ବିଭାଗ ବେଆଇନ ବିଦେଶୀ ମଦ ଜବତ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଚଢ଼ାଉ ବେଳେ ଘର ଭିତରେ ଥିବା ଏକ ଫ୍ରିଜରୁ ୨୬ ଲିଟର ବିଦେଶୀ ମଦ ଜବତ ହୋଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ମଧ୍ୟ ଦୁଃଖବନ୍ଧୁ ତାଙ୍କ ଢାବାରେ ବହୁଥର ମଦ ବିକ୍ରି କରି ଧରାପଡ଼ି ଜେଲ ଯାଇଛନ୍ତି। ତେବେ ସେ ଘରେ ମଦ ରଖି ସେଥିରୁ କିଛି କିଛି ଢାବାକୁ ନେଇ ବିକ୍ରି କରୁଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଏହାପରେ ତାଙ୍କ ଘର ଉପରେ ଚଢ଼ାଉ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରଜଙ୍ଗ ଅବକାରୀ ଏସ୍‌ଆଇ ବାସନ୍ତୀ ବାକ୍ଲ କହିଛନ୍ତି, ପରଜଙ୍ଗ ଅବକାରୀ ବିଭାଗ ସହ କାମାକ୍ଷାନଗର ଅବକାରୀ ଟିମ୍ ଚଢ଼ାଉରେ ସାମିଲ ଥିଲା। ମାଜିଷ୍ଟ୍ରେଟ ଭାବେ ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ। ଗିରଫ ପରେ ଅଭିଯୁକ୍ତ ଦମ୍ପତିଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ଜିଆର୍ ୧୧୦/୨୪ରେ ଏକ ମାମଲା ରୁଜୁ ହୋଇଛି।

# ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

ବାରିପଦା,୨୮।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଦୋଷୀ ବିଶୋଇ ଥାନା ଅଧୀନ ବାଧୁନିଆ ଗ୍ରାମର ଅନନ୍ତ ଟୁଡୁ(୩୫)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି। ଏହାସହ ୬୦ ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୧ ବର୍ଷ ୬ ମାସର ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ୨୦୧୭ ଜୁଲାଇ ୮ରେ ନାବାଳିକା ଜଣକ ଆଈଘରକୁ ବୁଲିବାକୁ ଆସିଥିଲେ। ରାତିରେ ସେ ଆଈଙ୍କ ସହ ଘରେ ଶୋଇଥିବା ବେଳେ ଅନନ୍ତ ଓ ତାଙ୍କର ଜଣେ ସହଯୋଗୀ କବାଟ ଭାଙ୍ଗି ଘରେ ପଶିଥିଲେ। ତାଙ୍କ ଆଈଙ୍କୁ ମାଡ଼ ମାରିବା ସହ ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାକୁ ନ ଜଣାଇବାକୁ ନାବାଳିକାଙ୍କୁ ଭୁଜାଲି ଦେଖାଇ ଧମକ ଦେଇଥିଲେ। ଘଟଣା ନେଇ ତାଙ୍କ ଆଈ ଗ୍ରାମବାସୀଙ୍କୁ ଜଣାଇବା ପରେ ସେମାନେ ଜଙ୍ଗଲ ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପରଦିନ ବିଶୋଇ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ, ନଥିପତ୍ର ଓ ତଦନ୍ତ ରିପୋର୍ଟ ଆଧାରରେ କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଅନ୍ୟ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପୀଡ଼ିତାଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ହୋଇଛି। ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# କୋର୍ଟରେ ସବ୍ୟସାଚୀଙ୍କ ବୟାନ ରେକର୍ଡ

ଗୁଣପୁର,୨୮।୧୦ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟରେ ସୋମବାର ଚନ୍ଦ୍ରପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ପାଡ଼ାଗାଣ୍ଡା ଡାକୁ ମାଝି ହତ୍ୟା ମାମଲାରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ବୟାନ ରେକର୍ଡ କରାଯାଇଛି। ସେହିପରି ଲ୍ୟାଣ୍ଡମାଇନ ବିସ୍ଫୋରଣ, ଘରପୋଡ଼ି ଘଟଣାରେ ମଧ୍ୟ ସବ୍ୟସାଚୀଙ୍କ ବୟାନ ରେକର୍ଡ ହୋଇଛି। ଏହି ମାମଲାରେ ସବ୍ୟସାଚୀଙ୍କୁ ପକ୍ଷ ରଖିବା ପାଇଁ କୋର୍ଟ ମଙ୍ଗଳବାର ପୁଣି ଥରେ ତାଙ୍କୁ ହାଜର କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସବ୍‌ଜଜ୍‌ଙ୍କ କୋର୍ଟରେ ୩ଟି ମାମଲା ଉପରେ ବିଚାର ପାଇଁ ରହିଥିଲା। ହେଲେ ସାକ୍ଷୀ ଆସି ନ ଥିବାରୁ ନଭେମ୍ବର ୨୫ ତାରିଖକୁ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଉମାଚରଣ ପଟ୍ଟନାୟକ ଏବଂ ସବ୍ୟସାଚୀଙ୍କ ପାଇଁ ବ୍ରହ୍ମାନନ୍ଦ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୀବ ଥିବା ଯାଏ ସବୁ ମୋର,**
**ଜୀବ ଚାଲିଗଲେ କିଏ କାହାର ?**

ଜୀବନ ଥିବା ପର୍ଯ୍ୟନ୍ତ ବ୍ୟକ୍ତି ମନରେ ଲୋଭ ଏକ ପ୍ରକାର ବସାବାନ୍ଧି ରହିଥାଏ। ସାରା ଜୀବନର ଅର୍ଜିତ ଧନ ସମ୍ପତ୍ତିକୁ ନେଇ ସେ ବୃଥା ଗର୍ବ ବା ଅହଙ୍କାର କରିଚାଲିଥାଏ। ଅଥଚ ମୃତ୍ୟୁ ପରେ ତାକୁ ଶୂନ୍ୟ ହସ୍ତରେ ହିଁ ଯିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଜିରା ଭିତରୁ ଶିରା କାଢ଼ିବା।**

ଅନ୍ୟର ଦୋଷ ଦୁର୍ବଳତାକୁ ତନ୍ନ ତନ୍ନ କରି ବିଚାର କରିବା। ଅତି ବିଶ୍ଳେଷଣ ବା ଚିକିନିଖି କରି ବ୍ୟାଖ୍ୟା କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସ୍ତ୍ରୀ, ଝିଅଙ୍କୁ ମାଡ଼ ମାରି ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀ ଓ ଝିଅଙ୍କୁ ମାଡ଼ ମାରି ନିର୍ଯାତନା ଦେବା ସହ ଖରାପ କାମ କରିବାକୁ ବାଧ୍ୟ କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ନୟାପଲ୍ଲୀ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ର ପ୍ରଭାତ କୁମାର ପ୍ରଧାନ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିବାହର କିଛି ବର୍ଷ ପରେ ସ୍ୱାମୀ ତାଙ୍କୁ ବାରମ୍ବାର ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦେଇ ଆସୁଥିଲେ ବୋଲି ପ୍ରଭାତଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

# ୭ ମାସର ବଧୂଙ୍କ ସନ୍ଦେହଜନକ ମୃତ୍ୟୁ

## ଶାଶୁଘର ୫ଜଣଙ୍କ ନାମରେ ହତ୍ୟା ଅଭିଯୋଗ

ଢେଙ୍କାନାଳ,୨୮।୧୦(ରତନ ନାୟାର)

ଢେଙ୍କାନାଳ ସହର ଗାନ୍ଧୀ ମନ୍ଦିର ରୋଡ୍‌ର ଶରତ ମହାପାତ୍ରଙ୍କୁ ଗତ ୭ ମାସ ତଳେ ବିବାହ କରିଥିବା ମୌସୁମୀ ମଧୁସ୍ମିତାଙ୍କ ରବିବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ୱାମୀ ଶରତଙ୍କ ସମେତ ଶାଶୁଘର ଲୋକେ ଘରଛାଡ଼ି କେଉଁଆଡ଼େ ପଳାଇଯାଇଛନ୍ତି। ଫଳରେ ଝିଅ ମଧୁସ୍ମିତାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ସଦର ଥାନା ସିମିନଇ ଗ୍ରାମର ସରୋଜ କୁମାର ସିଂହ ସୋମବାର ଢେଙ୍କାନାଳ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଧୁସ୍ମିତାଙ୍କ ସ୍ୱାମୀ ଶରତ, ଶ୍ୱଶୁର ହେମନ୍ତ ମହାପାତ୍ର, ଶାଶୁ ସରୋଜିନୀ ମହାପାତ୍ର ଓ ଦିଅର ତଥା ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ଏବଂ ଯାଆ ଇତିଶା ଜେନାଙ୍କ ନାମରେ ସରୋଜ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୭୩୨/୨୦୨୪ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି।



ମୌସୁମୀ ମଧୁସ୍ମିତା

ଅଭିଯୋଗରେ ସରୋଜ ଦର୍ଶାଇଛନ୍ତି, ବଡ଼ଝିଅ ମୌସୁମୀ ମଧୁସ୍ମିତା ଗତ ୨୬ ମାର୍ଚ୍ଚ ୨୦୨୪ରେ ଢେଙ୍କାନାଳ ସହର କଲେଜ ବାଇପାସସ୍ଥିତ ଶିବ ମନ୍ଦିରରେ ସହରସ୍ଥିତ ଗାନ୍ଧୀ ମନ୍ଦିର ରୋଡ୍ ନିବାସୀ ହେମନ୍ତ ମହାପାତ୍ରଙ୍କ ପୁଅ ଶରତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ରବିବାର ଅପରାହ୍ନ ୨ଟା ୪୮ରେ ଝିଅଙ୍କ ସହ ସେ କଥା ହୋଇଥିଲେ। ସେହି ସମୟରେ ଝିଅ ସ୍ୱାଭାବିକ ଭାବେ କଥାବାର୍ତ୍ତା କରିଥିଲେ। କିନ୍ତୁ ସନ୍ଧ୍ୟା ୬ଟା ୪୪ରେ ସେ ଝିଅଙ୍କୁ ଫୋନ କରିବାରୁ ଶାଶୁ ଫୋନ ଉଠାଇ ଝିଅ କ'ଣ ଖାଇଦେଇଛି, ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି କହିବା ସହ ଫୋନ କାଟିଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସେ ପହଞ୍ଚିବା ପରେ ଝିଅଙ୍କ ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ତେଣୁ ତାଙ୍କ ଝିଅଙ୍କୁ ସ୍ୱାମୀ, ଶ୍ୱଶୁର, ଶାଶୁ, ଦିଅର ଓ ଯାଆ ମାରିଦେଇଥିବା ସରୋଜ ଟାଉନଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ସରୋଜ ଗଣମାଧ୍ୟମକୁ କହିଛନ୍ତି, ବିବାହ ପରେ ମଝିରେ ମଝିରେ ଝିଅ ଓ ଜ୍ୱାଇଁଙ୍କ ମଧ୍ୟରେ ବିବାଦ ହେଉଥିଲା। ଖବରପାଇ ସେ ଝିଅଘରେ ପହଞ୍ଚି ସମ୍ପର୍କୀୟମାନଙ୍କ ଉପସ୍ଥିତିରେ ସମାଧାନ କରୁଥିଲେ। ଅଭିଯୋଗ ସମ୍ପର୍କରେ ଟାଉନଥାନା ଅଧିକାରୀ ପ୍ରଭାତ ସାହୁ କହିଛନ୍ତି, ମୃତ ମହିଳାଙ୍କ ବାପାଙ୍କ ଅଭିଯୋଗ କ୍ରମେ ୫ଜଣଙ୍କ ନାମରେ ନୂତନ ଆଇନ ଅନୁଯାୟୀ ହତ୍ୟା ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଘରେ ନାହାନ୍ତି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ଟେଲିଫୋନ ନଂ– ୯୪୩୭୧୫୯୩୨୨ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍‌ଟି ଆଉଟ୍ ଅଫ୍ ନେଟୱର୍କ କଭରେଜ୍ ଏରିଆ ବୋଲି କହୁଥିବାରୁ ମତାମତ ମିଳିପାରି ନାହିଁ।

# ଯାଦବ ସମାଜର ନୂଆଁଖାଇ ଭେଟଘାଟ

ଦେଓଗାଁ,୨୮।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ବରକାନୀ ଆମ୍ରକାନନଠାରେ ବ୍ଲକ ଯାଦବ ସମାଜର ନୂଆଁଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୀନବନ୍ଧୁ ମନହୀରାଙ୍କ ସଭାପତିତ୍ୱ ତଥା ସମ୍ପଦ ପୋଡ଼ଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଉପଦେଷ୍ଟା ଛବିଳ ବର୍ଗତିଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ସଂକୀର୍ତ୍ତନ ବାଗ, ଛବିଲ ମନହୀରା, ଡୁଙ୍ଗୁରା ଏନଏସି ଯାଦବ ସମାଜ ସଭାପତି ବିଜୟ ବାଗ, ପୂର୍ବତନ ସମିତିସଭ୍ୟା ବୁନି ବାଗ, ଶଙ୍କର ମଲ୍ଲିକ, ମନୋଜ ଚନ୍ଦନ, ପାଲେଶ୍ୱର ବାଗ, ଗଣ୍ଡାରାମ କପାଟ, ପରମେଶ୍ୱର ରାଉତ, ଭ୍ରମର ହାତୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଶୁ ପ୍ରତିଭା ଭାବେ ବରକାନୀର ରାଜ୍ୟସ୍ତରୀୟ ତବଲା ବାଦକ ଲିପୁନ କପାଟ ଓ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ପ୍ରତ୍ୟାଶା ପ୍ରିୟଦର୍ଶନୀ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତ୍ୟେକ ସନ୍ଧ୍ୟାରେ ହେବ କଂସ ଦରବାର

## ୧ରୁ ଭୀମ ପାହାଡ଼ ମହୋତ୍ସବ



ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

ବଲାଙ୍ଗୀର, ୨୮।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ଦଶମ ଭୀମ ପାହାଡ଼ ମହୋତ୍ସବ ଆୟୋଜନ ସକାଶେ ସୋମବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନଭେମ୍ବର ୧ରୁ ୫ ତାରିଖ ଯାଏ ପାଞ୍ଚ ଦିନ ବ୍ୟାପୀ ଏହି ମହୋତ୍ସବ ଆୟୋଜନ ହେବ। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି ଆୟୋଜକ କମିଟି। ପ୍ରତ୍ୟେକ ସନ୍ଧ୍ୟାରେ କଂସ ଦରବାର ଆୟୋଜନ ହେବାକୁ ଥିବା ବେଳେ ବରିଷ୍ଠ କଳାକାର ରବୀନ୍ଦ୍ର ସାହୁ କଂସ ଭୂମିକାରେ ଅଭିନୟ କରିବେ। ଏହା ସହ ୨ରୁ ୫ ଯାଏ ପ୍ରହରୀ ନାମଯଜ୍ଞ ହେବାକୁ ଥିବାବେଳେ ୩ରେ ଭୀମ ପାହାଡ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବିଭିନ୍ନ ସାଂସ୍କୃତିକ ସନ୍ଧ୍ୟାରେ ଅତିଥିଗଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ୧୫ଟି ସାଂସ୍କୃତିକ ଦଳ ଯୋଗଦେବେ। ଭୀମପାହାଡରେ ଅତିଶୀଘ୍ର ଏକ ହରିଣ ପାର୍କ ଖୋଲିବା, ଧରମ ସିଂ ମାନଧାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଆଦିବାସୀ ମ୍ୟୁଜିୟମ ସହ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ପ୍ରସ୍ତାବ ସରକାରଙ୍କୁ କମିଟି ଦେଇଛି। ୬୪ଟି ଗୁମ୍ଫା ବିଶିଷ୍ଟ ଭୀମ ପାହାଡରେ ଅନେକ ପ୍ରାକୃତିକ କୀର୍ତ୍ତିରାଜି ଛବି, ଶିଳାଲିପି ରହିଥିବାରୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଚିହ୍ନଟ କରି ଗବେଷଣା କରିବାକୁ କେନ୍ଦ୍ର ସରକାରଙ୍କ ଠାରେ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏହି ସମ୍ମିଳନୀରେ ୧୦ ତମ ଭୀମ ପାହାଡ଼ ମହୋତ୍ସବର ଲୋଗୋ ଉନ୍ମୋଚନ କରାଯାଇଥିଲା । ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ.ଘାସିରାମ ମିଶ୍ର, ସମିତି ସଭ୍ୟା ରୀନା ମେହେର, ବଲାଙ୍ଗୀର ନାଗରିକ କମିଟି ସମ୍ପାଦକ ମଧୁସୂଦନ ନାୟକ, କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ସଭାପତି ପ୍ରମୋଦ ବହିଦାର, ସାଂସ୍କୃତିକ ସଂପାଦକ ବାସୁଦେବ ସା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅରୁଣ


@ ପ୍ରିୟରଞ୍ଜନ


@ ଉଚ୍ଛବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜନ ଅଭିଯୋଗ ଶୁଣାଣି ଶିବିର



ଜନ ଅଭିଯୋଗ ଶିବିରରେ ଉପସ୍ଥିତ ଅଧିକାରୀ।

■ ଅନୁପସ୍ଥିତ ରହିଲେ ଜିଲାପାଳ, ଏସ୍‌ପି

■ ବିଳମ୍ବରେ ଶିବିର ଆରମ୍ଭ ନେଇ ଅସନ୍ତୋଷ

ଲୋଇସିଂହା,୨୮।୧୦(ସୁଶାନ୍ତ ବାରିକ)

ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଏବଂ ଏସ୍‌ପି ଅନୁପସ୍ଥିତ ରହିଥିଲେ। ତେବେ ଏଡିଏମ୍ ପ୍ରଭାତ ବେହେରା, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ଉପଜିଲାପାଳ ଆଲୋକ ପୁଟେଲ ଉପସ୍ଥିତ ରହି ଅଭିଯୋଗପତ୍ର ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ବିଭାଗୀୟ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆବାସ ଘର ନେଇ ୫୭ ପଞ୍ଜୀକୃତ ହୋଇଥିବା ବେଳେ ଅନ୍ୟାନ୍ୟ ବାବଦରେ ୬୨ ଅଭିଯୋଗ ରହିଥିଲା। ବ୍ଲକ ଅଧୀନସ୍ଥ ହୀରାପୁର ପଞ୍ଚାୟତର ୨ଜଣ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସରପଞ୍ଚଙ୍କୁ ସରକାରୀ କାଗଜପତ୍ର ଚାର୍ଜ ନ ଦେବାରୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ସରପଞ୍ଚ ରମାକାନ୍ତ ବିଶ୍ୱାଳ ଅଭିଯୋଗ କରିଥିଲେ। ବାଦିବାହାଲ ପଞ୍ଚାୟତ ସରପଞ୍ଚ ଦୀର୍ଘଦିନ ଧରି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ୫ ଜଣ ୱାର୍ଡ ସଭ୍ୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ସରଗାଡ଼ ସରପଞ୍ଚ ସରୋଜ ବେହେରା ପଞ୍ଚାୟତରେ ଉନ୍ନୟନ କାମ ପାଇଁ ଦାବି ଜଣାଇଥିଲେ। ସେହିପରି ବ୍ଲକର ସମିତି ସଭ୍ୟଙ୍କ ପକ୍ଷରୁ ବ୍ଲକରେ ହୋଇଥିବା ଆମ ଓଡିଶା ନବୀନ ଓଡିଶା କାମର ବିଲ ପୈଠ କରିବାକୁ ଦାବି କରାଯାଇଥିଲା। ବିଳମ୍ବରେ ଏହି ଶିବିର ଆରମ୍ଭ ହୋଇଥିବା ଏବଂ ଜିଲାପାଳ ଓ ଏସ୍‌ପି ଆସିନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିବରକୁ ଆସିଥିବା ଜନସାଧାରଣଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା।

# କାର୍ଯ୍ୟାନୁଷ୍ଠାନ ଭୟ: ଚୁକ୍ତିପତ୍ର ଲେଖିଦେଲା ସଂସ୍ଥା

## ଛତୁଆ ବଣ୍ଟନରେ ଅନିୟମିତତା ଅଭିଯୋଗ

ପାଟଣାଗଡ,୨୮।୧୦ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକର ୫ଟି ସେକ୍ଟରରେ ଛତୁଆ ବଣ୍ଟନରେ ଅନିୟମିତତା କରାଯାଇ ଏ ବାବଦ ବିଲ୍ କରି ନିଆଯିବା ଅଭିଯୋଗ ପରେ ତଦନ୍ତ ହେବାରୁ ଦାୟିତ୍ୱରେ ଥିବା ସଂସ୍ଥା ଏକ ଚୁକ୍ତିପତ୍ର ଲେଖିଥିବା ଜଣାଯାଇଛି।

ପ୍ରକାଶ ଯେ, ପାଟଣାଗଡ ବ୍ଲକ ଖୁଣ୍ଟସମଲେଇ, ଘସିଏନ, ମରୁଆଁ, ତମିଆଁ, ପଟାମୁଣ୍ଡା ଆଦି ୫ଟି ସେକ୍ଟରରେ ଗତ ଜୁନ ମାସର ଛତୁଆ ବଣ୍ଟନ ନ କରି ଦାୟିତ୍ୱରେ ଥିବା ସଂସ୍ଥା ଲକ୍ଷାଧିକ ଟଙ୍କା ବିଲ୍ କରି ନେଇଥିଲା। ଏହାଛଡା ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ମଧ ହିତାଧିକାରୀମାନଙ୍କୁ ଛତୁଆ ବ୍ୟତୀତ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ ନ କରି ଉକ୍ତ ସଂସ୍ଥା ବିଭାଗୀୟ ଜନୈକ କର୍ମଚାରୀଙ୍କ ସହାୟତାରେ ଏହିସବୁ ମାସର ବିଲ୍ କରାଇ ନେବାକୁ ଉଦ୍ୟମ ଜାରି ରଖିଥିଲା। କେତେଜଣ ଅଙ୍ଗନୱାଡ଼ି କର୍ମୀ ଏନେଇ ସିଡିପିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଦୈନିକ ଧରିତ୍ରୀରେ ଏ ସମ୍ପର୍କିତ ଖବର ଗତ ରବିବାର ଦିନ ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିଭାଗର ତତ୍ପରତା ଦେଖି ଛତୁଆ ବଣ୍ଟନ ଦାୟିତ୍ୱରେ ଥିବା ସଂସ୍ଥା କାର୍ଯ୍ୟାନୁଷ୍ଠାନ ଭୟରେ ଏହିସବୁ ମାସର ଛତୁଆ ବ୍ୟତୀତ ଅନ୍ୟାନ୍ୟ ସାମଗ୍ରୀ ହିତାଧିକାରୀମାନଙ୍କୁ ବଣ୍ଟନ କରିବାକୁ ଏକ ଚୁକ୍ତିପତ୍ର ଲେଖି ଦେଇଥିବା ସିଡିପିଓ ପ୍ରଭାମୟୀ ନାଏକଙ୍କ ଠାରୁ ଜଣାପଡିଛି। ତେବେ ଛତୁଆ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ ସମୟରେ ଉକ୍ତ ସଂସ୍ଥା ହିତାଧିକାରୀ ମାନଙ୍କୁ ନିର୍ଦ୍ଧାରିତ ପରିମାଣର ଦେବ ନା କମ ଦେବ ତାହା ଏବେ ମୁଖ୍ୟ କଥା ହୋଇଛି। ଏଥିପ୍ରତି ପାଟଣାଗଡ଼ ଉପଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆରମ୍ଭ

## ପଦଯାତ୍ରାରେ ସାମିଲ ହେଲେ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଛାତ୍ରୀଛାତ୍ର



ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅନ୍ୟମାନେ ପଦଯାତ୍ରାରେ ଯାଉଛନ୍ତି।

ବଲାଙ୍ଗୀର,୨୮।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଆରମ୍ଭ ହୋଇଛି । ଏହି ଦୁର୍ନୀତି ସଚେତନତା ସପ୍ତାହ ପାଳନ ଅକ୍ଟୋବର ୨୮ରୁ ଆରମ୍ଭ ହୋଇ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଭିଜିଲାନ୍ସ ଆରକ୍ଷୀ ନିରୀକ୍ଷକ ଟେରେସା ଖେସଙ୍କ ନେତୃତ୍ୱରେ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ା. ମନୋଜ ସାହୁ, ସମସ୍ତ ଛାତ୍ରୀଛାତ୍ର, ସ୍ନାତକୋତ୍ତର ଛାତ୍ରୀଛାତ୍ରବିଭିନ୍ନ ବିଭାଗର ପ୍ରଫେସର, ଡ଼ାକ୍ତର, କର୍ମଚାରୀ ସଚେତନତା ପଦଯାତ୍ରାରେ ସହର ପରିକ୍ରମା କରିଥିଲେ । ପ୍ରଫେସର ଡା. ମନୋଜ କୁମାର ସାହୁ ସବୁଜ ପତାକା ଦେଖାଇ ପଦଯାତ୍ରାକୁ ଉଦଘାଟନ କରିଥିଲେ। ସରକାରୀ ଆୟୁର୍ବେଦିକ କଲେଜ ଓ ହସପିଟାଲରୁ ପଦଯାତ୍ରା ବାହାରି ସହରର ଭାଗିରଥି ଛକ, ଏସ୍‌ପି ଅଫିସ , ଶିଶୁ ଉଦ୍ୟାନ, ରୁଗୁଡ଼ିପଡ଼ା ପରିକ୍ରମା କରିଥିଲା । ଆରକ୍ଷୀ ନିରୀକ୍ଷକ ଖେସ ଛାତ୍ରୀଛାତ୍ର ତଥା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଦୁର୍ନୀତି ନିବାରଣ ସପ୍ତାହର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ପୂର୍ବାହ୍ନ ୧୦ଟା ସମୟରେ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଏକତ୍ରିତ ହୋଇ ଓଡିଶା ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ – ୨୦୨୪ କାର୍ଯ୍ୟକ୍ରମରେ ଯୋଗଦାନ କରି ସାମୁହିକ ଶପଥ ପାଠ କରିଥିଲେ । ପଦଯାତ୍ରା ସମୟରେ ଦୁର୍ନୀତି ନିବାରଣ ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ହାତରେ ପ୍ଲା କାର୍ଡ ଧରି ଜନସଚେତନତା ସୃଷ୍ଟି କରାଯାଇଥିଲା।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିବା ଅଧିକାରୀମାନେ।

ଖପ୍ରାଖୋଲ,୨୮।୧୦(ଅଭୟ ତ୍ରିପାଠୀ)

ସୋମବାର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଜିପିଇଓ ପରମେଶ୍ୱର ନାଏକ, ବ୍ଲକ ଯୋଗାଣ ଅଧିକାରୀ ବିକାଶ ବାର୍ଲା, ସ୍ୱପ୍ନେଶ୍ୱର୍ ନାଏକ, ଏପିଓ ପ୍ରଶାନ୍ତ ସାହୁ, ସୁଧୀର ଜେନା, କନିଷ୍ଠ ବିଭାର ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶିବିରରେ ୬୯୯ଟି ଅଭିଯୋଗ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ୬୦୨ଟି, ରାଶନ କାର୍ଡ ପାଇଁ ୩୮, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କିତ ୪୫, ଡାକ୍ତରୀ ଚିକିତ୍ସା ପାଇଁ ୧୨,ଜଙ୍ଗଲ ଜମି ପାଇଁ ଗୋଟିଏ ଓ ବିଶ୍ୱକର୍ମା ଯୋଜନାରେ ଗୋଟିଏ ଅଭିଯୋଗ କରାଯାଇଥିଲା। ଏହି ଅବସରରେ ସରପଞ୍ଚ ବେଟିଖୋଇ ସେନ୍ଦ୍ରିଆ, ପିଇଓ ମନୋଜ ସାହୁ ଓ ସରୋଜ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଶବକୁ କାନ୍ଧ ଦେଲେ ପୋଲିସ ଅଧିକାରୀ

## ବେନକେରା ଗାଁ ନିକଟରୁ ଗଳିତ ମୃତଦେହ


ପୋଲିସ ଅଧିକାରୀ ମୃତଦେହକୁ କାନ୍ଧରେ ନେଉଛନ୍ତି।

ଖପ୍ରାଖୋଲ,୨୮।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗାଁ ନିକଟରୁ ପୋଲିସ ରବିବାର ଏକ ଗଳିତ ମୃତଦେହ ଜବତ କରିଛି। ମୃତକ ହେଲେ ବେନକେରା ଗାଁର ନିରାକାର ବରିହା (୬୫)।

ପ୍ରକାଶ ଯେ, ବେନକେରା ଗାଁ ନଦୀ ରାସ୍ତାରେ ଏକ ଗଳିତ ମୃତଦେହ ପଡ଼ିଥିବା ପୋଲିସ ସୂଚନା ପାଇ ଜବତ କରିଥିଲା। ମୃତଦେହ ଗତ ୨୧ ତାରିଖରେ ଗାଁରୁ ନିଖୋଜ ଥିବା ନିରାକାର ବରିହାଙ୍କର ବୋଲି ତାଙ୍କ ପୁଅ ଡବଲ ବରିହା ଚିହ୍ନଟ କରିଥିଲେ। ତେବେ ଗଳିତ ମୃତଦେହ ଥିବାରୁ ସମ୍ପର୍କୀୟ ନେବା ପାଇଁ ଅମଙ୍ଗ ହୋଇଥିଲେ। ଫଳରେ ପୋଲିସ ଏସଆଇ ଲକ୍ଷ୍ମୀଧର ସ୍ୱାଇଁ, ଏଏସଆଇ ସେବନ କେରକେଟା, ନବୀନ ଭୋଇ ଓ ହୋମଗାର୍ଡ ଧ୍ରୁବ ସୁନା ମୃତଦେହକୁ କାନ୍ଧ ଦେଇଥିଲେ। ଏନେଇ ଖପ୍ରାଖୋଲ ଥାନାରେ ନଂ ୧୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

# ବ୍ଲକ କଳାକାର ସଂଘର ନୂଆଁଖାଇ ଭେଟଘାଟ

ଲୋଇସିଂହା,୨୮।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ସଭାଗୃହରେ ଲୋଇସିଂହା ବ୍ଲକ କଳାକାର ସଂଘର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଭେଟଘାଟ ଉତ୍ସବରେ ସଂଘର ଉପସଭାପତି ସରୋଜ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା କଳାକାର ସଂଘ ଉପସଭାପତି ସୁଦାମ ବିଶି ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ବନିତା ମେହେର, ବରିଷ୍ଠ କଳାକାର ସଦାନନ୍ଦ ଧରୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକର ୫ ଶହ କଳାକାର ଏଥିରେ ସାମିଲ ହୋଇଥିଲେ। କଳାକାରମାନଙ୍କ ବିଭିନ୍ନ ସମସ୍ୟା ଯଥା କଳାକାର ଭତ୍ତା ଦୁଇ ହଜାର ଟଙ୍କାରୁ ୫ ହଜାରକୁ ବୃଦ୍ଧି , ସିଟିଏମଏସରେ ସାଂସ୍କୃତିକ ଦଳଗୁଡିକର ପଞ୍ଜୀକରଣ, ସରକାରଙ୍କ ତରଫରୁ ହେଉଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କୁ ସାମିଲ କରିବା ବିଷୟରେ ଆଲୋଚନା ହୋଇଥିଲା। ନିର୍ଦ୍ଧାରିତ ସମୟରେ ବଲାଙ୍ଗୀର ଲୋକ ମହୋତ୍ସବ କରିବା ପାଇଁ ସ୍ଥାନୀୟ ବ୍ଲକ ପ୍ରଶାସନ ଜରିଆରେ ଜିଲା ପ୍ରଶାସନକୁ ସ୍ମାରକପତ୍ର ଦେବାକୁ ମତପ୍ରକାଶ ପାଇଥିଲା। ଏହି କ୍ରମରେ ବ୍ଲକ କଳାକାର ସଂଘର ନୂତନ କର୍ମକର୍ତ୍ତା ବଛାଯାଇଥିଲା।


ନୂଆଁଖାଇ ଭେଟଘାଟରେ ସମବେତ କଳାକାର।

# ୧୨ ଦାଦନ ଶ୍ରମିକଙ୍କ ସହ ଜଣେ ଶିଶୁ ଉଦ୍ଧାର


ଲାଠୋର ପୋଲିସ ଦ୍ୱାରା ଉଦ୍ଧାର ଦାଦନ ଶ୍ରମିକ।

ଲାଠୋର,୨୮।୧୦(ଭୁବନେଶ୍ୱର ବାରିକ)

ସୋମବାର ସନ୍ଧ୍ୟାରେ ସ୍ଥାନୀୟ ପୋଲିସ ବଲାଙ୍ଗୀର ଜିଲା ଲାଠୋର ଗ୍ରାମର ଏକ ପରିତ୍ୟକ୍ତ ଘରୁ ୧୨ ଜଣ ଦାଦନ ଶ୍ରମିକ ଓ ଜଣେ ଶିଶୁଙ୍କୁ ଉଦ୍ଧାର କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଶ୍ରମିକମାନେ ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଗିଦମାଲ ଗ୍ରାମର । ସେମାନଙ୍କ ମଧ୍ୟରେ ୬ ଜଣ ପୁରୁଷ ବିଷ୍ଣୁ ସାହୁ, ବଳରାମ ସାହୁ, ଶ୍ୟାମ ସାହୁ, ପଦ୍ମନ ସାହୁ ବ୍ରହ୍ମା ସାହୁ, ଓଁକାର ସାହୁ ଏବଂ ୬ ଜଣ ମହିଳା ସନ୍ତୋଷିନୀ ସାହୁ, ହେମଲତା ସାହୁ, ଲବଙ୍ଗ ସାହୁ, ବାସନ୍ତି ସାହୁ, ମମତା ସାହୁ, ଜାହ୍ନବୀ ସାହୁ ଥିଲେ । ଏମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ସମ୍ପୃକ୍ତ ଦଲାଲ ଜଣକ ଏକ ପରିତ୍ୟକ୍ତ ଘରେ ଲୁଚାଇ ରଖିଥିବା ପୋଲିସ ଖବର ପାଇଥିଲା । ପରେ ପୋଲିସ ଚଢାଉ କରି ଶ୍ରମିକ ଓ ସେମାନଙ୍କ ସହ ଥିବା ଜଣେ ଶିଶୁଙ୍କୁ ଉଦ୍ଧାର କରି ଥାନାକୁ ଆଣି ପଚରାଉଚରା କରିଥିଲା । ଏ ନେଇ ଲାଠୋର ଥାନାରେ ନଂ ୨୩୫/୨୪ରେ ଏକ ମାମଲା ରୁଜୁ କରି ପୋଲିସ ଦୁଇ ଜଣ ଦଲାଲଙ୍କୁ ଅଟକ ରଖି ପଚରାଉଚରା କରୁଛି । ଦଲାଲ ଦୁଇଜଣଙ୍କ ମଧ୍ୟରେ ଜଣକ ଘର ଧଣ୍ଡାମୁଣ୍ଡ କଟାପାଲି ଗ୍ରାମରେ ହୋଇଥିବା ବେଳେ ଅନ୍ୟ ଜଣକ ଘର ଲାଠୋର ଗ୍ରାମରେ । ପୋଲିସ ଘଟଣାର ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ଦେବାର୍ଚ୍ଚନ ମିର୍ଦ୍ଧା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୭୨ ମଣ୍ଡପରେ ପୂଜା ପାଇବେ ମା' କାଳୀ

ରାଉରକେଲା,୨୮।୧୦(ସଙ୍ଗୀତା ଜେନା): ଆସନ୍ତା ୩୧ ତାରିଖ ମଧ୍ୟରାତ୍ରିରୁ ମା' କାଳୀଙ୍କ ପୂଜା ଆରମ୍ଭ ହେବାକୁ ଯାଉଛି। ଏହି କ୍ରମରେ ରାଉରକେଲାର ବିଭିନ୍ନ ପୂଜା ମଣ୍ଡପରେ ଏହି ପୂଜା ଆୟୋଜନ କରାଯାଉଛି। ଷ୍ଟିଲ୍ ଟାଉନ୍‌ଶିପ୍‌ରେ ୨୧, ସିଭିଲଟାଉନଶିପ୍‌ରେ ୪୫ ତଥା ଫର୍ଟିଲାଇଜର ଟାଉନଶିପ୍‌ରେ ୬ଟି ସମେତ ମୋଟ ୭୨ଟି ମଣ୍ଡପରେ ମା' କାଳୀ ପୂଜା ପାଇବେ। କେନ୍ଦ୍ରୀୟ ପୂଜା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହେବ। ଏ ନେଇ ଭବ୍ୟ ମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଛି। ସେକ୍ଟର-୨୦ ମାର୍କେଟ କମିଟି ପକ୍ଷରୁ ଚଳିତ ବର୍ଷ ପଞ୍ଚ ଦିବସୀୟ କାଳୀପୂଜା ୫୦ ବର୍ଷରେ ଉପନୀତ ହୋଇଛି। ମୂର୍ତ୍ତିକାର ବାବନ ସାହୁଙ୍କ ଦ୍ୱାରା ମା'ଙ୍କ ୧୪ ଫୁଟ୍‌ର ମୂର୍ତ୍ତି ସହ ପ୍ରାୟ ୫୦ ଫୁଟ୍ ମଣ୍ଡପ ନିର୍ମାଣ କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାମୂହିକ ପ୍ରସାଦସେବନ, ଭଜନ ସନ୍ଧ୍ୟା, ମୀନାବଜାର କାର୍ଯ୍ୟକ୍ରମ କରାଯିବ। କମିଟି ସଭାପତି ବିଭୂତି ଭୂଷଣ ଦାସ, ସାଧାରଣ ସମ୍ପାଦକ ସଂଗ୍ରାମ ପ୍ରଧାନ, କୋଷାଧ୍ୟକ୍ଷ ଜନାର୍ଦ୍ଦନ ପୋଥାଳ, ଉପଦେଷ୍ଟା ଗିରିଜା ଶଙ୍କର ମହାନ୍ତି, ବିବେକ ସ୍ୱାଇଁ, ପ୍ରମୋଦ ବେହେରା, ଅମୀୟ ଦାସ, ଅଶୋକ ପୋଥାଳ, ମୃତ୍ୟୁଞ୍ଜୟ ଗଡ଼ନାୟକ, ନୌଶାଦ ଆଲମ୍ ପ୍ରମୁଖ ଏହାକୁ ପରିଚାଳନା କରୁଛନ୍ତି। ସେହିପରି ସେକ୍ଟର ୭, ୧୬, ୧୮ ସମେତ ବିଭିନ୍ନ ସ୍ଥାନରେ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।



ବିଶ୍ରା ଛକରେ ଧର୍ମଘଟ ଅବସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ମିଳିତ ମଞ୍ଚ ପକ୍ଷରୁ ଧର୍ମଘଟ

ରାଉରକେଲା,୨୮।୧୦(ସଙ୍ଗୀତା ଜେନା)

ସେଲ୍‌ର ସମସ୍ତ କେନ୍ଦ୍ରୀୟ ଓ ସ୍ଥାନୀୟ ଶ୍ରମିକ ସଙ୍ଗଠନ ବା ମିଳିତ ମଞ୍ଚ ପକ୍ଷରୁ ସୋମବାରରୁ ୨୯ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଥିଲା। ରାଉରକେଲା ଇସ୍ପାତ କାରଖାନା ସମ୍ମୁଖ ବିଶ୍ରା ଛକ ନିକଟରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗତ ଶୁକ୍ରବାର ଦିଲ୍ଲୀ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ସେଲ କର୍ତ୍ତୃପକ୍ଷ ଏବଂ ଶ୍ରମିକ ସଙ୍ଗଠନମାନଙ୍କ ଆଲୋଚନା କରାଯାଇଥିଲା। ହେଲେ ଏହା ବିଫଳ ହୋଇଥିଲା। ଫଳରେ ପୂର୍ବ ଯୋଜନା ଅନୁଯାୟୀ ମିଳିତ ମଞ୍ଚ ଧର୍ମଘଟ ପାଇଁ ନିଷ୍ପତ୍ତି ନେଇଥିଲା। ୩୯ ମାସର ଏରିଅର, ବୋନସର ଫର୍ମୁଲା ପରିବର୍ତ୍ତନ କରି ୪୦ ହଜାର ୫ ଶହ ଟଙ୍କାରୁ ଉର୍ଦ୍ଧ୍ୱ ପ୍ରଦାନ, ଗ୍ରାଚ୍ୟୁଇଟି ସିଲିଂ ଉଚ୍ଛେଦ, ଠିକା ଶ୍ରମିକଙ୍କ ମଜୁରି ଚୁକ୍ତିନାମା ସମେତ ୧୮ ଦଫା ଦାବି ନେଇ ଉକ୍ତ ଧର୍ମଘଟ ହୋଇଥିଲା। ଏଥିରେ ମିଳିତ ମଞ୍ଚ, ଆର୍‌ଏସ୍‌ପି ଓ ଖଣିଖାଦାନର ସମସ୍ତ ଠିକା ଶ୍ରମିକ, ନିୟମିତ ଶ୍ରମିକମାନେ ଯୋଗ ଦେଇଥିଲେ। ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ପ୍ରଶାନ୍ତ ବେହେରା, ନିହାର ଦାସ, ବୀରକିଶୋର ଶେଖରଦେଓ, ସତ୍ୟ ସାହୁ, ଆରଆଇକେକେଏସ୍ ପକ୍ଷରୁ ହିମାଂଶୁ ବଳ, ସୁରେନ୍ଦ୍ର କଂସାରୀ, ଯୋଗେନ୍ଦ୍ର ମହାନ୍ତ, ଆର୍‌ଏମ୍‌ଏସ୍ ପକ୍ଷରୁ ଶଶଧର ନାୟକ, କଳାକାର ସାହୁ, ସିଟୁର ବରିଷ୍ଠ ନେତା ବିଷ୍ଣୁ ମହାନ୍ତି, ବିମାନ ମାଇତି, ବସନ୍ତ ନାୟକ, ଜିଏମ୍‌ଏମ୍‌ର ଗୋପାଳ ଦାସ,ଏଆଇଟିୟୁସିର ରମେଶ ସେଠୀ, କୈଳାସ ନାୟକ, ଆରଆଇକେଏସ୍‌ର ରମେଶ ସାହୁ, ସିଅରର ହେମନ୍ତ ବେହୁରା, ଆଡ଼ବ୍ଲ୍ୟୁଯୁର ଅଜିତ ନାୟକ, ଆଇଏଲୟୁର ସନ୍ତୋଷ ନାୟକ ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇଥିଲେ। ଶ୍ରମିକଙ୍କ ନ୍ୟାର୍ଯ୍ୟ ଦାବି ଗୁଡ଼ିକ ପୂରଣ କରାଯାଉ ବୋଲି ନେତୃମଣ୍ଡଳୀ ବକ୍ତବ୍ୟ ପ୍ରଦାନ କରିଥିଲେ।

# ନିଜ ଅପହରଣ ନିଜେ ଭିଆଇଥିଲେ ନାବାଳକ

ରାଉରକେଲା,୨୮।୧୦(ସଙ୍ଗୀତା ଜେନା)

ଘରୁ ଲକ୍ଷାଧିକ ଟଙ୍କା ନେଇ ଖର୍ଚ୍ଚ କରି ଦେବା ପରେ ଆଉ ଅଧିକ ଟଙ୍କା ନେବା ଆଶାରେ ଜଣେ ନାବାଳକ ନିଜ ଅପହରଣ ନାଟକ ନିଜେ ଭିଆଇ ଧରାପଡ଼ିଛନ୍ତି। ରାଉରକେଲା ୬ନମ୍ବର ସେକ୍ଟର ଅଞ୍ଚଳରେ ସୋମବାର ଏହି ଘଟଣା ଘଟିଛି। ପୋଲିସ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ରବିବାର ନାବାଳକ ଜଣଙ୍କ ନିଜ ଘରକୁ ଫୋନ କରି କହିଥିଲେ, ମୋତେ ଅପହରଣ କରି ନିଆଯାଇଛି। ଅପହରଣ କରିଥିବା ଲୋକମାନେ ୩ ଲକ୍ଷ ଟଙ୍କା ମାଗୁଛନ୍ତି। ତାଙ୍କୁ ଲକ୍ଷେ ୪୦ ହଜାର ଟଙ୍କା ଦେଇ ସାରିଛି। ସେମାନେ ଆହୁରି ଟଙ୍କା ମାଗୁଛନ୍ତି। ମୋ ପାଖରେ ଆଉ ଟଙ୍କା ନାହିଁ। ଏପରି ଫୋନ୍ କଲ୍ ପାଇ ରାଉରକେଲା ୬ନମ୍ବର ସେକ୍ଟରରେ ରହିଥିବା ୧୪ ବର୍ଷୀୟ ଛାତ୍ରଙ୍କ ପରିବାର ଲୋକେ ଛାନିଆ ହୋଇଯାଇଥିଲେ। ୬ନମ୍ବର ସେକ୍ଟରର ଏକ ସରକାରୀ ସ୍କୁଲରେ ପଢୁଥିବା ଏହି ଛାତ୍ର ଜଣକ ରବିବାର ୧୨ଟାରୁ ଘରୁ ବାହାରି ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ନ ଫେରିବାରୁ ଘର ଲୋକେ ଚିନ୍ତିତ ଥିଲେ। ଏତିକିବେଳେ ନିଜ ପିଲାର ଏପରି ଫୋନ୍ କଲ୍ ପାଇ ଚିନ୍ତାରେ ପଡ଼ି ପରିବାର ସଦସ୍ୟ ସଙ୍ଗେ ସଙ୍ଗେ ଏ ବାବଦରେ ୭ନମ୍ବର ସେକ୍ଟର ଥାନାରେ ସୂଚନା ଦେଇଥିଲେ। ଡିଏସ୍‌ପି ପୁଷ୍ପଲତା ନିନଗୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ରାତିସାରା ବିଭିନ୍ନ ସ୍ଥାନରେ ଖୋଜାଖୋଜି କଲା ପରେ ମଧ୍ୟ ଉକ୍ତ ପିଲାକୁ ପାଇ ନ ଥିଲେ। ସୋମବାର ମଧ୍ୟାହ୍ନ ୧୨ଟାବେଳେ ଉକ୍ତ ନିଖୋଜ ଛାତ୍ରଙ୍କୁ ୬ ନମ୍ବର ସେକ୍ଟର 'ଜି' ବ୍ଲକ୍ ଅଞ୍ଚଳର ଏକ ପଡ଼ିଆରୁ ପାଇଥିଲେ। ଉଦ୍ଧାର ପରେ ଉକ୍ତ ଛାତ୍ରଙ୍କୁ ପଚରାଉଚୁରା କରାଯାଉଛି। ତେବେ ଛାତ୍ର ଜଣକ ଅପହରଣ ହୋଇ ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘରୁ ଲକ୍ଷାଧିକ ଟଙ୍କା ନେଇ ଖର୍ଚ୍ଚ କରି ଦେବା ପରେ ଆଉ ଅଧିକ ଟଙ୍କା ଆଶାରେ ଏପରି ଅପହରଣର ନାଟକ କରିଥିବା ସନ୍ଦେହ କରାଯାଉଛି। ଏ ବାବଦରେ ପୋଲିସ୍‌ର ଅଧିକ ତଦନ୍ତ ଜାରି ରହିଛି।

# ସୁନା ଅଳଙ୍କାର ସଫେଇ ଆଳରେ ଠକେଇ

ରାଉରକେଲା,୨୮।୧୦(ସଙ୍ଗୀତା ଜେନା)

ସୁନା ସଫା କରିବା ଆଳରେ ଘରେ ପଶି ଗହଣା ଲୁଟ୍ କରିବା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ରାଉରକେଲା ପୋଲିସ୍। ଏହି ଗ୍ୟାଙ୍ଗର ୯ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୧୦୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଜବତ କରାଯାଇଛି। ଏ ବାବଦରେ ପୋଲିସର ଅଧିକ ତଦନ୍ତ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ ବିହାର ଭାଗଲପୁର ଅଞ୍ଚଳର ଏକ ଠକ ଦଳ ଗୋପବନ୍ଧୁପାଲି ଅଞ୍ଚଳରେ ଘର ଭଡ଼ା ନେଇ ରହି ଏହି ରାକେଟ୍ ଚଳାଉ ଥିଲେ। ଏହି ଠକ ଦଳର ସଦସ୍ୟମାନେ ସହରର ବିଭିନ୍ନ ସ୍ଥାନରେ ଘରଘର ବୁଲି ସୁନା ଗହଣା ସଫା କରୁଥିଲେ। ଗହଣା ସଫା କରୁଥିବା ସମୟରେ ଚଞ୍ଚକତା କରି ନକଲି ସୁନା ଦେଇ ବଦଳାଇ ଦେଉଥିଲେ। ଘର ମାଲିକ ଏ ବାବଦରେ ଜାଣିବା ବେଳକୁ ଠକ ଚୋର ଦଳ ଫେରାର ହୋଇ ଯାଉଥିଲେ। ରାଉରକେଲାର ବିଭିନ୍ନ ଥାନା ଅଞ୍ଚଳରେ ଏହି ଦଳ ସକ୍ରିୟ ଥିଲେ। ବିଭିନ୍ନ ସ୍ଥାନରୁ ଠକାମୀର ରିପୋର୍ଟ ଆସିବା ପରେ ପୋଲିସ ତଦନ୍ତ କରି ଗୋପବନ୍ଧୁପାଲି ଅଞ୍ଚଳରୁ କେତେଜଣ ଠକଙ୍କୁ ଅଟକ ରଖି ପଚରା ଉଚୁରା କରିଥିଲା। ପରେ ସେମାନଙ୍କ ସୂଚନା ଆଧାରରେ ବିହାରର ଭାଗଲପୁର ଅଞ୍ଚଳରୁ ଚୋରା ସୁନା ଗହଣା କିଣିଥିବା ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ପୋଲିସ ଏହି ଠକ ଦଳଙ୍କ ବାବଦରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ସୋମବାର ସନ୍ଧ୍ୟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନୀତେଶ ୱାଧୱାନି ଏହି ସୂଚନା ଦେଇଛନ୍ତି।



ପୋଲିସ ଗିରଫ କରିଥିବା ଠକ ଗ୍ୟାଙ୍ଗର ସଦସ୍ୟ।

## ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

ରାଉରକେଲା, ୨୮।୧୦(ଦିନେଶ ମିଶ୍ର)

ଜାତୀୟ ସତର୍କତା ସପ୍ତାହ ପାଳନ ଉପଲକ୍ଷେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଏନସିସି, ଏନ୍‌ଏସ୍‌ଏସ୍ ଏବଂ ଯୁବ ରେଡକ୍ରସ୍ ଶାଖାର ମିଳିତ ସହଯୋଗରେ ସୋମବାର ପ୍ରଥମେ ଏକ ଶପଥ ଗ୍ରହଣ ସମାରୋହ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଯୋଗଦେଇ ସତର୍କତା ସମ୍ପର୍କୀତ ବିଭିନ୍ନ ନିୟମର ଅନୁପାଳନ ସହିତ କୌଣସି କାର୍ଯ୍ୟରେ ଦୁର୍ନୀତିକୁ ପ୍ରଶୟ ଦେବେ ନାହିଁ ବୋଲି ଶପଥ ନେଇଥିଲେ। ଏନ୍‌ଏସ୍‌ଏସ୍ ଶାଖାର ସଂଯୋଜକ ଅଧ୍ୟାପକ ସମୀର ସୌରଭ ପୃଷ୍ଟିଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ପ୍ରଫେସର ଡ. ବେହେରା ଚଳିତବର୍ଷ ସତର୍କତା ଜାଗରଣ ସପ୍ତାହ ପାଳନର ପ୍ରସଙ୍ଗ 'ସତ୍ୟନିଷ୍ଠା ସଂସ୍କୃତିରେ ରାଷ୍ଟ୍ରର ସମୃଦ୍ଧି' ସମ୍ପର୍କରେ ସୂଚନା ଦେଇଥିଲେ। ସେହିଭଳି ସତର୍କତା ସପ୍ତାହ ପାଳନ ଉପଲକ୍ଷେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଏବଂ ଇଂରାଜୀରେ ବକ୍ତୃତା ସହିତ କାର୍ଟୁନ୍ ତିଆରି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାଗୁଡ଼ିକରେ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ଛାତ୍ରଛାତ୍ରୀଙ୍କ ସମେତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଆସନ୍ତା ୩୦ ତାରିଖ ସତର୍କତା ସମ୍ପର୍କୀତ ବିଷୟକୁ ନେଇ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ।



ସମୀକ୍ଷା ବୈଠକରେ ଉପ ବାଚସ୍ପତିଙ୍କ ସହ ଚ୍ୟାମ୍ବର ଅଫ୍ କମର୍ସ କର୍ମକର୍ତ୍ତା।

# ଜିଲା ଶିଳ୍ପୋଦ୍ୟୋଗ ବିକାଶ ଉପରେ ସମୀକ୍ଷା

ରାଉରକେଲା,୨୮।୧୦(ବିପ୍ଳବ ରଞ୍ଜନ ଦାଶ)

ଓଡିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ରବିବାର ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ କର୍ମକର୍ତ୍ତାଙ୍କ ସହ ରାଉରକେଲା ସମେତ ଜିଲାରେ ଉଦ୍ୟୋଗ ଶିଳ୍ପ ପ୍ରତିଷ୍ଠାନ, ପରିବହନଗତ ଭିତ୍ତିଭୂମି, ପରିବହନଜନିତ ସରକାରୀ ଆୟ ଓ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଉପରେ ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପବାଚସ୍ପତି ଭୋଇଙ୍କୁ ଚ୍ୟାମ୍ବର ଅଫ କମର୍ସ ପକ୍ଷରୁ ଜିଲାରେ ଶିଳ୍ପ ବିକାଶ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ରାଉରକେଲାରେ ଦୈନିକ ୩ହଜାରୁ ଉର୍ଦ୍ଧ୍ୱ ମାଲବାହୀ ଯାନବାହନ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛି। ମାତ୍ର ସହରରେ ପାର୍କିଂ ସ୍ଥଳ ନ ଥିବାରୁ ମୁଖ୍ୟମାର୍ଗ ରାସ୍ତା ପାର୍ଶ୍ୱରେ ମାଲବାହୀ ଯାନ ବହୁ ସମୟ ଧରି ଅଟକି ରହୁଛି। ଫଳରେ ଟ୍ରାଫିକ ଜାମ୍ ଓ ଦୁର୍ଘଟଣା ଘଟିବା ସହ ବ୍ୟବସାୟିକ କାର୍ଯ୍ୟରେ ସମସ୍ୟା ହେଉଛି। ରାଉରକେଲା-ଲାଠିକଟା, ରାଉରକେଲା-ରାଜଗାଙ୍ଗପୁର, ରାଉରକେଲା-ବୀରମିତ୍ରପୁର ୩ଟି ଜାତୀୟ ରାଜପଥ ଉନ୍ନତୀକରଣ ହେଲେ ବ୍ୟବସାୟିକ ଅଭିବୃଦ୍ଧି ହେବ। ଏଣୁ ସରକାରୀ ବଜେଟ ସହାୟତା ସହିତ ଭାରିଯାନ ପାର୍କିଂ କ୍ଷେତ୍ର ଓ ମଲ୍ଟି ମଡେଲ ଲଜିଷ୍ଟିକ୍ ପାର୍କ ବିକାଶ, ଟ୍ରାନ୍ସପୋର୍ଟ ନଗର ବିକାଶ ପାଇଁ ଜିଲା ଖଣିଜ ବିକାଶ ନିଧିର ଉପଯୋଗ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ରାଉରକେଲାରେ ବିଦ୍ୟୁତ୍ କାଟ ଯୋଗୁ ଉଦ୍ୟୋଗ କ୍ଷେତ୍ରରେ ସମସ୍ୟା ହେଉଛି। ତେଣୁ ବିଦ୍ୟୁତ୍ କାଟ୍ ଉପରେ ରୋକ୍ ଲଗାଇବାକୁ ନିବେଦନ କରାଯାଇଛି। ରାଉରକେଲାରେ ବାଣିଜ୍ୟ ଓ ଔଦ୍ୟୋଗିକ କନ୍‌ଭେନଶନ କେନ୍ଦ୍ର, ଜିଲାରେ ଔଦ୍ୟୋଗିକ ଇଷ୍ଟେଟ ନିର୍ମାଣ ଏବଂ ବିକାଶ ପାଇଁ ସରକାରଙ୍କୁ ଅବଗତ କରାଇବା ନେଇ ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ ଅନୁରୋଧ କରାଯାଇଥିଲା। ତେବେ ଦୋରା ତଳସେରା ଗ୍ରାମୀଣ ଅଞ୍ଚଳ ଉଦ୍ୟୋଗ ଓ ଖଣି ବିକାଶ ନେଇ ସରକାରଙ୍କ ଦୃଷ୍ଟିକୁ ଅଣାଯିବ। ଜିଲାସ୍ତରରେ କିଛିଟା ସମାଧାନ ହେବ। ତଳସେରା ନିର୍ବାଚନ ମଣ୍ଡଳୀରେ କଳ କାରଖାନା ନାହିଁ। ଆଗକୁ ତଳସେରାରେ ୨/୩ଶହ ଏକର ଜମିରେ କିଭଳି ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ହେବ ସେ ନେଇ ତହସିଲଦାର, ଉପ ଜିଲାପାଳଙ୍କ ସହ ବିଚାର ବିମର୍ଶ ହେବ। ସେହିପରି ଦାଦନ ଭଳି ସମସ୍ୟାକୁ କିଭଳି ରୋକାଯାଇପାରିବ ସେ ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପବାଚସ୍ପତି ଦୋରା କହିଥିଲେ। ଏହି ସମୀକ୍ଷା ବୈଠକରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ପାନପୋଷ ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସଭାପତି ପ୍ରଭାତ କୁମାର ଟେବ୍ରିବାଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର, କବିତା ପାଠୋତ୍ସବ

ରାଉରକେଲା, ୨୮।୧୦(ଦିନେଶ ମିଶ୍ର): ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ପାଠାଗାରର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ଆବାହକତ୍ୱ ଓ ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ଆସରରେ ଆଲୋଚ୍ୟ ବିଷୟ ଭାରତୀୟ ଧର୍ମ ଓ ଦର୍ଶନରେ ମାତୃଶକ୍ତିର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚକ ଭାବେ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ. ଅଶ୍ୱିନୀ କୁମାର ରାୟ ଯୋଗଦେଇ ଆଲୋଚ୍ୟ ବିଷୟ ପ୍ରସଙ୍ଗରେ ସୁନ୍ଦର ବ୍ୟାଖ୍ୟାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ, ମାତୃଶକ୍ତିର ଅମୃତ ଆଶିଷ ଝର ଆଜିର ବିପଥଗାମୀ ବିଶ୍ୱକୁ ନିସ୍ତରିବାର ଏକମାତ୍ର ଆଧାର। ପ୍ରାରମ୍ଭରେ ସଭାପତି ଡ. ସାମନ୍ତରାୟ ଅନୁଷ୍ଠାନର ଆଭିମୁଖ୍ୟ ଓ ସମ୍ପାଦକ ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକ ବିଜୟ କୁମାର ସାହୁ 'ଚିଠି' ଶୀର୍ଷକ ଗଳ୍ପ ପାଠ କରିଥିଲେ।

# ଶବକୁ କାନ୍ଧ ଦେଲେ ପୋଲିସ ଅଧିକାରୀ

ଖପ୍ରାଖୋଲ,୨୮।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗାଁ ନିକଟରୁ ପୋଲିସ ରବିବାର ଏକ ଗଳିତ ମୃତଦେହ ଜବତ କରିଛି। ମୃତକ ହେଲେ ବେନକେରା ଗାଁର ନିରାକାର ବରିହା (୬୫)।

ପ୍ରକାଶ ଯେ, ବେନକେରା ଗାଁ ନଦୀ ରାସ୍ତାରେ ଏକ ଗଳିତ ମୃତଦେହ ପଡ଼ିଥିବା ପୋଲିସ ସୂଚନା ପାଇ ଜବତ କରିଥିଲା। ମୃତଦେହ ଗତ ୨୧ ତାରିଖରେ ଗାଁରୁ ନିଖୋଜ ଥିବା ନିରାକାର ବରିହାଙ୍କର ବୋଲି ତାଙ୍କ ପୁଅ ଡବଲ ବରିହା ଚିହ୍ନଟ କରିଥିଲେ। ତେବେ ଗଳିତ ମୃତଦେହ ଥିବାରୁ ସମ୍ପର୍କୀୟ ନେବା ପାଇଁ ଅମଙ୍ଗ ହୋଇଥିଲେ। ଫଳରେ ପୋଲିସ ଏସଆଇ ଲକ୍ଷ୍ମୀଧର ସ୍ୱାଇଁ, ଏଏସଆଇ ସେବନ କେରକେଟା, ନବୀନ ଭୋଇ ଓ ହୋମଗାର୍ଡ ଧ୍ରୁବ ସୁନା ମୃତଦେହକୁ କାନ୍ଧ ଦେଇଥିଲେ। ଏନେଇ ଖପ୍ରାଖୋଲ ଥାନାରେ ନଂ ୧୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ରାଲି

ରାଉରକେଲା, ୨୮।୧୦(ଦିନେଶ ମିଶ୍ର)

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର ଆରକ୍ଷୀ ଅଧୀକ୍ଷକଙ୍କ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ରାଉରକେଲା ପକ୍ଷରୁ ଏକ ସଚେତନତା ରାଲି ଓ ବିଭିନ୍ନ କାର୍ଯ୍ୟାଳୟରେ ଶପଥ ପାଠର ଆୟୋଜନ କରାଯାଇଥିଲା। ୨୮ ଅକ୍ଟୋବରରୁ ୩ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ସକାଳେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ସବୁଜ ପତାକା ଦେଖାଇ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ। ଏହି ରାଲିରେ ପାନପୋଷ କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଓ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ରାଉରକେଲାର କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ରାଲି ଆରକ୍ଷୀ ଅଧୀକ୍ଷକ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପାନପୋଷରୁ ଆରମ୍ଭ ହୋଇ ପାନପୋଷ ଗାନ୍ଧୀଛକ ଦେଇ କାର୍ଯ୍ୟାଳୟରେ ସମାପ୍ତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବାନ ମହାନନ୍ଦ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ରାଉରକେଲା ଡିଆଇଜି ବ୍ରିଜେଶ ରାୟ, ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି, ରାଉରକେଲା ଏସପି ନୀତେଶ ୱାଧୱାନି ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ଶପଥ ପାଠ କରିଥିଲେ। ସେହିପରି ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ରାଉରକେଲାର ସମସ୍ତ କାର୍ଯ୍ୟାଳୟରେ ମଧ୍ୟ ସମୂହ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାନଗର ନିଗମ କାର୍ଯ୍ୟାଳୟରେ ଆର୍‌ଏମ୍‌ସି ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ତରୁଣକାନ୍ତ ଓ ସହକାରୀ ପୌରାୟୁକ୍ତ ଅଜିତ କୁମାର ପଟ୍ଟନାୟକ, ପ୍ରବର୍ତ୍ତନ ଅଧିକାରୀ ସ୍ୱାଧୀନ କୁମାର ବିଶ୍ୱାଳ ଏବଂ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ସହିତ ଏକ ଦୁର୍ନୀତିମୁକ୍ତ ବିକଶିତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ।



ସଚେତନତା ରାଲିର ଶୁଭାରମ୍ଭ କରାଯାଉଛି।

# ନଭେମ୍ବର ୨ରୁ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ

ରାଉରକେଲା,୨୮।୧୦(ବିପ୍ଳବ ରଞ୍ଜନ ଦାଶ)

ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ରାଉରକେଲା ଭଞ୍ଜ ଭବନ ସ୍ଥିତ ପ୍ରଦର୍ଶନୀ ପଡିଆରେ ଆସନ୍ତା ନଭେମ୍ବର ୨ତାରିଖରୁ ଆରମ୍ଭ ହେବାକୁ ଯାଉଛି ୨୭ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ। ଏହି ମହୋତ୍ସବ ୫ଦିନ ବ୍ୟାପୀ ନଭେମ୍ବର ୬ତାରିଖ ଯାଏ ଚାଲିବ। ମହୋତ୍ସବର ବିଭିନ୍ନ ଦିବସରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ପୂର୍ବତନ ବିଧାୟକ ସୁବ୍ରତ ତରେଇ, ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ, ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗ ସିଜିଏମ୍ ଇନ୍‌ଚାର୍ଜ ପ୍ରତାପ କୁମାର ସ୍ୱାଇଁ, ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ ଅସୀମ କୁମାର ଘୋଷ, ହାଇଦ୍ରାବାଦ ଗଜ ଇଞ୍ଜିନିୟରିଂ ବିଜନେସ୍ ମୁଖ୍ୟ ନିକୁଞ୍ଜ କିଶୋର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିବେ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ପୁନେର କଳାଶକ୍ତ ନୃତ୍ୟଶିଳ୍ପୀ, ମହାରାଷ୍ଟ୍ରର ପ୍ରସିଦ୍ଧ ଲାବଣୀ ନୃତ୍ୟ, ଗଞ୍ଜାମ ଜିଲାର ପଶୁନୃତ୍ୟ, ଗୁରୁ ପୈଶାଳୀ ଚାଟାର୍ଜୀ ଓ ସାଥୀଙ୍କ ମଣିପୁରୀ ନୃତ୍ୟ, ଗୁରୁ ଦୁର୍ଗା ଚରଣ ରଣବୀର ଓ ନୀଳାଦ୍ରି ମହାନ୍ତି ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ। ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିବେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଗୁରୁ ରୂପକ କୁମାର ପରିଡା ଓ ଶାସ୍ତ୍ରୀୟ କଣ୍ଠଶିଳ୍ପୀ କୌଶିକ ଭଟ୍ଟାଚାର୍ଯ୍ୟ। ସେହିପରି ଚଳିତ ବର୍ଷ ମହୋତ୍ସବରେ ବହୁ ପ୍ରତିଷ୍ଠିତ କଳାକାର ଅଂଶଗ୍ରହଣ କରି ସେମାନଙ୍କ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ ବୋଲି ରବିବାର ଭଞ୍ଜ କଳାକେନ୍ଦ୍ରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ଶୁଭଶଙ୍କର ରାୟଚୌଧୁରୀ, ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର, ଉପସଭାପତି ଆଲୋକ କୁମାର ବେହେରା, କୋଷାଧ୍ୟକ୍ଷ ସୁବ୍ରତ ଶତପଥୀ ଏବଂ ମୁଦ୍ରଣ ସମ୍ପାଦକ ଶଶାଙ୍କ ଶେଖର ପଟ୍ଟନାୟକ ସୂଚନା


ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

## ଡାଲି ଜାତୀୟ ବିହନ ଯୋଗାଅ

ସମ୍ବଲପୁର, ୨୮।୧୦ (ଭବାନୀ ଶଙ୍କର ଭୋଇ)

ଡାଲି ଜାତୀୟ ବିହନ ଚାଷୀଙ୍କୁ ମାଗଣାରେ ଯୋଗାଇଦେବାକୁ ଦାବି କରିଛି ଜିଲାସ୍ତରୀୟ ଲୋକ ସଙ୍ଗଠନ ମହିଳା ଜନ ସଂଘର୍ଷ ସମିତି ସମ୍ବଲପୁର, ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ଓଡ଼ିଶା। ବିଗତ ଦିନରେ କୃଷିଭିତ୍ତିକ ଅଭିଯାନ ମାଧ୍ୟମରେ ସମ୍ବଲପୁର ଜିଲାରେ ମୋଟ ୧୩୮୨ ଆଗ୍ରହୀ ଚାଷୀଙ୍କୁ ନେଇ ଏକ ତାଲିକା କରାଯାଇଛି। ଦ୍ୱିତୀୟ ଫସଲ ଚାଷ ନିମନ୍ତେ ଚାଷୀଙ୍କୁ ଚଳିତ ଅକ୍ଟୋବର ୧୫ ସୁଦ୍ଧା ୧୦କି.ଗ୍ରା. ଡ଼ାଲି ବିହନ ମାଗଣାରେ ଯୋଗାଇଦେବା ନିମନ୍ତେ ସଙ୍ଗଠନ ତରଫରୁ ଜିଲା ଏବଂ ବ୍ଲକସ୍ତରୀୟ କୃଷି ଅଧିକାରୀ, ପଞ୍ଚାୟତିରାଜ କର୍ମକର୍ତ୍ତାଙ୍କୁ ଆବେଦନପତ୍ର ପ୍ରଦାନ କରାଯାଇଛି। ସରକାର ରାଜ୍ୟରେ ଡାଲି ଜାତୀୟ ଫସଲ ଚାଷ ପାଇଁ ଚେଷ୍ଟା କରୁଛନ୍ତି। ତେବେ ଠିକ୍ ସମୟରେ ଆଗ୍ରହୀ ଚାଷୀଙ୍କୁ ବିହନ ଯୋଗାଣରେ ତତ୍ପରତା ଦେଖାଉ ନ ଥିବାରୁ ସରକାରୀ ଯୋଜନା ବିଫଳ ହେଉଥିବା ସଙ୍ଗଠନଗୁଡିକ କହିଛନ୍ତି।

# ବାର୍‌ହା ଉପଦ୍ରବ, ଧାନଫସଲ ନଷ୍ଟ

ନାକଟିଦେଉଳ, ୨୮।୧୦ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ଚାଷୀ ହାତୀ ଓ ବାର୍‌ହା ଉପଦ୍ରବ ଯୋଗୁ ଚିନ୍ତାରେ ପଡିଛନ୍ତି। ହାତୀ ଉପଦ୍ରବରେ ନଷ୍ଟ ହୋଇଥିବା ଧାନଚାଷ ଯାହା କିଛି ବଞ୍ଚି ରହିଥିଲାଶ ତାହାକୁ ଏବେ ବାର୍‌ହା ପଲ ଶେଷ କରି ଦେଉଛନ୍ତି। ଏହି ଜଙ୍ଗଲି ଯନ୍ତୁଙ୍କ ଉପଦ୍ରବ ଯୋଗୁ ଚାଷୀମାନେ ଚଳିତବର୍ଷ ଧାନ ଅମଳ କରି ଖଳାକୁ ଆଣିବାରେ ସଂଶୟ ପ୍ରକାଶ କରିଛନ୍ତି। ଗତ ପ୍ରାୟ ଦୁଇ ସପ୍ତାହ ହେଲା ନାକଟିଦେଉଳ ଗ୍ରାମର ଚାଷ ଜମିରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ବାର୍‌ହା ଉପଦ୍ରବ କରୁଛନ୍ତି । ସନ୍ଧ୍ୟା ହେବା ମାତ୍ରେ ବାର୍‌ହା ପଲ ନିକଟସ୍ଥ ଜଙ୍ଗଲରୁ ଧାନ ଖେତକୁ ଚାଲି ଆସି ଦଳିଚକଟି ଧାନ ଗଛକୁ ନଷ୍ଟ କରି ଦେଉଛନ୍ତି । ଏପରିକି ପାଚିଲା ଧାନଗୁଡିକ ଖାଇ ଯାଉଛନ୍ତି । ବାର୍‌ହା ଉପଦ୍ରବରେ ନାକଟିଦେଉଳ ଗ୍ରାମର ବସନ୍ତ ପ୍ରଧାନ, ବୈକୁଣ୍ଠ ସାହୁ, ରଞ୍ଜୁ ପ୍ରଧାନ, ପୀତାମ୍ବର ପ୍ରଧାନ, ନୀଳାଞ୍ଚଳ ଧଳ, ପଞ୍ଚାନନ ବିଶି, କୃଷ୍ଣ ବିଶି, ସହଦେବ ବିଶ୍ୱାଳ, ବୈଷ୍ଣବ ପ୍ରଧାନ, ଦିବାକର ସାହୁ, କରୁଣାକର ସାହୁଙ୍କ ସମେତ ପ୍ରାୟ ୩୦ ଚାଷୀଙ୍କର ଧାନ ଫସଲରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କେବଳ ନାକଟିଦେଉଳ ନୁହେଁ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ, ମୂଷାକାନୀ, ପେଣ୍ଡବାହାଲ, ଝାରବେଡା, ସାହେବୀ, ଶିମିଳିପାଳ ଆଦି ପାହାଡ଼ ତଳି ଗ୍ରାମର ଚାଷୀମାନେ ବାର୍‌ହା ଉପଦ୍ରବରେ ସନ୍ତୁଳିତ ହେଉଛନ୍ତି। ପ୍ରତିବର୍ଷ ଅଞ୍ଚଳର ଚାଷୀମାନେ ବାର୍‌ହା ଉପଦ୍ରବରେ କ୍ଷତି ସାହୁ ଆସୁଥିବା ବେଳେ ଚଳିତ ବର୍ଷ ଏହାର ମାତ୍ରା ବୃଦ୍ଧି ପାଇଛି । ଏ ସମ୍ପର୍କରେ ବନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବାରହା ଉପଦ୍ରବରେ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଚାଷୀ ସୋମବାର ନାକଟିଦେଉଳ ବନ ବିଭାଗ କାର୍ଯ୍ୟାଳୟ ଯାଇ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।


ବାର୍‌ହା ଉପଦ୍ରବ ଯୋଗୁ କ୍ଷତିଗ୍ରସ୍ତ ଚାଷଜମି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ଅରୁଣ


@ ପ୍ରିୟରଞ୍ଜନ


@ ଉଚ୍ଛବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସତ୍ୟନିଷ୍ଠ ସଂସ୍କୃତି ରାଷ୍ଟ୍ର ସମୃଦ୍ଧିର ଅସଲ ଭିତ୍ତି

## କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

କୁଚିଣ୍ଡା,୨୮।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜରେ ଅନ୍ତରୀଣ ମାନନିର୍ଦ୍ଧାରଣ ପରିଷଦ, ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଏବଂ ଜାତୀୟ ସୁରକ୍ଷା ବାହିନୀ ମିଳିତ ଆନୁକୂଲ୍ୟରେ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ଏକ ସଚେତନତା ସଭା ଓ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷା ସୁଚିତ୍ରା ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ପ୍ରାଧ୍ୟାପକ ଡ.ପ୍ରୟାସ ଦଣ୍ଡସେନା ମୁଖ୍ୟବକ୍ତାଭାବେ ଯୋଗଦେଇ ଦୁର୍ନୀତିର ସଂଜ୍ଞା ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଅସଲ ଭିତ୍ତି ବୋଲି କହିଥିଲେ। ଅଧ୍ୟାପକ ଅଭିନ କିଷାନ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପିକା ସୁଭଦ୍ରା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଅଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ଦାସ, ସୁଧାଂଶୁ କୁମାର ମହାପାତ୍ର , ରୋସନ କୁଲୁ, ଦେବଦତ୍ତ ଭୋଇ, ଟିକେଶ୍ୱର ଘୁଘର, ବୀରେନ ଓରାମ, ମଞ୍ଜୁଶ୍ରୀ ଦାସ, ମମତା ଟୋପୋ, ମମତା କର, ଦିବ୍ୟ ନାଗ, ରିତୁପ୍ରିୟ ନାୟକ, ପ୍ରଶାନ୍ତ କୁମାର ଶର୍ମା, ମାନସ କୁମାର ନାୟକଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ଅଧ୍ୟାପିକା ବେଲମତି କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ଯୁଯୋମୁରାକୁ ମରୁଡ଼ି ପ୍ରଭାବିତ ଜିଲା ଘୋଷଣା କର


ବୈଠକରେ ଯୋଗଦେବାକୁ ଆସିଥିବା ଚାଷୀମାନେ।

ପଡିଆବାହାଲ, ୨୮।୧୦ (ରାଧାମୋହନ ଷଡ଼ଙ୍ଗୀ )

ସମ୍ବଲପୁର ଜିଲା ଖଲିଆପାଲି ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ସୋମବାର ବାହାମ, ଘେନୁପାଲି ଆଦି ପଞ୍ଚାୟତର ଚାଷୀମାନଙ୍କୁ ନେଇ ଜୟ ଦୁର୍ଗା କୃଷକ କ୍ଲବ ଆନୁକୂଲ୍ୟରେ ଏକ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ପ୍ରଥମେ ବର୍ଷାଭାବରୁ ଗଜାମରୁଡି ହେଲା। ଯାହା କିଛି ଚାଷ ହେଲା ଏବେ ବର୍ଷାଭାବରୁ ଗର୍ଭ ଅବସ୍ଥାରେ ଥିବା ଧାନ ମରିବାକୁ ବସିଲାଣି। ସପ୍ତାହକ ମଧ୍ୟରେ ବର୍ଷା ନହେଲେ ଆହାର ଢୋକି ନ ପାରି ଧାନ ସବୁ ଅଗାଡି ହେବା ସମ୍ଭାବନାକୁ ଏଡାଇ ହେବନାହିଁ ବୋଲି ସଭାରେ ଚାଷୀମାନେ କହିଥିଲେ। ଏ ସବୁ ମଧ୍ୟରେ ହାତୀ ଓ ବାର୍‌ହା ଫସଲକୁ କ୍ଷତି କରୁଥିବା ଚାଷୀମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ଚାଷୀମାନେ ଯୁଯୋମୁରା ବ୍ଲକକୁ ମରୁଡି ପ୍ରଭାବିତ ଅଞ୍ଚଳ ଘୋଷଣା କରି ଅନୁସାଙ୍ଗିକ କ୍ଷତିପୂରଣ ଦେବାକୁ ପ୍ରଶାସନକୁ ଏକ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ସଭାରେ ବିମ୍ବାଧର ମିଶ୍ର, ସଞ୍ଜୀବ ବଡ଼ପଣ୍ଡା, ସୁଧାଂଶୁ ମହାପାତ୍ର, ଉଦ୍ଧବ ସାହୁ, ରଞ୍ଜନ ସାହୁ, ଜ୍ୟୋତିଷ ମିଶ୍ର, ସନ୍ତୋଷ ମେହେର, ଗୌର ଭୋଇ, ପଞ୍ଚାନନ ସାହୁ, ଅମୂଲ୍ୟ ପୂଜାରୀ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ସମ୍ବଲପୁର,୨୮।୧୦(ବି.ଶଙ୍କର)

ସେବା ଭାରତୀ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ସଂର୍କମା ଗ୍ରାମଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୀମସାର ସହକାରୀ ପ୍ରଫେସର ଡାକ୍ତର ସଞ୍ଜୀବ କୁମାର ମିଶ୍ର, କନିଷ୍ଠ ଡାକ୍ତର ଖିରୋଜ କୁମାର ଦୁର୍ଗା, କୃପାସାଗର ମିଞ୍ଜି ଅଯୋଧ୍ୟା ଯାତ୍ରରେ ଯିବାକୁ ଥିବା ୬୦ଜଣ ଶ୍ରଦ୍ଧାଳୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରକ୍ତ ଶର୍କରା ଏବଂ ରକ୍ତ ଚାପ ପରୀକ୍ଷା କରାଯାଇଥିଲା। ଏଥିସହ ବିଭିନ୍ନ ସମସ୍ୟାଗୁଡ଼ିକ ଡାକ୍ତରମାନେ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ପରବର୍ତ୍ତି ସମୟରେ ମାଗଣାରେ ଔଷଧ ଯୋଗାଇ ଦିଆଯିବ ବୋଲି ଅୟୋଜକ ଅନୁଷ୍ଠାନ କର୍ମକର୍ତ୍ତା ସୂଚିତ କରିଛନ୍ତି। ଶିବିରକୁ ସେବା ଭାରତୀ ସଙ୍ଗଠନ ମନ୍ତ୍ରୀ ହୃଷୀକେଶ ନାଗ ପରିଚାଳନା କରିଥିଲେ।

# ୬୯ ଅଭିଯୋଗ ଉପରେ ଶୁଣାଣି

କୁଚିଣ୍ଡା,୨୮୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସଭା ଗୃହରେ ହୋଇଥିବା ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ପରିଷଦ ସିଡିଓ ଧର୍ମେନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ବ୍ଲକର ୧୭ଗୋଟି ପଞ୍ଚାୟତ ଅଞ୍ଚଳରୁ ମୋଟ ୬୯ ଗୋଟି ଅଭିଯୋଗ ଆସିଥିଲା। ସିଡିଓ ମଲ୍ଲିକ ଏହା ଉପରେ ଶୁଣାଣି କରି ତୁରନ୍ତ ଫାଇସଲା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ବାଉଁଶଲଗା ଓ କୁଟାରିମାଲ ପଞ୍ଚାୟତକୁ ମରୁଡି ଘୋଷଣା କରିବା, ବାବୁନିକ୍ତିମାଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ରହୁ ନ ଥିବା, ପାନୀୟଜଳ ସମସ୍ୟା, ବିଦ୍ୟୁତ୍, ଜମିବାଡି ବିବାଦ, କୃଷି ସମସ୍ୟା, ବାମରା ମୁକ୍ତିଧାମ ଜମି ବିବାଦ, ପୂର୍ତ୍ତବିଭାଗ ଆପ୍ରୋଚ ରାସ୍ତାକୁ ବିରୋଧ ଆଦି ରହିଥିଲା। ଅଭିଯୋଗ ଶୁଣାଣି ସମୟରେ ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ସମର୍ଥକଙ୍କ ସହ ପହଞ୍ଚି ବାମରା ବ୍ଲକରେ ବିଜେଡି ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ସେମାନଙ୍କୁ ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ବ୍ଲକ ଅଫିସରେ ତାଲା ପକାଇଦେବାକୁ ଚେତାବନୀ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ପଞ୍ଚାୟତ ସମିତି ଅଧକ୍ଷା ପିଙ୍କି ଧୁରୁଆ, ଉପଜିଲାପାଳ ଗୌରବମୟ ପ୍ରଧାନ, ଅତିରିକ୍ତ ଏସ୍‌ପି ଅଲବିନୁସ କେର୍କେଟା, ବିଡ଼ିଓ ପୁଷ୍ପକ ପ୍ରଧାନ, ତହସିଲଦାର ଦିଲୀପ ପ୍ରଧାନ,ଏବିଡିଓ ସୁଶାନ୍ତ ପଣ୍ଡା, ଅତିରିକ୍ତ ତହସିଲଦାର ସୁଜୟ ପଣ୍ଡା, କୁଚିଣ୍ଡା ଏସଡିପିଓ ଅମିତାଭ ପଣ୍ଡାଙ୍କ ସମେତ ଜିଲା ଓ ଉପଖଣ୍ଡର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ସିଡିଓ ଧର୍ମେନ୍ଦ୍ର ମଲ୍ଲିକ, ଉପଜିଲାପାଳ ଗୌରବମୟ ପ୍ରଧାନ, ତହସିଲଦାର ଦିଲୀପ ପ୍ରଧାନ, ବିଡ଼ିଓ ପୁଷ୍ପକ ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ମୁକ୍ତିଧାମ ଓ ପ୍ରସ୍ତାବିତ ପୂର୍ତ୍ତବିଭାଗ ଆପ୍ରୋଚ ରୋଡର ବିକଳ୍ପ ଜମି ନିରୀକ୍ଷଣ କରିଥିଲେ।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ



ଉପସ୍ଥିତ ଅଧିକାରୀ ଓ କର୍ମଚାରୀ

ଜମନକିରା,୨୮।୧୦(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ବ୍ଲକ ଭିଶି ହଲରେ ସୋମବାର ତହସିଲଦାର ହରେକୃଷ୍ଣ ବରିହାଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଥାନା ଆଇଆଇସି ପଦ୍ମାଳୟା ସାହୁ, ଏବିଡିଓ ରବୀନ୍ଦ୍ର ରଣା, ସିଡିପିଓ ମମତା ପଟେଲ, ଏସଆଇ ଦେବଜାନୀ ଛତର ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭିସି ସଂକଳ୍ପ ଅନୁଯାୟୀ ଉପସ୍ଥିତ ସମସ୍ତେ ଦୁର୍ନୀତି ନିବାରଣ ନେଇ ସଂକଳ୍ପ ନେଇଥିଲେ। ଏଥିରେ ବ୍ଲକ ବିଭିନ୍ନ ବିଭାଗର ଅଧିକାରୀ, ତହସିଲ କର୍ମଚାରୀ, ଥାନାର ସମସ୍ତ ଅଧିକାରୀ ଓ କନଷ୍ଟେବଲ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ତ୍ରୀମୁଣ୍ଡା କପ୍ ଫୁଟ୍‌ବଲ: ସେମିରେ ଝାଡ଼େଶ୍ୱର କ୍ଲବ

କୁଚିଣ୍ଡା, ୨୮।୧୦(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ମନ୍ତ୍ରୀମୁଣ୍ଡା ୟୁଥ କ୍ଲବ ପକ୍ଷରୁ ଚାଲିଥିବ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ସିଙ୍ଗଲପୋଷି ଶ୍ରୀୟାଂଶ ଏକାଦଶ ଓ ଝାରସୁଗୁଡା ଝାଡେଶ୍ୱର କ୍ଲବ ମଧ୍ୟରେ ହୋଇଥିଲା। ଝାରସୁଗୁଡା ଝାଡେଶ୍ୱର କ୍ଲବ ୧–୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କୁଚିଣ୍ଡା ବିଏଫସି ଓ ମିର୍ଗାମୁଣ୍ଡା ମାନଧାତା ଏକାଦଶ ମଧ୍ୟରେ ହୋଇଥିଲା। ୨–୦ଗୋଲରେ କୁଚିଣ୍ଡା ବିଏଫସି ବିଜେତା ହୋଇଥିଲା। ତୃତୀୟ ମ୍ୟାଚ ଅର୍ଥାତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ କୁଚିଣ୍ଡା ବିଏଫସି ସହ ଝାରସୁଗୁଡା ଝାଡେଶ୍ୱର କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପରେ ପେନାଲଟି ସୁଟ୍ ଆଉଟରେ ଝାରସୁଗୁଡା ଝାଡେଶ୍ୱର କ୍ଲବ ବିଜେତା ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳକୁ ଅଶ୍ୱିନୀ ବେହେରା, ରାଜକୁମାର ମଣ୍ଡଳ, ରାଜେଶ ପଟେଲ, କାର୍ତ୍ତିକ ଦାସ, ନୀଳ ନାଏକ, ଚନ୍ଦ୍ର କିଷାନ, ଶତାବ୍ଦୀ ଜୟପୁରିଆ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ ମୁଖ୍ୟଅତିଥି, କୁଚିଣ୍ଡା ଏସ୍‌ଡିଏମଓ ଡା.ସୁବୋଧ କୁମାର ନାୟକ, ଲ୍ୟାମ୍ପ ଏମ୍‌ଡି ସରୋଜ ସାହୁ, ରମେଶ ବେହେରା, ନଳିନୀକାନ୍ତ ମିଶ୍ର, ସୀତାରାମ ପଟ୍ଟନାୟକ, ହେମନ୍ତ ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ମନ୍ତ୍ରୀମୁଣ୍ଡା ୟୁଥ କ୍ଲବ ଉପଦେଷ୍ଟା ପ୍ରଣବ ମିଶ୍ର, ସଭାପତି ତାପସ ନାଏକ, ସମ୍ପାଦକ ଅକ୍ଷୟ କିଷାନ, କୋଷାଧ୍ୟକ୍ଷ ଭବାନୀ କିଷାନ, ରହିତ କିଷାନ, ମାନସ ନାଏକ, ବସନ୍ତ ବୁଡା, ଅଜୟ କିଷାନ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଘାନା ଓ ନାଇଜେରିଆର ବିଦେଶୀ ଖେଳାଳି ବିଭିନ୍ନ ଦଳ ପକ୍ଷରୁ ଖେଳିଥିବାରୁ ଖେଳ ଦେଖିବାକୁ ବହୁସଂଖ୍ୟକ ଦର୍ଶକଙ୍କ ସମାଗମ ହୋଇଥିଲା।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ଧାରଣାରେ ବସିଲେ ମୋ ବସ୍ କର୍ମଚାରୀ

- ସମ୍ବଲପୁରରେ ୭ଘଣ୍ଟା ମୋ ବସ୍‌ସେବା ବନ୍ଦ
- ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ

ସମ୍ବଲପୁର,୨୮।୧୦(ପ୍ରମୋଦ ବହିଦାର)

ସିଆରୟୁଟି ସମ୍ବଲପୁର ଶାଖା କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିନେଇ ଭୋର ୫ଟାରୁ ୫୦ରୁ ଉର୍ଦ୍ଧ୍ୱ ମୋ–ବସ ମହିଳା କର୍ମଚାରୀ ଧାରଣାରେ ବସିଥିଲେ। ଫଳରେ ମୋ ବସ ଉପରେ ନିର୍ଭରଶୀଳ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦେରଙ୍କ ନିର୍ଦ୍ଦେଶରେ ସମ୍ବଲପୁର ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ରାମଦାସ ଟୁଡ୍ଡୁ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କଲାପରେ ମହିଳା କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ। ଦୀର୍ଘ ୭ଘଣ୍ଟା ପରେ ସହରରେ ମୋ ବସ ପରିବହନ ସେବା ସ୍ୱାଭାବିକ ହୋଇଥିଲା।

କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ,ସାମାନ୍ୟ ଭୁଲ ପାଇଁ କଣ୍ଡକ୍ଟର ବା ଗାଇଡ଼ଙ୍କ ବିରୋଧରେ ବିନା ତଦନ୍ତରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସିଟ୍‌ରେ ବସିଲେ କଣ୍ଡକ୍ଟର ବା ଗାଇଡ଼ମାନଙ୍କୁ କର୍ତ୍ତୃପକ୍ଷ ପାଞ୍ଚ ହଜାର ଟଙ୍କାର ଜରିମାନା ଆଦାୟ କରୁଛନ୍ତି। ଖାଲି ସେତିକି ନୁହେଁ, ସାମାନ୍ୟ କଥାରେ କର୍ମଚାରୀଙ୍କ ଦରମା ମଧ୍ୟ କାଟି ଦିଆଯାଇ ସାମୟିକ ଚାକିରୀରୁ ବାହାର କରିଦିଆଯାଉଛି। ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟାଳୟରେ ସିସିଟିଭି କ୍ୟାମେରା ଲାଗୁ ନାହିଁ। ତେଣୁ ଏହି ସବୁ ସମସ୍ୟାର ସମାଧାନ କର୍ମଚାରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆରଟିଓ ଟୁଡୁ କହିଛନ୍ତି, ଆନ୍ଦୋଳନକାରୀଙ୍କ ଦାବି ଗୁଡ଼ିକ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇ ଦିଆଯାଇଛି। ଏହାସହ ନିଯୁକ୍ତି ଅଫର ଲେଟର ମିଳି ନ ଥିବା ମୋ–ବସ ମହିଳା କଣ୍ଡକ୍ଟର ଓ ଗାଇଡଙ୍କୁ ତୁରନ୍ତ ନିଯୁକ୍ତି ଅଫର ଲେଟର ପ୍ରଦାନ କରାଯାଇଛି। ସେହିପରି ସାମାନ୍ୟ ଭୁଲ ପାଇଁ କଣ୍ଡକ୍ଟର ଓ ଗାଇଡଙ୍କ ବିରୋଧରେ ହେଉଥିବା ନିଲମ୍ବନ ଓ ଜରିମାନା ଭଳି କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା, ବିନା ତଦନ୍ତରେ ଯେକୌଣସି ଅଭିଯୋଗରେ କୌଣସି ମୋ–ବସ କଣ୍ଡକ୍ଟର ଓ ଗାଇଡଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବନାହିଁ। ମହିଳା କଣ୍ଡକ୍ଟର ଓ ଗାଇଡ଼ଙ୍କ ସୁରକ୍ଷା ଦୃଷ୍ଟିରୁ ସିଆରୟୁଟିର ସ୍ଥାନୀୟ କାର୍ଯ୍ୟାଳୟରେ ୭ଦିନ ମଧ୍ୟରେ ସିସିଟିଭି କ୍ୟାମେରା ଲଗାଇବାକୁ ସେ ସିଆରୟଟି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୋ–ବସ ମହିଳା କଣ୍ଡକ୍ଟର ଓ ଗାଇଡ଼ଙ୍କ ତଥା ଯେକୌଣସି କର୍ମଚାରୀଙ୍କ ବିରୋଧରେ ହେଉଥିବା ଅଭିଯୋଗର ଯାଞ୍ଚ ପାଇଁ ମହିଳାଙ୍କ ପ୍ରତିନିଧିତ୍ୱରେ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି।


ଧାରଣାରେ ସାମିଲ ମୋ ବସ୍ କର୍ମଚାରୀ।

# ଧାନଫସଲରେ ନିଆଁ ଲଗାଇଲେ ଚାଷୀ

**ବେହେରା,୨୮।୧୦(ଭୂପେଶ ତିୱାରୀ)**

ରୋଗ ସଂକ୍ରମିତ ଧାନ ପାଳ ଗଦା ପାଲଟି ଯାଉଛି। ବାରମ୍ବାର ଔଷଧ ସିଞ୍ଚନ ପରେ ମଧ ରୋଗ ନିୟନ୍ତ୍ରଣ ହୋଇପାରୁ ନ ଥିବାରୁ ହତାଶ ହୋଇ ଚାଷୀ ଧାନଫସଲରେ ନିଆଁ ଲଗାଇ ଦେଇଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଧର୍ମଗଡ ବେହେରା ଗ୍ରାମ ପଞ୍ଚାୟତସ୍ଥ ବାଙ୍କିମୁଣ୍ଡା ଦଳସର୍ଗୀ ଗ୍ରାମରେ। ହେକ୍ଟର ହେକ୍ଟର ଜମିରେ ବିପିଏଚ୍ ଭଳି ମାରାତ୍ମକ ରୋଗ ବ୍ୟାପୁଥିବା ନଜରକୁ ଆସିଛି। କିଛି ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଧାନ ବିଲକୁ ଚରି ଯାଉଥିବା ବେଳେ ଧାନକୁ ନଷ୍ଟ କରିଦେଉଛି। କଷ୍ଟ ଉପାର୍ଜିତ ସୁନାର ଫସଲ ଉଜୁଡ଼ି ଯାଉଥିବା ଦେଖି ଚାଷୀମାନେ ଭାଙ୍ଗି ପଡିଛନ୍ତି। ଏଭଳି ପରିସ୍ଥିତିରେ କୌଣସି କୃଷି ଅଧିକାରୀଙ୍କ ଦେଖା ଦର୍ଶନ ନ ଥିବା ଚାଷୀମାନେ ପ୍ରକାଶ କରନ୍ତି। ବର୍ତ୍ତମାନ ସେମାନେ ବିଭିନ୍ନ ବ୍ୟାଙ୍କ, କୃଷି ସମବାୟ, ଫାଇନାନ୍ସ କମ୍ପାନୀରେ, ମହାଜନ ଋଣ କିପରି ପରିଶୋଧ କରିବେ ସେହି ଚିନ୍ତାରେ ଅଛନ୍ତି। ଆଗାମୀ ଦିନରେ ସରକାର ସହଯୋଗ ଯୋଗାଇ ନ ଦେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚାଷୀନେତା ପ୍ରଶାନ୍ତ ତିୱାରୀ, ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଧନପତି ପୂଜାରୀ, ସତ୍ୟାନନ୍ଦ କାଣ୍ଡ, ଶ୍ରିଧନି ଭରତିଆ, ଧର୍ମେନ୍ଦ୍ର ସୋନି, ଓଷା ଭରତିଆ, ହରି କାଣ୍ଡ, ଉଛବ ଭରତିଆ, ଯୁଧିଷ୍ଠିର ଭାରତିଆ, ପୁରୁନ ଭରତିୟା, ହୋକିମ ବିଶି ପ୍ରମୁଖ କ୍ଷତିଗ୍ରସ୍ତ ଚାଷୀ ପ୍ରକାଶ କରିଛନ୍ତି।


ଧାନଫସଲରେ ନିଆଁ ଲଗାଉଛନ୍ତି ଚାଷୀ।

## ସଂକ୍ଷେପରେ

### ବାର୍‌ହା ମାଂସ ଓ ମାରଣାସ୍ତ୍ର ଜବତ, ୨ ଅଟକ

**ଦେଓଗାଁ,୨୮।୧୦ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ରତନପୁର ନିକଟ ସୁନାଆଡକି ସଂରକ୍ଷିତ ଜଙ୍ଗଲରୁ ବାରହା ମାଂସ ଓ ମାରଣାସ୍ତ୍ର ଜବତ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜର ଯୁଧିଷ୍ଠିର ଜାଲ, ଫରେଷ୍ଟର ବ୍ୟାସଦେବ ସାହୁ ସଦଳବଳେ ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ସେଠାରେ ୨ଜଣଙ୍କ ନିକଟରୁ ବାର୍‌ହା ମାଂସ, ମାରଣାସ୍ତ୍ର ଓ ରୋଷେଇ ସାମଗ୍ରୀ ଜବତ କରିଥିଲେ। ଏହି ଘଟଣାରେ ୨ଜଣ ବ୍ୟକ୍ତିଙ୍କୁ ରେଞ୍ଜ ଅଫିସକୁ ଆଣି ଅଟକ ରଖି ଅଧିକ ଛାନ୍‌ଭିନ ଚାଲିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ବିନିକା, ୨୮।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ, ଏସ୍‌ପି ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୦୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ୮୩ଟି ବ୍ୟକ୍ତିଗତ ଓ ୨୧ଟି ସାମୂହିକ ଅଭିଯୋଗ ଥିଲା। ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ବିଡିଓ ପ୍ରମୋଦ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୋନପୁର ସୌମ୍ୟାରୂପା ରଥ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଆରଡବ୍ଲ୍ୟୁଏସ୍‌ଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର ଗ୍ରୀଭେନସ ଶୁଭଶ୍ରୀ ରଥ, ବିନିକା ତହସିଲଦାର ପ୍ରମୁଖ ଯୋଗଦେଇଥିଲେ।

### ବୀରମହାରାଜପୁର କଲେଜରେ ଦୁର୍ନୀତି ନିବାରଣ ଅଭିଯାନ

**ଅମରପାଲି,୨୮।୧୦ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବିଜୟ କୁମାର ପୁରୋହିତ, ପ୍ରକାଶ କୁମାର ସେଠ, ଯାମିନୀ ଦାସ, ଡ. ବନ୍ଦିତା ବିଶ୍ୱାଳ, ସଞ୍ଜୟ କୁମାର ପଧାନ, ଡ. ଶିଶିର ବଣିଆ, ହରପ୍ରିୟା ମହାପାତ୍ର, ନରେନ୍ଦ୍ର ଝା, ପ୍ରଭାତ ପୁରୋହିତ, ସୁପ୍ରଭା ନନ୍ଦ, ମାଧବ ପଧାନ, ଜିତେନ୍ଦ୍ର ସାହୁ, ମାଲତୀ ନାୟକ, ନୀତାରାଣୀ ପଧାନ, ବଳରାମ ଶତପଥୀ, ସୁନୀଲ କୁମାର ତ୍ରିପାଠୀ ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ସାମିଲ ହୋଇଥିଲେ। ଅଧ୍ୟକ୍ଷ ଡ. ପାଢୀଙ୍କ ନେତୃତ୍ୱରେ ଅଧ୍ୟାପିକା ଓ କର୍ମଚାରୀମାନେ ଦୁର୍ନୀତିରେ ଲିପ୍ତ ନରହିବା ପାଇଁ ଶପଥ ନେଇଥିଲେ। ଡ. ବନ୍ଦିତା ବିଶ୍ୱାଳ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁପ୍ରଭା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ତୈଳିକ ବୈଶ୍ୟ ସମାଜର ସାଧାରଣ ସଭା

**ବଲାଙ୍ଗୀର,୨୮।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର କଦଳୀମୁଣ୍ଡାସ୍ଥିତ ନର୍ସରୀଠାରେ ତୈଳିକ ବୈଶ୍ୟ ସମାଜର ଏକ ସାଧାରଣ ସଭା ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲାର ୧୪ଟି ବ୍ଲକର ଶତାଧିକ ପୁରୁଷ ଏବଂ ମହିଳା ସଦସ୍ୟ ଉପସ୍ଥିତ ଥିଲେ। ସଭାରେ ବିଗତ ୨୦୧୯ ମସିହାରୁ ଦାୟିତ୍ୱରେ ଥିବା କମିଟି ଭଙ୍ଗ କରାଯାଇଥିଲା। ଏହି ଅବସରରେ ସଭାପତି ଓ ସମ୍ପାଦକ ବିଗତ ୫ ବର୍ଷରେ କରିଯାଇଥିବା ସମସ୍ତ କାର୍ଯ୍ୟକଳାପର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ନୂତନ କମିଟି ଗଠନ କରିବାକୁ ନିର୍ବାଚନ ଦାୟିତ୍ୱରେ ପ୍ରମୁଖ ଭାବେ ବୈଷ୍ଣବ ଚରଣ ସାହୁ, ଅଙ୍ଗିରା ସାହୁ, ରବିନ୍ଦ୍ର ସାହୁ ଏବଂ ଶରତ ସାହୁଙ୍କୁ ଦାୟିତ୍ୱ ଦେଇଥିଲେ। ଏହି ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ସଦସ୍ୟମାନଙ୍କ ସହମତିରେ ନୂତନ ଭାବେ ସଭାପତି ଉମାକାନ୍ତ ସାହୁ, ଉପସଭାପତି ମିତ୍ରଭାନୁ ସାହୁ, ଗୌର ଚରଣ ସାହୁ ଓ ମହେଶ୍ୱର ସାହୁ, ସଂପାଦକ ପ୍ରଦୀପ ସାହୁ, ସହ-ସଂପାଦକ ଫିରୋଜ ସାହୁ, ଦେବେନ୍ଦ୍ର ସାହୁ, ହିମାଂଶୁ ସାହୁ, ସାଂଗଠନିକ ସଂପାଦକ ବିକାଶ ସାହୁ, କୋଷାଧ୍ୟକ୍ଷ ଭାବେ ତ୍ରିନାଥ ସାହୁଙ୍କୁ ନିର୍ବାଚିତ କରିଥିଲେ। ଏହାସହିତ ବୈଷ୍ଣବ ସାହୁଙ୍କୁ ଆଇନ ପରାମର୍ଶଦାତା ଓ ସାଂସ୍କୃତିକ ସଂପାଦକ ରବିନ୍ଦ୍ର କୁମାର ସାହୁଙ୍କୁ ଦାୟିତ୍ୱ ଦେଇଥିଲେ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଜିଲାର ପ୍ରତ୍ୟେକ ପ୍ରାନ୍ତରରୁ ଆସିଥିବା ପ୍ରମୁଖ ସଦସ୍ୟଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଧ୍ରୁବ ସାହୁ, ଚୈତନ୍ୟ ସାହୁ, ଦିଲିପ ସାହୁ, ଦେବଦତ୍ତ ସାହୁ, ହେମସାଗର ସାହୁ, ମୁକେଶ ସାହୁ, ଜଗଦୀଶ ସାହୁ, ରାମଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାସହିତ ଉପଦେଷ୍ଟା ଭାବେ ଅଙ୍ଗିରା ସାହୁ, ଶିବ ପ୍ରସାଦ ସାହୁ, ଟିକେଲାଲ ସାହୁ, ନରସିଂହ ସାହୁ, ମହେନ୍ଦ୍ର ସାହୁ, ଭଗବାନ ସାହୁ ଏବଂ ନେପାଲ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ନୂତନ ଭାବେ ଚୟନ ହୋଇଥିବା ସଦସ୍ୟମାନେ ଆଗାମୀ ଦିନରେ ତୈଳିକ ବୈଶ୍ୟ ସମାଜର ଉନ୍ନତି କରିବା ନିମନ୍ତେ ସଙ୍କଳ୍ପବଦ୍ଧ ହୋଇଥିଲେ।

## ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଗୁରୁତ୍ୱ

**ଦେଓଗାଁ,୨୮।୧୦ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ସୁନାଆଡକି ପ୍ରୋଜେକ୍ଟ ନିକଟରେ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)ର ବଲାଙ୍ଗୀର ଜିଲା ଶାଖାର ଜିଲା କାର୍ଯ୍ୟକାରିଣୀ ବୈଠକ ତଥା ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସାମ୍ବାଦିକ ରାମଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗ ଦେଇଥଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଡିଓ କ୍ଷମାନିଧି ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ପୂର୍ବତନ ଜିଲା ପରିଷଦ ସଭ୍ୟ ଶୁଶିଲ କୁମାର ଚାନ୍ଦ, ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ଲାଗି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଜେୟୁ ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜ ଯୋଗଦେଇ ସାମ୍ବାଦିକମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା ଓ ସେମାନଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ରାଜ୍ୟ ସମ୍ପାଦକ ରାଜ କିଶୋର ତ୍ରିପାଠୀ ସାମ୍ବାଦିକମାନଙ୍କ ସୁରକ୍ଷା ପ୍ରତି ସରକାର ଯତ୍ନବାନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ, ସାହିତ୍ୟିକ ଡ. ସୁଧାଂଶୁ ଭୂଷଣ ମେହେର ତଥା ବଲାଙ୍ଗୀର ଜିଲା କରାଟେ କୋଚ ଚନ୍ଦ୍ର ଶେଖର ସେଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବଲାଙ୍ଗୀର ଜିଲା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଲା ସଭାପତି ଭାବେ ସୁମିତ ରଞ୍ଜନ ପୁରୋହିତ, ଉପ-ସଭାପତି ରାମଚନ୍ଦ୍ର ଶତପଥୀ, ସମ୍ପାଦକ ଭାବେ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭାବେ ଶରତ କୁମାର ପୁଟେଲ, ଯୁଗ୍ମ ସମ୍ପାଦକ ଭାବେ ମନିଷ କୁମାର ଅଗ୍ରୱାଲ, ସଂଗଠନ ସମ୍ପାଦକ ଭାବେ ଶୁଶାନ୍ତ କୁମାର ବାରିକଙ୍କୁ ମନୋନୀତ କରାଯାଇଥିଲା।

## ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

**ଅମରପାଲି,୨୮।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ଗ୍ରାମ ପଞ୍ଚାୟତ ସଭାଗୃହଠାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତାରେ ପଞ୍ଚାୟତ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୟଶ୍ରୀ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ନନ୍ଦ, ଗ୍ରାମ ରୋଜଗାର ସେବକ ତଥା ଏଡ଼ିଇଓ ଲଳିତ ପଧାନ, ମହିଳା ସ୍ୱାସ୍ଥ୍ୟକର୍ମୀ ସଞ୍ଜୁ ମଲ୍ଲିକ, ଜଗଦୀଶ ମେହେର, ନାଏବ ସରପଞ୍ଚ ଝସକେତନ ପଧାନ, ଏମବିକେ ପଦ୍ମିନୀ ପାଢ଼ୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ସଂଯୋଜକ ବିଶ୍ୱମ୍ଭର ସାହୁ ସ୍ୱାଗତ ଭାଷଣ, ମିତ୍ରଭାନୁ ମଲ୍ଲିକ ବୈଠକର ଉଦ୍ଦେଶ୍ୟ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ସି ଆର ପି, ୱାର୍ଡସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ। ସୁଦାମ ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଚର ଜମି ଅନ୍ୟକୁ ଦେବା ବିରୋଧରେ ଧାରଣା



ଧାରଣାରେ ବସିଛନ୍ତି ଗ୍ରାମବାସୀ।

**ନୂଆପଡ଼ା, ୨୮।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ ପଞ୍ଚାୟତ ଧରମପୁର ଗାଁର ବଞ୍ଜାରୀ ଖେଳପଡ଼ିଆକୁ ପ୍ରଶାସନ ଅନ୍ୟକୁ ଟେକିଦେବାକୁ ବିରୋଧ କରି ଗ୍ରାମବାସୀ ସୋମବାର ଧାରଣାରେ ବସିଛନ୍ତି। ସୂଚନାନୁଯାୟୀ ଧରମପୁର ଗାଁ ବଞ୍ଜାରୀ ମନ୍ଦିର ପ୍ରାଙ୍ଗଣରେ ୩୫୩ ନଂ. ଜାତୀୟ ରାଜପଥ କଡରେ ଖେଳପଡିଆ କରି ଦୀର୍ଘ ବର୍ଷରୁ ଗାଁ ଓ ସ୍କୁଲ ପିଲା ଖେଳକୁଦ କରିଆସୁଥିଲେ। ଗାଁର ସଂରକ୍ଷିତ ଗୋଚର ଜମି ଖାତା ନଂ.୨୫୩, ପ୍ଲଟ ନଂ.୬୫୨ରେ ମୋଟ ୧୪ ଏକର ୮୩ ଡେସିମିଲ ରହିଛି। ସେଥିରୁ କିଛି ଅଂଶ ଖେଳପଡିଆ ଓ ଅବଶିଷ୍ଟ ଜମିରେ ଗ୍ରାମବାସୀ ଗଛ ଲଗାଇ ଗୋରୁ, ଛେଳିମେଣ୍ଢା ଚରାଉଥିଲେ। ଗ୍ରାମସଭା ନ କରି ଜମିକୁ ପ୍ରଶାସନ ଅନ୍ୟକୁ ଟେକି ଦେଇଛନ୍ତି। ଏ ବିଷୟରେ ଗ୍ରାମବାସୀ ଜିଲାପାଳ, ଉପଜିଲାପାଳ ନୂଆପଡ଼ା, ତହସିଲଦାର କୋମନାଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ସୋମବାରଠାରୁ ଉକ୍ତ ପଡ଼ିଆରେ ଧାରଣାରେ ବସିଥିବା କହିଛନ୍ତି। ଗ୍ରାମର ମାଧବ ମାଝି, ପ୍ରେମାନନ୍ଦ ମାଝି, ଲିଙ୍ଗରାଜ ଖର୍ସେଲ, ଧରମ ସିଂ ମାଝି, ଖଗେଶର ବନ୍‌ଛୋର, ଧନ ସିଂ ମାଝି, ତରାଚନ ଖର୍ସେଲ ପ୍ରମୁଖ ଧାରଣାରେ ବସିଛନ୍ତି।

## ଦୁର୍ଗା ମନ୍ଦିର ପରିଚାଳନା କମିଟିର ସଫେଇ ଅଭିଯାନ


ଦୁର୍ଗା ମନ୍ଦିର କମିଟି ତରଫରୁ ସଫେଇ କରାଯାଉଛି।

**ଅମରପାଲି, ୨୮।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ମହକୁମାସ୍ଥିତ ଦୁର୍ଗା ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଦୁର୍ଗା ମନ୍ଦିର ପରିସର ଏବଂ ସଂଲଗ୍ନ ରାସ୍ତା ସଫେଇ କରିଥିଲେ। ସଭାପତି ସନ୍ତୋଷ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମିଟି ସଦସ୍ୟ ସୋମନାଥ ମିଶ୍ର,ବିଜୟ କୁମାର ମିଶ୍ର, ଆଦିତ୍ୟ ପତି, ଖଗେଶ୍ୱର ମେହେର, ତ୍ରିନାଥ ସାହୁ, ଶ୍ରୀନିବାସ ରଥ, ମନୋରଞ୍ଜନ ତରିଆ,ପ୍ରଦୀପ ଭୋଇ, ଭାଗିରଥି ମେଣ୍ଡିଲି, କୃଷ୍ଣଚନ୍ଦ୍ର ମହାକୁର,ସୁଧାଂଶୁ କର ପ୍ରମୁଖ ରାସ୍ତା ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରତ୍ୟେକ ରବିବାର କମିଟି ତରଫରୁ ଶ୍ରମଦାନ କରି ସଫେଇ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଦସ୍ୟମାନେ ପ୍ରକାଶ କରିଥିଲେ।

## ଦୁର୍ନୀତି ନିବାରଣ ସପ୍ତାହରେ ଶପଥ ନେଲେ ବିଏଲ୍‌ଏଫ୍ ସଭ୍ୟା

**ଅମରପାଲି,୨୮।୧୦ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ବିପିସି ଶାନ୍ତନୁ କୁମାର ମେହେର, ବିପିଏ ରାଜୁ କୁମାର ଡୁଙ୍ଗଡୁଙ୍ଗ ଯୋଗଦେଇ ଦୁର୍ନୀତି ନିବାରଣ ପାଇଁ ଶପଥ କରାଇଥିଲେ। ଏହି ଅବାସରରେ ସମସ୍ତ ବିଏଲଏଫ ସଭ୍ୟା ଯୋଗଦେଇ ଶପଥ ନେଇଥିଲେ। ମହାସଂଘ ସଭାନେତ୍ରୀ ସସ୍ମିତା ଦାସ, ସମ୍ପାଦିକା ମମତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), PHONE : 0663-2950721 (O), 2950765 (R), E-mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-WK-121 (Vol-I)/5196 Date : 25.10.2024

**TENDER CALL NOTICE NO. HHEP-34/2024**

No.CAD-1456 : Sealed Tenders are invited in two parts i.e (i) Techno Commercial bid & (ii) Price bid in separate sealed envelops from the reputed manufacturers / authorized dealers / channel partners, reputed suppliers for the work as mentioned below

| Description of work | Cost of tender paper (Non-refundable) in Rs. | EMD in shape of DD/ BC (Refundable) in Rs. | Period of sale / download of tender document | Last date & Time of receipt of tender document | Date & Time of opening of Techno Commercial bid |
|---|---|---|---|---|---|
| Supply of LED High bay light 250W - 80Nos and 2'x2' LED 36W-65Nos for illumination system of Burla Power House | Rs. 4720/- (Rs. 4000 + GST @ 18%) | 8,500/- | 30.10.24, 10:00 A.M. to 13.11.24, 05:30 P.M. | 14.11.24, 03:30 P.M. | 14.11.24 at 04:00 P.M. |

Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpcltd.com.

OIPR-04007/11/0010//2425 Sd./- Unit Head, HHEP, Burla

**OFFICE OF THE SUB-COLLECTOR & SUB-DIVISIONAL MAGISTRATE, SADAR, CUTTACK** No.W-

No. 15400/ Dt. 27.10.2024

**NOTICE FOR OPEN TENDER / BIDDING FOR AUCTION SALE AND SETTLEMENT OF PARKING SPACES AT DIFFERENT LOCATIONS OF CUTTACK TOWN FOR BALIJATRA CUTTACK UTSAV - 2024**

In continuation to this office notice inviting tender for Auction Sale and Settlement of Parking Spaces at different locations of Cuttack Town for Balijatra Cuttack Utsav-2024 **an open Tender / Bidding for the remaining Parking Spaces will be held on Dt. 04.11.2024 at 11.30 A.M. in the Conference Hall of Sub-Collector, Cuttack**. The Bidders who had participated earlier in the Bidding process on Dt. 26.10.2024 for different parking spaces are invited to participate and attend the Open Tender/ Bidding against each of the parking space by offering their rate above and upon, i.e. beyond the Standard Upset Price fixed.
The proposed parking spaces for which spot bidding invited/solicited are mentioned below :

| Sl. No. | Name of the Parking Zone | Approximate area to be auctioned (in Sqft.) | Reserve Price (Rs. Per Sqft.) | Standard Upset price |
|---|---|---|---|---|
| 1 | Parking space (C) West side Ring Road to Silver City Boating Complex | 1,00,000 | 11/- | 11,00,000/- |
| 2 | Parking space (D) West side Ring Road to Silver City Boating Complex | 1,00,000 | 10/- | 10,00,000/- |
| 3 | Parking space (E) West side Ring Road to Silver City (Beside Boating Club gate) | 20,000 | 10/- | 2,00,000/- |
| 4 | Kartikeswar Gada East Side | 40,000 | 25/- | 10,00,000/- |
| 5 | Christian Padia | 60,000 | 18/- | 15,00,000/- |
| 6 | Gorakabar Padia | 25,000 | 8/- | 2,00,000/- |
| 7 | Hadia Patha | 25,000 | 8/- | 2,00,000/- |
| 8 | Parking space behind Krushak Bazar (Besides Fire Station, CDA) | 20,000 | 5/- | 1,00,000/- |
| 9 | Parking space opposite Bhubanananda Odisha School of Engineering (BOSE), Cuttack | 1,00,000 | 5/- | 5,00,000/- |
| 10 | Parking spaces near Matamatha Chhaka behind Matamatha Puja Mandap | 1,00,000 | 6/- | 6,00,000/- |

The **Bidders** earlier participated in the Tender/Bidding on 26.10.2024 are only entitled for participating in spot/open bidding on **04.11.2024 at 11:30 A.M.** In case of any unavoidable circumstances, their authorized representatives with due authorization can attend the spot/open bidding on **04.11.2024 at 11:30 A.M. in the Conference Hall of Sub-Collector, Cuttack**. The terms and conditions for Auction sale of Parking Spaces as mentioned in earlier Notice No. 14440 Dtd. 08.10.2024 are remained unaltered / unchanged. The qualified bidders shall bound to abide by the Terms and Conditions accordingly. Besides, **the bidders who will be selected as H1 bidder shall deposit the entire amount by 03.00 P.M. on 05.11.2024 in shape of Bank Draft drawn in favour of District Culture Officer, Cuttack and payable at Cuttack.**

Sd./- Sub-Collector & Sub-Divisional Magistrate, Cuttack
OIPR-24410/11/0003/2425

**GOVERNMENT OF ODISHA** No.A-435
**OFFICE OF THE SUPERINTENDING ENGINEER M.I.DIVISION GANJAM NO.-I, BERHAMPUR**
**E-PROCUREMENT NOTICE**
**Bid Identification No. : Online Tender/10/GMID-1/2024-25**

| | | |
|---|---|---|
| Name of Work | : | Civil Construction Works |
| No. of Work | : | 9 (Nine) |
| Estimated Cost | : | Varies from Rs. 21.20 lakh to Rs. 83.29 lakh |
| Period of Completion | : | 04 (Four) Calendar Months |
| Date and Time of Sale and receipt of Bid-document online | : | From 29.10.2024 at 10.00 Hours to 07.11.2024 upto 17:00 Hours |
| Date & time of opening of bids | : | 08.11.2024 At 11.00 Hours |
| Name & Address of the Officer inviting Tender | : | **Superintending Engineer, M.I.Division Ganjam-I, Berhampur** |

Further Details can be seen from the website: https://www.tendersodisha.gov.in. Any Addendum / Corrigendum / Cancellation of can also be seen in the said website.

Sd./- Superintending Engineer, M.I.Division Ganjam-I, Berhampur
OIPR-32104/11/0016/2425

**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK** No.A-434
**Letter No. 3876/Dt. 15.10.2024**
**GOVERNMENT OF ODISHA e-Procurement Notice**
**Bid Identification No. on line SECMID - 11/2024-25**
eemidcuttack@yahoo.co.in

| | | | |
|---|---|---|---|
| 1 | Name of work | : | Renovation of MIPs under Tank & MIPs and Critical scheme in MI Sub-Division Badamba |
| 2 | Total Number of work | : | 02 (Two) No. |
| 3 | Estimated cost | : | Varies from Rs. 50.23 lakhs to Rs. 75.00 lakhs |
| 4 | Tender paper Cost (Online) | : | Rs. 10,000/- |
| 5 | Bid Security (Online) | : | As per DTCN |
| 6 | Period of Completion | : | As per DTCN |
| 7 | Availability of Bid Document | : | From 29.10.2024, 10.00 A.M. to 11.11.2024, 5.00 P.M. in website (www.tendersorissa.gov.in) |
| 8 | Last date & Time of receipt | : | 11.11.2024 at 5.00 P.M. through online Bid |
| 9 | Date of opening of Technical Bid documents | : | 12.11.2024 - at 11.00 A.M. in the office of the SE, M.I. Division, Cuttack |
| 10 | Date of opening of Financial Bid Documents | : | 14.11.2024 at 11.00 A.M. in the office of the SE, M.I. Division, Cuttack |
| 11 | Date of Lottery, if required | : | 20.11.2024 at 12.00 Noon in the office of the SE, M.I. Division, Cuttack |
| 12 | Name and address of the OIT | : | Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PINCODE : 753004 |

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer M.I. Division, Cuttack
OIPR-32121/11/0012/2425

**OFFICE OF THE SUPERINTENDING ENGINEER, DHENKANAL (R&B) DIVISION, DHENKANAL** No.B-505
E-mail : eedklpwd@gmail.com
**INVITATION FOR BIDS THROUGH e-Procurement**
**Bid Identification No.SEDKL (R&B) 16/2024-25**
**Invitation for Bids**

| | | | |
|---|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below | | |
| 2 | Nature of work | : | Building Works |
| 3 | No. of work | : | 11 Nos. |
| 4 | Bid Cost. | : | Rs. 10,000/- each |
| 5 | Class of Contractor | : | 'B' Class |
| 6 | Availability of Bid Documents in the website | : | From 10.00 A.M. of 30.10.2024 to 5.00 P.M. of 14.11.2024 |
| 7 | Date of Opening of Bid | : | Dt. 16.11.2024 at 11:00 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Superintending Engineer, Dhenkanal (R&B) Division, Dhenkanal
OIPR-34016/11/0013/2425

**WORKS DEPARTMENT**
**OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION** No.B-502
e-mail : eerbrairangpur@yahoo.co.in
Government of Odisha "e" Procurement Notice
**Bid Identification No.SE 29 OF 2024-25**

| | | | |
|---|---|---|---|
| 1 | Nature of work | : | **Building Work** |
| 2 | Number of works | : | **1 (One)** |
| 3 | Amount put to Tender | : | **Rs. 71,54,400.00** |
| 4 | Class of Contractor | : | **B Class** |
| 5 | Date & Time of availability of bid document in the portal | : | **Dt. 29.10.2024 at 10:00 A.M.** |
| 6 | Last Date / Time of receipt of bid in the portal | : | **Dt. 07.11.2024 up to 04:00 P.M.** |
| 7 | Date of opening of bid | : | **Dt. 08.11.2024 at 11:00 A.M.** |
| 8 | Name & address of the Office inviting bid | : | **Superintending Engineer, Rairangpur (R&B) Division** |
| 9 | The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only | | |

Sd./- 21.10.2024
Superintending Engineer, Rairangpur (R&B) Division
OIPR-34041/11/0006/2425

## ସଂକ୍ଷେପରେ

### ବାର୍‌ହା ମାଂସ ଓ ମାରଣାସ୍ତ୍ର ଜବତ, ୨ ଅଟକ

ଦେଓଗାଁ,୨୮।୧୦ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ରତନପୁର ନିକଟ ସୁନାଆଡକି ସଂରକ୍ଷିତ ଜଙ୍ଗଲରୁ ବାରହା ମାଂସ ଓ ମାରଣାସ୍ତ୍ର ଜବତ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜର ଯୁଧିଷ୍ଠିର ଜାଲ, ଫରେଷ୍ଟର ବ୍ୟାସଦେବ ସାହୁ ସଦଳବଳେ ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ସେଠାରେ ୨ଜଣଙ୍କ ନିକଟରୁ ବାର୍‌ହା ମାଂସ, ମାରଣାସ୍ତ୍ର ଓ ରୋଷେଇ ସାମଗ୍ରୀ ଜବତ କରିଥିଲେ। ଏହି ଘଟଣାରେ ୨ଜଣ ବ୍ୟକ୍ତିଙ୍କୁ ରେଞ୍ଜ ଅଫିସକୁ ଆଣି ଅଟକ ରଖି ଅଧିକ ଛାନ୍‌ଭିନ ଚାଲିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବିନିକା, ୨୮।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ, ଏସ୍‌ପି ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୦୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ୮୩ଟି ବ୍ୟକ୍ତିଗତ ଓ ୨୧ଟି ସାମୂହିକ ଅଭିଯୋଗ ଥିଲା। ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ବିଡିଓ ପ୍ରମୋଦ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୋନପୁର ସୌମ୍ୟାରୂପା ରଥ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଆରଡବ୍ଲ୍ୟୁଏସ୍‌ଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର ଗ୍ରୀଭେନସ ଶୁଭଶ୍ରୀ ରଥ, ବିନିକା ତହସିଲଦାର ପ୍ରମୁଖ ଯୋଗଦେଇଥିଲେ।

### ବୀରମହାରାଜପୁର କଲେଜରେ ଦୁର୍ନୀତି ନିବାରଣ ଅଭିଯାନ

ଅମରପାଲି,୨୮।୧୦ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବିଜୟ କୁମାର ପୁରୋହିତ, ପ୍ରକାଶ କୁମାର ସେଠ, ଯାମିନୀ ଦାସ, ଡ. ବନ୍ଦିତା ବିଶ୍ୱାଳ, ସଞ୍ଜୟ କୁମାର ପଧାନ, ଡ. ଶିଶିର ବଣିଆ, ହରପ୍ରିୟା ମହାପାତ୍ର, ନରେନ୍ଦ୍ର ଝା, ପ୍ରଭାତ ପୁରୋହିତ, ସୁପ୍ରଭା ନନ୍ଦ, ମାଧବ ପଧାନ, ଜିତେନ୍ଦ୍ର ସାହୁ, ମାଳତୀ ନାୟକ, ନୀତାରାଣୀ ପଧାନ, ବଳରାମ ଶତପଥୀ, ସୁନୀଲ କୁମାର ତ୍ରିପାଠୀ ପ୍ରମୁଖ ଅଧାପିକାଅଧାପକ ସାମିଲ ହୋଇଥିଲେ। ଅଧ୍ୟକ୍ଷ ଡ. ପାଢୀଙ୍କ ନେତୃତ୍ୱରେ ଅଧାପିକା ଓ କର୍ମଚାରୀମାନେ ଦୁର୍ନୀତିରେ ଲିପ୍ତ ନରହିବା ପାଇଁ ଶପଥ ନେଇଥିଲେ। ଡ. ବନ୍ଦିତା ବିଶ୍ୱାଳ ସଭା ସଂଯୋଜନା କରିଥିବା ବେଳେ ଅଧାପିକା ସୁପ୍ରଭା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ନାରୀକବି ସମ୍ମିଳନୀ, ଆଲୋଚନାଚକ୍ର

ଦେବଗଡ଼,୨୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡର ଅଗ୍ରଣୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଦ୍ୱିତୀୟ ରାଜ୍ୟସ୍ତରୀୟ ନାରୀକବି ସମ୍ମିଳନୀ, ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନ ସଭାପତି ଡାକ୍ତର ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ଉପଦେଷ୍ଟା ପଦ୍ମନାଭ ସାହୁ ପ୍ରମୁଖ ମଞ୍ଚାସୀନ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ଏବଂ ସାହିତ୍ୟ ପ୍ରତି ବାମଣ୍ଡା ମାଟିର ଅବଦାନ ଅତୁଳନୀୟ ବୋଲି ମଞ୍ଚାସୀନ ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ତଥା ଆଲୋଚିକା ଭାବେ ଦେବଗଡ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ତନ୍ମୟୀ ମହାନ୍ତୀ, ଫାଶିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ଦଳବେହେରା ମଞ୍ଚାସୀନ ଥିଲେ। ଆୟୋଜକ ଅନୁଷ୍ଠାନ ସମ୍ପାଦକ ତଥା ଅଧ୍ୟାପକ ଚିତରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁ କଳାକାର ଅନନ୍ୟା ସାହୁ, ପ୍ରିୟାଂଶି ନାୟକ, ସିଦ୍ଧିପ୍ରଜ୍ଞା ବେହେରା ନୃତ୍ୟ ପରିବେଷଣ କରିଥିବା ବେଳେ ଅରୁନ୍ଧତୀ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ଡ. ଚିନ୍ମୟୀ ମହାନ୍ତୀଙ୍କୁ 'କବିତା ମନରୋମା' ଏବଂ ଜ୍ୟୋତ୍ସ୍ନାରାଣୀ ଦଳବେହେରାଙ୍କୁ 'କବିତା ଆଶାକୁମାରୀ' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକନାଥ ବେହେରା, ଫକୀର ମୋହନ ଦେହୁରୀ, ନାଟ୍ୟଭୂଷଣ ମାର୍କଣ୍ଡେଶ୍ୱର ଶତପଥି ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପଦ୍ମିନୀ ଦାଶ ମହାପାତ୍ର ଓ ପଦ୍ମିନୀ ସାହୁ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ଚିତ୍ତରଞ୍ଜନ ନାଏକ, ହିମାଂଶୁ ଶେଖର ବିଶ୍ୱାଳ, ସୁଧିର କୁମାର ଦାସ, ଡିଲେଶ୍ୱର ପ୍ରଧାନ, ପ୍ରକାଶ ଦେବତା, ଶୁଭମ ମହାକୁଡ, ରାକେଶ ଶତପଥି, ବିଶାଳ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିବା ବେଳେ ୫୦ରୁ ଅଧିକ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ବାମଣ୍ଡା ମାଟିର ଅବଦାନ ଅତୁଳନୀୟ**

# ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ସମ୍ବଲପୁର,୨୮।୧୦(ବି.ଶଙ୍କର)

ଭାରତ ସରକାରଙ୍କ କେନ୍ଦ୍ରୀୟ ସଞ୍ଚାର କାର୍ଯ୍ୟାଳୟ ସମ୍ବଲପୁର ଶାଖା ପକ୍ଷରୁ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ଫଟୋ ପ୍ରଦର୍ଶନୀ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ସ୍ୱତନ୍ତ୍ର ଫଟୋ ଚିତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଦେଖିବା ପାଇଁ ଖୋଲା ରହିବ। ଉଦଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଓ କେନ୍ଦ୍ରୀୟ ସଞ୍ଚାର କାର୍ଯ୍ୟାଳୟ ସମ୍ବଲପୁର ଶାଖା କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢ଼ୀ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଯେ, ଜାତୀୟ ଏକତା ଦିବସ ପାଳନ ଏବଂ ଭାରତରତ୍ନ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଏହି ସ୍ୱତନ୍ତ୍ର ଫଟୋ ଚିତ୍ର ପ୍ରଦର୍ଶନୀ କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଆଲୋଚନାଚକ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।



ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# କ୍ଷେତ୍ରକୁ ଯାଇ ଖବର ସଂଗ୍ରହ, ପ୍ରସାରଣ ଗଣମାଧ୍ୟମର ଗ୍ରହଣୀୟତା

ସମ୍ବଲପୁର,୨୮।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ସାମ୍ବାଦିକ ସଂଘ(ୟୁଜେଏ) ଶାଖା ଆନୁକୂଲ୍ୟରେ ଭାରତୀୟ ପେଶାଦାର ସାମ୍ବାଦିକ ମହାସଂଘ(ଆଇଏଫଡବ୍ଲୁଜେ)ର ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଉତ୍ସବରେ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବର୍ଷିୟାନ ସାମାଜିକ କର୍ମୀ ତଥା ଡାକ୍ତର ନାରାୟଣୀ ପଣ୍ଡା ମୁଖ୍ୟଅତିଥି ଏବଂ ଦୂରଦର୍ଶନର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ବୈକୁଣ୍ଠ ପାଣିଗ୍ରାହୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ନିଜର ଦୀର୍ଘବର୍ଷର ଅଭିଜ୍ଞତାରୁ ଉଦାହରଣଗୁଡିକ ରଖି ଭାରତରେ ଗଣମାଧ୍ୟମର କାର୍ଯ୍ୟଶୈଳୀ ଏବଂ ଗତିଶୀଳତା ଉପରେ ଆଲୋଚନା କରିଥିଲେ। କ୍ଷେତ୍ରକୁ ଯାଇ ଖବର ସଂଗ୍ରହ ଓ ପ୍ରସାରଣ ହିଁ ଗଣମାଧ୍ୟମର ଗ୍ରହଣୀୟତା ଏବଂ ମର୍ଯ୍ୟାଦା ବୃଦ୍ଧି କରିଥାଏ। ତେଣୁ ଖବରଦାତାମାନେ ସର୍ବଦା ଘଟଣାସ୍ଥଳରେ ଉପସ୍ଥିତ ରହିବା ଜରୁରୀ। ଯଦ୍ୱାରା ଖବର ପରିବେଷଣ ସ୍ୱଚ୍ଛତା ଓ ନିର୍ଭୁଲ ହେବ। ଅପରପକ୍ଷେ ସାମାଜିକ ଗଣମାଧ୍ୟମକୁ ଆଧାର କରି ଖବର ପରିବେଷଣ କରିବା ଉଚିତ ନୁହେଁ। କାରଣ ଅନେକ ସମୟରେ ସାମାଜିକ ଗଣମାଧ୍ୟରେ ଭୁଲ ତଥ୍ୟଗୁଡିକ ଉପସ୍ଥାପନ କରାଯାଉଛି ବୋଲି ମୁଖ୍ୟବକ୍ତା କହିଥିଲେ। ଏହି ଅବସରରେ ସଂଘ ବରିଷ୍ଠ ସଭ୍ୟ ବରଗଡର ପ୍ରସନ୍ନ କୁମାର ମିଶ୍ର ଏବଂ ବରପାଲିର ମେଘନାଦ ସାହୁ ଓ ଅତିନ୍ଦ୍ରନାଥ ସେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି କିଶୋର କୁମାର ସାହୁ ଅତିଥି ପରିଚୟ ଏବଂ ସଭ୍ୟ ଶିବଶଙ୍କର ନନ୍ଦ ଆଇଏଫଡବ୍ଲୁଜେର ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଭ୍ୟା ପ୍ରୀତିସୁନା ଓ ବରିଷ୍ଠ ସଭ୍ୟ ପ୍ରିୟରଞ୍ଜନ ବାବୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହା ପରେ କଲମ ପରିବାର ସହଯୋଗରେ କବି ଲଳିତମୋହନ ବେବର୍ତ୍ତାଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠୋତ୍ସବ ହୋଇଥିଲା। ସବିତା ମିଶ୍ର, ଗୁଣରଞ୍ଜନ ସାଲିମା, ସୁରେଖା ସାହୁ, ବବଲୁ ବାଗ, ଜୟକୃଷ୍ଣ ବେହେରା, ତଫିଜୁଲ ହୋସେନ, କମଳଲୋଚନ ପଣ୍ଡା ସ୍ୱରଚିତ କବିତା ପାଠ କରିଥିଲେ।

### ଦୁର୍ନୀତି ନିବାରଣ ସପ୍ତାହରେ ଶପଥ ନେଲେ ବିଏଲ୍‌ଏଫ୍ ସଭ୍ୟା

ଅମରପାଲି,୨୮।୧୦ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ବିପିସି ଶାନ୍ତନୁ କୁମାର ମେହେର, ବିପିଏ ରାଜୁ କୁମାର ଡୁଙ୍ଗଡୁଙ୍ଗ ଯୋଗଦେଇ ଦୁର୍ନୀତି ନିବାରଣ ପାଇଁ ଶପଥ କରାଇଥିଲେ। ଏହି ଅବାସରରେ ସମସ୍ତ ବିଏଲଏଫ ସଭ୍ୟା ଯୋଗଦେଇ ଶପଥ ନେଇଥିଲେ। ମହାସଂଘ ସଭାନେତ୍ରୀ ସସ୍ମିତା ଦାସ, ସମ୍ପାଦିକା ମମତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ସମୂହ ଶପଥ ପାଠ

ଦେବଗଡ଼,୨୮।୧୦(ଶଶାଙ୍କ ଶେଖର ଝାଙ୍କର)

ସୋମବାରଠାରୁ ଆରମ୍ଭ ହୋଇଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ। ଏହି ଅବସରରେ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲ ପରିସରରେ ସାଧୁତାର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ପ୍ରସାଦ ପଟେଲଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ। ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶପଥ ପାଠ କରାଇଥିଲେ। ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ। ଏଣୁ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସରକାର, ପ୍ରଶାସନ, ଜନସାଧାରଣ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକତା ରହିଛି। ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୋଧରେ ପ୍ରସଙ୍ଗକୁ ସମର୍ଥନ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଏକ ଦୁର୍ନୀତି ମୁକ୍ତ ସମାଜ ଗଠନ ନିମନ୍ତେ ସମୂହ ଶପଥପାଠ କରିଥିଲେ। ଏହି ଅବସରରେ ଜିଲାର ସମସ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ସମୂହ ଶପଥପାଠ କରାଯାଉଛି।

# ଦୁର୍ଗା ମନ୍ଦିର ପରିଚାଳନା କମିଟିର ସଫେଇ ଅଭିଯାନ



ଦୁର୍ଗା ମନ୍ଦିର କମିଟି ତରଫରୁ ସଫେଇ କରାଯାଉଛି।

ଅମରପାଲି, ୨୮।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ମହକୁମାସ୍ଥିତ ଦୁର୍ଗା ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଦୁର୍ଗା ମନ୍ଦିର ପରିସର ଏବଂ ସଂଲଗ୍ନ ରାସ୍ତା ସଫେଇ କରିଥିଲେ। ସଭାପତି ସନ୍ତୋଷ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମିଟି ସଦସ୍ୟ ସୋମନାଥ ମିଶ୍ର,ବିଜୟ କୁମାର ମିଶ୍ର, ଆଦିତ୍ୟ ପତି, ଖଗେଶ୍ୱର ମେହେର, ତ୍ରିନାଥ ସାହୁ, ଶ୍ରୀନିବାସ ରଥ, ମନୋରଞ୍ଜନ ତରିଆ,ପ୍ରଦୀପ ଭୋଇ, ଭାଗିରଥି ମେଣ୍ଡିଲି, କୃଷ୍ଣଚନ୍ଦ୍ର ମହାକୁର,ସୁଧାଂଶୁ କର ପ୍ରମୁଖ ରାସ୍ତା ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରତ୍ୟେକ ରବିବାର କମିଟି ତରଫରୁ ଶ୍ରମଦାନ କରି ସଫେଇ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଦସ୍ୟମାନେ ପ୍ରକାଶ କରିଥିଲେ।


**ODISHA HYDRO POWER CORPORATION LTD.**

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), PHONE : 0663-2950721 (O), 2950765 (R), E-mail : srgmhps_burla@yahoo.co.in

CIN : U40101OR1995SGC003963

No. HHEP/Tech-WK-121 (Vol-I)/5196 Date : 25.10.2024

TENDER CALL NOTICE NO. HHEP-34/2024

No.CAD-1456 : Sealed Tenders are invited in two parts i.e (i) Techno Commercial bid & (ii) Price bid in separate sealed envelops from the reputed manufacturers / authorized dealers / channel partners, reputed suppliers for the work as mentioned below

| Description of work | Cost of tender paper (Non-refundable) in Rs. | EMD in shape of DD/ BC (Refundable) in Rs. | Period of sale / download of tender document | Last date & Time of receipt of tender document | Date & Time of opening of Techno Commercial bid |
|---|---|---|---|---|---|
| Supply of LED High bay light 250W - 80Nos and 2'x2' LED 36W-65Nos for illumination system of Burla Power House | Rs. 4720/- (Rs. 4000 + GST @ 18%) | 8,500/- | 30.10.24, 10:00 A.M. to 13.11.24, 05:30 P.M. | 14.11.24, 03:30 P.M. | 14.11.24 at 04:00 P.M. |

Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpcltd.com.

OIPR-04007/11/0010//2425 Sd./- Unit Head, HHEP, Burla



**OFFICE OF THE SUB-COLLECTOR & SUB-DIVISIONAL MAGISTRATE, SADAR, CUTTACK** No.W-

No. 15400/ Dt. 27.10.2024

NOTICE FOR OPEN TENDER / BIDDING FOR AUCTION SALE AND SETTLEMENT OF PARKING SPACES AT DIFFERENT LOCATIONS OF CUTTACK TOWN FOR BALIJATRA CUTTACK UTSAV - 2024

In continuation to this office notice inviting tender for Auction Sale and Settlement of Parking Spaces at different locations of Cuttack Town for Balijatra Cuttack Utsav-2024 an open Tender / Bidding for the remaining Parking Spaces will be held on Dt. 04.11.2024 at 11.30 A.M. in the Conference Hall of Sub-Collector, Cuttack. The Bidders who had participated earlier in the Bidding process on Dt. 26.10.2024 for different parking spaces are invited to participate and attend the Open Tender/ Bidding against each of the parking space by offering their rate above and upon, i.e. beyond the Standard Upset Price fixed.

The proposed parking spaces for which spot bidding invited/solicited are mentioned below :

| Sl. No. | Name of the Parking Zone | Approximate area to be auctioned (in Sqft.) | Reserve Price (Rs. Per Sqft.) | Standard Upset price |
|---|---|---|---|---|
| 1 | Parking space (C) West side Ring Road to Silver City Boating Complex | 1,00,000 | 11/- | 11,00,000/- |
| 2 | Parking space (D) West side Ring Road to Silver City Boating Complex | 1,00,000 | 10/- | 10,00,000/- |
| 3 | Parking space (E) West side Ring Road to Silver City (Beside Boating Club gate) | 20,000 | 10/- | 2,00,000/- |
| 4 | Kartikeswar Gada East Side | 40,000 | 25/- | 10,00,000/- |
| 5 | Christian Padia | 60,000 | 18/- | 15,00,000/- |
| 6 | Gorakabar Padia | 25,000 | 8/- | 2,00,000/- |
| 7 | Hadia Patha | 25,000 | 8/- | 2,00,000/- |
| 8 | Parking space behind Krushak Bazar (Besides Fire Station, CDA) | 20,000 | 5/- | 1,00,000/- |
| 9 | Parking space opposite Bhubanananda Odisha School of Engineering (BOSE), Cuttack | 1,00,000 | 5/- | 5,00,000/- |
| 10 | Parking spaces near Matamatha Chhaka behind Matamatha Puja Mandap | 1,00,000 | 6/- | 6,00,000/- |

The **Bidders** earlier participated in the Tender/Bidding on 26.10.2024 are only entitled for participating in spot/open bidding on **04.11.2024 at 11:30 A.M.** In case of any unavoidable circumstances, their authorized representatives with due authorization can attend the spot/open bidding on **04.11.2024 at 11:30 A.M. in the Conference Hall of Sub-Collector, Cuttack**. The terms and conditions for Auction sale of Parking Spaces as mentioned in earlier Notice No. 14440 Dtd. 08.10.2024 are remained unaltered / unchanged. The qualified bidders shall bound to abide by the Terms and Conditions accordingly. Besides, **the bidders who will be selected as H1 bidder shall deposit the entire amount by 03.00 P.M. on 05.11.2024 in shape of Bank Draft drawn in favour of District Culture Officer, Cuttack and payable at Cuttack.**

Sd./- Sub-Collector & Sub-Divisional Magistrate, Cuttack

OIPR-24410/11/0003/2425



**GOVERNMENT OF ODISHA** No.A-435

**OFFICE OF THE SUPERINTENDING ENGINEER M.I.DIVISION GANJAM NO.-I, BERHAMPUR**

E-PROCUREMENT NOTICE

Bid Identification No. : Online Tender/10/GMID-1/2024-25

| | | |
|---|---|---|
| Name of Work | : | Civil Construction Works |
| No. of Work | : | 9 (Nine) |
| Estimated Cost | : | Varies from Rs. 21.20 lakh to Rs. 83.29 lakh |
| Period of Completion | : | 04 (Four) Calendar Months |
| Date and Time of Sale and receipt of Bid-document online | : | From 29.10.2024 at 10.00 Hours to 07.11.2024 upto 17:00 Hours |
| Date & time of opening of bids | : | 08.11.2024 At 11.00 Hours |
| Name & Address of the Officer inviting Tender | : | Superintending Engineer, M.I.Division Ganjam-I, Berhampur |

Further Details can be seen from the website: https://www.tendersodisha.gov.in. Any Addendum / Corrigendum / Cancellation of can also be seen in the said website.

Sd./- Superintending Engineer, M.I.Division Ganjam-I, Berhampur

OIPR-32104/11/0016/2425



**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK** No.A-434

Letter No. 3876/Dt. 15.10.2024

GOVERNMENT OF ODISHA e-Procurement Notice

Bid Identification No. on line SECMID - 11/2024-25

eemidcuttack@yahoo.co.in

| | | | |
|---|---|---|---|
| 1 | Name of work | : | Renovation of MIPs under Tank & MIPs and Critical scheme in MI Sub-Division Badamba |
| 2 | Total Number of work | : | 02 (Two) No. |
| 3 | Estimated cost | : | Varies from Rs. 50.23 lakhs to Rs. 75.00 lakhs |
| 4 | Tender paper Cost (Online) | : | Rs. 10,000/- |
| 5 | Bid Security (Online) | : | As per DTCN |
| 6 | Period of Completion | : | As per DTCN |
| 7 | Availability of Bid Document | : | From 29.10.2024, 10.00 A.M. to 11.11.2024, 5.00 P.M. in website (www.tendersorissa.gov.in) |
| 8 | Last date & Time of receipt | : | 11.11.2024 at 5.00 P.M. through online Bid |
| 9 | Date of opening of Technical Bid documents | : | 12.11.2024 - at 11.00 A.M. in the office of the SE, M.I. Division, Cuttack |
| 10 | Date of opening of Financial Bid Documents | : | 14.11.2024 at 11.00 A.M. in the office of the SE, M.I. Division, Cuttack |
| 11 | Date of Lottery, if required | : | 20.11.2024 at 12.00 Noon in the office of the SE, M.I. Division, Cuttack |
| 12 | Name and address of the OIT | : | Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PINCODE : 753004 |

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer M.I. Division, Cuttack

OIPR-32121/11/0012/2425



**OFFICE OF THE SUPERINTENDING ENGINEER, DHENKANAL (R&B) DIVISION, DHENKANAL** No.B-505

E-mail : eedklpwd@gmail.com

INVITATION FOR BIDS THROUGH e-Procurement

Bid Identification No.SEDKL (R&B) 16/2024-25

Invitation for Bids

| | | | |
|---|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below | | |
| 2 | Nature of work | : | Building Works |
| 3 | No. of work | : | 11 Nos. |
| 4 | Bid Cost. | : | Rs. 10,000/- each |
| 5 | Class of Contractor | : | 'B' Class |
| 6 | Availability of Bid Documents in the website | : | From 10.00 A.M. of 30.10.2024 to 5.00 P.M. of 14.11.2024 |
| 7 | Date of Opening of Bid | : | Dt. 16.11.2024 at 11:00 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Superintending Engineer, Dhenkanal (R&B) Division, Dhenkanal

OIPR-34016/11/0013/2425



**WORKS DEPARTMENT OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION** No.B-502

e-mail : eerbrairangpur@yahoo.co.in

Government of Odisha "e" Procurement Notice

Bid Identification No.SE 29 OF 2024-25

| | | | |
|---|---|---|---|
| 1 | Nature of work | : | Building Work |
| 2 | Number of works | : | 1 (One) |
| 3 | Amount put to Tender | : | Rs. 71,54,400.00 |
| 4 | Class of Contractor | : | B Class |
| 5 | Date & Time of availability of bid document in the portal | : | Dt. 29.10.2024 at 10:00 A.M. |
| 6 | Last Date / Time of receipt of bid in the portal | : | Dt. 07.11.2024 up to 04:00 P.M. |
| 7 | Date of opening of bid | : | Dt. 08.11.2024 at 11:00 A.M. |
| 8 | Name & address of the Office inviting bid | : | Superintending Engineer, Rairangpur (R&B) Division |
| 9 | The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only | | |

Sd./- 21.10.2024 Superintending Engineer, Rairangpur (R&B) Division

OIPR-34041/11/0006/2425

# ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ବୈଠକ

## ସମ୍ମିଳିତ ହେଲେ ୮ ବ୍ଲକର କୃଷକ ପ୍ରତିନିଧି

**ସରଣ୍ଡା, ୨୮।୧୦(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ଏନଏସି ଅନ୍ତର୍ଗତ ରାମଚଣ୍ଡୀ ମନ୍ଦିର ସମ୍ମିଳନୀ କକ୍ଷରେ ସୋମବାର ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଚାଷ ଓ ଚାଷୀ ସମସ୍ୟା ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୨୦୨୩ ଡିସେମ୍ବରରେ ମିଗଜୋମ ଜନିତ କ୍ଷତିର ଇନପୁଟ ଓ ଫସଲବୀମା ସମ୍ପର୍କରେ, ସ୍ମାର୍ଟମିଟରରେ ଦେଖାଯାଉଥିବା ବିଦ୍ୟୁତ ସମସ୍ୟା, ଚଳିତ ଖରିଫଋତୁର ଧାନ ବିକ୍ରି ଓ ଆସନ୍ତା ନଭେମ୍ବର ୮ରେ ପଦ୍ମପୁରଠାରେ ହେବାକୁ ଥିବା ଗର୍ଜନ ସମାବେଶ ଉପରେ ଆଲୋଚନା କରାଯାଇଥିଲା । ନୂଆ ସରକାର କିଭଳି ଚାଷୀଙ୍କଠାରୁ ୩୧ ଶହ ଟଙ୍କାରେ ଧାନ କିଣିବ ଆଉ ସବୁ ଚାଷୀ କିଭଳି ଏଥିରୁ ଉପକୃତ ହୋଇପାରିବେ ଏବଂ ଆଶା ଆଶଙ୍କାରେ ଥିବା ଅଟୋମେଟିକ ଗ୍ରେନ ଲାଇଜର ମେସିନର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା । ଏଥିରେ ବରଗଡ ଜିଲାର ୮ଟି ବ୍ଲକର ଚାଷୀ ସଙ୍ଗଠନର ସଦସ୍ୟମାନେ ଯୋଗଦେଇଥିଲେ । ଭେଡେନ ବ୍ଲକ ଚାଷୀ ସଙ୍ଗଠନର ସଭାପତି ଉତ୍ପନ ଭୋଇ,ସମ୍ପାଦକ ସୁଦାମ ପାତ୍ର,ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ଭଟଲି କୃଷକ ପରିବାରର ସଭାପତି ଥବିର ସାହୁ, ବିଜେପୁର କୃଷକ ସଙ୍ଗଠନର ସଭାପତି ସୁବାସ ପଧାନ, ଅମ୍ବାଭନା ବ୍ଲକର ଇସାନ ଚନ୍ଦ୍ର ଭୋଇ, ଜୟପ୍ରକାଶ ବେହେରା, ବିଜେପୁର ବ୍ଲକରୁ ସାମନ୍ତ ଚନ୍ଦ୍ର ସାହୁ,ଟିକେଲାଲ ମିଶ୍ର, ପାପା ରାଓ,ସୁରେଶ କର୍ଣ୍ଣ, ଟିକେଲାଲ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ବୁଦ୍ଧଦେବ ନନ୍ଦ, ସୁଜିତ ପଧାନ, ଅରୁଣ ପଧାନ, ସମୀର ପଧାନ, ଭୁବନ ପଧାନ, ସତବାବୁ, କଳାସାହେବ ଭୋଇ, କୁବେର ପଧାନ, ଭରତ ମଲ୍ଲିକ, ନରେନ୍ଦ୍ର ପଧାନ, ଦଶରଥ ଭୋଇ, ଅମିୟ ଦାସ,ସୁବ୍ରତ ପଧାନ ,ସୁଦାମ ପଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ବିକାଶ ଶିକ୍ଷାନୁଷ୍ଠାନରେ ଫ୍ରେଶର୍ସ ଡେ'

**ବରଗଡ, ୨୮।୧୦(ପ୍ରେମାନନ୍ଦ ଖମାରୀ)**



ବିକାଶରେ ଅନୁଷ୍ଠିତ ଫ୍ରେଶର୍ସ ଡେ କାର୍ଯ୍ୟକ୍ରମ ।

ବରଗଡସ୍ଥିତ ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ସ୍କୁଲ ଅଫ ବିଜନେସ୍ ମେନେଜମେଣ୍ଟରେ ୨୦୨୪-୨୭ ଶିକ୍ଷା ବର୍ଷର ବିବିଏ ଓ ବିସିଏ କୋର୍ସରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଫ୍ରେଶର୍ସ ଡେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. କ୍ଷିରୋଦ କୁମାର ପ୍ରଧାନ ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ଭବିଷ୍ୟତକୁ ସରସ, ସୁନ୍ଦର କରିବା ପାଇଁ ଏହି ଅନୁଷ୍ଠାନ ଚିରଚେଷ୍ଟିତ ବୋଲି ମତବ୍ୟକ୍ତ କରିଥିଲେ। ଅତୀତ ବର୍ଷଗୁଡିକରେ ବିକାଶ ସ୍କୁଲ ଅଫ ବିଜନେସ୍ ମେନେଜମେଣ୍ଟର ଛାତ୍ରୀଛାତ୍ରଙ୍କ ସଫଳତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସର ଚେୟାରମେନ ଡି. ନାଗେଶ୍ୱର ରାଓ ଏହି ଉତ୍ସବର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ନବାଗତ ଛାତ୍ରୀଛାତ୍ରଙ୍କୁ ଓ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇବା ସହ ବିକାଶ ସ୍କୁଲ ଅଫ ବିଜନେସ୍ ମେନେଜମେଣ୍ଟରେ ନାମ ଲେଖାଇବା ନିଷ୍ପତ୍ତିକୁ ସଫଳ କ୍ୟାରିୟର ଗଠନରେ ଏକ ଉଚିତ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ପରିଶ୍ରମୀ ଓ ସମୟାନୁବର୍ତ୍ତୀ ହୋଇ ନିଜର ଲକ୍ଷ୍ୟ ସାଧନ ପାଇଁ ଚେଷ୍ଟିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗେମ୍ ସୋ ଅନୁଷ୍ଠିତ ହେବା ସହ ଅନେକ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଲିଭା ବଗାର ମିସ୍ ଫ୍ରେସର୍ସ ଓ ସିଂଚନ କୁମାର ଦାସ ମିଷ୍ଟର ଫ୍ରେସର ୨୦୨୪ ବର୍ଷ ପାଇଁ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେସ୍ନାଲ୍ ଇନଷ୍ଟିଚ୍ୟୁସନ୍ସ ଅନୁଷ୍ଠାନର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ପରିଚାଳନା କରିଥିଲେ। ଶେଷରେ ଉପାଧ୍ୟକ୍ଷ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୁବେର ସମାଜର କାର୍ଯ୍ୟକାରିଣୀ ବୈଠକ

**ପାଇକମାଳ,୨୮।୧୦(ବଡ଼ ଶତପଥୀ)**

ନୃସିଂହନାଥ ବୈଶ୍ୟ ସାହୁ ସମାଜ ଧର୍ମଶାଳାଠାରେ ପଶ୍ଚିମ ଓଡିଶା ଛତିଶଗଡ଼ କୁବେର ସମାଜର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ମହାସଭାର ସମାଜ ସଭାପତି ଲକ୍ଷ୍ମଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୫୬ ସାଇର ସଭାପତି ଓ ସମ୍ପାଦକମାନେ ଯୋଗଦାନ କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ସାହୁ ପୂର୍ବ ସଭାର ବିବରଣୀ ପଠନ ସହ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କୋଷାଧ୍ୟକ୍ଷ ନିତ୍ୟାନନ୍ଦ ସାହୁ ଆୟବ୍ୟୟ ହିସାବ ପଠନ କରିଥିଲେ। ଉପ ସଭାପତି ଗଜେନ୍ଦ୍ର ସାହୁ, ବସନ୍ତ ଖୁଣ୍ଟିଆ, ବିଜୟ ସାହୁ, ମହେନ୍ଦ୍ର ଖୁଣ୍ଟିଆ, ମନିଷ ସାହୁ, ତାରାଚାନ୍ଦ ସାହୁ, ନବକିଶୋର ସାହୁ, ସୁଶାନ୍ତ ସାହୁ, ବାବୁଲି ସାହୁ, ସୁରଥ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହାସଭା ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁ ଧନ୍ୟବାଦ ଅପଣ କରିଥିଲେ।

# ଓଡ଼ିଆ ମାତୃଭାଷାର ଅସ୍ମିତା ପାଇଁ ଶୋଭାଯାତ୍ରା



ଲରମ୍ବାରେ ଓଡ଼ିଆ ମାତୃଭାଷାର ଅସ୍ମିତା ପାଇଁ ଶୋଭାଯାତ୍ରା ଚାଲିଛି ।

**ସରଣ୍ଡା, ୨୮।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକସ୍ଥିତ ଲରମ୍ବା କଲେଜଠାରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ନୌସେନା ତରଫରୁ ଓଡ଼ିଆ ମାତୃଭାଷାର ଅସ୍ମିତା ଉପରେ ଏକ ଶୋଭାଯାତ୍ରା ସୋମବାର ଆରମ୍ଭ ହୋଇଥିଲା । କଲେଜ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇ ଉଦ୍‌ଘାଟନ କରିଥିଲେ । ନୌସେନା ଅଧିକାରୀ ସରୋଜ କୁମାର ନାୟକ ପରିଚାଳନା କରିଥିଲେ । ଓଡ଼ିଆ ଭାଷାରେ ସରକାରୀ ଚିଠିପତ୍ର, ଫଳକଗୁଡିକରେ ନାମଲେଖା ଇତ୍ୟାଦି ଲୋକଲୋଚନକୁ ଅଣାଯାଇଥିଲା । ଶୋଭାଯାତ୍ରାରେ ଏହି ବିଷୟକୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏହା ପରେ ଦୁର୍ନୀତି ନିବାରଣ ସପ୍ତାହ ଉପରେ ଏକ ଆଲୋଚନା ହୋଇ ଶପଥ ପାଠ କରାଯାଇଥିଲା । ଏଥିରେ ପ୍ରାଧ୍ୟାପକ ଅଶୋକ ମହାନ୍ତି, ଅଧ୍ୟାପକ ପ୍ରଦୀପ ପଣ୍ଡା, ପବିତ୍ର ମାହାଣା, ଡ. ଅଜିତ କୁମାର ନାଥ, ଯଶୋବନ୍ତୀ ସା, ବୃନ୍ଦାରାଜ ମେହେର, ଶିଶିର ସାହୁ, ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଲରମ୍ବାରେ ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ୍

**ସରଣ୍ଡା,୨୮।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା ଓ ଟାମ୍ପରସରା ଗ୍ରାମପଞ୍ଚାୟତର ମିଳିତ ଆନୁକୂଲ୍ୟରେ ରବିବାର ଲରମ୍ବା କଲେଜ ଖେଳପଡିଆରେ 'ଆଞ୍ଚଳିକ ନୂଆଁଖାଇ ଭେଟଘାଟ' ଅନୁଷ୍ଠିତ ହୋଇଯାଇଛି। ଏ ଉତ୍ସବରେ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି, ଲାରମ୍ବା କଲେଜ ଅଧ୍ୟକ୍ଷ ଡ଼. ପ୍ରମୋଦ କୁମାର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଆଞ୍ଚଳିକ ନୂଆଁଖାଇ ଭେଟଘାଟ କମିଟିର ସଭାପତି ଭାରତ ସରାପ ସଭା ପରିଚାଳନା କରିଥିଲେ। ଏ ଉତ୍ସବ ଉପଲକ୍ଷେ ଓଡ଼ିଶା ମାଟ୍ରିକ ଟପର ଶୁଭଙ୍କର ସାହୁ, ଉତ୍ତମ ଚାଷୀ ଉତ୍ପନ ଭୋଇ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବାଦ୍ୟଶିଳ୍ପୀ ହରିଲାଲ ମେହେର, ଓପିଏସ୍‌ସି ପରୀକ୍ଷାରେ କୃତିତ୍ୱ ହୋଇଥିବା ଅଭୟ କୁମାର ମହାକୁର, ଅବସର ନେଇଥିବା ମିଲିଟାରୀ ମେନ, ଅବସର ନେଇଥିବା ଶିକ୍ଷକ, ଶ୍ରେଷ୍ଠ ଏନସିସି ଛାତ୍ରୀଛାତ୍ର, ଉତ୍ତମ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟକ୍ରମ ପରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଗାଇସିଲେଟ, ୨୮।୧୦(ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ ଜିଲା ଗାଇସିଲେଟ ବ୍ଲକ ସଭା କକ୍ଷରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ଜିଲାପାଳ ଆଦିତ୍ୟ ପ୍ରସାଦ ଗୋଏଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି)ତପନ କୁମାର ମହାନ୍ତି, ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲମୋତିରାମ ଚୌହାନ, ଉପଜିଲାପାଳ ସ୍ନେହା ଅରଗୁର୍ଲା, ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ବିଡିଓ ଲକ୍ଷ୍ମଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଲାଇନ ବିଭାଗର ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ମୁକ୍ତ ରହିବାକୁ ଶପଥପାଠ କରାଇଥିଲେ। ୧୬୮ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୯ଟି ସାମୂହିକ ଅଭିଯୋଗ ଥିଲା। ତୁରନ୍ତ ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସେବା, ସାମାଜିକ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା

**ବରଗଡ଼,୨୮।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା କଲେଜ ପଡିଆରେ ରବିବାର ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ବରଗଡ଼ର ସାମାଜିକ ଅନୁଷ୍ଠାନ ଜନ କଲ୍ୟାଣ ସେବା ଟ୍ରଷ୍ଟକୁ ସମ୍ବର୍ଦ୍ଧିତ କରାଯାଇଛି। ସେବା ଏବଂ ସାମାଜିକ କାର୍ଯ୍ୟ ପାଇଁ ମୁଖ୍ୟ ଅତିଥି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଜନ କଲ୍ୟାଣ ସେବା ଟ୍ରଷ୍ଟକୁ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟର ମୁଖ୍ୟ ମୁକୁନ୍ଦ ଦାଶ, ଉପଦେଷ୍ଟା ପରେଶ କୁମାର ମେହେର, ଚନ୍ଦ୍ରକାନ୍ତ ସାହୁ, ସଦସ୍ୟ ବୃନ୍ଦାବନ ବେହେରା ପ୍ରମୁଖ ସମ୍ମାନପତ୍ର ଗ୍ରହଣ କରିଥିଲେ। ସେହିପରି ସମ୍ବଲପୁରର ସାମାଜିକ ଅନୁଷ୍ଠାନ ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତପସ୍ୱିନୀ ହଲଠାରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ମଧ୍ୟ ଉକ୍ତ ଅନୁଷ୍ଠାନକୁ ସମ୍ମାନିତ କରାଯାଇଛି ।

# ପାଇକମାଳ ହାଇସ୍କୁଲରେ ସିଏମ୍‌ସିଏ ଶିବିର

**ପାଇକମାଳ, ୨୮।୧୦(ବଡ ଶତପଥି):** ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟରେ ସୋମବାର ସିଏମ୍‌ସିଏ ଶିବିର ବିଇଓ ଚୁଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପାଇକମାଳ, ଝାରବନ୍ଧ, ପଦ୍ମପୁର ଓ ଗାଇସିଲେଟ ବ୍ଲକର ୧୯୦ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଉଛନ୍ତି। ଝାରବନ୍ଧ ବିଇଓ ଶୁଭମ କୁମାର ପତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାମ୍ବିଧାନିକ ମୂଲ୍ୟବୋଧ ସହିତ ଛାତ୍ରମାନଙ୍କୁ ପରିଚିତ କରାଇ ସୁନାଗରିକ ଭାବେ ଗଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ କମାଣ୍ଡର ନରେନ୍ଦ୍ର କୁମାର ଓ ସବିତା ଏସ ମଞ୍ଚାସୀନ ଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ସାଧନ କର୍ମୀ ରାଜେନ୍ଦ୍ର ସାହୁ, ଥବିର ସିକା ଓ ତ୍ରିଲୋଚନ ନାୟକ ସିଏମ୍‌ସିଏ ବିଷୟରେ ପ୍ରଶିକ୍ଷଣ ଦେଉଛନ୍ତି। ଆଶିଷ ଚାନ୍ଦ ଓ ବିଜୟ କୁମାର ବିଶି ଶିବିର ପରିଚାଳନା କରୁଛନ୍ତି। ଜ୍ୟୋତିର୍ମୟୀ ପଟ୍ଟନାୟକ, ବବିତା ବେହେରା, ସୁଦାମ ପାଣ୍ଡେ, ରଜତ କୁମାର ସାହୁ, ଅମିତ ସାହୁ, ମଧୁସ୍ମିତା ମେହେର ସହଯୋଗ କରିଥିଲେ। ତ୍ରିଲୋଚନ ନାୟକ ମଞ୍ଚ ପରିଚାଳନା ଓ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ବାର୍ଷିକ ଗୀତା ଆବୃତ୍ତି ପ୍ରତିଯୋଗିତା

**ବରଗଡ଼,୨୮।୧୦(ପ୍ରେମାନନ୍ଦ ଖମାରୀ)**



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାର୍ଷିକ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ ହରିହରାନନ୍ଦ ଗୀତା ପାଠଶାଳା ବରଗଡ଼ ଆନୁକୂଲ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନିରଞ୍ଜନ ଦାଶ, ଜିଲା ସଂଯୋଜକ ରାଜବଲ୍ଲଭ ପଣ୍ଡା ଏବଂ ପ୍ରଧାନ ଶିକ୍ଷକ ମୋହନ କାଲୋ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଗୁଣସାଗର ପଣ୍ଡା, ପ୍ରେମରାଜ ପଧାନ ଓ ରମେଶ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଉପ କନିଷ୍ଠ ବିଭାଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତିଲେଇମାଲର ମୁସ୍କାନ ଖମାରୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଲଖନପୁରର ପ୍ରତୀକ କାଲୋ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଭୈନାତୋରାର ବାସୁଦେବ ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗରେ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଭୁକ୍ତାର ନିହାରିକା ସାହୁ, ସରସ୍ୱତୀ ଶିଶୁ ମନ୍ଦିର ଡୁଙ୍ଗୁରିର ଲକ୍ଷ୍ମୀ ସା ଓ କମଳ ସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟ ଲଖନପୁରର ପରିଣୀତି ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବିଭାଗରେ ସରକାରୀ ଉଚ୍ଚ ବିଦ୍ୟାଳୟ ବାଞ୍ଜିପାଲିର ସତ୍ୟସ୍ୱରୂପ ମହାପାତ୍ର ଓ ଖୁସୀ ପଧାନ ଏବଂ କମଳ ସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟ ଲଖନପୁରର ଲିଙ୍କନ ଦାଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଝରଣା ସାହୁ, ସନତ ସ୍ୱାଇଁ, ସୁପ୍ରିମ ଦାଶ, ସର୍ବେଶ୍ୱର କାଲୋଙ୍କ ସମେତ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସିଆର୍‌ସିସି ରାହୁଲ ସେଠ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଲୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରବନ୍ଧ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂତନ ଶିକ୍ଷାନୀତି ଉପରେ ଆଲୋଚନାଚକ୍ର

**ଝାରବନ୍ଧ, ୨୮।୧୦(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଯୋଗଦେଇଥିଲେ। ଗାଇସିଲେଟ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଉମାକାନ୍ତ ସାହୁ, ଗାଇସିଲେଟ ମହାବିଦ୍ୟାଳୟର ଅଧ୍ୟାପିକା ପିଙ୍କି ରଥ, ଜମରଲା ମହାବିଦ୍ୟାଳୟର ଅଧ୍ୟାପକ ସଦାନନ୍ଦ ସେଠ, ଅଧ୍ୟାପିକା ସଙ୍ଗୀତା ବରିହା ଯୋଗଦାନ କରି ଜାତୀୟ ନୂତନ ଶିକ୍ଷାନୀତି ୨୦୨୦ ଉପରେ ଆଲୋଚନା କରିବା ସହ ସନ୍ଦର୍ଭ ପାଠ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଗ୍ରନ୍ଥାଗାର ଚିନ୍ତାମଣି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଇତିହାସ ଅଧ୍ୟାପକ କାର୍ତ୍ତିକ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଛତ୍ରପାଲ ଗିରି, ସରିତା ମିଶ୍ର, ଜ୍ୟୋତିରାଣୀ ସାହୁ, ମେଘନାଦ ସୁନା, ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ସାମୂହିକ ଶପଥପାଠ



**ପାଇକମାଳ, ୨୮।୧୦ (ବଡଶତପଥି)**

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪' ପାଳନ ଅବସରରେ ଏକ ସାମୂହିକ ଶପଥ ପାଠ କରାଯାଇଥିଲା। ଏହି ପାଠୋତ୍ସବରେ ନିଜେ କେବେ ଦୁର୍ନୀତି ନ କରିବା ଓ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବା ପାଇଁ ସମସ୍ତେ ଶପଥ ନେଇଥିଲେ। ଏହି ଶପଥ ପାଠ ସମୟରେ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ପ୍ରଭାତ ବିଶ୍ୱାଳ, ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ଅଧ୍ୟାପକ ପ୍ରଦୀପ କୁମାର ହୋନ, ଅଧ୍ୟାପିକା ମୀନା କୁମାରୀ ସାହୁ, ଅଧ୍ୟାପକ ଦେବରାଜ ସାହୁ, ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ।

# ଏକଦିବସୀୟ ଫୁଟବଲ, ବସନ୍ତ ଇଲେଭେନ ଚାମ୍ପିୟନ

**ସରଣ୍ଡା,୨୮।୧୦(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ଟାଙ୍ଗରପାଲି ପଞ୍ଚାୟତ ଅଧୀନ କନ୍ତଲ ଖେଳ ପଡିଆରେ ରବିବାର ଆଜାଦ ଯୁବକ ସଂଘ ତରଫରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଅମଲିପାଲି, ଜାଙ୍ଗେଡ, ବାଗବାହାଲ, ରୁଖେନମାଲ, ଟାଙ୍ଗରପାଲି, ଝାରବାହାଲି, ବସନ୍ତ ଇଲେଭେନ ଓ ବାଟିମୁଡା ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବସନ୍ତ ଇଲେଭେନ ଓ ରୁଖେନମାଲ ମଧ୍ୟରେ ହୋଇଥିଲା। ଏଥିରେ ବସନ୍ତ ଇଲେଭେନ ଦଳ ରୁଖେନମାଲ ଦଳକୁ ଗୋଟିଏ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଅତାବିରା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ଭୋଇ ମୁଖ୍ୟ ଅତିଥି, ଲଳିତ ପଧାନ, ସଞ୍ଜୀବ ପଧାନ, ନିତ୍ୟାନନ୍ଦ ପଧାନ, ମାଲିକ ମହାକୁର, ପିତବାସ ସାହୁ ଓ ଦେବରାଜ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଜେତା ବସନ୍ତ ଇଲେଭେନ ଓ ଉପବିଜେତା ରୁଖେନମାଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଆଜାଦ ଯୁବକ ସଂଘର ସଦସ୍ୟ ଓ ଟାଙ୍ଗରପାଲି ପଞ୍ଚାୟତର ଭାଜପା କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ୍‌ରେ ଅତିଥି ଓ ଖେଳାଳି।

# ଉନ୍ମୋଚନ ହେଲା ବିଜୟ ରଞ୍ଜନ ସିଂ ବରିହାଙ୍କ ପ୍ରତିମୂର୍ତ୍ତି

**ପଦ୍ମପୁର, ୨୮।୧୦(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟରଞ୍ଜନ ସିଂ ବରିହାଙ୍କ ପ୍ରତିମୂର୍ତ୍ତି ସୋମବାର ଉନ୍ମୋଚିତ ହୋଇଛି। ୨୦୨୨ ଅକ୍ଟୋବର ୩ରେ ବିଧାୟକ ଥିବା ବରିହାଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଥିଲା। ତାଙ୍କର ପୁତ୍ର ଭୋଜରାଜ ସିଂ ବରିହା ନିଜର ସ୍ୱର୍ଗତ ପିତାଙ୍କ ଅସ୍ଥି ବିସର୍ଜନ ପବିତ୍ର ତ୍ରିବେଣୀ ସଙ୍ଗମରେ କରିଥିଲେ। ପରମ୍ପରା ଅନୁସାରେ ମୃତ ଆତ୍ମାର ସଦ୍‌ଗତି ନିମନ୍ତେ ସୋମବାର ତାଙ୍କର ପଦ୍ମପୁରସ୍ଥିତ ବାସଭବନରେ ଗଙ୍ଗା ଶ୍ରାଦ୍ଧ ଓ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା।

ଏହି ଅବସରରେ ପଦ୍ମପୁର ଏନ୍‌ଏସିସ୍ଥିତ ବଡବନ୍ଧଠାରେ ନିର୍ମିତ ବିଜୟ ରଞ୍ଜନ ସିଂ ବରିହାଙ୍କର ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିର ଅନାବରଣ କରାଯାଇଥିଲା। ସ୍ୱର୍ଗତ ବରିହା ପଦ୍ମପୁର ଅଞ୍ଚଳର ପ୍ରଥମ ବ୍ୟକ୍ତି ଯିଏକି ଜବହାର ଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ପଢ଼ିବାର ସୁଯୋଗ ପାଇଥିଲେ। ସେ ପଦ୍ମପୁର ଭଳି ଏକ ଅଣସଂରକ୍ଷିତ ଆସନରୁ ପାଞ୍ଚ ଥର ବିଧାୟକ ଭାବରେ ନିର୍ବାଚିତ ହୋଇପାରିଥିଲେ। ତାଙ୍କର ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ତାଙ୍କୁ ଆଦରର ସହିତ ମନେ ପକାଉଛନ୍ତି।

ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନରେ ଭଟଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟିକା ବର୍ଷା ସିଂ ବରିହା, ସ୍ୱର୍ଗତ ବରିହାଙ୍କର ସମ୍ବନ୍ଧୀ ପୂର୍ବତନ ବିଧାୟକ ରମାରଞ୍ଜନ ବଲିୟାର ସିଂ, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ପଦ୍ମପୁର ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ପ୍ରଶାନ୍ତ ମହାନ୍ତି, ସ୍ୱର୍ଗତ ବିଧାୟକଙ୍କର ବ୍ରାଇଁ ସ୍ମୃତି ସୌରଭ ବଲିୟାର ସିଂ, ପୁତ୍ର ଭୋଜରାଜ ସିଂ ବରିହା, ବିଜୟ କୁମାର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଗୌତମ ସିଂଙ୍କ ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରିଥିଲେ। ସେହିଭଳି ଶ୍ରଦ୍ଧାଞ୍ଜଳି ସଭାରେ ପରିବାର, ଆତ୍ମୀୟଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଓ ପଦ୍ମପୁର, ପାଇକମାଲ, ଝାରବନ୍ଧ, ଗାଇସିଲେଟ ଅଞ୍ଚଳର ଲୋକେ ଅନେକ ସଂଖ୍ୟାରେ ଯୋଗଦାନ କରିଥିଲେ।



ପ୍ରତିମୂର୍ତ୍ତି ଉନ୍ମୋଚନରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଓ ଅନ୍ୟମାନେ ।

## ସଂକ୍ଷେପରେ

### ସ୍କୁଟି ଚୋରି ଉଦ୍ୟମ ଘଟଣା: ଜେଲ ଗଲେ ଗିରଫ ଅଭିଯୁକ୍ତ

ଦେବଗଡ଼,୨୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଲଇମୁରା ଥାନା ଡିମିରିକୁଦା ପଞ୍ଚାୟତ ନୂଆଡିହି ଗ୍ରାମରୁ ଶନିବାର ସ୍କୁଟି ଚୋରି କରି ଫେରାର ହେଉଥିବା ବେଳେ ଝରାଗୋଗୁଆ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଥିବା ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକ ହେଲେ ସମ୍ବଲପୁର ଜିଲା ଠେଲକୋଲି ଥାନା ତଲାବିରା ଗ୍ରାମର ଅଙ୍କୁଶ ଦୀପ (୨୮)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂତ୍ରରୁ ସୂଚନା ଅନୁଯାୟୀ ଶନିବାର ସକାଳେ ଡିମିରିକୁଦା ଗ୍ରାମର ସନ୍ତୋଷ ପଲେଇ ତାଙ୍କ ସ୍କୁଟି (ନଂ. ଓଡି-୨୮-ବି-୫୧୩୮) ନୂଆଡିହି ଗ୍ରାମର ଏକ ଦୋକାନ ସମ୍ମୁଖରେ ରଖି ଦୋକାନୀଙ୍କ ସହିତ କଥା ହେଉଥିଲେ। ଏହାର ସୁଯୋଗ ନେଇ ଅଙ୍କୁଶ ସ୍କୁଟିକୁ ଚୋରି କରି ଫେରାର ହୋଇଯାଉଥିଲେ। ଏକଥା ଜାଣିବା ପରେ ସନ୍ତୋଷ ତାଙ୍କୁ ପିଛା କରିବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ଝରାଗୋଗୁଆ ଛକରେ ତାଙ୍କୁ ଅଟକାଇବା ସହ ସ୍କୁଟିକୁ ଉଦ୍ଧାର କରିଥିଲେ। ଏ ନେଇ ସେମାନେ ଲଇମୁରା ଥାନା ପୋଲିସକୁ ସୂଚନା ଦେବାରୁ ପୋଲିସ ପହଞ୍ଚି ସ୍କୁଟି ଜବତ କରିଥିଲା। ହେପରି ଗ୍ରାମବାସୀ କାବୁ କରିଥିବା ସ୍କୁଟି ଚୋର ଅଙ୍କୁଶଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ନେଇ ଲଇମୁରା ଥାନା ପୋଲିସ ଏକ ମାମଲା (ନଂ. ୭୬/୨୪) ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଙ୍କୁଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ଏଲ୍‌ଆଇସି ଅଫିସରେ ଅଭିକର୍ତ୍ତା ସଂଘର ଧାରଣା

କୁଚିଣ୍ଡା,୨୮।୧୦(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଏଲଆଇସି(ଭାରତୀୟ ଜୀବନ ବୀମା ନିଗମ)ଅଫିସ ଆଗରେ ସୋମବାର ଅଭିକର୍ତ୍ତା ସଂଘ ପକ୍ଷରୁ ବିଭିନ୍ନ ଦାବିରେ ଗଣଧାରଣା ଦିଆଯାଇଥିଲା। ଜୀବନବୀମା ନିଗମ ଅଭିକର୍ତ୍ତାଙ୍କ ପ୍ରତି କେତେଗୁଡିଏ କଟକଣା ଲାଗୁ କରାଯାଇଥିବାରୁ ସର୍ବଭାରତୀୟସ୍ତରରେ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ଶାଖା ପକ୍ଷରୁ ଏହି ଧାରଣା ଦିଆଯାଇଥିଲା। ସଂଘ ସଭାପତି ଶରତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଫେଡେରାଲ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରଫୁଲ୍ଲ ପଣ୍ଡା, ଜିଲା ଉପସଭାପତି ପ୍ରଭାତ ବେହେରା, କୁଚିଣ୍ଡା ଶାଖା ସମ୍ପାଦକ ବିଜୟ ନାଏକ, କୋଷାଧ୍ୟକ୍ଷ ସୁକେଶ ମାଝି,ସନ୍ତୋଷ ପଣ୍ଡା, କରୁଣାକର ଶାସ୍ତ୍ରୀ,ପ୍ରକାଶ ପଟେଲ,ବିମଳା ଚୌଧୁରୀ, ମିନତୀ ଘୋଷ ଯୋଗଦେଇଥିଲେ। ଏହି ଆନ୍ଦୋଳନରେ ଶତାଧିକ ଅଭିକର୍ତ୍ତା ସାମିଲ ହୋଇ ପଲିସିଧାରୀଙ୍କ ବୋନସ ବୃଦ୍ଧି, ଅଭିକର୍ତ୍ତାଙ୍କ କମିଶନ ବୃଦ୍ଧି, ସର୍ବନିମ୍ନ ବୀମାରାଶିକୁ ୧ଲକ୍ଷ ଟଙ୍କାରୁ ଆରମ୍ଭ କରିବା, ବୟସ ଅନୁପାତରେ ବୀମା ସୁବିଧା ଲାଗୁକରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ପୂର୍ବତନ ସଭାପତି ସତ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟଙ୍କା ନେଇ ଛୁ ମାରୁଥିବା ଲୁଟେରା ଧରାପଡ଼ିଲେ

## ଅନ୍ୟ ଅଭିଯୁକ୍ତ ଖସିଗଲେ

ଜମନକିରା, ୨୮।୧୦
(ରବୀନ୍ଦ୍ର ପ୍ରସାଦ ଦାନୀ)


ଗିରଫ ଅଭିଯୁକ୍ତ।

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ ଟନସରା ଜାତୀୟ ରାଜପଥ ୫୩ରେ ଜଣେ କାର ଚାଳକଙ୍କଠାରୁ ଟଙ୍କା ଲୁଟି ଛୁ ମାରୁଥିବା ଜଣେ ଲୁଟେରା ଧରାପଡିଛନ୍ତି। ସେ ହେଲେ ଅନାମ ସାହାଣୀ (୨୮)। ତାଙ୍କୁ ଘର ତଅଁଲାପଡ଼ା ସମ୍ବଲପୁର। ତାଙ୍କୁ ଲୁଟ୍‌ରେ ସହାୟତା କରିଥିବା ଅନ୍ୟତମ ଅଭିଯୁକ୍ତ ସମ୍ବଲପୁର ମୋଦିପଡ଼ାର ଶୁଭମ କୁମାର ସିଂହ (୨୭) ଫେରାର ହୋଇ ଯାଇଛନ୍ତି। ଗିରଫ ଅନାମଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ବଡରମା ଗାଁର ସତ୍ୟସ୍ୱରୂପ ପ୍ରଧାନଙ୍କ ଲିଖିତ ଅଭିଯୋଗ ଅନୁସାରେ, ରବିବାର ରାତି ପ୍ରାୟ ୧ ଟାରେ ଅପା ଘର ଜମନକିରାରୁ ନିଜ କାରରେ ବଡରମା ଘରକୁ ଫେରୁଥିଲେ। ଏହି ସମୟରେ ଟନସରା ପାଖରେ ସମ୍ବଲପୁର ଆଡୁ ଏକ ସ୍କୁଟିରେ ଦୁଇ ଜଣ ଯୁବକ ଆସି କାର ସାମନାରେ ସ୍କୁଟି ରଖିଥିଲେ। ପରେ ସେମାନେ ତାଙ୍କୁ କାର ଭିତରୁ ବାହାରକୁ ଟାଣି ଆଣିଥିଲେ। ତାଙ୍କ ପ୍ୟାକେଟରେ ଥିବା ୪୫୦୦ ଟଙ୍କା ଓ ଗୋଟିଏ ମୋବାଇଲକୁ ଛଡେଇ ନେଇ ସେଠାରୁ ପଳାଇଥିଲେ। ଏହି ସମୟରେ ସତସ୍ୱରୂପଙ୍କ ଗାଁର ଦୁଇ ଜଣ ପିଲା ତାଙ୍କୁ ଦେଖି ସେଠାରେ ଅଟକି ଥିଲେ। ସବୁ ଘଟଣା ଜାଣିବା ପରେ କାରରେ ସେମାନେ ଲୁଟେରାଙ୍କ ପିଛା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। କଦଳିପାଲି ଜଙ୍ଗଲ ପାଖରେ ଗୌଡପାଲି ଫାଣ୍ଡି ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଅଭିଯୁକ୍ତ ଜଙ୍ଗଲରେ ପଶି ଯାଇଥିଲେ। ସ୍କୁଟି ଚଳାଉଥିବା ଅନାମଙ୍କୁ ପୋଲିସ ଓ ପିଛା କରୁଥିବା ପିଲାମାନେ କାବୁ କରିନେଇଥିଲେ। ତାଙ୍କଠାରୁ ସ୍କୁଟି (ଓଡି ୧୫ ଏକ୍ସ ୬୭୬୦), ୪୫ଶହ ଟଙ୍କା, ଟାଙ୍ଗିଆ ଓ ମୋବାଇଲ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ଜମନକିରା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କ ନାଁରେ ଆପରାଧିକ ମାମଲା ଥିବ ଜଣାପଡ଼ିଛି।

# ବୁର୍ଲା ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା

ସମ୍ବଲପୁର,୨୮।୧୦(ବି.ଶଙ୍କର)


ବୁର୍ଲା ବ୍ରାହ୍ମଣ ସମାଜ ବୈଠକରେ ସଭ୍ୟ ଓ ନୂତନ କର୍ମକର୍ତ୍ତାମାନେ।

ସମ୍ବଲପୁର ଜିଲା ବୁର୍ଲା ବ୍ରାହ୍ମଣ ସମାଜର ବୈଠକ ସୋମବାର ବୁର୍ଲା ସ୍ଥିତ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ସହରର ପ୍ରାୟ ୬୦ଜଣ ସଦସ୍ୟ ଏଥିରେ ଯୋଗଦାନ କରିଥିଲେ। ବ୍ରାହ୍ମଣ ସମାଜର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରି ଭବିଷ୍ୟତ କାର୍ଯ୍ୟ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ବୈଠକରେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସମାଜର ସଭାପତି ଯୁଧିଷ୍ଠିର ପତି, ସମ୍ପାଦକ ଭାବେ ସୁନିଲ ଆଚାର୍ଯ୍ୟ ଚୟନ ହୋଇଥିଲେ। ସେହିପରି ଇଂ. ଦୀନଦୟାଲ ଶର୍ମା ଏବଂ ସୁରେଶ ଚନ୍ଦ୍ର ପଣ୍ଡା ଉପସଭାପତି, ଅନୀଲ ଦେବତା ଓ ସତ୍ୟବ୍ରତ ନାୟକ ସହ ସମ୍ପାଦକ, ଆଇନଜୀବୀ ଆଶୁତୋଷ ବିଶି, ଜୟନ୍ତ ସାହୁ ଏବଂ ନିରଞ୍ଜନ ମହାପାତ୍ର ସାଙ୍ଗଠନିକ ସମ୍ପାଦକ, ହରିଶଙ୍କର ପଣ୍ଡା କୋଷାଧ୍ୟକ୍ଷ, ଯଦୁନନ୍ଦନ ବଡ଼ପଣ୍ଡା ଲୋକସମ୍ପର୍କ ଅଧିକାରୀ ଏବଂ ଖବରଦାତା ପ୍ରଣବାନନ୍ଦ ପଣ୍ଡା ଓ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ମିଡିଆ ପ୍ରହାରୀଙ୍କ ଭାବରେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ଯତୀନ୍ଦ୍ର ମୋହନ ପଣ୍ଡା, ଡାକ୍ତର ବ୍ରଜମୋହନ ମିଶ୍ର, ଅଶ୍ୱିନୀ ଆଚାର୍ଯ୍ୟ, ଡାକ୍ତର ସଞ୍ଜୟ ମହାପାତ୍ର, ଡାକ୍ତର ମୁକେଶ କର, ହୃଷୀକେଶ ପତି, ରବୀନ୍ଦ୍ର ନାୟକ, ଗୋପାଳ ଶତପଥି ଏବଂ ବିଜୟ ଶର୍ମା ରହିଛନ୍ତି। ଦେବାଶିଷ ନନ୍ଦ, ପ୍ରଦ୍ୟୁମ୍ନ ମିଶ୍ର, ନୟନ କୁମାର ନାୟକ ଏବଂ ପ୍ରମୋଦ ଦାସ ସଭା ସଂଯୋଜନା କରିଥିଲେ। ପ୍ରତି ମାସର ଶେଷ ଶନିବାର ସଂଧ୍ୟାରେ ସାମୟିକ ଭାବରେ ନୃସିଂହ ମନ୍ଦିରଠାରେ ବ୍ରାହ୍ମଣ ସମାଜର ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ପଥଚାରୀମାନଙ୍କ ପାଇଁ ଅର୍ନ୍ନକୋଟ ବ୍ୟବସ୍ଥା କରାଯିବା ପାଇଁ ସ୍ଥିରୀକୃତ ହେବା ସହିତ ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ଏବଂ ସାମାଜିକ କାର୍ଯ୍ୟଗୁଡିକ କରାଯିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ଏହା ସହିତ ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହ ଜିଲା ପ୍ରଶାସନକୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଘର ଛାତ ଉପରେ ପାକଶାଳା ବଗିଚା ପ୍ରଶିକ୍ଷଣ

ସମ୍ବଲପୁର,୨୮।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଘର ଛାତ ଉପରେ ପାକଶାଳା ବଗିଚାକୁ ପ୍ରୋତ୍ସାହିତ କରିବା ପାଇଁ ସୋମବାର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ପାନ୍ଥନିବାସର ବୀର ସୁରେନ୍ଦ୍ର ସାଏ ହଲ ଠାରେ ଆୟୋଜିତ ଘରେ ବାଗାନ ଉଦ୍ୟାନ ପ୍ରତିକ୍ରିୟା ସହ ଶିକ୍ଷା ପ୍ରକ୍ରିୟା କାର୍ଯ୍ୟକ୍ରମରେ ୬୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଭାରତ ସରକାରଙ୍କ ସହାୟତାରେ ଭୁବନେଶ୍ୱରସ୍ଥିତ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଦ୍ୱାରା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ଶ୍ରୀନିବାସ ପେଟିକାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଘରେ ଛାତ ଉପରେ କିପରି ବଗିଚା ତିଆରି କରାଯିବ ଏହାର ବିଭିନ୍ନ ପ୍ରକ୍ରିୟା ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏହାସହ ବ୍ୟାଙ୍ଗାଲୁରରେ ଏହାକୁ ନେଇ ବ୍ୟବହାର ହେଉଥିବା ନୂତନ ଟେକ୍ନୋଲଜି ବିଷୟରେ ମଧ୍ୟ କାର୍ଯ୍ୟକ୍ରମରେ ଚର୍ଚ୍ଚା କରାଯାଇଥିଲା। ଓଡ଼ିଶାର ସରକାର ଦ୍ୱାରା ନିର୍ଦ୍ଧାରିତ ୫ଟି ସହର ମଧ୍ୟରେ ସମ୍ବଲପୁର ସହର ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ରହିଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ ସମ୍ବଲପୁର ପାଣିପାଗ ପନିପରିବା ଚାଷ ପାଇଁ ଉପଯୁକ୍ତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସାମିଲ ସମସ୍ତ ଅଂଶ ଗ୍ରହଣ କାରୀଙ୍କୁ ବିଭିନ୍ନ ପନିପରିବା ମଞ୍ଜି ଏବଂ ଜୈବିକ ସାର ପ୍ରଦାନ କରାଯାଇଥିଲା।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

ସମ୍ବଲପୁର,୨୮।୧୦(ବି.ଶଙ୍କର)

ଜିଲା ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ପାଳିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଜିଲାପାଳ ବୋନ୍ଦର ସାଧୁତାର ଶପଥ ପାଠ କରାଯାଇଥିଲା। ଦୁର୍ନୀତି ନିବାରଣ ଆଧାରରେ ଜିଲାର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, କାର୍ଟୁନ ଏବଂ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଛି। ପ୍ରତିଯୋଗିତାରେ ସମସ୍ତ ଜିଲାରୁ ଜିତିଥିବା ଛାତ୍ରୀଛାତ୍ରଙ୍କୁ ଜିଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ସମ୍ବଲପୁର ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଯୁକ୍ତା କୁଲୁ ସୂଚିତ କରିଛନ୍ତି। ସମ୍ବଲପୁର ଜିଲା ସୂଚନା ଓ ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଅକ୍ଟୋବର ୨୮ଠାରୁ ନଭେମ୍ବର ୩ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହିକ୍ରମରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ରାଜ୍ୟବାସୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ। ସମ୍ବଲପୁର ଓସ୍ୱାନ ସମ୍ମିଳନୀ କକ୍ଷଠାରେ ପୁଲିସ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ, ଜିଲାପାଳ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ, ସମ୍ବଲପୁର ମୁକେଶ ଭାମୁ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗଦେଇ ଶପଥ ପାଠ ଗ୍ରହଣ କରିଥିଲେ।

# ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କର



ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୨୮।୧୦(ବି.ଶଙ୍କର)

## ହୀରାକୁଦ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ

ସମ୍ବଲପୁର ଜିଲା ହୀରାକୁଦ ମହାବିଦ୍ୟାଳୟ ସଭାକକ୍ଷରେ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷା ସୁମିତ୍ରା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଅଧକ୍ଷା ପଣ୍ଡା ଆହ୍ୱାନ କରିଥିଲେ। ମହାବିଦ୍ୟାଳୟ ଆଇକ୍ୟୁଏସି କୋଅର୍ଡିନେଟର ତଥା ରାଜନୀତି ବିଜ୍ଞାନ ବିଭାଗ ବିଭାଗୀୟ ମୁଖ୍ୟ ଡ. ଅକ୍ଷୟ କୁମାର ସୂତାର, ରାଜନୀତି ବିଜ୍ଞାନ ଅଧାପକ ରିଙ୍କୁ ପ୍ରଧାନ, ଛାତ୍ରୀଛାତ୍ରଙ୍କୁ ଦୁର୍ନୀତି ନିବାରଣ ସପ୍ତାହର ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ। ସାଂସ୍କୃତିକ ସମିତି ମୁଖ୍ୟ ଅଧାପିକା ସୀମାନ୍ତିକା ଦାସ ମଞ୍ଚ ପରିଚାଳନା କରିବା ସହିତ ସମସ୍ତଙ୍କୁ ଦୁର୍ନୀତି ବିରୋଧରେ ଏକଜୁଟ ହୋଇ ଲଢ଼ିବା ପାଇଁ ଶପଥ ପାଠ କରାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଯେଉଁଥିରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧାପିକା ରଜନୀ ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ। ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ମହାବିଦ୍ୟାଳୟ ପକ୍ଷରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି।

# ଜୟ ମା' ଦୁର୍ଗା ଫୁଟ୍‌ବଲ କ୍ଲବ ଚାମ୍ପିୟନ

## ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୨୮।୧୦
(ଶଶାଙ୍କ ଶେଖର ଝାଙ୍କର)


ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କୁଣ୍ଡାପିଠା ଗ୍ରାମରେ 'ଫି ମିଲେଙ୍ଗେ କ୍ଲବ' ଆନୁକୂଲ୍ୟରେ ଗତ ଶନିବାର ଠାରୁ ଚାଲିଥିବା ତ୍ରି ଦିବସୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଯାଇଛି ø ଆଜିର ଫାଇନାଲ ମ୍ୟାଚରେ ଅନୁଗୁଳ ଜିଲାର ବାଗଡିଆ ଫୁଟବଲ କ୍ଲବକୁ ଟାଇବ୍ରେକର ସହାୟତାରେ ୪-୨ ଗୋଲରେ ପରାସ୍ତ କରି ଖୁଂଟିଆପାଲିର ଜୟ ମା' ଦୁର୍ଗା ଫୁଟବଲ କ୍ଲବ ଚମ୍ପିୟାନ ହୋଇଛି ø ଫାଇନାଲ ମ୍ୟାଚକୁ ରେଫରୀ ବାବେ ପଦ୍ମଚରଣ ଗୁରୁ, ରିଙ୍କୁ ସିଂ, ସଂଗ୍ରାମ ପଟେଲ ଓ ଅଶ୍ୱିନୀ ପଟେଲ ପରିଚାଳନା କରିଥିଲେ। ସଂଧ୍ୟାରେ ଆୟୋଜକ 'ଫି ମିଲେଙ୍ଗେ କ୍ଲବ'ର ସଭାପତି ସ୍ୱାଧିନ କୁମାର ସ୍ୱାଇଁଙ୍କ ସଭାପତିତ୍ୱ ଏବଂ ଛବିଳ କୁମାର ସାମଲଙ୍କ ପରିଚାଳନାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ସମ୍ମାନୀତ ଅତିଥି ଭାବେ ସାମାଜିକ କର୍ମୀ ସୂର୍ଯ୍ୟକାନ୍ତୀ ସ୍ୱାଇଁ, ରାମଚନ୍ଦ୍ର ମୁଦୁଲୀ,ଦିଗାମ୍ବର ଦେହୁରୀ ଓ ଡମ୍ବରୁ ସାହୁ ପ୍ରମୁଖ ମଂଚାସୀନ ରହି ଚମ୍ପିୟାନ ଜୟ ମା' ଦୁର୍ଗା ଫୁଟବଲ କ୍ଲବ ଓ ରନର୍ସ ଅପ୍ ବାଗଡିଆ ଫୁଟବଲ କ୍ଲବକୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ ø ଶେଷରେ 'ଫି ମିଲେଙ୍ଗେ କ୍ଲବ'ର ସମ୍ପାଦକ ଶିବାଶିଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ୍ତର ରାସେଶ୍ୱରୀଙ୍କ ଜନ୍ମଦିନରେ ଦୀପଦାନ କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୧୦(ବି.ଶଙ୍କର)

ସମ୍ବଲପୁରର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ୭୮ ତମ ଜନ୍ମ ଦିବସ ସମାରୋହ ସୋମବାର ବୁର୍ଲା ପ୍ଲାନେଟେରିୟମ ଛକ ସ୍ଥିତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ପାଣିଗ୍ରାହୀଙ୍କ ଦୀର୍ଘାୟୁ ଓ ସୁସ୍ଥ ନିରାମୟ ଜୀବନର ମଙ୍ଗଳ କାମନା ପୂର୍ବକ ଶୁଭେଚ୍ଛୁମାନେ ଦ୍ୱୀପ ପ୍ରଜ୍ୱଳନ ସହ ଠାକୁରଙ୍କଠାରେ ପାରମ୍ପରିକ ପୂଜାର୍ଚ୍ଚନା କରିଥିଲେ। ସେହିପରି ସମୂହ ଦୀପଦାନ କାର୍ଯ୍ୟକ୍ରମରେ ଅଞ୍ଚଳବାସୀ ସାମିଲ ହୋଇଥିଲେ। ଏହାପରେ ଦରିଦ୍ର ନାରାୟଣ ସେବା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେବାଶିଷ ନନ୍ଦ, ରମାକାନ୍ତ ସାହୁ, ହରିଶଙ୍କର ପଣ୍ଡା, ରୋହନ ମିଶ୍ର, ଶୁଭମ ବେହେରା, ଶାନ୍ତି ଲାମା, ସୀତା ପ୍ରଧାନ, ଶାନ୍ତି ମହାନ୍ତି, ଲକ୍ଷ୍ମୀ ରାଏ, ମଞ୍ଜୁଳା ମେହେର, ଅଶୋକ ସାମଲ, ଲଳିତ ଲୁହା, ତ୍ରିଲୋଚନ ସିଂ, ଜଗଜିତ ସିଂ, ଜିତୁ ଲାମା, ଶୁଭେନ୍ଦୁ ସାହୁ, କୁନୁମୁନ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାସ୍କୁଲ-ମୁଣ୍ଡେନପାଲି ସ୍କୁଲ ଫାଇନାଲ ମୁକାବିଲା

ସମ୍ବଲପୁର,୨୮।୧୦(ବି.ଶଙ୍କର)

## ଆନ୍ତଃହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟ

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ଦୁଇଟି ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। କାଇଁଶିର ଖେଳ ପଡିଆଠାରେ ପ୍ରଥମ ସେମିଫାଇନାଲ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ବନାମ ସେଭେନ ହିଲ୍ସ ପବ୍ଲିକ ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ଜିଲା ସ୍କୁଲ ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚର ୨୩ ଓ ୬୦ତମ ମିନିଟରେ ଦଳର ଖେଳାଳି ସୁମିତ ଭୋଇ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ୫୮ମିନିଟ ରିଚାର୍ଡ ବାରା ୧ଟି ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ଆଞ୍ଚଳିକ ବିଦ୍ୟାଳୟ ବନାମ ଚିପିଲିମା ସରକାରୀ ହାଇସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ମୁଣ୍ଡେନପାଲି ୩-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚର ୪୨, ୫୧ତମ ମିନିଟରେ ମୁଣ୍ଡେନପାଲି ଖେଳାଳି ପ୍ରକାଶ ବଲଗା ଦୁଇଟି ଦର୍ଶନୀୟ ଗୋଲ ସ୍କୋର କରିଥିଲେ। ସେହିପରି ଖେଳାଳି ରାକେଶ ମାଝି ୪୯ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ରେଫରୀ ଶାନ୍ତା ରଣବିଡା, ମନୋଜ ଭୋଇ, ମଥୁରା ଓରାମ, ଜଲେନ୍ଦ୍ର ଓରାମ, ଗଜେନ୍ଦ ଓରାମ ମ୍ୟାଚ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡା ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଅତିଥିମାନଙ୍କୁ ପଡିଆ ମଝିକୁ ଆମନ୍ତ୍ରଣ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ସାହେବ ଖମାରୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦ ଭୂଷଣ ମୁଖ୍ୟ ଅତିଥିମ୍ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ବିଦ୍ୟାଳୟ ଫାଟକ ସମ୍ମୁଖରେ ଅଳିଆ ଗଦା

ବ୍ରଜରାଜନଗର,୨୮।୧୦(ବିଜୟ ବରାଡ଼)

## ଅଭିଯୋଗ କଲେ ପ୍ରଧାନ ଶିକ୍ଷୟିତ୍ରୀ, କଥା ଶୁଣୁନାହାନ୍ତି ପୌର ପ୍ରଶାସନ



ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳର ୱାର୍ଡ ନମ୍ବର ୧୦ରେ ଥିବା ଲାଲା ଲାଜପତ ରାୟ ଉଚ୍ଚବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଗଦା ହୋଇ ପଡ଼ିରହିଛି କୁଢକୁଢ ଅଳିଆ। ବାରମ୍ବାର ଅଭିଯୋଗ କରିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ହେମନ୍ତ ଲତା ଚୌଧୁରୀ। ହେଲେ ତାଙ୍କ କଥା ଶୁଣୁନାହାନ୍ତି ପୌର ପ୍ରଶାସନ। ଫୋନ ରିସିଭ୍ କରୁନାହାନ୍ତି ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ। ପରିମଳ ବିଭାଗ ଦାୟିତ୍ୱରେ ଥିବା ପ୍ରଦୀପ ବେହେରାଙ୍କୁ ପଚାରିବାରେ ଫଟୋ ଉଠାଇ ପଠାଇ ଦିଅ, ଦେଖିବା ବୋଲି ପ୍ରକାଶ କରିଛନ୍ତି। ଏପରି ସ୍ଥଳେ ସଫେଇ କାର୍ଯ୍ୟ କିପରି ଚାଲିଥିବ ତାହା ବାରି ହୋଇପଡୁଛି ବୋଲି ପ୍ରକାଶ କରିଛନ୍ତି ଅଞ୍ଚଳବାସୀ। ସୂଚନାଯୋଗ୍ୟ ଯେ ବ୍ରଜରାଜନଗର ସହର ମଧ୍ୟ ସ୍ଥାନରେ ରହିଛି ଲାଲା ଲାଜପତ ରାୟ ଉଚ୍ଚ ବିଦ୍ୟାଳୟ। ବିଦ୍ୟାଳୟରେ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ଗତ କିଛିଦିନ ହେବ ପୌର ସଫେଇ କର୍ମଚାରୀମାନେ ସହରରୁ ବାହାରୁଥିବା ସମସ୍ତ ଅଳିଆ ନେଇ ସେଠାରେ ଗଦା କରୁଛନ୍ତି। ଫଳରେ ସେଠାରେ ଅଳିଆରୁ ଦୁର୍ଗନ୍ଧ ବାହାରି ପରିବେଶ ଖରାପ ହେବା ସହ ପିଲାମାନେ ଶ୍ରେଣୀ ଗୃହରେ ଶାନ୍ତିରେ ବସି ପାଠ ପଢି ପାରୁନାହାନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବାରମ୍ବାର ଅଭିଯୋଗ ପରେ ମଧ୍ୟ ତାଙ୍କ କଥା କେହି ଶୁଣୁନାହାନ୍ତି। ବର୍ତ୍ତମାନ ଦଶମ ଶ୍ରେଣୀର ପରୀକ୍ଷା ଆରମ୍ଭ ହୋଇଯାଇଛି। ପରୀକ୍ଷା ସରିଲେ ଶିକ୍ଷା ବିଭାଗ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣ ଦେବେ ବୋଲି ପ୍ରକାଶ କରିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ। ଦୀର୍ଘ ଦିନ ହେବ ଏଭଳି ସମସ୍ୟା ଲାଗିରହିଛି। ପୌର କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ଜାଣି କାହିଁକି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କୋମଳମତି ପିଲାମାନଙ୍କ ଭବିଷ୍ୟତ ସହିତ କାହିଁକି ଖେଳା ଯାଉଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଗତ ୨ ତାରିଖରେ ଝାରସୁଗୁଡ଼ା ଜିଲାରେ ବ୍ରଜରାଜନଗର ମ୍ୟୁନିସିପାଲିଟି ସଫେଇରେ ଏକ ନମ୍ବର୍ ସ୍ଥାନରେ ରହି ସମ୍ମାନିତ ହୋଇଛି। ଗୋଟିଏ ବିଦ୍ୟାଳୟ ସମ୍ମୁଖରୁ ଅଳିଆ ଉଠାଇ ପାରୁ ନ ଥିବା ପୌର ସଂସ୍ଥା କେଉଁ ଆଧାରରେ ସମ୍ମାନିତ ହେଲା ବୋଲି ସଚେତନ ନାଗରିକ ସମାଜ ପ୍ରଶ୍ନ କରିଛି। ଘଟଣା ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କୁ ପଚାରିବା ପାଇଁ ଫୋନ କରିବାରୁ ସେ ଫୋନ ରିସିଭ୍ କଲେନାହିଁ। ଦୀପାବଳି ପରେ ସେଠାରୁ ସମସ୍ତ ଅଳିଆ ଉଠାଯିବ ଓ ଆଗାମୀ ଦିନରେ ସେଠାରେ ଅଳିଆ ପକାଯିବ ନାହିଁ ବୋଲି ପୌରାଧକ୍ଷା ଯାଜ୍ଞସେନୀ ଓରାମ୍ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ରେନ ଦୁର୍ଘଟଣାରେ ଆର୍‌ଏସ୍‌ପି କର୍ମଚାରୀ ମୃତ

ରାଉରକେଲା,୨୮।୧୦(ସଙ୍ଗୀତା ଜେନା): ଟାଙ୍ଗରପାଲି ଥାନା ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନାରେ



ଥିବା ପାଇପ ପ୍ଲାଣ୍ଟ ନିକଟରେ ସୋମବାର ସକାଳେ ଟ୍ରେନରେ କଟିଯାଇଥିବା ଆରଏସ୍‌ପିର ଜଣେ କର୍ମଚାରୀଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଉଛନ୍ତି ହେଭି ମେଣ୍ଟେନାନ୍ସ ବିଭାଗର ବାସୁଦେବ ପ୍ରଧାନ(୫୧)। ଘଟଣାସ୍ଥଳରେ ପହଞ୍ଚି ପୋଲିସ ମୃତଦେହକୁ ଜବତ କରି ଆଇଜିଏଚ୍ ମର୍ଗ ହାଉସରେ ରଖିଛି। ପୋଲିସ ଏକ ମାମଲା (ନଂ.୨୦।୨୦୨୪) ରୁଜୁ କରିଛି। ଏହି ମାମଲାର କାରଣ ଅସ୍ପଷ୍ଟ ରହିଛି। ମୃତକ ସେକ୍ଟର ୪ରେ ରହୁଥିବାବେଳେ ସେ ପୁରୀ ଜିଲାର ମୂଳ ବାସିନ୍ଦା। ସେ ବିବାହିତ ଏବଂ ଗୋଟିଏ ପୁଅର ଜନକ। ମଙ୍ଗଳବାର ତାଙ୍କ ପରିବାର ଲୋକ ଆସିଲେ ବ୍ୟବଚ୍ଛେଦ ପ୍ରକ୍ରିୟା ହେବ ବୋଲି ପୋଲିସ କହିଛି।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ବଡ଼ଗାଁ,୨୮।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ହେବ। ସୋମବାର ପ୍ରଥମ ଦିବସରେ କଲେଜ ଅଧକ୍ଷା ବନଜାରାଣୀ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ସେ ଉଭୟ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇବା ସହପ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପରେ ବକ୍ତବ୍ୟ ରଖିଥିଲେ। କଲେଜରେ ଓ୍ୱାଇସିସିର ସଂଯୋଜକ ହେମନ୍ତ କୁମାର ପଣ୍ଡା ସଭା ପରିଚାଳନା କରିବା ସହ ଦୁର୍ନୀତି ନିବାରଣର ଆବଶ୍ୟକତା ଓ ସଚ୍ଚୋଟତାର ମାହାତ୍ମ୍ୟ ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ସଭାରେ ଅଧ୍ୟାପକ ସୁଶାନ୍ତ କୁମାର ବିଶି, ତାପସ କୁମାର କର, ଲକ୍ଷ୍ମୀକାନ୍ତ ସାହୁ, ଅଧ୍ୟାପିକା ମାଳବିକା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ନାଳରେ ବୁଡ଼ି ଜଣେ ମୃତ

ବନ୍ଧମୁଣ୍ଡା, ୨୮।୧୦(ସୁବ୍ରତ ଦେ): ବନ୍ଧମୁଣ୍ଡା ଥାନା ଅଧୀନ ଆର୍‌ଏସ୍ କଲୋନିଠାରେ ଥିବା ଏକ ନାଳରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜମସେରା ପଞ୍ଚାୟତ ଜବାପାନପୋଷ ଗାଁ ପାହାଡ଼ ଟୋଲା ନିବାସୀ ନାଇମାନ ଖାଲ୍‌କୋ (୪୮)। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ମାଛ ଧରିବାକୁ ନାଇମାନ ଆର୍‌ଏସ୍ କଲୋନି ନାଳକୁ ଯାଇଥିଲେ। ମାଛ ଧରିବା ସମୟରେ ନାଇମାନ ନାଳରେ ବୁଡ଼ିଯାଇଥିଲେ। ଏନେଇ ସ୍ଥାନୀୟ ଲୋକେ ବନ୍ଧମୁଣ୍ଡା ପୋଲିସକୁ ସୂଚନା ଦେଇଥିଲେ। ମାତ୍ର ରାତି ହୋଇଥିବାରୁ ନାଇମାନଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ସକାଳେ ନାଳପାଣିରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା।

# କିଞ୍ଜିରକେଲା ଗ୍ରାମରେ ମଦ ବିକ୍ରି ବନ୍ଦ ଦାବି

ବଡ଼ଗାଁ,୨୮।୧୦(ଅଶୋକ ଷଡ଼ଙ୍ଗୀ)



ଥାନା ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ କିଞ୍ଜିରକେଲା ଓ ସୁନାପଡା ଗ୍ରାମର ବହୁ ସଂଖ୍ୟକ ମହିଳା ସୋମବାର ବଡ଼ଗାଁ ଡାକ ବଙ୍ଗଳାରେ ଏକ ମଦ ବିରୋଧୀ ସମାବେଶ କରିଥିଲେ।

ପରେ ଶୋଭାଯାତ୍ରାରେ ବାହାରି ବଡ଼ଗାଁ ଥାନା ଓ ଅବକାରୀ ବିଭାଗକୁ କିଞ୍ଜିରକେଲା ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଛନ୍ତି। ବଡ଼ଗାଁ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ କେଶବ କରସେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳାମାନେ ପ୍ରଥମେ ବଡ଼ଗାଁ ଡାକ ବଙ୍ଗଳାରେ ସମବେତ ହୋଇ କିଞ୍ଜିରକେଲା ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଆଲୋଚନା କରିଥିଲେ। ଏହାପରେ ଶୋଭାଯାତ୍ରାରେ ବଡ଼ଗାଁ ଥାନାକୁ ଯାଇ ସେଠାରେ ଥାନା ଆଇଆଇସି ଆଶିଷ କୁମାର ଜେନାଙ୍କୁ କିଞ୍ଜିରକେଲା ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ମଦ ବିକ୍ରି ଯୋଗୁ ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଅତି ଶୀଘ୍ର ଗ୍ରାମରେ ମଦ ବିକ୍ରି ବନ୍ଦ ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଥାନାରେ ଦାବିପତ୍ର ଦେଲାପରେ ମହିଳାମାନେ ବଡ଼ଗାଁ ଅବକାରୀ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଅବକାରୀ ଅଧିକାରୀ ସୁଧିର କୁମାର ମିଶ୍ରଙ୍କୁ କିଞ୍ଜିରକେଲା ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଥିଲେ। ଶେଷରେ ମହିଳାମାନେ କିଞ୍ଜିରକେଲା ଓ ସୁନାପଡା ଗ୍ରାମରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ମଦ ବିକ୍ରେତା ମାନଙ୍କୁ ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଅନୁରୋଧ କରିଥିଲେ। ମହିଳାମାନେ କିଞ୍ଜିରକେଲା ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବଡ଼ଗାଁ ଅବକାରୀ ବିଭାଗ ଓ ପୋଲିସ ନିକଟରେ ଦାବି କରିବା ସହ ମଦ ବନ୍ଦ ନ ହେଲେ ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓ୍ୱାର୍ଡ ସଭ୍ୟା ପିଙ୍କି ଟପ୍ପୋ, ଡାଳିମ୍ବ ମଲ୍ଲିକ, ତପସିନୀ ଭିତ୍ରୀଆ, ସବିତା ଷଣ୍ଢ, ରୁକ୍ମଣୀ ଷଣ୍ଢ, ଜ୍ୟୋତ୍ସ୍ନାମୟି ସା, କୁମୁଦିନୀ ନାଏକ, ସୁଜାତା ଭିତ୍ରୀଆ, କୁମାରୀ ଡୁଙ୍ଗଡୁଙ୍ଗ,ଯୋଶୋଦା ଖଡିଆ,ସବିତା ଖଡ଼ିଆ, ଲଳିତା ଭିତ୍ରୀଆ, ରବିବାରୀ ଭିତ୍ରିଆ, ବାସନ୍ତୀ ରକ୍ସା ପ୍ରମୁଖ ବହୁ ମହିଳା ସାମିଲ ହୋଇଥିଲେ।

# କୋଇଡ଼ାରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି




ଜିଲାପାଳ ଓ ଅନ୍ୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଟେନସା,୨୮।୧୦(ସମୀର କୁମାର ପାଢ଼ୀ)

କୋଇଡ଼ା ବ୍ଲକ୍ ପରିସର ମଧ୍ୟରେ ଥିବା ରାଜୀବ ଗାନ୍ଧୀ ସମ୍ମିଳନୀ କକ୍ଷଠାରେ ସୋମବାର ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳଙ୍କ ସମେତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁରଞ୍ଜନ ସାହୁ, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇଁ ଉପଜିଲାପାଳ ଅକ୍ଷୟ ପିଲ୍ଲେଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, ପୂର୍ତ୍ତ, ବନ, ଖଣି, ଶିଶୁ ମଙ୍ଗଳ, କୃଷି, ଗ୍ରାମ୍ୟ ଉନ୍ନୟନ, ଜଳ ଯୋଗାଣ, ଉଦ୍ୟାନ, ବିଦ୍ୟୁତ୍ ପ୍ରମୁଖ ସମସ୍ତ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସାମୂହିକ ଓ ବ୍ୟକ୍ତିଗତଭାବେ ମୋଟ ୭୯ଟି ଅଭିଯୋଗର ଶୁଣାଣି କରାଯାଇ ତୁରନ୍ତ ସମାଧାନ ପାଇଁ ଜିଲାପାଳଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ମଧ୍ୟରେ ମୁଖ୍ୟତଃ ରାସ୍ତାଘାଟ, ପୋଲ ନିର୍ମାଣ, ଷ୍ଟ୍ରିଟ୍ ଲାଇଟ, ରାସ୍ତା ଜାମ୍, ଜମି ପଟ୍ଟା, ହାତୀ ଉପଦ୍ରବ ପାଇଁ ଆଶ୍ରୟସ୍ଥଳୀ, ଟ୍ରକ୍ ଓ ଟିପ୍ପର ସଂଘ ନିର୍ବାଚନ, ପରିବେଶ ସମ୍ବନ୍ଧୀୟ, ଖଣି ନିଯୁକ୍ତି, ଜମି ଜବରଦଖଲ ପ୍ରମୁଖ ରହିଥିଲା। ସବୁଠାରୁ ବେଶି ଅଭିଯୋଗ ଜିଲା ଖଣିଜ ପାଣ୍ଠି ଜରିଆରେ କାର୍ଯ୍ୟ କରୁଥିବା ସଂସ୍ଥା ଇପିଆଇଏଲ୍ ବିରୋଧରେ କରାଯାଇଥିଲା, ଯେଉଁଥିରେ ଜିଲାପାଳ ସଂସ୍ଥାକୁ କଳାତାଲିକା ଭୁକ୍ତ କରିବାକୁ ପ୍ରକାଶ କରିଥିଲେ। ଶୁଣାଣି ପରେ ୨ ଭିନ୍ନକ୍ଷମ ପରିବାରକୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ପରିଶେଷରେ ଜିଲାପାଳ ଓ ଅନ୍ୟ ଅଧିକାରୀଗଣ କୋଇଡ଼ାରେ ନିର୍ମାଣାଧୀନ କିଛି ପ୍ରକଳ୍ପ ପରିଦର୍ଶନକରି ଫେରିଥିଲେ।

## ବ୍ଲକସ୍ତରୀୟ ଶ୍ରୀ ଅନ୍ନ ଅଭିଯାନ ଖାଦ୍ୟ ମେଳା

କୋକସରା,୨୮।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ସହକାରୀ ସଂସ୍ଥା ଦ ହ୍ୟୁମାନ ଡେଭଲପମେଣ୍ଟ, କୋକସରା ଶାଖା ପକ୍ଷରୁ ସୋମବାର କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ମିଲେଟ ମିଶନର ପ୍ରଚାର ପ୍ରସାର ପାଇଁ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ବିଲୁପ୍ତ ହେଉଥିବା ଖାଦ୍ୟ ଶସ୍ୟର ପୁନରୁଦ୍ଧାର ପାଇଁ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମକୁ ବିପିସି ସୁରେନ୍ଦ୍ର ଜୁଏଡ଼ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝି, ସମ୍ମାନିତ ଅତିଥି ଭାବେ ଦ ହ୍ୟୁମାନ ଡେଭଲପମେଣ୍ଟ ଅଧକ୍ଷ ଦୁଷ୍ମନ୍ତ ପୁରୋହିତ ଯୋଗଦେଇଥିଲେ। ମାଣ୍ଡିଆ ଚାଷ ପାଇଁ ଆବଶ୍ୟକ ଭିତ୍ତିଭୂମି ସରକାରୀ ସ୍ତରରେ ପ୍ରୋତ୍ସାହନ ରାଶି ଓ ବଜାର ବ୍ୟବସ୍ଥା ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ମାଣ୍ଡିଆରେ ତିଆରି ଅନେକ ଖାଦ୍ୟ ସାମଗ୍ରୀର ଚାହିଦା ବୃଦ୍ଧି ପାଇଛି।

## ଚାଷ ନଷ୍ଟ: ମରୁଡ଼ି ଘୋଷଣା ଦାବି

ବଡ଼ଗାଁ,୨୮।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅଞ୍ଚଳରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବାରୁ ଚାଷ ବିଳମ୍ବ ହୋଇଥିଲା। ବର୍ତ୍ତମାନ ଚାଷଜମି ଶୁଷ୍କ ଥିବାରୁ ଅମଳକ୍ଷମ ହେବା ନେଇ ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ବରଗାଁକଛାର ପଞ୍ଚାୟତର ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତଭାବେ ଜଣାଇ ମରୁଡ଼ି ଘୋଷଣା ଦାବି କରିଛନ୍ତି। ସତ୍ୟବାନ ବିଶି, ଅକ୍ଷୟ ପୂଝାରୀ, ଦୋଳଗୋବିନ୍ଦ ବେହେରା, ନୀଳମଣି ନାଏକ ପ୍ରମୁଖ ଦସ୍ତଖତ ଥିବା ଦାବିପତ୍ର ଜିଲାପାଳଙ୍କୁ ଦେଇଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି, ଚଳିତ ବର୍ଷ ବରଗାଁକଛାର ପଞ୍ଚାୟତରେ ନିଅଣ୍ଟିଆ ବର୍ଷା ଯୋଗୁ ଧାନଚାଷ ପ୍ରଭାବିତ ହୋଇଛି। ଧାନ ଗର୍ଭଧାରଣ କରିବାରେ ବିଶେଷ ପ୍ରଭାବ ପଡ଼ିଛି। ପାଣିର ଅଭାବ ଯୋଗୁ ଧାନଚାଷ ନଷ୍ଟହେବାକୁ ବସିଲାଣି। ତଦନ୍ତକରି ପଞ୍ଚାୟତ ଅଞ୍ଚଳକୁ ମରୁଡ଼ି ଘୋଷଣା କରିବାକୁ ଦର୍ଶାଯାଇଛି।

# ଆଭାସୀ ମାଧମରେ ସାଧୁତାର ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ



କୁଆଁରମୁଣ୍ଡା ବ୍ଲକରେ ଆଭାସୀ ମାଧମରେ ସାଧୁତାର ଶପଥ ନେଇଛନ୍ତି ବ୍ଲକ କର୍ମଚାରୀମାନେ।

କୁଆଁରମୁଣ୍ଡା,୨୮।୧୦ (ମହେନ୍ଦ୍ର କୁମାର ସାହୁ)

ଅକ୍ଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଆଭାସୀ ମାଧମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସାଧୁତାର ଶପଥ ପାଠ କରିଛନ୍ତି କୁଆଁରମୁଣ୍ଡା ବ୍ଲକର ସମସ୍ତ କର୍ମଚାରୀ। ଏଥର ଦୁର୍ନୀତି ନିବାରଣ ସପ୍ତାହର ପ୍ରସଙ୍ଗ ଥିଲା 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତିଭୂମି'। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ଏବିଡିଓ ପ୍ରଶାନ୍ତ ଜେନା ଓ ଏଇଇ ଚୈତନ୍ୟ ହେମ୍ବ୍ରମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଏପିଓ ଶ୍ରବଣ ସାହୁ, ପିଇଓ ଦେବବ୍ରତ ଦାସ, କନିଷ୍ଠ ଯନ୍ତ୍ରୀ ଭରତ ସାହୁ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଅରୁଣ



@ ପ୍ରିୟରଞ୍ଜନ



@ ଉଜ୍ଜ୍ୱଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ସରକାରୀ ମହିଳା କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ସୁନ୍ଦରଗଡ଼,୨୮।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୋମବାର ମହାବିଦ୍ୟାଳୟ ଅଧକ୍ଷା ଡ. ଇନ୍ଦିରା ଗଡନାୟକଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତେ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ନିଜ କାର୍ଯ୍ୟ କ୍ଷେତ୍ରରେ ସାଧୁତା ଅବଲମ୍ବନ ପାଇଁ ଶପଥ ପାଠ କରିଥିଲେ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଓ ଆଇନର ସଚ୍ଚୋଟତାକୁ ଅନୁପାଳନ କରିବା ପାଇଁ ଶପଥ ପାଠ କରିଥିଲେ।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ




ସୁନ୍ଦରଗଡ଼,୨୮।୧୦(ଜୟ ନାରାୟଣ ମେଣ୍ଡୁଲି)

ନିବାରଣ ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଛନ୍ତି। ଭୁବନେଶ୍ୱର ସ୍ଥିତ ଲୋକସେବା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ସୁନ୍ଦରଗଡ଼ ଜିଲାର ସମସ୍ତ ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲାପାଳ ମନୋଜ ମହାଜନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମସ୍ତ ଜିଲା ସ୍ତରୀୟ ଅଧିକାରୀମାନେ କୋଇଡା ବ୍ଲକଠାରେ ଏବଂ ଜିଲା କାର୍ଯ୍ୟାଳୟର ଓସୱାନ ହଲଠାରେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପ ଅଭିମନ୍ୟୁ ମାଝୀ, ସୁନ୍ଦରଗଡ଼ ଭିଜିଲାନ୍ସ ୟୁନିଟର ଡିଏସପି ଦୈତାରି ଘଡ଼େଇ ଏବଂ ଅନ୍ୟାନ୍ୟ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ଶପଥ ପାଠ କରିଥିଲେ।

# ୩୦ତମ ଜବା ପାନପୋଷ କପ୍ ଫୁଟ୍‌ବଲ ଉଦ୍‌ଯାପିତ

ବନ୍ଧମୁଣ୍ଡା,୨୮।୧୦(ସୁବ୍ରତ ଦେ)

ବିଶ୍ରା ବ୍ଲକ୍ ଜାମସେରା ପଞ୍ଚାୟତ ଅଞ୍ଚଳର ଜବା ପାନପୋଷ ସ୍ଥିତ କ୍ରୀଡ଼ା ପଡ଼ିଆରେ ଆୟୋଜିତ ୫ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜାମସେରା ସରପଞ୍ଚ ବେଦନା ଓରାମ ମୁଖ୍ୟ ଅତିଥି ଏବଂ ନାଏବ ସରପଞ୍ଚ ମଞ୍ଜୁ ଏକ୍କା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଦାଣ୍ଡିଆପଲ୍ଲୀ ଏବଂ ବେନାମ ବାଦସାହ ଜଲଡ଼ା ଦଳ ମଧ୍ୟରେ ହୋଇଥିଲା। ଦାଣ୍ଡିଆପଲ୍ଲୀ ଦଳ ୨ ଗୋଲରେ ଜିତି ବିଜୟ ହାସଲ କରିଛି। ଏହି ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କମିଟି ଅଧକ୍ଷ ସୁନୀଲ ଲୁଗୁନ, ସଚିବ ରାଜା ଶର୍ମା, କ୍ରୀଡ଼ା ସଚିବ ବିଶ୍ୱଜିତ ମୁଣ୍ଡାରି, ଅନିଲ ସିନ୍ଦୋର, ଅମର ଜାତେ, ଜନ୍‌ସେନ ସିନ୍ଦୋର, କାର୍ତ୍ତିକ କେର୍‌କେଟା,ଅର୍ଜୁନ ତିଗ୍ଗା, ସୁଶୀଲ କୁମାର ଏକ୍କା,ସଞ୍ଜୟ ଏକ୍କା,ମନୋଜ, ଲକ୍ଷ୍ମଣ ତିର୍କୀ,ଇନ୍ଦ୍ରଜିତ ମାହାତୋ, ସୁଶୀଲ ଏକ୍କା, ରାହୁଲ କେର୍‌କେଟା ପ୍ରମୁଖ ସଫଳ ଭୂମିକା ଗ୍ରହଣ କରିଥିଲେ।




ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳୀ।

## ପ୍ରଥମ ପୃଷ୍ଠାରୁ

### ଚିକିତ୍ସା ଅବହେଳାର...

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍‌ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୮ କୋଟି ପାଇଁ...

ହୋଇଥିଲା। ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା। ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା। ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

# ସାଧୁତାର ଶପଥ ପାଠ କଲେ ଅଧିକାରୀ

ଭବାନୀପାଟଣା, ୨୮।୧୦ (ଉତ୍ତମ କୁମାର ଦାଶ)



ଶପଥପାଠ କରୁଛନ୍ତି ଅଧିକାରୀ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସୋମବାର କଳାହାଣ୍ଡି ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାଧୁତାର ଶପଥ ପାଠ କରାଯାଇଥିଲା। ଭବାନୀପାଟଣାସ୍ଥିତ ଓସୱାନ ହଲଠାରେ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଉପରେ ଶପଥ ପାଠ କରାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ପ୍ରତ୍ୟେକ ବ୍ଲକର ଓସୱାନ ହଲ ସହିତ ସିଧାସଳଖ ଯୋଡିହୋଇ କର୍ମଚାରୀମାନେ ଶପଥ ପାଠ କରିଥିଲେ। ଏହି ସମୟରେ ଜିଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ କସ୍ତୁରୀ ପଣ୍ଡା, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଏ.କେ. ଗୁରୁ, ପିଏ ଆଇଟିଡିଏ, ରାମକୃଷ୍ଣ ଗଣ୍ଡ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡିଜିଏମ ସଞ୍ଜୀବ କୁମାର ଚୌଧୁରୀଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୩୦ ତାରିଖ ସକାଳ ୭ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବ। ସେହିପରି କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୯.୩୦ରେ ସଚେତନତା ସଭା ହେବ ବୋଲି ସୂଚନା ଦିଆଯାଇଥିଲା।

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

## ସାଇ ମନ୍ଦିରରୁ ନେଇଗଲେ ୧୭ କେଜି ଅଳଙ୍କାର

ଭବାନୀପାଟଣା, ୨୮।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଞ୍ଚଳରେ ସୋମବାର ସକାଳୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ବେହେରାଗୁଡ଼ା ଭାଗୀରଥି ପାର୍କ ନିକଟ ସାଇ ମନ୍ଦିରରୁ ଦୁର୍ବୃତ୍ତମାନେ ରବିବାର ବିଳମ୍ବିତ ରାତିରେ କବାଟ ଭାଙ୍ଗି ସାଇ ବାବାଙ୍କ ବିଭିନ୍ନ ରୁପା ଗହଣା ଓ ଦାନ ବାକ୍ସକୁ ଟଙ୍କା ଚୋରି କରି ନେଇଛନ୍ତି। ଏଥିରେ ୧୭ କେଜିରୁ ରୁପା ଅଳଙ୍କାର ରହିଥିବା ଜଣାପଡିଛି। ଅଭିଯୁକ୍ତମାନେ ମନ୍ଦିର ପରିସରରେ ଖଞ୍ଜା ଯାଇଥିବା ସିସିଟିଭି ତାର କାଟି ଚୋରି କରି ନେଇଛନ୍ତି। ସକାଳୁ ପୂଜକ ମନ୍ଦିର ଖୋଲିବା ପରେ ଏହି ଘଟଣା ଜଣାପଡ଼ିଥିଲା। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସଦର ଥାନାରେ ଏକ ଲିଖିତ ଅଭିଯୋଗ ଦିଆଯାଇଛି। ଏହାପରେ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ରାଜସ୍ୱ ଅମଲା ସଂଘର ବାର୍ଷିକ ସମ୍ମିଳନୀ

ନୂଆପଡ଼ା, ୨୮।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହଠାରେ ଜିଲା ରାଜସ୍ୱ ଅମଲା ସଂଘ ବାର୍ଷିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଧର୍ମରାଜ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଜିଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ଚନ୍ଦ୍ର ରଏତ ବିଶିଷ୍ଟ ଅତିଥି, ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ଅଧ୍ୟକ୍ଷ ଲୋକେଶ୍ୱର ସାହୁ, କୋରାପୁଟ ଜିଲା ସଭାପତି ମନୋଜ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ପରି ପରିଷଦ ବରିଷ୍ଠ କିରାଣି ବିଭୂଦତ୍ତ ମିଶ୍ର ମଞ୍ଚ ପରିଚାଳନା ଥିଲେ। ଏହି ଅବସରରେ ତନ୍ମୟ ଜେନାଙ୍କ ଅଧ୍ୟକ୍ଷତାରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଂଘର ଅଧ୍ୟକ୍ଷ ଭାବେ ତ୍ରିଲୋଚନ ପୁମାର, ସଭାପତି ତ୍ରିଲୋଚନ ରଥ, କାର୍ଯ୍ୟକାରୀ ସଭାପତି ମନୋଜ ମହାରଣା, ଉପସଭାପତି ରବିରଞ୍ଜନ ବେହେରା, ସାଧାରଣ ସମ୍ପାଦକ ମଦନ ସୁନ୍ଦର ସାହୁ, ସାଙ୍ଗଠନିକ ସମ୍ପାଦକ ମମତା ଶବର, ଅଫିସ ସମ୍ପାଦକ ବିଭୂଦତ୍ତ ମିଶ୍ର, କୋଷାଧ୍ୟକ୍ଷ ଲକ୍ଷ୍ମଣ ଚିନ୍ଦା, ଯୁଗ୍ମ ସମ୍ପାଦକ ଡ଼ିଏନଏସ ଚଲାନ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ ସଦସ୍ୟ ଭାବେ ମୋହନ ବାଗ, ସରୋଜ ହୋତା, ମିନାକ୍ଷୀ ଦାସ, ଗଲିୟାରା ଜାକିର ମହମ୍ମଦ, ମାନିନୀ ନାୟକ, ଅଭିଷେକ ଚୌହାନ ପ୍ରମୁଖ ମନୋନୀତ ହୋଇଥିଲେ। ଶେଷରେ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ସଂକ୍ଷେପରେ

## ବୈଷ୍ଣବ ସମାଜର ଜିଲାସ୍ତରୀୟ ସମ୍ମିଳନୀ

**ଜୁନାଗଡ଼, ୨୮।୧୦ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ କଲ୍ୟାଣ ମଣ୍ଡପ ଠାରେ ବୈଷ୍ଣବ ସମାଜର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ବ୍ଲକ୍‌ର କର୍ମକର୍ତ୍ତାଙ୍କୁ ନେଇ ଆୟୋଜିତ ସମ୍ମିଳନୀରେ ଜିଲା ବାହାରୁ ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଏଥିରେ କିପରି ବୈଷ୍ଣବ ସମାଜ ଆଗକୁ ବଢ଼ିପାରିବ, ଆଗାମୀ ପିଢ଼ି ଭଲ ଶିକ୍ଷା, ସଂସ୍କାର ପାଇପାରିବେ ତା' ଉପରେ ଆଲୋଚନା ହୋଇଥିଲା। ଅସ୍ଥାୟୀ ସଭାପତି ଭାବେ ସରୋଜ ଦାସ ସଭା ପରିଚାଳନା କରିଥିଲେ। ପୂର୍ବତନ ସଭାପତି ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ଦାସଙ୍କ ପ୍ରସ୍ତାବକ୍ରମେ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଅଶୋକ କୁମାର ଦାସ ଜିଲା ସଭାପତି, ସ୍ୱପ୍ନା କୁମାର ଦାସ ସାଧାରଣ ସମ୍ପାଦକ, ଧ୍ରୁବ ଚରଣ ଦାସ କୋଷାଧ୍ୟକ୍ଷ ଭାବରେ ଚୟନ ହୋଇଥିଲେ। ଉପସଭାପତି ଭାବରେ ଗୋଲାମୁଣ୍ଡା ବ୍ଲକର ପ୍ରସନ୍ନ ଦାସ, ଧର୍ମଗଡ଼ର ସୁଶାନ୍ତ କୁମାର ଦାସ, କୋକସରାର କିଶୋର ଚନ୍ଦ୍ର ଦାସ, ଜୁନାଗଡ଼ର ଦୁର୍ଗାପ୍ରସାଦ ଦାସ, ଜୟପାଟଣାର କୁମୁଦରଞ୍ଜନ ଦାସ, ଭବାନୀପାଟଣା ଉପଖଣ୍ଡର ମହେନ୍ଦ୍ର ଦାସ, କଲମପୁରର ଅଖିଳ ଦାସ, ଭବାନୀପାଟଣାର ବଂଶୀଧର ଦାସଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସହସମ୍ପାଦକ ଭାବେ କାହ୍ନୁ ଚରଣ ଦାସ, ରାମେଶ୍ୱର ଦାସ, ନିଶାନ୍ତ ଦାସ, ମୋହନ ଚରଣ ଦାସଙ୍କୁ ମନୋନୀତ କରାଯାଇଥିଲା।

## 'ଏକ୍ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ



**କୋକସରା, ୨୮।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ 'ଏକ୍ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ ସଂଘ ସଭାପତି କ୍ଷୀରସିନ୍ଧୁ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଶ୍ରୀମନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗୋକୁଳ ନାଏକ, ଖବରଦାତ । କିଶନ କୁମାର ପଟ୍ଟନାୟକ, ଏମ୍‌ବିକେ ମିଶନ ଶକ୍ତି ମହିଳା କର୍ମଚାରୀ ବୈଶାଳିନୀ ଠାକୁର ଯୋଗଦେଇଥିଲେ। ବୃକ୍ଷ ଆମର ମା' ସଦୃଶ, ମା'ର ପନତକାନି ଆମକୁ ଯେମିତି ଖରା ବର୍ଷା ଶୀତରୁ ସୁରକ୍ଷା ପ୍ରଦାନ କରେ ଗଛଟିଏ ମଧ୍ୟ ସେହିପରି ସୁରକ୍ଷା ଦେଇଥାଏ ବୋଲି ଅତିଥିମାନେ ମତ ଦେଇ ବୃକ୍ଷ ରୋପଣ କରିଥିଲେ। ଯୁବକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ନୃପରାଜ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ଓଏଏସ୍ ପାଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**କୋକସରା, ୨୮।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡା ଗ୍ରାମର ରାଜେନ୍ଦ୍ର ନାଏକ ଓ ପଦ୍ମିନୀ ନାଏକଙ୍କ ଏକମାତ୍ର ଝିଅ ଶିବାନୀ ନାଏକ ଚଳିତବର୍ଷ ଓଏଏସ୍ ପରୀକ୍ଷାରେ ୬୧୮ ର୍‍ୟାଙ୍କ ରଖି ଜିଲା ତଥା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ରବିବାର ଟେମରା ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗାଁ ପରିକ୍ରମା ପରେ ଗାଁର ଆରାଧ୍ୟ ଦେବୀ ମା' ବସ୍ତରେନ ମାଉଳିଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଭାଜପା ନେତା ସୁଧୀର ପାତ୍ର, ବ୍ୟାଙ୍କ ଅଧିକାରୀ ବିପିନ ଦଳପତି, ରାଜେନ୍ଦ୍ର ନାଏକ, ହେମନ୍ତ ବାଣୁଆ, ମିନିକେତନ ସାହୁ, ଚୌବନ ରଣା, କ୍ଷୀରସିନ୍ଧୁ ହଂସ, ଘାସିରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ପାରିଶ୍ରମିକ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱେଚ୍ଛାଗ୍ରାହୀଙ୍କ ଅଭିଯୋଗ

କୋକସରା, ୨୮।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)


ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ସ୍ୱେଚ୍ଛାଗ୍ରାହୀ।

ପାରିଶ୍ରମିକ ବୃଦ୍ଧି ଓ ଥଇଥାନ ନେଇ କଳାହାଣ୍ଡି ଜିଲା ସ୍ୱେଚ୍ଛାଗ୍ରାହୀ ସଂଘ ପକ୍ଷରୁ ସଭାପତି ତେଜରାଜ ଦୁରିଆଙ୍କ ନେତୃତ୍ୱରେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ମତେ ଓଡ଼ିଶା ପଞ୍ଚାୟତିରାଜ ଓ ଜଳ ପରିମଳ ବିଭାଗ ଦ୍ୱାରା ୨୦୧୭ ମସିହାରୁ ରାଜ୍ୟର ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ସ୍ୱେଚ୍ଛାଗ୍ରାହୀଙ୍କୁ ନିଯୁକ୍ତି ଦିଆଯାଇଛି। ସ୍ୱଚ୍ଛ ଭାରତ ମିଶନରେ ଏହି କର୍ମଚାରୀମାନେ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୋଟିଭେଟର ଭାବେ ନିୟୋଜିତ କରାଯିବା ସହ ସ୍ୱଚ୍ଛ ଭାରତ ମିଶନରେ ପ୍ରତି ପଞ୍ଚାୟତରେ ଲୋକଙ୍କୁ ପାଇଖାନା ନିର୍ମାଣ ଓ ପରିମଳ ବ୍ୟବସ୍ଥା ଉପରେ ସଚେତନକରି ଗ୍ରାମକୁ ବାହ୍ୟ ମଳମୁକ୍ତ କରିବାରେ ପ୍ରମୁଖ ଭୂମିକା ରହିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱେଚ୍ଛାଗ୍ରାହୀ ଭାବେ ନିୟୋଜିତକରି ପ୍ରତି ପଞ୍ଚାୟତର ସ୍ୱଚ୍ଛ ଭାରତ ସମ୍ବନ୍ଧୀୟ କାଗଜପତ୍ର ସଂଗ୍ରହକରି ବ୍ଲକ୍‌କୁ ଦେବା ସହ ମୋବାଇଲ ଆପ୍‌ରେ ଅପ୍‌ଡେଟ୍ କରୁଥିଲେ। ତେବେ ବର୍ତ୍ତମାନ ସ୍ଥିତିରେ ସେମାନଙ୍କୁ ଅଣଦେଖାକରି କୌଣସି କାର୍ଯ୍ୟରେ ସାମିଲ କରାଯାଉନାହିଁ କିମ୍ବା ପାରିଶ୍ରମିକ ମଧ୍ୟ ଦିଆଯାଉନାହିଁ। ପୂର୍ବରୁ ଅଭିଯୋଗ ଶୁଣାଣିରେ ଦାବି ଉପସ୍ଥାପନ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ପରିବାର ପ୍ରତିପୋଷଣ କଷ୍ଟସାଧ ହେଉଛି ବୋଲି ସ୍ୱେଚ୍ଛାଗ୍ରାହୀମାନେ କହିଛନ୍ତି। ଦାବି ପ୍ରଦାନ ସମୟରେ ଜିଲା ସଭାପତି ଦୁରିଆଙ୍କ ସମେତ ଧର୍ମେନ୍ଦ୍ର କୁମାର ନାଗ, ସୁଶାନ୍ତ ବାଗ, ସୁକାନ୍ତି ନାଏକ, ଉପେନ୍ଦ୍ର ସୁନାନୀ, ଜିତେନ୍ଦ୍ର ପ୍ରଧାନ, ମଳୟ ନିଆଲ, ସୁନୀଲ ନାଏକ, ଗୋପବନ୍ଧୁ ସାହୁ, ଗୌରଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶ୍ରୀ ଅନ୍ନ ଅଭିଯାନ ଖାଦ୍ୟ ମେଳା

କୋକସରା, ୨୮।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ସହକାରୀ ସଂସ୍ଥା ଦ ହ୍ୟୁମାନ ଡେଭଲପମେଣ୍ଟ, କୋକସରା ଶାଖା ପକ୍ଷରୁ ସୋମବାର କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ମିଲେଟ ମିଶନର ପ୍ରଚାର ପ୍ରସାର ପାଇଁ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ବିଲୁପ୍ତ ହେଉଥିବା ଖାଦ୍ୟ ଶସ୍ୟର ପୁନରୁଦ୍ଧାର ପାଇଁ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମକୁ ବିପିସି ସୁରେନ୍ଦ୍ର ଜୁଏଡ଼ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝି, ସମ୍ମାନିତ ଅତିଥି ଭାବେ ଦ ହ୍ୟୁମାନ ଡେଭଲପମେଣ୍ଟ ଅଧ୍ୟକ୍ଷ ଦୁଷ୍ମନ୍ତ ପୁରୋହିତ ଯୋଗଦେଇଥିଲେ। ମାଣ୍ଡିଆ ଚାଷ ପାଇଁ ଆବଶ୍ୟକ ଭିତ୍ତିଭୂମି ସରକାରୀ ସ୍ତରରେ ପ୍ରୋତ୍ସାହନ ରାଶି ଓ ବଜାର ବ୍ୟବସ୍ଥା ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ମାଣ୍ଡିଆରେ ତିଆରି ଅନେକ ଖାଦ୍ୟ ସାମଗ୍ରୀର ଚାହିଦା ବୃଦ୍ଧି ପାଇଛି। ଏଣୁ ମାଣ୍ଡିଆ ଚାଷକୁ ଚାଷୀମାନେ ଧାନ ଚାଷ ଭଳି ଆପଣେଇ ଅଧିକ ରୋଜଗାରକ୍ଷମ ହୋଇ ପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହିଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାଣ୍ଡିଆରେ ତିଆରି ବ୍ୟଞ୍ଜନ ପ୍ରଦର୍ଶିତ ହୋଇଥିଲା। ପରିଶେଷରେ ଅଭିମନ୍ୟୁ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିପ୍ଲୋମା ଇଞ୍ଜିନିୟର ସେବାସଂଘର ନୂଆ କର୍ମକର୍ତ୍ତା

ଖଡ଼ିଆଲ, ୨୮।୧୦ (ସୁଜିତ କୁମାର ପ୍ରଧାନ)

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ଖଡିଆଲ ଶାଖା ପକ୍ଷରୁ ସାଧାରଣ ସଭା ଓ ବାର୍ଷିକ ଅଧିବେଶନ ସଂଘ ସଭାପତି ଇଂ. ସୁବାସ ଚନ୍ଦ୍ର ଗୁରୁଙ୍କ ଅଧ୍ୟକ୍ଷତାରେ ଖଡିଆଲସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଇଂ. ନରେଶ ଦାସ, ଇଂ. ମାନସ କୁମାର ବେହେରା, ଇଂ. ଜୟଦେବ ହୋତା ଅତିଥି ଭାବେ ଯୋଗଦେଇଥିଲେ। ଇଂ. ଝୁରିଲାଲ ଲୋହାର ସ୍ୱାଗତ ଭାଷଣ ଓ ଶେଷରେ ଇଂ. ଅମୋଘ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ୨୦୨୪-୨୫ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରଯାଇଥିଲା। ଏଥିରେ ସଭାପତି ଭାବରେ ଇଂ . ସୁବାସ ଚନ୍ଦ୍ର ଗୁରୁ, ଉପସଭାପତି ଇଂ. ମିନାକ୍ଷୀ ମିଶ୍ର, ସମ୍ପାଦକ ଇଂ. ଗଜୋରାମ ସୋରେନ, କୋଷାଧ୍ୟକ୍ଷ ଇଂ. ମନୋରଞ୍ଜନ ଜୟପୁରିଆ, ପରିଚାଳନା ସମ୍ପାଦକ ଇଂ. ପ୍ରଶାନ୍ତ କୁମାର ମାଝି, ଉପଦେଷ୍ଟା ଇଂ. ଅମୋଘ ନାରାୟଣ ପଣ୍ଡା ଙ୍କୁ ମନୋନୀତ କରଯାଇଥିଲା।

## ଜଙ୍ଗଲ ଜମି ପଟ୍ଟା ପାଇଁ ଧାରଣା

ନୂଆପଡ଼ା, ୨୮।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲାର ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଦୀର୍ଘବର୍ଷ ହେବ ଜଙ୍ଗଲ ଅଧିକାର ସ୍ୱୀକୃତି ପାଇଁ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ସୋମବାର ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ଜିଲା ଆବାହକ ମେଘନଥ ଖର୍ସେଲଙ୍କ ନେତୃତ୍ୱରେ ମହିଳାପୁରୁଷ ନୂଆପଡ଼ା ମିନି ଷ୍ଟାଡିୟମଠାରୁ ଏକ ଶୋଭାଯାତ୍ରାରେ ବାହାରି ଏକତା ଛକ ଦେଇ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଜଙ୍ଗଲ ଜମି ପଟ୍ଟା ସହ ୮ ଦଫା ସମ୍ବଳିତ ଦାବି ନେଇ ଆଦିବାସୀମାନେ ଧାରଣାରେ ବସିଛନ୍ତି । ଦାବି ପୂରଣ ନ ହେବା ଧାରଣାରେ ବସିବେ ବୋଲି କହିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ସମସ୍ତ ଜଙ୍ଗଲ ଗ୍ରାମ ଓ ଅଣ ସର୍ବେକ୍ଷଣ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା, ଅଣ ପାରମ୍ପରିକ ବାନବସୀଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ, ପଟ୍ଟା ପାଇବା ପାଇ ବଞ୍ଚିତ ଥିବା ଆଦିବାସୀଙ୍କୁ ମଧ୍ୟ ପଟ୍ଟା ପ୍ରଦାନ କରାଯାଉ, ଚୂଡାନ୍ତ ପ୍ରକ୍ରିୟା ନ ସରିବା ପର୍ଯ୍ୟନ୍ତ ଆବେଦନକାରୀଙ୍କ ଜମିରେ ବୃକ୍ଷ ରୋପଣ ନ କରିବା ଅନ୍ୟତମ। ଜିଲା ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଘାସିରାମ ମାଝି, ବ୍ଲକ ସଭାପତି ହରି ମାଝି ସମର୍ଥନ ଜଣାଇ ଧାରଣାରେ ବସିଛନ୍ତି ।


ଜଙ୍ଗଲ ଜମି ପଟ୍ଟା ପାଇଁ ଧାରଣାରତ ମହିଳାପୁରୁଷ।

## ୧୧ ଦଫା ଦାବିରେ ଜିଲାପାଳ, ସିଡିଏମ୍‌ଓଙ୍କୁ ଦାବିପତ୍ର


ଦାବିପତ୍ର ଦେବାକୁ ଆସିଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ।

ଭବାନୀପାଟଣା, ୨୮।୧୦ (ଉତ୍ତମ କୁମାର ଦାଶ)

**ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ**

- ସମାଧାନ ନ ହେଲେ ୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

ଅଲ ଓଡ଼ିଶା ୧୦୮ କର୍ମଚାରୀ ମହାସଂଘ କଳାହାଣ୍ଡିଶାଖା ପକ୍ଷରୁ ସୋମବାର ଜିଲାପାଳ ଓ ସିଡିଏମ୍‌ଓଙ୍କୁ ୧୧ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବୈତାରୁ ଦୀପ ଓ ସିଡିଏମ୍‌ଓ ଉପସ୍ଥିତ ନ ଥିବାରୁ ଭାରପ୍ରାପ୍ତ ଡିପିଏମ୍ ଭବାନୀ ଶଙ୍କର ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଆସନ୍ତା ୨୯ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୩୦ରୁ ଜିପିଏସ୍ ବନ୍ଦକରି ରୋଗୀ ସେବା କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାପରେ ବି ଯଦି ସରକାର ନ ଶୁଣନ୍ତି ତା'ହେଲେ ନଭେମ୍ବର ୧ରୁ କାର୍ଯ୍ୟବନ୍ଦ ସହ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି। ପ୍ରମୁଖ ଦାବିଗୁଡିକ ହେଲା କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନୂତନ କମ୍ପାନୀରେ ନିଯୁକ୍ତି, କାର୍ଯ୍ୟ କରିବାର ସମୟ ଓ ପାରିଶ୍ରମିକ ନିର୍ଦ୍ଧାରଣ, ୧୨ ଘଣ୍ଟାର କାର୍ଯ୍ୟକୁ ୧୨ ଘଣ୍ଟାର ପ୍ରାପ୍ୟ, ଠିକାସଂସ୍ଥାରୁ ମୁକ୍ତକରି ନିୟମିତ କରିବା, ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ରାଶି ପ୍ରଦାନ ଆଦି ଅନ୍ୟତମ। ଜିଲା ସଭାପତି ଶୁଭେନ୍ଦୁ ମେହେର, ସମ୍ପାଦକ ସନ୍ତୁ କୁମାର ସାହୁଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଜିଲାର ବହୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଉପସ୍ଥିତ ଥିଲେ।

## ଭାରପ୍ରାପ୍ତ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

**ଜୁନାଗଡ଼, ୨୮।୧୦ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସି ଉପାଧ୍ୟକ୍ଷା ହିମାଦ୍ରି ନାଏକ ସୋମବାର ଭାରପ୍ରାପ୍ତ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନ୍‌ଏସି ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ସମସ୍ତ କାଉନସିଲର ଓ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ। ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଅନାସ୍ଥା ପ୍ରସ୍ତାବରେ ନିଜ ପଦ ହରାଇଥିବା ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପରେ କଳାହାଣ୍ଡି ଜିଲାପାଳ ଉପାଧ୍ୟକ୍ଷା ହିମାଦ୍ରି ନାଏକଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷା ଭାବେ ଦାୟିତ୍ୱ ପ୍ରଦାନ କରିଥିଲେ। ସଭାରେ ଜୁନାଗଡ଼ ବ୍ଲକ୍ ଅଧ୍ୟକ୍ଷା ସବିତା ମେହେର, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ କନ୍ଦପାନ, ବିଜେଡି ସଭାନେତ୍ରୀ ମନୀଷା ସାହୁ, ବ୍ଲକ୍ ଉପାଧ୍ୟକ୍ଷ ପ୍ରମୋଦ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଖିଲୋ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ ଉପସ୍ଥିତ ଥିଲେ।

## ରେଳବାଇ ଡାକସେବା ସ୍ଥାନାନ୍ତର ନ କରିବାକୁ ଦାବିପତ୍ର

କେସିଙ୍ଗା, ୨୮।୧୦ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ରେଳ ଷ୍ଟେଶନସ୍ଥିତ ରେଳ ଡାକସେବା (ଆର୍‌ଏମ୍‌ଏସ୍) ସ୍ଥାନାନ୍ତର ନ କରିବାକୁ କଳାହାଣ୍ଡି ଜିଲା ରେଳ ଯାତ୍ରୀ ସଂଘ ପକ୍ଷରୁ ସୋମବାର ପୋଷ୍ଟ ମାଷ୍ଟର ଜେନେରାଲ ଭୁବନେଶ୍ୱରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାକ୍ରମେ କେସିଙ୍ଗା ରେଳ ଷ୍ଟେସନରେ ଥିବା ରେଳ ମେଲ ସେବାକୁ ବଲାଙ୍ଗୀର ଆର୍‌ଏମ୍‌ଏସ୍ ସହିତ ମିଶ୍ରଣ କରାଯାଇ ପରବର୍ତ୍ତୀ ସମୟରେ ବଲାଙ୍ଗୀରକୁ ସ୍ଥାନାନ୍ତର ପାଇଁ ରେଳ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ରେଳ ମେଲ ସେବା ଦୀର୍ଘ ୫୨ବର୍ଷ ହେଲା କେସିଙ୍ଗା ଆର୍‌ଏମ୍‌ଏସ୍, କଳାହାଣ୍ଡି ଓ ନୂଆପଡ଼ା ଜିଲାର ଲୋକଙ୍କୁ ସେବା ପ୍ରଦାନ କରିଆସୁଛି। ଏହି ନିଷ୍ପତ୍ତିର ପୁନର୍ବିଚାର କରିବା କେସିଙ୍ଗା ସହରବାସୀ ଅନୁରୋଧ କରିଛନ୍ତି। ଏହାକୁ ସ୍ଥାନାନ୍ତର ନିଷ୍ପତ୍ତିକୁ କାହାଣ୍ଡି ରେଳଯାତ୍ରୀ ସଂଘ ତଥା ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଟ୍ରଷ୍ଟ ସମେତ ବିଭିନ୍ନ ଅନୁଷ୍ଠାନ ଦୃଢ଼ ବିରୋଧ କରିଛନ୍ତି।

## ବେଧଡ଼କ ଗଛକଟା, ଧ୍ୱଂସ ପାଉଛି ଜଙ୍ଗଲ

ଲାଞ୍ଜିଗଡ଼, ୨୮।୧୦ (ରମେଶ ଚନ୍ଦ୍ର ନାୟକ)


ଜଙ୍ଗଲରୁ ମୂଲ୍ୟବାନ ଗଛ କଟାଯାଇଛି।

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡର ବିଶ୍ୱନାଥପୁର ରେଞ୍ଜ ଅନ୍ତର୍ଗତ ମୂଷାନାଳ ବିଟ ଧଡେଲ ଜଙ୍ଗଲରେ ଅବାଧ ଗଛକଟା ଯୋଗୁ ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି। ସରକାର ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବନବିଭାଗର ଅବହେଳା ଯୋଗୁ ବେଆଇନ ଭାବେ ଗଛ କଟା ଚାଲିଛି। ସୂଚନାନୁସାରେ ଧଡେଲ ସ୍ଥିତ ରାହୁଲ ସଂରକ୍ଷିତ ଜଙ୍ଗଲ ବେନଗାଁ ପଞ୍ଚାୟତରେ ରହିଥିବା ବେଳେ ଅନ୍ୟ ପଞ୍ଚାୟତର ଲୋକେ ବେଆଇନ ଭାବରେ ମୂଲ୍ୟବାନ ଶାଳ, ହରିଡ଼ା, ଅଁଳା, ବାହାଡା, ଶିଶୁ, ବିଜା, ଶାଗୁଆନ ଗଛ କାଟିନେଉଛନ୍ତି। ଏହି ବିଷୟରେ ବେନଗାଁ ଗ୍ରାମ ପଞ୍ଚାୟତର ପଜିବାହାଳୀ, ପେଙ୍ଗଶୁର, କାର୍ଲିଯୋଡି, ଲିଟିବୋଣ୍ଡେଲ, ଧାଁରାଭଟା, ପଢ଼େଇଖୁଣ୍ଟି, କୋକସରୁ, ଧଡେଲ, ପଦ୍ମଥୋପା, ଦମଘାଟି ଏବଂ ଲାଞ୍ଜି ପଞ୍ଚାୟତର ଦଣ୍ଡିଗୁଡା, ଗୋଇଚର୍ଚ୍ଚା, ଲୋଡାଙ୍ଗ, ଗୋଇପଟା, ସମେତ ଅନ୍ୟ ଗ୍ରାମର ଲୋକେ ବିରୋଧ କରି ବନବିଭାଗକୁ ଅଭିଯୋଗ କଲେ ସୁଦ୍ଧା କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ବନ ବିଭାଗ ଏସିଏଫ୍ ନରୋତ୍ତମ ମାଝୀଙ୍କୁ ପଚାରିବାରୁ ଆମ ପାଖକୁ ଏହାର ଅଭିଯୋଗ ଆସିଛି, ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

### ପ୍ରଥମ ପୃଷ୍ଠାରୁ

## ଚିକିତ୍ସା ଅବହେଳାର...

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍‌ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୮ କୋଟି ପାଇଁ...

ହୋଇଥିଲା। ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା। ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା। ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

## ସଂକ୍ଷେପରେ

### ହରଭଙ୍ଗା ବ୍ଲକରେ ଶିଶୁ ମହୋତ୍ସବ ସୁରଭି

ହରଭଙ୍ଗା,୨୮।୧୦
(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ସୋମବାର ଦିନ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ବିଇଓ ଅଜୟ କୁମାର ଲୁହା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଘନଶ୍ୟାମ ମେହେର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀବନ୍ତ ମେହେର, ଏବିଇଓ ଅଖିଳ ପ୍ରଧାନ, ଜ୍ୟୋସ୍ନାମୟୀ ମହାପାତ୍ର, ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନତ ଗଡତିଆ, ଚାରିଛକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଧର ପ୍ରଧାନ ଯୋଗ ଦେଇଥିଲେ । ବ୍ଲକର ୧୭ ଗୋଟି କ୍ଲଷ୍ଟରରୁ ୫୫୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରରେ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ଶାସକ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ରାଜୀବ ନାୟକ ଓ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ, ବିଡିଓ ଶରତ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ ।

### ବୌଦ୍ଧ କଲ୍‌ଚରାଲ ଏକାଡେମୀର କବିତା ଆସର

ବୌଦ୍ଧ,୨୮।୧୦(ଅଜିତ କୁମାର ବାରିକ)

ବୌଦ୍ଧ ସହରର ଦାନୀସାହିସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ବୌଦ୍ଧ ଜିଲା କଲଚରାଲ ଏକାଡେମୀର ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଉପ ସଭାପତି ଧ୍ରୁବ ଚରଣ ଘିବେଲା ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, କବି କିଶୋର ମିଶ୍ର ଯୋଗଦେଇ ସମାଜର ବିଭିନ୍ନ ଘଟଣା, ମହାଭାରତ, ଭାଗବତ, ରାମାୟଣ ଓ ବୌଦ୍ଧ ଜିଲା ଇତିହାସ ଉପରେ ବକ୍ତବ୍ୟ ରଖିଥିଲେ । କବି କାର୍ତ୍ତିକେଶ୍ୱର ନାୟକ, ରାଧାମୋହନ ମାହାଣା,ରଶ୍ମିତା ବେହେରା,ସତ୍ୟ ନାରାୟଣ ଦେହୁରୀ, ରମେଶ ପ୍ରସାଦ ମେହେର, କିଶୋର ମିଶ୍ର ପ୍ରମୁଖ ଅଣୁଗଳ୍ପ କହିଥିଲେ । ବିଜୟ ସାହୁ, ବିକେ ନିର୍ମଳ, ଦେବେନ୍ଦ୍ର ଦେହୁରୀ, ରାଜକୁମାର ପ୍ରଧାନ, ଅନାଦି ବେହେରା ପ୍ରମୁଖ କବିତା ଆବୃତ୍ତି କରିଥିଲେ । ଅନୁଷ୍ଠାନର ସମ୍ପାଦକ ରମେଶ ପ୍ରସାଦ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜକୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ଦୀପାବଳି ପାଇଁ ଷ୍ଟଲ୍ ଉଦ୍‌ଘାଟିତ

ବୌଦ୍ଧ,୨୮।୧୦(ଅଜିତ କୁମାର ବାରିକ)

ଓରମାସ ପକ୍ଷରୁ ବୌଦ୍ଧ ସହରର ଆଦର୍ଶ କୃଷକ ବଜାରଠାରେ ଦିପାବଳି ପାଇଁ ଓରମାସ ପକ୍ଷରୁ ଏକ ଷ୍ଟଲ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଆଗକୁ ଆଲୋକର ପର୍ବ ଦୀପାବଳି ଥିବାରୁ ଏହି ଷ୍ଟଲରେ ବିଭିନ୍ନ ପ୍ରକାର ଦୀପ , ମହମ ଆଦି ବିକ୍ରୟ କରାଯିବ । ଏହାସହ ବଜାରଠାରେ ଥିବା ମିଶନ ଶକ୍ତି କାଫେ, ମିଲେଟ କାଫେ ମଧ୍ୟ ଜିଲାପାଳ ବୁଲି ଦେଖିଥିଲେ । କାଫେ ବୁଲିବା ସମୟରେ ଜିଲାପାଳ ପଣ୍ଡା ମହିଳା ଗୋଷ୍ଠୀଙ୍କ ସହ ସମସ୍ୟା ନେଇ ପଚାରି ବୁଝିଥିଲେ ।

### ଓଏଏସ୍ ପାଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କୋକସରା,୨୮।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡା ଗ୍ରାମର ରାଜେନ୍ଦ୍ର ନାଏକ ଓ ପଦ୍ମିନୀ ନାଏକଙ୍କ ଏକମାତ୍ର ଝିଅ ଶିବାନୀ ନାଏକ ଚଳିତବର୍ଷ ଓଏଏସ୍ ପରୀକ୍ଷାରେ ୬୧୮ ର୍‍ୟାଙ୍କ ରଖି ଜିଲା ତଥା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ରବିବାର ଟେମରା ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗାଁ ପରିକ୍ରମା ପରେ ଗାଁର ଆରାଧ୍ୟ ଦେବୀ ମା' ବସ୍ତ୍ରେନ ମାଉଳିଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଭାଜପା ନେତା ସୁଧୀର ପାତ୍ର, ବ୍ୟାଙ୍କ ଅଧିକାରୀ ବିପିନ ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

# ମେହେର ସୁପରଷ୍ଟାର ବୌଦ୍ଧ ଚାମ୍ପିୟନ

**ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ଅମରପାଲି, ୨୮।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ପଣ୍ଡିଆପାଲି ଗ୍ରାମରେ ଚାଲିଥିବା ୧୫ତମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଡ୍ରିମ-୧୧ ସୋନପୁରକୁ ହରାଇ ମେହେର ସୁପରଷ୍ଟାର ବୌଦ୍ଧ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ଟି ୧୨-୧୨ ଓଭର ବିଶିଷ୍ଟ ହୋଇଥିବା ବେଳେ ଦ୍ୱିତୀୟ ଫର୍ମାଟ ଟି-୧୦ ବିଶିଷ୍ଟ ହୋଇଥିଲା। ପ୍ରଥମ ଫର୍ମାଟରେ ଡ୍ରିମ-୧୧ ସୋନପୁର ଦଳ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୬୪ ରନ କରିଥିଲା। ଜବାବରେ ବୌଦ୍ଧ ଦଳ ଆବଶ୍ୟକ ୬୫ ରନକୁ ୩ ଓଭରରେ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ବୌଦ୍ଧ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନ କରିଥିଲା। ଜବାବରେ ସୋନପୁର ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୧୦୯ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବୌଦ୍ଧ ଦଳ ଚାମ୍ପିୟନ ହୋଇଥିଲା। ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ ଫାଇନାଲ ମ୍ୟାଚରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଜୋନ-୧ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଓଡ଼ିଶା ପୋଲିସର ସରୋଜ କୁମାର ବେହେରା, ସର୍ଜେଣ୍ଟ ନୀଳକଣ୍ଠ କଅଁର, ସ୍ଥାନୀୟ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଖମାରୀ ଅତିଥିଭାବେ ଯୋଗଦେଇଥିଲେ। ବୌଦ୍ଧର କଣ୍ଟିଆ ବେହେରାଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ସୋନପୁରର ବିଷ୍ଣୁ ନାଏକଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ବୌଦ୍ଧ ଦଳକୁ ନଗଦ ୨୫ହଜାର ଟଙ୍କା ଓ ରନର ଅପ ସୋନପୁର ଦଳକୁ ନଗଦ ୧୮ହଜାର ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ସୁରେଶ ବିଶି ଓ ରାଘୁବୀର ମିଶ୍ର ଅମ୍ପେୟାର, କୁମାର ସେଠୀ ସ୍କୋରିଂ ଏବଂ ରିଙ୍କୁ ଭୁଏ ଧାରା ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ବୌଦ୍ଧ ଦଳକୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରୁଛନ୍ତି।

# ଅନ୍ତର୍ନିହିତ ପ୍ରତିଭା ବିକାଶର ମାଧ୍ୟମ ସୁରଭି

ଡୁଙ୍ଗୁରିପାଲି,୨୮।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବଲାଙ୍ଗୀରର ଅଧ୍ୟକ୍ଷ ଡ. ଗରୁଡ଼ଧ୍ୱଜ ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିସାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମେଲଛାମୁଣ୍ଡା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପ୍ରଦୀପ କୁମାର ପଧାନ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଥିଲେ। ଡୁଙ୍ଗୁରିପାଲି ବ୍ଲକ ଭାରପ୍ରାପ୍ତ ବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବଟକୃଷ୍ଣ ପାଢ଼ୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ସୃଜନଶୀଳତାର ବିକାଶ ପାଇଁ ସୁରଭି କାର୍ଯ୍ୟକ୍ରମର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଉଦଯାପନୀ ଉତ୍ସବରେ ଖାରସୁଗୁଡା ଏଲଏନ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ମକରଧ୍ୱଜ ବିଶ୍ୱାଳ ମୁଖ୍ୟବକ୍ତା, ଡୁଙ୍ଗୁରିପାଲି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା.ରବୀନ୍ଦ୍ରନାଥ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଆଗଲପୁର ବ୍ଲକ ଶିକ୍ଷାଧିକାରୀ ଶ୍ୟାମ ମେହେର,ଉଲୁଣ୍ଡା ଗୋଷ୍ଠୀ ସହଶିକ୍ଷାଧିକାରୀ ମୁକେଶ ଭୋଇ, ତରଭା ଗୋଷ୍ଠୀ ସହଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ଡୁଙ୍ଗୁରିପାଲି ସହ ଶିକ୍ଷାଧିକାରୀ ଗଞ୍ଜୁଲୁ ମିର୍ଦ୍ଧା ଓ ଜଗତ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଳା ଓ ସଂସ୍କୃତିର ପ୍ରଚାର ପାଇଁ ଅତୁଳନୀୟ ଅବଦାନ ଥିବାରୁ ସମ୍ବଲପୁରୀ କଳାକାର ଶାଶ୍ୱତ ତ୍ରିପାଠୀ ଓ ଟୁମକି ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଚାରକ ଭାବେ ଓଡ଼ିଶୀ ଓ କଥକ ନୃତ୍ୟ ଶିଳ୍ପୀ ପ୍ରିୟଙ୍କା ସୁନା, ସମ୍ବଲପୁରୀ ମଞ୍ଚ କଳାକାର ଭକ୍ତ ପଧାନ ଓ ଆକାଶବାଣୀ ସମ୍ବଲପୁର ରେଡ଼ିଓ ଗାୟକ କଳାକାର ରେଖାରାମ ବାଗ ମାର୍କିଙ୍ଗ ବିଚାରକ ଦାୟିତ୍ୱରେ ଯୋଗଦେଇଥିଲେ । ଶେଷରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରମଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମୋଟ ୧୫ଟି କ୍ଲଷ୍ଟରର ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ, ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ରୀଛାତ୍ର, ସ୍କାଉଟ ଗାଇଡ଼, ରେଡ଼କ୍ରସ, ଅଗ୍ନିଶମ ବିଭାଗ, ଆରକ୍ଷୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ



ଶପଥ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ବୌଦ୍ଧ,୨୮।୧୦ (ଅଜିତ କୁମାର ବାରିକ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସୋମବାର ଦିନ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷ ଠାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଦୁର୍ନୀତି ନିବାରଣ ଉପ ଆରକ୍ଷୀ ଅଧୀକ୍ଷକ ସୁରେଶ କୁମାର କହଁର , ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମ କେବଳ ଶପଥ ପାଠରେ ନ ରହି ନିଜେ ଦୁର୍ନୀତି ଠାରୁ ଦୂରେଇ ରହିବା ଓ ସାଧୁତା ଅବଲମ୍ବନ ରହିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହାଛଡା ବୌଦ୍ଧକୁ ଦୁର୍ନୀତିମୁକ୍ତ ଜିଲା ଭାବେ ପରଗଣିତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଏହି ଶପଥ ପାଠ କାର୍ଯ୍ୟକ୍ରମ ଜିଲାର ସମସ୍ତ କାର୍ଯ୍ୟାଳୟଗୁଡିକରେ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

### ତାଲା ପକାଇ ଧାରଣାରେ ବସିଲେ ପଞ୍ଚାୟତବାସୀ

ମନମୁଣ୍ଡା,୨୮।୧୦(ବେଣୁଧର ପଧାନ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଶୁଣ୍ଡିପଦର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ଦାବି କରି ସୋମବାର ଦିନ ପଞ୍ଚାୟତବାସୀ ଗ୍ରାମ ପଞ୍ଚାୟତ ଅଫିସରେ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜିନୀ ତାଣ୍ଡି ନିୟମିତ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁ ନ ଥିବା ବେଳେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମନୋମୁଖୀ ଭାବେ କରୁଥିବା ଧାରଣାକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି । ଗତ ସପ୍ତାହରେ କଣ୍ଟାମାଳ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସରପଞ୍ଚ ଓ ପଞ୍ଚାୟତବାସୀ ପିଇଓଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବି କରିଥିଲୋ । କିନ୍ତୁ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ପଞ୍ଚାୟତବାସୀ ତାଲା ପକାଇ ଧାରଣାରେ ବସିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି ।

# ୧୧ ଦଫା ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର

ବୌଦ୍ଧ,୨୮।୧୦ (ଅଜିତ କୁମାର ବାରିକ)

ଅଲ ଓଡିଶା ୧୦୮ଆମ୍ବୁଲାନ୍ସ କର୍ମଚାରୀ ସଂଘ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏନେଇ ସାରା ରାଜ୍ୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘ ଆନ୍ଦୋଳନ ଡାକରା ଦେଇଥିବା ବେଳେ ଏହି ଆନ୍ଦୋଳନରେ ବୌଦ୍ଧ ଜିଲା ୧୦୮ଆମ୍ବୁଲାନ୍ସ କର୍ମଚାରୀ ସଂଘ ସାମିଲ ହୋଇଛି । ଏହି ପରିପ୍ରେକ୍ଷୀରେ ସୋମବାର ଦିନ ବୌଦ୍ଧ ସଂଘ ପକ୍ଷରୁ ଏକ ୧୧ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିଗୁଡିକ ମଧ୍ୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନୂତନ କମ୍ପାନୀରେ ନିଯୁକ୍ତି, କାର୍ଯ୍ୟ କରିବାର ସଠିକ ସମୟ ଓ ପାରିଶ୍ରମିକ ନିର୍ଦ୍ଧାରଣ କରିବା , ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନଙ୍କୁ ଠିକା ସଂସ୍ଥାରୁ ମୁକ୍ତ କରାଯାଇ ନିୟମିତ କରିବା, ଅଚଳ ଆମ୍ବୁଲାନ୍ସ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ଆଦି ଦାବି ରହିଛି । ସମସ୍ୟାର ସମାଧାନ କରା ନ ଗଲେ ଆସନ୍ତା ୧ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଯୁବରାଜ କହଁର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଉତ୍କଳ କହଁର, ସହ ସଂପାଦକ ହେମନ୍ତ ମେହେର, ଉପଦେଷ୍ଟା ପ୍ରକାଶ ଖଟୁଆ ସାମିଲ ଥିଲେ।



ଆମ୍ବୁଲାନ୍ସ କର୍ମଚାରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

### କାର୍ ସହ ୫୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ମନମୁଣ୍ଡା,୨୮।୧୦ (ବେଣୁଧର ପଧାନ)

ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ପକ୍ଷରୁ ବାଇପାସ୍ ରାସ୍ତାରେ ଚଢାଉ କରାଯାଇ ଏକ କାର୍ ସହ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗଞ୍ଜେଇ ଚୋରା ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ବାଇପାସ ରାସ୍ତାରେ ଜଗି ରହିଥିଲା । ଏହି ସମୟରେ ଏକ କାର୍ ( ନଂ ଓଡି ୧୪ଏନ -୩୧୫୫) ଆସୁଥିବା ବେଳେ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା । ଉକ୍ତ କାର୍‌ରୁ ଏକ ବସ୍ତାରେ ଥିବା ୫୦ କେଜି ଗଞ୍ଜେଇ ଜବତ ହୋଇଥିଲା । ଏହି ଘଟଣାରେ କାରରେ ଥିବା ବରଗଡ ଜିଲା ବିଜେପୁର ଥାନା ଲାଉମୁଣ୍ଡା ଗ୍ରାମର ଅକ୍ଷୟ ମେହେର, ପାଇକମାଳର ଟୁନା ଭୋଇ ଓ ଛତିଶଗଡ ରାଜ୍ୟ ରାୟଗଡ ଜିଲା ଖରସିଆଁ ଥାନା ଅଞ୍ଚଳର ନିଶା କେୱାଟଙ୍କୁ ଗିରଫ କରାଯାଇଛି।ଏ ନେଇ ପୋଲିସ ଏକ ମାମଲା (ନଂ ୩୧୯/୨୪)ରୁଜୁ କରିଥିବା ବେଳେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଡୁଙ୍ଗୁରିପାଲି, ୨୮।୧୦(ଦୀନବନ୍ଧୁ ସୁନା)

ସୋନପୁର ବିଧାନସଭା ମଣ୍ଡଳୀର ଡୁଙ୍ଗୁରିପାଲିଠାରେ ସୋମବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ ୨୬ ହାଇସ୍କୁଲ ନିକଟ ଶିବ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିଜେଡି କର୍ମୀ ମାନେ ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ଏକ ଶୋଭାଯାତ୍ରାରେ ଡ୍‌ଡୁଙ୍ଗୁରିପାଲି ସହର ପରିକ୍ରମା କରି ଆରଏମ୍‌ସି ପରିସରରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ସଭାରେ ବିଧାୟକ ପୂଜାରୀ ପୂର୍ବ ନବୀନ ପଟ୍ଟନାୟକ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଅବତାରଣା କରିଥିଲେ। ବର୍ତ୍ତମାନର ଭାଜପା ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବା କହିଥିଲେ। ଆଗାମୀ ଦିନରେ ବିଜେଡିକୁ ପୁଣି ଶାସନକୁ ଆଣିବା ପାଇଁ ଦଳୀୟ କର୍ମୀମାନେ ଏକମନ ହୋଇ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିଲା ବିଜେଡି ସଭାପତି ସରୋଜ କର୍ମ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ବିଜେଡି ଉପସଭାପତି ରମେଶ ଚନ୍ଦ୍ର ପୂଜାରୀ, ଆକାଶ ମିଶ୍ର, ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ରାମପୁର ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ଭୋଇ, ବ୍ଲକ ସରପଞ୍ଚ ସଂଘ ସଭାପତି ମନୋଜ କୁମାର ପୁରୋହିତ, ସମଲେଇଚୁଆଁ ସରପଞ୍ଚ ବିଭୁଦତ୍ତ ରାଜହଂସ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାଏକ, ନାରାୟଣ ଲୁହା, ପ୍ରକାଶ ସାହୁ, ମଧୁସୂଦନ ଓତା, ପ୍ରକାଶ ସାହୁ ଦଳୀୟ ସଙ୍ଗଠନ ସଜାଡି ଆଗକୁ ବଢିବା ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ, ରଞ୍ଜନ ଠେଲା, ବିଜେଡି ମହିଳା ସଭାନେତ୍ର ତଥା ବୈଦୁପାଲି ସମିତି ସଭ୍ୟା ପୂର୍ଣ୍ଣିମା ପାଣ୍ଡିଆ, ଚିନଜୁରୀ ସମିତି ସଭ୍ୟା ବିନ୍ଦୁ ଦଣ୍ଡସେନା, ଦିଗଶିରା ସରପଞ୍ଚ କୌଶଲ୍ୟା ମେହେର, କପାସିରା ସରପଞ୍ଚ ଗୀତାଞ୍ଜଳି ସା, ତମାମୁରା ସରପଞ୍ଚ ମିତା ତ୍ରିପାଠୀ, ଉମେଶ ଚନ୍ଦ୍ର ପୂଜାରୀ, ମନରଞ୍ଜନ ପଧାନ, ବ୍ଲକ ମିଡ଼ିଆ ସେଲ ଗୁଣନିଧି ଦୀପ, ମହାଦେବ ପଧାନଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ବିଜେଡିକୁ ତୃଣମୂଳସ୍ତରରୁ ସଙ୍ଗଠିତ କରିବା ଉପରେ ଜୋର ଦେଇଥିଲେ। ହିମାଂଶୁ ଶେଖର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ମାନଭଞ୍ଜନ ମିଶ୍ର ପରଚାଳନା କରିଥିଲେ।





ଜନସମ୍ପର୍କ ପଦଯାତ୍ରା ସଭାରେ ବିଧାୟକ ନିରଞ୍ଜନ ପୂଜାରୀ ଓ ଅନ୍ୟ ନେତୃବର୍ଗ।

# ବେଧଡ଼କ ଗଛକଟା, ଧ୍ୱଂସ ପାଉଛି ଜଙ୍ଗଲ

ଲାଞ୍ଜିଗଡ଼,୨୮।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡର ବିଶ୍ୱନାଥପୁର ରେଞ୍ଜ ଅନ୍ତର୍ଗତ ମୂଷାନାଳ ବିଟ ଧଡେଲ ଜଙ୍ଗଲରେ ଅବାଧ ଗଛକଟା ଯୋଗୁ ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି। ସରକାର ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବନବିଭାଗର ଅବହେଳା ଯୋଗୁ ବେଆଇନ ଭାବେ ଗଛ କଟା ଚାଲିଛି। ସୂଚନାନୁସାରେ ଧଡେଲ ସ୍ଥିତ ରାହୁଲ ସଂରକ୍ଷିତ ଜଙ୍ଗଲ ବେନଗାଁ ପଞ୍ଚାୟତରେ ରହିଥିବା ବେଳେ ଅନ୍ୟ ପଞ୍ଚାୟତର ଲୋକେ ବେଆଇନ ଭାବରେ ମୂଲ୍ୟବାନ ଶାଳ, ହରିଡ଼ା, ଅଁଳା, ବାହାଡା, ଶିଶୁ, ବିଜା, ଶାଗୁଆନ ଗଛ କାଟିନେଉଛନ୍ତି। ଏହି ବିଷୟରେ ବେନଗାଁ ଗ୍ରାମ ପଞ୍ଚାୟତର ପଜିବାହାଳୀ, ପେଙ୍ଗଶୁର, କାର୍ଲିଯୋଡି, ଲିଟିବୋଣ୍ଡେଲ, ଧଁରାଭଟା, ପଡ଼େଇଖୁଣ୍ଟି, କୋକସରୁ, ଧଡେଲ, ପଦ୍ମଥୋପା, ଦମଘାଟି ଏବଂ ଲାଞ୍ଜି ପଞ୍ଚାୟତର ଦଣ୍ଡିଗୁଡା, ଗୋଇଚର୍ଚ୍ଚା, ଲୋଡାଙ୍ଗ, ଗୋଇପଟା, ସମେତ ଅନ୍ୟ ଗ୍ରାମର ଲୋକେ ବିରୋଧ କରି ବନବିଭାଗକୁ ଅଭିଯୋଗ କଲେ ସୁଦ୍ଧା କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ବନ ବିଭାଗ ଏସିଏଫ୍ ନରୋତ୍ତମ ମାଝୀଙ୍କୁ ପଚାରିବାରୁ ଆମ ପାଖକୁ ଏହାର ଅଭିଯୋଗ ଆସିଛି, ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।



ଜଙ୍ଗଲରୁ ମୂଲ୍ୟବାନ ଗଛ କଟାଯାଇଛି।

## ପ୍ରଥମ ପୃଷ୍ଠାରୁ

### ଚିକିତ୍ସା ଅବହେଳାର...

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍‌ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୮ କୋଟି ପାଇଁ...

ହୋଇଥିଲା। ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା। ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା। ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

## ଶ୍ରମିକ ଚାଲାଣ ପିକ୍‌ଅପ୍ ଭ୍ୟାନ୍‌କୁ ଧରିଲା ପୋଲିସ

ବ୍ରଜରାଜନଗର,୨୮।୧୦(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲଶ ଏନ୍‌ଏଚ୍ ୪୯ରେ ଗାନ୍ଧୀଛକଠାରେ ପୋଲିସ ପାଟ୍ରୋଲିଂ ସମୟରେ ଏକ ପିକଅପ୍ ଭ୍ୟାନ (ନଂ.ଓଡି ୨୩ଯେ-୮୩୮୪)ରେ ହିମଗିରିରୁ ଝାରସୁଗୁଡ଼ା ଯାଉଥିବା ୪୭ଜଣ ଶ୍ରମିକଙ୍କୁ ଧରିଛି ପୋଲିସ। ଗୋଟିଏ ଛୋଟ ଗାଡିରେ ନିଜ ଜୀବନକୁ ବାଜି ଲଗେଇ ଏତେ ସଂଖ୍ୟକ ଲୋକଙ୍କୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଦଣ୍ଡନୀୟ ଅପରାଧ। ସେଥିପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗାଡିକୁ ୨୫୧୨୦ ଟଙ୍କା ଜରିମାନା କରାଯାଇଥିବା ବ୍ରଜରାଜନଗର ଉପଆରକ୍ଷୀ ଅଧୀକ୍ଷକ



ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି। ଗାନ୍ଧୀଛକଠାରେ ଫାଣ୍ଡି ଅଧିକାରୀ ମଦନ ନାୟକ ପାଟ୍ରୋଲିଂ କରୁଥିବା ସମୟରେ ଗାଡ଼ିଟିକୁ ଧରିଥିଲା। ଝାରସୁଗୁଡ଼ା ଏମ୍‌ଭିଆଇ ସଲିଲ ସେଠି ଘଟଣାସ୍ଥଳରେ ପହଞ୍ଚି ଗାଡି ଉପରେ ଚାଲାଣ କାଟିଥିଲେ। ଆଗକୁ ଏଭଳି ଘଟଣା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛନ୍ତି।

# ଜିଲାରେ ଚାଲିଛି ଲଘୁ ଖଣିଜ ଲୁଟ୍





- ତଥ୍ୟ ମାଗିଲେ ନାଲି ଆଖି ଦେଖାଉଛନ୍ତି ଖଣି ଅଧିକାରୀ
- ମାସିକିଆ ମୋଟା ଅଙ୍କର ଟଙ୍କା ନେଇ ଅଧିକାରୀ ଚୁପ
- ଜିଲା ଖଣି ବିଭାଗ କାର୍ଯ୍ୟାଳୟରେ ଚାଲିଛି ଖୋଲମଖୁଲା ଦୁର୍ନୀତି

ଦେବଗଡ଼,୨୮।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ଖୋଲାଖୋଲି ଚାଲିଛି ଖଣିଲୁଟ। ସେ ବାଲିଘାଟ ହେଉ କି ପଥର କୁଆଁରୀ ବିନା ଲିଜରେ ଲୁଟ ହେଉଥିବା ଅଭିଯୋଗ ହୋଇଛି। ସେପଟେ ଜିଲା ଖଣି ଅଧିକାରୀଙ୍କ ଦେଖା ମିଳୁ ନ ଥିବା ବେଳେ ଆଉ ମାସକରେ ଥରେ ଅଧେ ଆସି ନିଜ ଦାୟିତ୍ୱ ସାରିଦେଉଛନ୍ତି। ଅନ୍ୟପଟେ ସରକାର ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ସହୁଛନ୍ତି। ଦେବଗଡ଼ ଜିଲାର ଲଘୁ ଖଣିଜ ସମ୍ପଦ ତହସିଲ ବିଭାଗରୁ ଖଣି ବିଭାଗକୁ ସ୍ଥାନାନ୍ତର ପରଠାରୁ ଜିଲାରେ ଖୋଲାଖୋଲ ଲୁଟ ଚାଲିଛି। ଲଘୁ ଖଣିଜ ଦ୍ରବ୍ୟ ଲୁଟ ହେଉଥିଲେ ମଧ ନିଦାବିଷ୍ଟ ସାଜିଛି ଜିଲା ଖଣି ବିଭାଗ। ବିନା ଲିଜ ପରିମିଟରେ ଟ୍ରକ ଟ୍ରକ ବାଲି ଲୁଟ ଚାଲିଛି। ସେପଟେ ପଥର କୁଆଁରି ଖନନ ଲିଜ ସରିଯିବା ପରେ ମଧ ପାହାଡ କାଟି ପଥର ଲୁଟ ଚାଲିଛି। ହେଲେ ସବୁଜାଣି ଜିଲା ପ୍ରଶାସନ ଓ ଜିଲା ଖଣି ଅଧିକାରୀ ଚୁପ ବସିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ହେଲା, ଖଣି ଅଧିକାରୀଙ୍କ ବିନା ଜାଣତରେ ଏତେ ବଡ ଲୁଟ ସମ୍ଭବ ନୁହେଁ। ଜିଲାର ୯ଟି ବାଲିଘାଟ ମଧ୍ୟରୁ ୬ଟି ବାଲିଘାଟର ଟେଣ୍ଡର ସରିଥିଲେ ମଧ ୫ଟି ବାଲିଘାଟର ନିଲାମ ଅର୍ଥ ସରକାରଙ୍କ ରାଜକୋଷରେ ଜମା କରାଯାଇ ନାହିଁ। ମାତ୍ର ସମସ୍ତ ବାଲି ଘାଟରୁ ପ୍ରତିଦିନ ଶହଶହ ଟ୍ରିପ ବାଲି ହାଇୱା ଯୋଗେ ପଡୋଶୀ ଜିଲାକୁ ଚାଲାଣ କରାଯାଉଛି। ଏଥି ପାଇଁ କିଛି ବାଲି ମାଫିଆ ଜିଲା ଖଣି ଅଧିକାରୀ ଚିତ୍ତରଞ୍ଜନ ସାହୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଥିବା କୁହାଯାଇଛି। ଜିଲାରେ ବାଲି ଓ ପଥର ଖାଦାନର ସଂଖ୍ୟା ଓ ତାହାର ସ୍ଥିତି ସମ୍ପର୍କରେ ଜିଲା ଖଣି ଅଧିକାରୀଙ୍କ ମତାମତ ନେବାକୁ ଗଣମାଧମ ପ୍ରତିନିଧିମାନେ ଉଦ୍ୟମ କରିଥିଲେ। ହେଲେ ଗଣମାଧମମାନଙ୍କୁ ଦେଖି ଜିଲା ଖଣି ଅଧିକାରୀ ନିଜ ଚ୍ୟାମ୍ବରରେ ପ୍ରଥମେ ଲାଇଟ ବନ୍ଦ କରିଦେଉଛନ୍ତି। ଗଣମାଧମମାନେ ବାରମ୍ବାର ପ୍ରଶ୍ନ କଲେ ମଧ ତାର ଉତ୍ତରେ ଦେଉନାହାନ୍ତି। ଓଲଟା ପୋଲିସରେ ମାମଲା କରିବାକୁ ଧମକ ଦେଉଛନ୍ତି। ଅନ୍ୟପକ୍ଷରେ ଛୁଟି ଦିବସରେ କାର୍ଯ୍ୟାଳୟ ମଧ୍ୟରେ କେତେକ ବାଲି ମାଫିଆଙ୍କ ସହ କଥାବାର୍ତ୍ତା ଚଳାଇଥିବା ଏବଂ ଅର୍ଥ କାରବାର କରି ନିଜ ପକେଟରେ ପୁରାଉଥିବା ଚିତ୍ର କ୍ୟାମେରାରେ ରେକର୍ଡ ହେବା ଜାଣି ଖଣି ଅଧିକାରୀ ସାହୁ ଗଣମାଧମ ପ୍ରତିନିଧିଙ୍କୁ ନାଲି ଆଖି ଦେଖାଇକୁ ପଛାଇ ନ ଥିଲେ। ତେବେ ରକ୍ଷକ ଯଦି ଭକ୍ଷକ ସାଜେ ଅଭିଯୋଗ କରିବା କାହାକୁ। ଜିଲାପାଳ ଏବଂ ସ୍ଥାନୀୟ ଦୁର୍ନୀତି ନିବାରଣ ବିଭାଗ ଜିଲା ଖଣି ବିଭାଗ କାର୍ଯ୍ୟାଳୟରେ ଚାଲିଥିବା ଖୋଲାଖୋଲି ଦୁର୍ନୀତିର ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ବମପରଡ଼ା ମପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିର।

ଦେବଗଡ଼,୨୮।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ବ୍ଲକ ବମପରଡା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୮୮ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୫୫ଟି ବ୍ୟକ୍ତିଗତ ଏବଂ ୩୩ଟି ସାମୂହିକ ଅଭିଯୋଗ ଥିବା ଜଣାପଡିଛି। ବିଶେଷ କରି ସୁଭଦ୍ରା ଯୋଜନା, ଜଙ୍ଗଲ ଜମି ପଟ୍ଟା, ପାଇଖାନା, ଶିକ୍ଷକ ନିଯୁକ୍ତି, ଜମିବାଡ଼ି ସମସ୍ୟା, ରାସ୍ତା ମରାମତି ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୪୦ଜଣ ହିତାଧିକାରୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପିବିଡିଏ ଜାଗୃତି ନାଏକ, ମଙ୍ଗଳ ସାମ୍ପ୍ରସାରିତ ଅଧିକାରୀ ଚନ୍ଦ୍ର କାନ୍ତ ନାଏକ ଉପସ୍ଥିତି ଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର ବବ୍ରୁ ବାହାନ ଦତ୍ତ, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ', 'ମହକ' ଉଦ୍‌ଯାପିତ

ଝାରସୁଗୁଡ଼ା,୨୮।୧୦(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ଠକ୍କର ବାପା ସେବା ସଦନ ପରିସରରେ ୨ଦିନିଆ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ-୨୦୨୪ ଉଦ୍‌ଯାପିତ ହୋଇଛି। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିଭାଗ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜନ କରାଯାଇଥିଲା। ପ୍ରଥମ ଦିନ ଶିଶୁମାନଙ୍କ ପାଇଁ ଉତ୍ସାହ ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗରେ ଶହେ ଓ ଦୁଇ ଶହ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଚେସ୍, କ୍ୟାରମ ଓ ଚିତ୍ରାଙ୍କନ, ନୃତ୍ୟ ଓ ଗୀତ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅନୁଷ୍ଠାନର ଅନ୍ତେବାସୀ ପ୍ରତିଯୋଗୀମାନେ ଅଂଶଗ୍ରହଣ ଗ୍ରହଣ କରିଥିଲେ। ଗିରିଧର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ତ୍ରିଲୋଚନ କାଣ୍ଡରା, ବେଲପାହାଡ଼ ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ହେମନ୍ତ ପଧାନ ଓ ପିପିଲିମାଲ୍ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଟାଜନ ବିଶ୍ୱାଳ କ୍ରୀଡା ସମୂହ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବ 'ମହକ'ରେ ବେଲପାହାଡ଼ ପୌରପରିଳିକା ଅଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ବଣ୍ଟନ କରିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀ ପ୍ରତିଯୋଗୀମାନଙ୍କ କ୍ରୀଡ଼ା ସହ ଅନ୍ୟ ସମସ୍ତ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସମସ୍ତେ ଆନ୍ତରିକ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା, ଜିଲା ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ) ଚୂଡ଼ାମଣି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେବା ସଦନର ସମ୍ପାଦକ ନିରାକାର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ସେବା ସଦନ ପରାମର୍ଶଦାତା ମାନସ କୁମାର ମଲ୍ଲିକ, ଜିଲା ପରାମର୍ଶଦାତା ସମୀର କୁମାର ମିଶ୍ର, ମନୋରଞ୍ଜନ ହରପାଲ, ଧରିତ୍ରୀ ସାହୁ, ସତ୍ୟବ୍ରତ ପଧାନ, ରସାନନ ମହାପାତ୍ର, କସ୍ତୁରୀ ପିଙ୍ଗ, ସଚିଦାନନ୍ଦ ପଧାନ, ଶୁଭମ୍ ପ୍ରତାପ ସିଂହ, ପ୍ରଶ୍ନଜିତ ସାହୁ, ତ୍ରିତୀୟା ଭଏଁସାଲ, କୌଶଲ୍ୟା କର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ କୃତୀ ପ୍ରତିଯୋଗୀମାନେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ଜିଲା ଦୁର୍ନୀତି ନିବାରଣ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ।

ଦେବଗଡ଼,୨୮।୧୦
(ଶଶାଙ୍କ ଶେଖର ଝାଙ୍କର)

ଜିଲା ଦୁର୍ନୀତି ନିବାରଣ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଓ୍ୱାନ ସମ୍ମିଳନୀ କକ୍ଷରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ଆଭାସୀ ମାଧ୍ୟମରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ପ୍ରସାଦ ପଟେଲ ଏବଂ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତିରେ ସଚେତନତା ଶପଥପାଠ କରାଯାଇଛି। ଅପରାହ୍ଣରେ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ପ୍ରସାଦ ପଟେଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ସାହୁ ମୁଖ୍ୟଅତିଥି ଓ ବରଣ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପରକ୍ଷିତ ସାହୁ ଓ ମୁଖ୍ୟବକ୍ତା ଆଇନଜୀବୀ ଦିଲୀପ ଗୁରୁ ଯୋଗଦେଇଥିଲେ। ସମସ୍ତେ ପ୍ରତ୍ୟେକ କ୍ଷେତ୍ରର ପାରଦର୍ଶିତା ରଖିବା ସହ ନିରନ୍ତର ପୂର୍ବକ ଭଷ୍ଟାଚାର ମୂଳତପାଟନ ଗୁରୁତ୍ୱପୂର୍ଣ୍ଣ ଭୂମିକା ବୋଲି କାର୍ଯ୍ୟ ଜିଲାପାଳ ସାହୁ କହିଥିଲେ। ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ବେହେରା ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିଙ୍କୁ ଶପଥ ପାଠ କରାଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଡେପୁଟି ଓରମାସ ରବୀନ୍ଦ୍ର ପ୍ରଧାନ, ଅଶୋକ କୁମାର ନନ୍ଦ, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ, ନିରଞ୍ଜନ ଦ୍ୱିବେଦୀ, ରାମଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ଦୁର୍ନୀତି ନିବାରଣ ସପ୍ତାହ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଉଚ୍ଚ ବିଦ୍ୟାଳୟସ୍ତରରେ ଆୟୋଜିତ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ନୋଟରୀ ଡେମ ଏକାଡେମୀ ଆଦିତ୍ୟ ମାଟିଆରି ପ୍ରଥମ, ଚିନ୍ମୟ ବିଦ୍ୟାଳୟର ଶ୍ରଦ୍ଧା ସୁମନ ପ୍ରଧାନ ଦ୍ୱିତୀୟ, ଶ୍ରୀୟାଂଶ ଶତପଥୀ ତୃତୀୟ, ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜ୍ୟୋତିରାଣୀ ବାଗ ପ୍ରଥମ, ନୋଟରୀ ଡେମ ଏକାଡେମୀର ସୌମ୍ୟରଞ୍ଜନ ମହାପତ୍ର ଦ୍ୱିତୀୟ, ସୁଶୀଳା ଚନ୍ଦ୍ରଶେଖର ତୃତୀୟ, ମହାବିଦ୍ୟାଳୟସ୍ତରରେ ଇଂଲିଶ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଯଶୋବନ୍ତ ବେହେରା ପ୍ରଥମ, ମାମି ସ୍ୱାଇଁ ଦ୍ୱିତୀୟ, ଆଦର୍ଶ ମହାବିଦ୍ୟାଳୟର ଦୀପକ ଭେଲେଇ ଦ୍ୱିତୀୟ, ଆଦର୍ଶ ମହାବିଦ୍ୟାଳୟର ବିଶ୍ୱଜିତ ପାତ୍ର ଓ ଆରିୟନ ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବୈଠକରେ ଜିଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଷ୍ଟମ ଦିନରେ ଇସି ସଂଘର ଆମରଣ ଅନଶନ

ଦେବଗଡ଼,୨୮।୧୦
(ଶଶାଙ୍କ ଶେଖର ଝାଙ୍କର)

### ଅସୁସ୍ଥ ମହିଳାଙ୍କୁ ଡାକ୍ତରଖାନା ସ୍ଥାନାନ୍ତର

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଚାଲିଥିବା ଆମରଣ ଅନଶନ ସୋମବାର ଅଷ୍ଟମ ଦିନରେ ପହଞ୍ଚି। ଆନ୍ଦୋଳନ ଜାରି ରହିଥିବାରୁ କେତେଜଣ ମହିଳା ଥଣ୍ଡା ଜ୍ୱରରେ ଅସୁସ୍ଥ ଅନୁଭବ କରୁଛନ୍ତି। ଅନ୍ୟପଟେ ଜଣେ ମହିଳାଙ୍କ ମୁଣ୍ଡ ବୁଲାଇବାରୁ ତଳେ ପଡିଯାଇ ଗୋଡରେ ଆଘାତ ଲାଗିଛି। ଫଳରେ ରାତି ପ୍ରାୟ ୮ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୋମବାର ରାତି ୯ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର କରି ନ ଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଗତ ୨୧ ତାରିଖଠାରୁ ଦିନରାତି ଜିଲାପାଳଙ୍କ କାର୍ଯ୍ୟାଳୟରେ ଶତାଧିକ ମହିଳା ଆମରଣ ଅନଶନରେ ବସି ରହିଛନ୍ତି । ବେଆଇନ ଭାବେ ପ୍ରଶାସନ ପକ୍ଷରୁ ନୂତନ ଇସି ମେମ୍ବର ଚିହ୍ନଟ କରାଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ରାଜ୍ୟର ଅନ୍ୟ ଜିଲାରେ ଇସି ମେମ୍ବର ଛଟେଇ ଆରମ୍ଭ ହୋଇ ନ ଥିବା ବେଳେ ଦେବଗଡ ଜିଲାରେ ମଧ ଏହାକୁ ବନ୍ଦ କରିବା ପାଇଁ ଦାବି ହୋଇଛି। ମିଶନ ଶକ୍ତି ଅନ୍ତର୍ଗତ ଜୀବିକା ମିଶନ ଇସି ମେମ୍ବରମାନଙ୍କୁ ସରକାର ସ୍କୁଟି ଋଣ ଯୋଜନାରେ ସାମିଲ କରିଥିବା ବେଳେ ସେମାନେ ମାତ୍ର ୮ଟି କିସ୍ତି ପରିଷୋଧ କରିଛନ୍ତି। ଏବେ ସେମାନଙ୍କୁ ଛଟେଇ କରାଗଲେ ବାକି ଥିବା ୪୮ ଟି କିସ୍ତି କିଭଳି ପରିଷୋଧ କରିବେ ବୋଲି ପ୍ରଶ୍ନ ଉଠାଇବା ସହିତ ନୂତନ ଇସି ମେମ୍ବର ଚୟନ ବନ୍ଦ କରିବାକୁ ଦାବି ହୋଇଛି। ଏଥିସହ ରାଜ୍ୟର ଅନ୍ୟ ଜିଲାରେ ନୂତନ ଇସି ମେମ୍ବର ଚୟନ ଆରମ୍ଭ ହେଲେ ଦେବଗଡ ଜିଲାରେ ସରକାରଙ୍କ ନିୟମ ଅନୁଯାୟୀ ଇସି ମେମ୍ବର ଚୟନ କରିବାକୁ ଦାବି ହୋଇଛି।



ଅନଶନ ବେଳେ ଅସୁସ୍ଥଙ୍କ ଚିକିତ୍ସା କରାଯାଉଛି।

ପ୍ରଥମ ପୃଷ୍ଠାରୁ

### ଚିକିତ୍ସା ଅବହେଳାର...

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍‌ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୮ କୋଟି ପାଇଁ...

ହୋଇଥିଲା। ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା। ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା। ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

## ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା

### ମୁରଲି କ୍ରିଷ୍ଣା ଫାଉଣ୍ଡେଶନ୍, କ୍ରିଷ୍ଣା ବିକାଶ ଗ୍ରୁପ୍ ଦ୍ୱାରା ନବାକାଂକ୍ଷା କାର୍ଯ୍ୟକ୍ରମ

ଦେବଗଡ଼,୨୮।୧୦
(ଶଶାଙ୍କ ଶେଖର ଝାଙ୍କର)




କାର୍ଯ୍ୟକ୍ରମରେ ଉପସ୍ଥିତ କୃତୀ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ।

ମୁରଲୀ କ୍ରିଷ୍ଣା ଫାଉଣ୍ଡେଶନ୍ ଏବଂ କ୍ରିଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ୍, ବରଗଡ଼ର ମିଳିତ ଆନୁକୂଲ୍ୟରେରେ ଦେବଗଡ଼ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମରେ କ୍ରିଷ୍ଣା ବିକାଶ ବରଗଡ଼ର ନବାକାଂକ୍ଷା- କ୍ୟାରିୟର୍ କାଉନ୍‌ସେଲିଂ ତଥା ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ଓ -ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସ୍କୁଲ୍ ଲିଡର୍ ପୁରସ୍କାରରେ ସମ୍ମାନିତ କରିବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିସହ ଦେବଗଡ଼ ଅଞ୍ଚଳର କଳା, ସଂସ୍କୃତି, ନାଟକ, ନିର୍ଦ୍ଦେଶନା, ସମାଜସେବା, କ୍ରୀଡ଼ା, ଶିକ୍ଷା କ୍ଷେତ୍ରରେ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କାରପ୍ରାପ୍ତ ସୁନାମଧନ୍ୟ ବ୍ୟକ୍ତିତ୍ୱ ଶାନ୍ତି ମଞ୍ଜରୀ ଦେଇ, ହେମନ୍ତ କୁମାର ମହାପାତ୍ର, ସୁଦାମ ଚରଣ ପରିଡ଼ା, ଜେନାମଣି ସାହୁ, ଗିରିଧାରୀ ନନ୍ଦ, ରୋମିଓ ମହାପାତ୍ର, ପ୍ରଦୀପ କୁମାର ଅମାନ୍ତ, ବିନୋଦ ସିଂ, ମନୋଜ କୁମାର ପାଣି, ନରେନ୍ଦ୍ର କୁମାର ଶତପଥୀ, ସଚ୍ଚିକାନ୍ତ ଦାଶ, ସୁଶାନ୍ତ କୁମାର ସାହୁ, ପଞ୍ଚାନନ ବ୍ରହ୍ମାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଦେବଗଡ଼ ଅଞ୍ଚଳର ୩୦ଟି ଉଚ୍ଚ ମାଧ୍ୟମିକ ସ୍କୁଲ୍ ତଥା ସିବିଏସ୍‌ଇ ସ୍କୁଲର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଦୁଇଟି ଅଧିବେସନରେ ହୋଇଥିଲା। ପ୍ରଥମ ଅଧିବେଶନରେ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ କ୍ରିଷ୍ଣା ବିକାଶ ଗ୍ରୁପ୍ ଓ ମୁରଲୀ କ୍ରିଷ୍ଣା ଫାଉଣ୍ଡେଶନ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡି.ମୁରଲୀ କ୍ରିଷ୍ଣା, କ୍ରିଷ୍ଣା ବିକାଶର ପୂର୍ବ ବର୍ଷର ଉଚ୍ଚ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷାବିତ୍‌ଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଚେୟାରମ୍ୟାନ୍ କ୍ୟାରିୟର୍ କାଉନ୍‌ସେଲିଂ ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିବା ସହିତ ନିଜର ଭବିଷ୍ୟତକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନେ କିପରି ପାଠ ପଢ଼ିବେ, ତାଙ୍କ ସଙ୍କଳ୍ପିତ ସ୍ୱପ୍ନ କିପରି ଭାବରେ ସିଦ୍ଧିଲାଭ ହେବା ସହ ଛାତ୍ରଛାତ୍ରୀମାନଙ୍କ କିପରି ସର୍ବାଙ୍ଗୀନ ଉନ୍ନତି ଏବଂ ଚରିତ୍ର ଗଠନ ସାଧିତ ହୋଇପାରିବ, ସେ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ରଥ ଅତିଥି ପରିଚୟ ତଥା ସ୍ୱାଗତ ଅଭିଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରିଷ୍ଣା ବିକାଶ ବରଗଡ଼ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ଜେଇଇ, ନିଟ୍, ଦଶମ, ଦ୍ୱାଦଶ ବୋର୍ଡ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଦେବଗଡ଼ ଅଞ୍ଚଳର ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ନୃତ୍ୟ ପରିବେଷଣ କରିଥିବା କ୍ରିଷ୍ଣା ବିକାଶ ବରଗଡ଼, ବସାଲୋଇ ଉଚ୍ଚ ବିଦ୍ୟାଳୟ, ଶୁଭ୍ରଜ୍ୟୋତି ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତିଲେଇବଣି ସମେତ ୭ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ସିବିଏସ୍‌ଇ ସ୍କୁଲ ଅଧ୍ୟକ୍ଷ, ଓଡ଼ିଆ ମାଧ୍ୟମିକ ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଏବଂ ସ୍ମୃତିଫଳକ ପ୍ରଦାନ କରି ସ୍କୁଲ୍ ଲିଡର୍ ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କ୍ରିଷ୍ଣା ବିକାଶ ଛାତ୍ରୀ ସ୍ଥିତିପ୍ରଜ୍ଞା ଦାଶ, କ୍ରିଷ୍ଣା ସାହୁ, ଅନିଷା ସାହୁ, ଶଗୁନ ପଣ୍ଡା ଓ ଅକ୍ଷରା ରାନୀ ମଞ୍ଚ ପରିଚାଳନା କରିଥିଲେ।

**ଧନତେରସରେ ବ୍ୟବସାୟ**

# ୧୦୦୦ କୋଟିର କାରବାର ଆକଳନ

## ବାଧକ ସାଜିପାରେ ଦରବୃଦ୍ଧି




ନୂଆଦିଲ୍ଲୀ,୨୮।୧୦

ଭାରତୀୟ ପରମ୍ପରା ଓ ସଂସ୍କୃତିରେ ପର୍ବପର୍ବାଣିର ମହତ୍ତ୍ୱ ଅନେକ ରହିଛି। ଏପରି କି ସବୁ ବର୍ଗର ଲୋକ ପର୍ବରେ ସାମିଲ ହୋଇ ଉତ୍ସାହିତ ହେବାକୁ ପସନ୍ଦ କରୁଥିବାବେଳେ ପର୍ବରେ ମଧ୍ୟ କିଣାକିଣି ଓ ସ୍ୱତନ୍ତ୍ର ବସ୍ତୁର କ୍ରୟ ମଧ୍ୟ କରିଥାନ୍ତି। ଚଳିତ ଧନତେରସରେ ମଧ୍ୟ କାରବାର ବେଶ୍ ଉତ୍ସାହଜନକ ରହିବ ବୋଲି ଆଶା କରାଯାଉଛି। ସେହିଭଳି ଚଳିତ ଧନତେରସ ଉପଲକ୍ଷେ ଦେଶର ଅଳଙ୍କାର ବ୍ୟବସାୟୀମାନେ ଭଲ ବ୍ୟବସାୟ ଆଶାରେ ନୂତନ କଲେକ୍ସନ ସାଙ୍ଗକୁ ଅଫର ଓ ରିହାତିର ବ୍ୟାପକ ବ୍ୟବସ୍ଥା କରିଥିବାବେଳେ ଗତବର୍ଷ ଅପେକ୍ଷା ସୁନା କାରବାର ପ୍ରାୟ ୧୨ରୁ ୧୫% ବୃଦ୍ଧି ପାଇ ୧୦୦୦ କୋଟି ଛୁଇଁବ ବୋଲି ଇଣ୍ଡିଆନ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏଶନ ପକ୍ଷରୁ ଆକଳନ କରାଯାଇଛି। ଏପରି କି ଧନତେରସ ପାଇଁ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଆକର୍ଷଣୀୟ ଅଫର ଓ ରିହାତି ଦିଆଯାଉଥିବାବେଳେ ଆଗାମୀ ବିବାହ ଋତୁକୁ ମିଶାଇ ଗ୍ରାହକ କିଣାକିଣି କରିବା ସହିତ ଦରବୃଦ୍ଧି ଆଶଙ୍କାରୁ ମଧ୍ୟ ରକ୍ଷା ପାଇବାକୁ ଏକ ସଙ୍ଗରେ କାରବାର କରିବେ ବୋଲି ଆସୋସିଏଶନ ପକ୍ଷରୁ ଆଶଙ୍କା କରାଯାଉଛି। ସେହିପରି କ୍ରମାଗତ ଭାବେ ଦରବୃଦ୍ଧିକୁ ନେଇ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଥିଲା ବେଳେ କାରବାରରେ ଉତ୍ସାହ ଭରିବା ପାଇଁ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବ୍ୟାପକ ବ୍ୟବସ୍ଥା ଓ ସୁବିଧା ଗ୍ରାହକଙ୍କୁ ଯୋଗାଇଦେବାକୁ ପ୍ରସ୍ତୁତ ହେଉଛନ୍ତି। ଅପରପକ୍ଷରେ ଚଳିତବର୍ଷ ୨ ଦିନ ଧରି ଧନତେରସ ପାଳନ ହେବାକୁ ଥିଲାବେଳେ କାରବାର ବେଶ୍ ଭଲ ରହିବ ବୋଲି ଉଭୟ ଆସୋସିଏଶନ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଆଶା ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ୍ ପିଛା ପ୍ରାୟ ୮୦,୫୦୦ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ପ୍ରାୟ ୭୪,୦୦୦ଟଙ୍କାରେ କାରବାର ହେଉଛି। ସେହିଭଳି ରୁପା ପ୍ରତି କେଜି ପିଛା ୧,୧୦,୦୦୦ ଟଙ୍କାରେ କାରବାର ହେଉଥିଲାବେଳେ ହୀରା ଓ ଅନ୍ୟାନ୍ୟ ମୂଲ୍ୟବାନ ଧାତୁର ଦର ଉଚ୍ଚ ରହିଛି। ସେହିପରି ଭୁବନେଶ୍ୱରରେ ମଧ୍ୟ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୦, ୫୦୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ପ୍ରାୟ ୭୩,୦୦୦ଟଙ୍କାରେ କାରବାର ହେଉଛି। ଏପରି କି ରୁପା ଦର ପ୍ରତି କେଜି ପିଛା ୧,୧୦,୦୦୦ ଟଙ୍କାରେ କାରବାର ହେଉଥିଲାବେଳେ ହୀର ଓ ଅନ୍ୟାନ୍ୟ ମୂଲ୍ୟବାନ ଧାତୁର ଦର ୪୦,୦୦୦ରୁ ଅଧିକ ରହିଛି। ଅପରପକ୍ଷରେ ଦରବୃଦ୍ଧି କାରବାରରେ ବାଧକ ସାଜିପାରେ ବୋଲି ବଜାର ବିଶେଷଜ୍ଞ ଆଶଙ୍କା କରୁଥିବାବେଳେ ବ୍ୟବସାୟୀମାନେ କାରବାର ପୂର୍ବାପେକ୍ଷା ଭଲ ହେବ ଏବଂ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ବୋଲି ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ କୁହାଯାଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୮।୧୦

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରି କି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ପ୍ରାୟ ୬୦୩ (୬୦୨.୭୫) ପଏଣ୍ଟ ବଢ଼ି ୮୦,୦୦୫ (୮୦,୦୦୫.୦୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୫୮ (୧୫୮.୩୫) ପଏଣ୍ଟ ବୃଦ୍ଧି ଘଟି ୨୪,୩୩୯ (୨୪,୩୩୯.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡ୍‌କ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

## ରିଲାଏନ୍ସ ଫାଉଣ୍ଡେଶନର ନୂତନ ଅଭିଯାନ

ମୁମ୍ବାଇ,୨୮।୧୦ (ଅଭୟ ଦାଶ)


ନୀତା ଅମ୍ବାନୀ

ରିଲାଏନ୍ସ ଗ୍ରୁପ୍‌ର ଅଗ୍ରଣୀ ପ୍ରତିଷ୍ଠାନ ତଥା ରିଲାଏନ୍ସ ଫାଉଣ୍ଡେଶନର ନୂତନ ଅଭିଯାନ 'ନ୍ୟୁ ହେଲ୍‌ଥ ସେବା ପ୍ଲାନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରି କି ଏହି ନୂତନ ଅଭିଯାନ ବା ଯୋଜନା ଜରିଆରେ ୫୦,୦୦୦ ପିଲାଙ୍କ ପାଇଁ ଜନ୍ମଗତ ହୃଦ୍‌ରୋଗର ମାଗଣା ସ୍କ୍ରିନିଂ ଓ ଚିକିତ୍ସା କରାଯିବ। ସେହିଭଳି ୫୦,୦୦୦ ମହିଳାଙ୍କ ପାଇଁ ସ୍ତନ ଏବଂ ଗର୍ଭାଶୟ କର୍କଟ ରୋଗର ମାଗଣା ସ୍କ୍ରିନିଂ ଓ ଚିକିତ୍ସା ସହିତ ୧୦,୦୦୦ ବାଳିକାଙ୍କ ପାଇଁ ମାଗଣା ଗର୍ଭାଶୟ କର୍କଟ ଟିକାକରଣ ଏହି ପ୍ଲାନ୍‌ରେ ସାମିଲ ରହିଛି। ଉଲ୍ଲେଖଯୋଗ୍ୟ, ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେଶନ ହସ୍ପିଟାଲର ୧୦ମ ବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା.ଏମ୍. ଅମ୍ବାନୀ ରିଲାଏନ୍ସ ଫାଉଣ୍ଡେଶନ୍ ପକ୍ଷରୁ ଏହି ନୂତନ ସ୍ୱାସ୍ଥ୍ୟସେବା ଯୋଜନାର ଆରମ୍ଭ ସମ୍ପର୍କରେ ଘୋଷଣା କରିଛନ୍ତି। ଅପରପକ୍ଷରେ ନୀତା ଅମ୍ବାନୀ କହିଛନ୍ତି, ଆମର ଉଦ୍ୟମ ହେଉଛି, ପ୍ରତ୍ୟେକ ଭାରତୀୟ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ସାଙ୍ଗକୁ ସୁବିଧାଜନକ ଏବଂ ସୁଲଭ ମୂଲ୍ୟରେ ସମସ୍ତ ସୁବିଧା ହସ୍ପିଟାଲରୁ ପାଇପାରିବେ। ଏଥିସହ ଆମେ ବହୁ ଲକ୍ଷ ଲୋକଙ୍କ ଜୀବନ ଉପରେ ପ୍ରଭାବ ପକାଇଛୁ ଏବଂ ଅସଂଖ୍ୟ ପରିବାରକୁ ଆଶା ପ୍ରଦାନ କରିଛୁ। ସେହିପରି ଆମେ ଆମର ହସ୍ପିଟାଲର ୧୦ମ ବାର୍ଷିକୀ ଉତ୍ସବ ପାଳନ କରୁଥିବାବେଳେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ସମୁଦାୟର ଶିଶୁ ଏବଂ ମହିଳାମାନଙ୍କ ପାଇଁ ଏକ ନୂତନ ମାଗଣା ସ୍ୱାସ୍ଥ୍ୟସେବା ଯୋଜନାର ଶୁଭାରମ୍ଭ କରିଛୁ। ଏପରିକି ଗତ ୧୦ ବର୍ଷ ମଧ୍ୟରେ ସାର୍ ଏଚ୍. ଏନ୍. ରିଲାଏନ୍ସ ଫାଉଣ୍ଡେଶନ ହସ୍ପିଟାଲ ଦେଢ଼ ଲକ୍ଷରୁ ଅଧିକ ପିଲାଙ୍କ ସମେତ ୨୭.୫ଲକ୍ଷ ଭାରତୀୟଙ୍କ ଜୀବନକୁ ଛୁଇଁଛି।

## 'ଏସ୍‌ବିଆଇଜି ହେଲ୍‌ଥ ସୁପର ଟପ୍ ଅପ୍'ପଲିସିର ଶୁଭାରମ୍ଭ

ନୂଆଦିଲ୍ଲୀ,୨୮।୧୦

ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ ପକ୍ଷରୁ ମୌଳିକ ସ୍ୱାସ୍ଥ୍ୟ ବୀମା ପଲିସି ଉପରେ ଏକ ସୁଲଭ ବିକଳ୍ପ ଭାବେ ପ୍ରସ୍ତୁତ କରାଯାଇଥିବା ସ୍ୱାସ୍ଥ୍ୟ ବୀମା ଟପ-ଅପ ଯୋଜନା 'ଏସ୍‌ବିଆଇଜି ହେଲ୍‌ଥ ସୁପର ଟପ-ଅପ'ର ଶୁଭାରମ୍ଭ କରାଯାଇଛି। ଏପରି କି କର୍ପୋରେଟ୍ ହେଉ କି ବ୍ୟକ୍ତିଗତ ଯେକୌଣସି ପ୍ରଦାନକାରୀଙ୍କଠାରୁ ସ୍ୱାସ୍ଥ୍ୟ ବୀମା ପଲିସିକୁ ନିରବଚ୍ଛିନ୍ନ ଭାବରେ ପୂରଣ କରି ଏହି ଉତ୍ପାଦ ବୀମା ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ସେମାନଙ୍କର ବର୍ତ୍ତମାନର ପଲିସିକୁ ବଢ଼ାଇବା ପାଇଁ ସୁଯୋଗ ପ୍ରଦାନ କରୁଛି। ଏହା ଗ୍ରାହକମାନଙ୍କୁ ସେମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁଯାୟୀ ବୀମା ସୁରକ୍ଷା ପ୍ରଦାନ କରିବାକୁ ସକ୍ଷମ କରୁଛି। 'ଏସବିଆଇଜି ହେଲ୍‌ଥ ସୁପର ଟପ୍ ଅପ୍' ପଲିସି ଲୋକମାନଙ୍କୁ ଯେକୌଣସି ଅପ୍ରତ୍ୟାଶିତ ଚିକିତ୍ସା ପରିସ୍ଥିତିର ମୁକାବିଲା କରିବାକୁ ଆଶ୍ୱାସନା ଦେଉଛି। ଏହି ପ୍ଲାନରେ ୫ ଲକ୍ଷରୁ ୪ କୋଟି ପର୍ଯ୍ୟନ୍ତ ବୀମା ରାଶି ସହିତ ଦୁଇଟି ପ୍ଲାନ ରହିଛି। ପଲିସି ଅଧୀନରେ ଯେତେବେଳେ ଆପଣଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ବୀମା ସୁବିଧା ଶେଷ ହୋଇଯାଏ କିମ୍ବା ଯେତେବେଳେ ଖର୍ଚ୍ଚ କଟାଯାଉଥିବା ରାଶିଠାରୁ ଅଧିକ ହୁଏ ସେତେବେଳେ ଦାବି ବାବଦ ରାଶି ହାତରୁ ଦେବାକୁ ପଡ଼ିଥାଏ। ଏସ୍‌ବିଆଇ ଜେନେରାଲ ଇନସ୍ୟୁରାନ୍ସର ମୁଖ୍ୟ ଉତ୍ପାଦ ଓ ମାର୍କେଟିଂ ଅଫିସର ସୁବ୍ରମଣ୍ୟମ ବ୍ରହ୍ମଯୋଗୌଲା କହିଛନ୍ତି, ଚିକିତ୍ସାର ବଢୁଥିବା ଖର୍ଚ୍ଚ ଏବଂ ଜୀବନଶୈଳୀ ଜନିତ ରୋଗର ବଢୁଥିବା ପ୍ରକୋପ ସହିତ ବ୍ୟାପକ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ଆଉ ବିଳାସ ନୁହେଁ ବରଂ ଏକ ଆବଶ୍ୟକତା ପାଲଟିଛି। ଏସବିଆଇ ଜେନେରାଲରେ ଆମେ ସର୍ବଦା ଗ୍ରାହକମାନଙ୍କୁ ସରଳ ଏବଂ ସୁଲଭ ସମାଧାନ ପ୍ରଦାନ କରିବାରେ ଅଗ୍ରଣୀ ରହିଛୁ, ଯାହା ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି।



ଭୁବନେଶ୍ୱରର ସୌଭାଗ୍ୟନଗରଠାରେ କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍‌କୁ ସୋମବାର ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କଲ୍ୟାଣ ଜୁଏଲର୍ସର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଆଲାଏନ୍ସ ନେଟ୍‌ୱର୍କ ସହ ଆକ୍ସିସ୍ ବ୍ୟାଙ୍କର ବୁଝାମଣା

ନୂଆଦିଲ୍ଲୀ,୨୮।୧୦

ଆଲାଏନ୍ସ ନେଟ୍‌ୱର୍କ ଇଣ୍ଡିଆ ଏବଂ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରି କି ଏହି ବୁଝାମଣା ବ୍ୟାଙ୍କର ବ୍ୟାପକ ନେଟ୍‌ୱର୍କ ଓ ସହଜ କାରବାର ଲାଗି ବିଶେଷତା ଏବଂ ଆଲାଏନ୍ସ ନେଟ୍‌ୱର୍କର ଅଭିନବ ପ୍ରଯୁକ୍ତି ଏକାଠି ହେବ, ଯାହା ମର୍ଚ୍ଚାଣ୍ଟଙ୍କୁ ଉନ୍ନତ ଓ ସୁହାଇବା ଭଳି ସମାଧାନ ପ୍ରଦାନ କରିବ। ଏହି ଅବସରରେ ଆଲାଏନ୍ସ ନେଟ୍‌ୱର୍କ ପକ୍ଷରୁ ଆକ୍ସିସ୍ ବ୍ୟାଙ୍କ ସହଭାଗିତାରେ ଭାରତୀୟ ବଜାରକୁ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଆଲାଏନ୍ସ ନେଟ୍‌ୱର୍କ ଇଣ୍ଡିଆ ଓ ଆକ୍ସିସ୍ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ, ଯାହା ଏହି ସହଯୋଗିତାର ଗୁରୁତ୍ୱକୁ ଦର୍ଶାଉଛି।

ଏ ସମ୍ପର୍କରେ ଆକ୍ସିସ ବ୍ୟାଙ୍କର ସଭାପତି ତଥା କାର୍ଡ ଏବଂ ପେମେଣ୍ଟ ମୁଖ୍ୟ ସଞ୍ଜୀବ ମୋଘେ କହିଛନ୍ତି, ଆମେ ବ୍ୟବସାୟୀ ସମୁଦାୟ ପାଇଁ ଏକ ଦ୍ରୁତ ଏବଂ ଅଧିକ ସୁରକ୍ଷିତ ପେମେଣ୍ଟ ବ୍ୟବସ୍ଥାକୁ ପ୍ରାଥମିକତା ଦେବା ସହିତ ଅତ୍ୟାଧୁନିକ ପେମେଣ୍ଟ ସମାଧାନ ପ୍ରଦାନ କରିବା ପାଇଁ ବ୍ୟାପକ ଡିଜିଟାଲ୍ ସମାଧାନ ଉପରେ ନିରନ୍ତର କାର୍ଯ୍ୟ କରୁଛୁ। ଆମେ ବିଶ୍ୱାସକରୁ ଯେ, ଏହି ସହଭାଗିତା କେବଳ ବ୍ୟବସାୟୀମାନଙ୍କ ପାଇଁ ଦେୟ ପ୍ରକ୍ରିୟାକରଣ କ୍ଷମତା ବୃଦ୍ଧିକରିବ ନାହିଁ ବରଂ ଭାରତରେ ଡିଜିଟାଲ ଅର୍ଥନୀତିର ଅଭିବୃଦ୍ଧିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିବ। ଦ୍ରୁତ ଗତିରେ ପରିବର୍ତ୍ତିତ ବଜାରରେ ବ୍ୟବସାୟକୁ ସମୃଦ୍ଧ କରିବା ପାଇଁ ସଶକ୍ତ କରୁଥିବା ଅସାଧାରଣ ମୂଲ୍ୟ ଏବଂ ଅଭିନବ ସମାଧାନ ପ୍ରଦାନ କରିବାକୁ ଆମେ ମିଳିତ ଭାବେ ପ୍ରତିଶ୍ରୁତିବଦ୍ଧ ରହିବୁ। ସେହିଭଳି ଆଲାଏନ୍ସ ନେଟ୍‌ୱର୍କ ଗ୍ରୁପର ଜିସିଇଓ ନିରଞ୍ଜନ ସାଙ୍ଗଲ କହିଛନ୍ତି, ଏହି ସହଭାଗିତା ମାଧ୍ୟମରେ ଆମେ ଭାରତୀୟ ବଜାରରେ ଆନୁଷ୍ଠାନିକ ଭାବେ ପ୍ରବେଶକରି ବେଶ୍ ଉତ୍ସାହିତ ଅଛୁ।

## ବନ୍ଧନ ବ୍ୟାଙ୍କର ୨ୟ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୮।୧୦

ବନ୍ଧନ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର ଆଗାମୀ କାର୍ଯ୍ୟକଳାପ ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ବ୍ୟାଙ୍କର ମୋଟ ବ୍ୟବସାୟ ଏହି ସମୟ ମଧ୍ୟରେ ୨୪% ବୃଦ୍ଧି ପାଇ ୨.୭୩ ଲକ୍ଷ କୋଟି ଟଙ୍କା ହୋଇଛି। ସେହିଭଳି ବ୍ୟାଙ୍କର ମୋଟ ଜମାରେ ରିଟେଲ୍ ଭାଗ ବର୍ତ୍ତମାନ ପ୍ରାୟ ୬୮% ରହିଛି। ଏପରିକି ବିତରଣରେ ସମ୍ପ୍ରସାରଣ, ବ୍ୟବସାୟରେ ଦକ୍ଷତା ଓ ଅନୁକୂଳ ପରିଚାଳନା ପରିବେଶକୁ ନେଇ ଏହି ତ୍ରୈମାସିକରେ ବ୍ୟାଙ୍କ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଭାରତରେ ବ୍ୟାଙ୍କର ୬୩୦୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଥିଲାବେଳେ ଏହି ଆଉଟଲେଟ ଜରିଆରେ ୩.୫ କୋଟିରୁ ଅଧିକ ଗ୍ରାହକଙ୍କୁ ବ୍ୟାଙ୍କ ସେବା ପ୍ରଦାନ କରୁଛି। ବନ୍ଧନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୮୦,୦୦୦ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୨୭% ବୃଦ୍ଧି ପାଇଛି। ଏପରିକି ମୋଟ ଜମା ବର୍ତ୍ତମାନ ୧.୪୨ ଲକ୍ଷ କୋଟି ଟଙ୍କା ରହିଛି ଏବଂ ମୋଟ ଅଗ୍ରିମ ପରିମାଣ ୧.୩୧ ଲକ୍ଷ କୋଟି ଟଙ୍କା ହୋଇଛି। ଏପରିକି (କରେଣ୍ଟ) ଚଳନ୍ତି ଓ ସଞ୍ଚୟ ଖାତା ପୁସ୍ତିକା (କାସା) ମୋଟ ଜମାର ୩୩.୨% ରହିଛି। ବ୍ୟାଙ୍କ ସ୍ଥିରତାର ସଙ୍କେତ ଭାବେ ବିଚାର କରାଯାଉଥିବା ପୁଞ୍ଜି ସ୍ୱଚ୍ଛତା ଅନୁପାତ (ସିଏଆର୍) ୧୫.୪% ରହିଛି, ଯାହା ନିୟାମକ ଆବଶ୍ୟକତା ତୁଳନାରେ ଅଧିକ ରହିଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ରତନ କୁମାର କେଶ କହିଛନ୍ତି,ବନ୍ଧନ ବ୍ୟାଙ୍କର ଦ୍ୱିତୀୟ ତୈମାସିକରେ ଦୃଢ଼ ପ୍ରଦର୍ଶନ ଗୁଣାତ୍ମକ ଅଭିବୃଦ୍ଧି ଧାରା ସହିତ ବିପଦର ଉପଯୁକ୍ତ ପରିଚାଳନା ଏବଂ ନିୟମ ପାଳନ ଉପରେ ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ଏପରିକି ଆମର ସଫଳତା ଆମ ଗ୍ରାହକମାନଙ୍କ ବିଶ୍ୱାସ ଓ ଆମ କର୍ମଚାରୀମାନଙ୍କ ସମର୍ପଣ ଉପରେ ପର୍ଯ୍ୟବସିତ ରହିଛି।

## ଆକର୍ଷଣୀୟ ମୂଲ୍ୟରେ ପ୍ରିମିୟମ ସାମଗ୍ରୀ

ନୂଆଦିଲ୍ଲୀ,୨୮।୧୦

ଚଳିତ ଦୀପାବଳି ଅବସରରେ ସାମ୍‌ସଙ୍ଗ ଗାଲାକ୍ସି ଏବଂ ପ୍ଲେଷ୍ଟେସନ ଦ୍ୱାରା ପରିଚାଳିତ ଆମାଜନ.ଇନ ଦୀପାବଳି ଷ୍ଟୋର ଗ୍ରାହକଙ୍କ ଆବଶ୍ୟକ ଅନୁଯାୟୀ ସମସ୍ତ ଜିନିଷ ନେଇ ଆସିଛି। ଏପରି କି ଆମାଜନ.ଇନ ଦୀପାବଳି ଷ୍ଟୋରରେ ଗ୍ରାହକ/ଉପଭୋକ୍ତାମାନେ ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଏବଂ ଏଚ୍ଏସ୍‌ବିସି ବ୍ୟାଙ୍କର କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ କାରବାର ଏବଂ କ୍ରେଡିଟ୍ କାର୍ଡ ଇଏମ୍ଆଇ ଉପରେ ୯୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ସହିତ ଫେଷ୍ଟିଭ୍-ପାର୍ଟି ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର ପାଇବେ। ସେହିଭଳି ଚଳିତ ପାର୍ବଣ ଋତୁକୁ ସ୍ୱତନ୍ତ୍ର କରିବା ପାଇଁ ପ୍ଲାଟଫର୍ମ ଦ୍ୱାରା ଡିଜାଇନ କରାଯାଇଥିବା ଅଫର ସହିତ ୧୦, ୦୦୦ଟଙ୍କାରୁ ଅଧିକ କ୍ରୟ କଲେ ଚୟନିତ ଗୃହ ଏବଂ ରୋଷେଇ ଉପକରଣ ଉପରେ ୧୦୦୦ ଟଙ୍କାର ଆକର୍ଷଣୀୟ ରିହାତି ମିଳିବ। ଏପରି କି ଉପଭୋକ୍ତଙ୍କ ଘରକୁ ସୁନ୍ଦର କରିବା ସହିତ ସର୍ବନିମ୍ନ ୧୫୦୦ ଟଙ୍କା ବ୍ୟୟରେ ଘର, ରୋଷେଇ ଘର ଏବଂ ବାହାର ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୩୦୦ ଟଙ୍କାର ସ୍ୱତନ୍ତ୍ର ରିହାତି ଯୋଗାଇ ଦିଆଯାଉଛି। ଏପରି କି ଅଗ୍ରଣୀ ଫ୍ୟାଶନ ଏବଂ ସୌନ୍ଦର୍ଯ୍ୟ ବ୍ରାଣ୍ଡ ଉପରେ ୮୦% ପର୍ଯ୍ୟନ୍ତ ସଞ୍ଚୟ କରିବା ସହିତ ଏଥ୍‌ନିକ୍ ପୋଷାକ, ଘଣ୍ଟା ଏବଂ ସ୍ମାର୍ଟୱାଚ୍ ଉପରେ ସ୍ୱତନ୍ତ୍ର ଡିଲ୍ ଉପଲବ୍ଧ ରହିଥିଲାବେଳେ ପ୍ରତ୍ୟେକ ସ୍ମରଣୀୟ ମୁହୂର୍ତ୍ତକୁ ପ୍ରିମିୟମ୍ ସ୍ମାର୍ଟଫୋନ୍ ଏବଂ ଇଏମ୍ଆଇ ଉପରେ ମାସିକ ୯୯୯ ଟଙ୍କାରୁ ଆରମ୍ଭ କରି ୪୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଅପରପକ୍ଷରେ ବିଭିନ୍ନ ଉପକରଣ ଉପରେ ୭୫% ପର୍ଯ୍ୟନ୍ତ ରିହାତି ସହିତ ୧୬,୦୦୦ ଟଙ୍କାର ଅତିରିକ୍ତ ବିନିମୟ ରିହାତି ଏବଂ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍କାଳ ବ୍ୟାଙ୍କ ରିହାତି ସହିତ ଉପଭୋକ୍ତାମାନେ ସେମାନଙ୍କ ଘରକୁ ଅପଗ୍ରେଡ୍ କରିପାରିବେ। ସେହିପରି ଏହି ସୁବିଧା ପ୍ରଦାନ କରିବା ପାଇଁ ଆମାଜନ.ଇନ ସାମ୍‌ସଙ୍ଗ ଗାଲାକ୍ସି, ସୋନି ପ୍ଲେଷ୍ଟେସନ, ୱାନପ୍ଲସ୍, ଆଇକ୍ୟୁଓଓ, ଜେବିଏଲ୍, ବୋଟ୍, ସୋନି, ଏଲଜି, ଟାଟା ସମ୍ପନ ଏବଂ ଟାଇଟାନ୍ ଭଳି ଶୀର୍ଷ ବ୍ରାଣ୍ଡରୁ ଦୀପାବଳି ପାର୍ଟି ଅତ୍ୟାବଶ୍ୟକ ସାମଗ୍ରୀର ଏକ ତାଲିକା ପ୍ରସ୍ତୁତ କରିଛି; ଯାହା ଗ୍ରାହକଙ୍କ ଉତ୍ସବ ଅବସରରେ ଅତିରିକ୍ତ ଚମକ ଆଣିବ। ଏହି ଅବସରରେ ଆମାଜନ.ଇନରେ ଆକର୍ଷଣୀୟ ରିହାତି ଦିଆଯାଉଛି, ଯେଉଁଥିରେ ବ୍ଲାକ୍+ଡେକର ଷ୍ଟିମ୍ ମୋପ୍‌କୁ ମାତ୍ର ୯୮୫୭ ଟଙ୍କା, ସାଜସଜ୍ଜା ପାଇଁ ଫିଲିପ୍ସ ଷ୍ଟାରଲାଇଟ୍ ୧୨ମିଟର ୭୨ ଏଲଇଡି ଷ୍ଟ୍ରିଙ୍ଗ୍ ଲାଇଟ୍ ୨୪୯ଟଙ୍କା,ପ୍ରକାଶ କ୍ୟାଣ୍ଡେଲ୍ ପ୍ରିମିୟମ୍ ଲଡୁ କ୍ୟାଣ୍ଡେଲ୍ ଦ୍ୱାରା ପ୍ରୋସ୍ପେରୋ ଲୁମୋ ମାତ୍ର ୨୩୯ ଟଙ୍କା, ନେଷ୍ଟେସିଆ ଗୋଲାପ କାଚ ୬ ସେଟ୍ ମାତ୍ର ୧୫୮୫ ଟଙ୍କାରେ ପାଇପାରିବେ।

## ନିଯୁକ୍ତି ଉପରେ ପଡୁଛି ଏଆଇ ପ୍ରଭାବ

ଭୁବନେଶ୍ୱର,୨୮।୧୦(ଅନୁରାଧା ମହାରଣା)

ଚାକିରି ଉପରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ପ୍ରଭାବ ବିଷୟରେ ବିଭିନ୍ନ ସମୟରେ ତର୍କବିତର୍କ ଜାରି ରହିଛି। କିଛି ଲୋକ ଚାକିରି ପ୍ରତି ଏହାର ବିପଦକୁ ଅସ୍ୱୀକାର କରୁଥିବାବେଳେ ଅନ୍ୟମାନେ ଏହାକୁ ଚାକିରି ପାଇଁ ଏକ ବଡ଼ ସମସ୍ୟା ବୋଲି କହିଛନ୍ତି। ଯଦିଓ ୨୦୨୩ରୁ ସମଗ୍ର ବିଶ୍ୱରେ ଛଟେଇ ପ୍ରକ୍ରିୟା ଜାରି ରହିଛି, ମାତ୍ର କୌଣସି କମ୍ପାନୀ ଏଆଇ ଏଥିପାଇଁ ଦାୟୀ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ବର୍ତ୍ତମାନ ନିଯୁକ୍ତି ଉପରେ ଏଆଇ ବିପଦକୁ ନେଇ ସରକାର ସଚେତନ ହୋଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ଦାବି କରିଛି ଯେ, ଚାକିରି ଉପରେ ଏଆଇ ପ୍ରଭାବକୁ ନେଇ ଅର୍ଥ ମନ୍ତ୍ରଣାଳୟ ସତର୍କ ହୋଇପଡ଼ିଛି। ଭବିଷ୍ୟତରେ ଏଆଇ ଉପରେ କଡ଼ା ନଜର ରଖିବାକୁ ମଧ୍ୟ ପ୍ରସ୍ତୁତି ଚାଲିଛି। ଏହାପୂର୍ବରୁ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଅର୍ଥନୈତିକ ସର୍ଭେରେ ଚେତାବନୀ ଦିଆଯାଇଥିଲା ଯେ, ଏଆଇ କାରଣରୁ ଅନେକ ଲୋକ ଚାକିରି ହରାଉଛନ୍ତି। ବର୍ତ୍ତମାନ ସେପ୍ଟେମ୍ବରର ମାସିକ ଅର୍ଥନୈତିକ ସମୀକ୍ଷାରେ ଏହା ମଧ୍ୟ କୁହାଯାଇଛି ଯେ ଏଆଇ କାରଣରୁ ଚାକିରି ବିପଦରେ ଅଛି। ଏହି ପ୍ରସଙ୍ଗରେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ଅଛି । ଏଆଇ କମ୍ପାନୀଗୁଡ଼ିକରେ କର୍ମଚାରୀଙ୍କୁ ବଦଳାଉଛି। ଅର୍ଥନୈତିକ ସମୀକ୍ଷା ଅନୁଯାୟୀ ଶ୍ରମ ବଜାର ବର୍ତ୍ତମାନ ସ୍ଥିର ରହିଛି। ବେକାରି ହାର ମଧ୍ୟ ୩.୨ ପ୍ରତିଶତରେ ପହଞ୍ଚିଛି। ଦେଶର କର୍ମକ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଛି। ରିପୋର୍ଟରେ କୁହାଯାଇଛି ଯେ ଇପିଏଫ୍‌ଓ ତଥ୍ୟ ମଧ୍ୟ ଚାକିରିର ବୃଦ୍ଧିକୁ ସୂଚାଉଛି। ଅନ୍ୟପଟେ ଏହିପରି ଅନେକ ରିପୋର୍ଟ ପ୍ରକାଶ ପାଇଛି ଯେ, କୃତ୍ରିମ ଇଣ୍ଟେଲିଜେନ୍ସ ଅନେକ କମ୍ପାନୀରେ ଶୀଘ୍ର ନିଜର ସ୍ଥାନ ସୃଷ୍ଟି କରୁଛି। ଜୁଲାଇର ଅର୍ଥନୈତିକ ସର୍ବେକ୍ଷଣରେ କୁହାଯାଇଥିଲା ଯେ, କୃତ୍ରିମ ଇଣ୍ଟେଲିଜେନ୍ସର ଆଗମନ କମ୍ ଦକ୍ଷତା, ଅର୍ଦ୍ଧ କୁଶଳୀ ଏବଂ ଉଚ୍ଚ କୁଶଳୀ ଶ୍ରମ ଉପରେ ପ୍ରଭାବ ପକାଇବ।

## ସକ୍ଷମ ମାଧ୍ୟମରେ ସାମର୍ଥ୍ୟର ପ୍ରମାଣ

ଭୁବନେଶ୍ୱର,୨୮।୧୦



ବେଦାନ୍ତ ଆଲୁମିନିୟମର ଫ୍ଲାଗଶିପ୍ କାର୍ଯ୍ୟକ୍ରମ ତଥା ଦକ୍ଷତା ବିକାଶ ପଦକ୍ଷେପ ପ୍ରୋଜେକ୍ଟ 'ସକ୍ଷମ' ମାଧ୍ୟମରେ ଆଶାୟୀ ଛାତ୍ରୀଛାତ୍ରମାନେ ସାମର୍ଥ୍ୟର ପ୍ରମାଣ ଦେଖାଇ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାରେ ନିୟୋଜିତ ହୋଇଛନ୍ତି। ବିଶେଷକରି ଝାରସୁଗୁଡ଼ା ଜିଲା ସମେତ ପଡ଼ୋଶୀ ଅଞ୍ଚଳର ଆଇଟିଆଇ ସ୍ନାତକମାନଙ୍କୁ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ଭୁବନେଶ୍ୱର ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର ଜରିଆରେ ଦକ୍ଷତା ବିକାଶ ସହିତ କମ୍ପାନୀ ସଫଳତାପୂର୍ବକ ସହାୟତା ପ୍ରଦାନ କରିଛି। ଏପରି କି ଏକ ବର୍ଷ ଧରି ଚାଲିଥିବା ଆବାସିକ କାର୍ଯ୍ୟକ୍ରମ ପ୍ରୋଜେକ୍ଟ ସକ୍ଷମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ମେକାଟ୍ରୋନିକ୍ସ, ଯାନ୍ତ୍ରିକ ଏବଂ ବୈଦ୍ୟୁତିକ ସେବା, ଭୂଲମ୍ବ ପରିବହନ ଏବଂ ବୈଦ୍ୟୁତିକ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ ବ୍ୟବସାୟରେ ବିଶେଷଜ୍ଞମାନଙ୍କଠାରୁ ଉନ୍ନତ ଶିକ୍ଷା ଲାଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହେବା ସହିତ ଛାତ୍ରୀଛାତ୍ରମାନେ ଟାଟା ମୋଟର୍ସ, ଜନସନ ଲିଫ୍ଟ ଏବଂ ଏସ୍କାଲେଟର ଭଳି ଅଗ୍ରଣୀ ସଂସ୍ଥାଗୁଡ଼ିକରେ ନିଯୁକ୍ତି ପାଇଛନ୍ତି। ଅପରପକ୍ଷରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ନିକଟରେ ବେଦାନ୍ତ ପକ୍ଷରୁ ସମ୍ମାନିତ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ପ୍ରୋଜେକ୍ଟ ସକ୍ଷମ ପରବର୍ତ୍ତୀ ପିଢ଼ିକୁ ସଶକ୍ତ କରିବା ପାଇଁ ଆମର ଅଦମ୍ୟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରି କି ଆମେ ଆମର ସ୍ନାତକମାନଙ୍କ ପାଇଁ ଅତ୍ୟଧିକ ଗର୍ବିତ; ଯାହା କି ସେମାନଙ୍କର ଉଲ୍ଲେଖନୀୟ ସଫଳତା ତଥା କଠିନ ପରିଶ୍ରମ ଏବଂ ସାମର୍ଥ୍ୟର ଏହା ପ୍ରମାଣ ପାଲଟିଛି। ଯେଉଁଠାରେ ଆମେ କାର୍ଯ୍ୟ କରୁଛୁ, ସେହି ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ବଢ଼ାଇବା ପାଇଁ ଆମେ ପ୍ରତିବଦ୍ଧ ରହିଛି। ଏପରି କି ସେମାନଙ୍କୁ ବଜାର ସମ୍ବନ୍ଧୀୟ ଜ୍ଞାନକୌଶଳ ପ୍ରଦାନ ସହିତ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଏବଂ ନିରନ୍ତର ଶିକ୍ଷାର ସଂସ୍କୃତି ପ୍ରତିପାଦନ କରି ଆମେ କେବଳ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରୁ ନାହୁଁ ବରଂ ଦେଶର ସୁଦୂର ଅଞ୍ଚଳକୁ ସାମାଜିକ-ଅର୍ଥନୈତିକ ମୁଖ୍ୟ ସ୍ରୋତରେ ମଧ୍ୟ ପହଞ୍ଚାଉଛୁ। ବେଦାନ୍ତ ଆଲୁମିନିୟମ ସେମାନଙ୍କ ପରିବର୍ତ୍ତନଶୀଳ ଯାତ୍ରାର ଏକ ଅଂଶ ହୋଇଥିବାରୁ ଏହା ଏକ ଗୌରବର ବିଷୟ ପାଲଟିଛି।

## ଦେଶରେ ଖୋଲିବ ୭୭ ନୂଆ ଅଫ୍‌ଲାଇନ ଟେକ୍ନୋଲୋଜି ସକ୍ଷମ ଲର୍ନିଂ ସେଣ୍ଟର୍

### ଫିଜିକ୍ସ ୱାଲାର ସମ୍ପ୍ରସାରଣ ପ୍ରୋଗ୍ରାମ

ଭୁବନେଶ୍ୱର,୨୮।୧୦



ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ମଲ୍ଟିନ୍ୟାଶନାଲ ଏଡ୍‌ଟେକ୍ କମ୍ପାନୀ ଫିଜିକ୍ସ ୱାଲା (ପିଡବ୍ଲ୍ୟୁ) ପକ୍ଷରୁ ୨୦୨୫-୨୬ଶିକ୍ଷାବର୍ଷରେ ଦେଶବ୍ୟାପୀ ୭୭ଟିନୂଆ ଅଫ୍‌ଲାଇନ ଟେକ୍ନୋଲୋଜି ସକ୍ଷମ ଲର୍ନିଂ ସେଣ୍ଟର୍‌ର ଶୁଭାରମ୍ଭ କରାଯିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନୂଆ ସେଣ୍ଟରଗୁଡ଼ିକ ତାମିଲନାଡୁ, ଗୁଜରାଟ, ଜମ୍ମୁକଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ଭଳି ରାଜ୍ୟଗୁଡ଼ିକରେ ପରିବ୍ୟାପ୍ତ ରହିବ। ଏହି ସମ୍ପ୍ରସାରଣ ପ୍ରଭାବୀ ରୂପେ ପିଡବ୍ଲ୍ୟୁର ଅଫ୍‌ଲାଇନ ଉପସ୍ଥିତିକୁ ୧୪୧ଟି ସହରରେ ପହଞ୍ଚାଇବ ସହିତ ୨୦୩ଟି ସେଣ୍ଟରକୁ ଦୁଇଗୁଣ ବୃଦ୍ଧି କରିବ। ପିଡବ୍ଲ୍ୟୁର ବର୍ତ୍ତମାନ ଦେଶବ୍ୟାପୀ ୧୨୬ଟି ବିଦ୍ୟାପୀଠ ଓ ପାଠଶାଳା ସେଣ୍ଟର୍ ରହିଛି। ଏହି ରଣନୈତିକ ଅଭିବୃଦ୍ଧି ମାଧ୍ୟମରେ ପିଡବ୍ଲ୍ୟୁ ଟିୟର ୨ ଓ ଟିୟର ୩ ସହରଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଉପରେ ନିର୍ଦ୍ଦିଷ୍ଟ ଧ୍ୟାନ ସହିତ ଗୁଣାତ୍ମକ ଶିକ୍ଷା ପାଇଁ ପହଞ୍ଚକୁ ବହୁମାତ୍ରାରେ ବୃଦ୍ଧି କରିବ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେଣ୍ଟର ମୁଖ୍ୟ ଶୁଜା ଅହମ୍ମଦ ଏବଂ ବ୍ୟବସାୟ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ଛୋଟରାୟ ଉପସ୍ଥିତ ରହି ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ, ପିଡବ୍ଲ୍ୟୁର ଅଫ୍‌ଲାଇନ ସେଗ୍‌ମେଣ୍ଟ ଦୁଇଟି ମଡେଲ 'ବିଦ୍ୟାପୀଠ (ଭିପି) ଓ ପାଠଶାଳା'ରେ ବିଭାଜିତ ହୋଇଛି। ବିଦ୍ୟାପୀଠଗୁଡ଼ିକ ଟେକ୍-ସକ୍ଷମ ଅଫ୍‌ଲାଇନ ସେଣ୍ଟର ଅଟେ, ଯେଉଁଠାରେ ଛାତ୍ରୀଛାତ୍ରମାନେ ଦକ୍ଷ ଶିକ୍ଷକ ଶିକ୍ଷାର୍ଥୀଙ୍କ ନେତୃତ୍ୱାଧୀନ ଇନ୍-ପର୍ସନ କ୍ଲାସରେ ଯୋଗଦେଇଥାନ୍ତି। ପାଠଶାଳା ମଡେଲ ଏହାର ସ୍ୱତନ୍ତ୍ର ଦୁଇ ଜଣ ଶିକ୍ଷକ ବ୍ୟବସ୍ଥା ସହିତ ଏକ ଅଧିକ ଅଭିନବ ଦୃଷ୍ଟିକୋଣ ପ୍ରଦାନ କରୁଛି। ପାଠଶାଳା ସେଣ୍ଟରଗୁଡ଼ିକରେ ଛାତ୍ରୀଛାତ୍ରମାନେ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ଥିବା ଶିକ୍ଷକଙ୍କ ଦ୍ୱାରା ଶିଖାଯାଉଥିବା ଫିଜିକାଲ କ୍ଲାସ୍‌ରେ ଯୋଗଦେଉଥିବା ବେଳେ ଜଣେ ୨ୟ ଶିକ୍ଷକ ସନ୍ଦେହ ଓ ପ୍ରଶ୍ନର ସମାଧାନ ପାଇଁ ଶ୍ରେଣୀଗୃହଗୁଡ଼ିକରେ ଶାରୀରିକ ରୂପେ ଉପସ୍ଥିତ ରହିଥାନ୍ତି । ଏହି ମଡେଲ ନିଜର ଭୌଗୋଳିକ ଅବସ୍ଥିତି ନିର୍ବିଶେଷରେ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠିତ ଶିକ୍ଷକଙ୍କ ବିଶେଷଜ୍ଞତାରୁ ଉପକୃତ ହେବା ପାଇଁ ଅନୁମତି ଦେଇଥାଏ। ଉଭୟ ମଡେଲକୁ ଏକତ୍ରିତ କରି ପିଡବ୍ଲ୍ୟୁ ପ୍ରଭାବୀ ରୂପେ ଡିଜିଟାଲ ଓ ଫିଜିକାଲ ଶିକ୍ଷା ପରିବେଶକୁ ମିଶ୍ରଣ କରିବା ସହ ନିରନ୍ତର ଭାବେ ଦେଶର ପ୍ରତ୍ୟେକ କୋଣକୁ ଉଚ୍ଚମାନର ଶିକ୍ଷା ବିତରଣ କରୁଛି।

ଏ ସମ୍ପର୍କରେ ଫିଜିକ୍ସ ୱାଲାର ସିଇଓ (ଅଫ୍‌ଲାଇନ) ଅଙ୍କିତ ଗୁପ୍ତା କହିଛନ୍ତି, ଆମେ ସବୁବେଳେ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ଓ ଉନ୍ନତିକୁ ପ୍ରାଥମିକତା ଦେଇଥାଉ। ଏପରିକି ଅଧିକ ସେଣ୍ଟର ଖୋଲି, ଆମେ ନିଶ୍ଚିତ କରିବାକୁ ଚାହୁଁଛୁ, ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପାଇବା ପାଇଁ ଦୀର୍ଘପଥ ଅତିକ୍ରମ କରିବାକୁ ପଡ଼ିବ ନାହିଁ; ଯାହା ସେମାନଙ୍କର ଆର୍ଥିକ ବୋଝକୁ ହ୍ରାସ କରିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୯/୨୦୨୪ Bhubaneswar, Tuesday, October 29/ 2024

# ଓଡ଼ିଶାର ଇନିଂସ ପରାଜୟ

**ଭୁବନେଶ୍ୱର, ୨୮।୧୦ (ତପନ ସ୍ୱାଇଁ)**

ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ସୋମବାର ଶେଷ ହୋଇଥିବା ରଣଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ଓଡ଼ିଶା ଏକ ଇନିଂସ ୯୮ ରନରେ ବରୋଦାଠାରୁ ପରାଜିତ ହୋଇଛି। କ୍ରମାଗତ ଖରାପ ବ୍ୟାଟିଂ ଯୋଗୁ ଚଳିତ ସିଜନରେ ୩ ମ୍ୟାଚରୁ ଓଡ଼ିଶା ପ୍ରଥମ ପରାଜୟ ବରଣ କରିଛି। ଅଗରତାଲାରେ ଅନୁଷ୍ଠିତ ତ୍ରିପୁରା ବିପକ୍ଷ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ

## ରଣ୍ଜୀ ଟ୍ରଫି

ଜମ୍ମୁ-କଶ୍ମୀର ବିପକ୍ଷ ଦ୍ୱିତୀୟ ମ୍ୟାଚ ଡ୍ର ରହିଥିଲା ଏବଂ ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଥିଲା। ଭଦୋଦରାରେ ଓଡ଼ିଶା ପ୍ରଥମ ଇନିଂସରେ ୧୯୩ ଓ ଦ୍ୱିତୀୟ ଇନିଂସରେ ମାତ୍ର ୧୬୫ ରନରେ ଅଲ୍ଆଉଟ ହୋଇଛି। ଫଳରେ ମ୍ୟାଚ ୩ ଦିନରେ ଶେଷ ହୋଇଛି। ବରୋଦା ପ୍ରଥମ ଇନିଂସରେ ୪୫୬ ରନ କରିଥିବାବେଳେ ଶତକୀୟ ଇନିଂସ ଖେଳିଥିବା ଅଧିନାୟକ କୃନାଲ ପାଣ୍ଡ୍ୟା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୩ ମ୍ୟାଚରୁ ୩ ବିଜୟ ସହ ବରୋଦା ୧୮ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଓଡ଼ିଶା ୩ ମ୍ୟାଚରୁ ଗୋଟିଏ ଲେଖାଏ ପରାଜୟ, ଡ୍ର ଓ ଫଳାଫଳ ବିହୀନ ସହ ୪ ପଏଣ୍ଟରେ



ପ୍ଲେୟର ଅଫ୍ ଦି ମ୍ୟାଚ କୃନାଲ ପାଣ୍ଡ୍ୟା।

ସ୍ଥିର ରହିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ମୁମ୍ବାଇ ବିପକ୍ଷରେ ଖେଳିବ। ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ ବିକେସି ପଡ଼ିଆରେ ଏହି ମ୍ୟାଚ ନଭେମ୍ବର ୬ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### କୃନାଲଙ୍କ ଶତକ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୩୫୪/୬ରୁ ଖେଳ ଆରମ୍ଭ କରିଥିବା ବରୋଦା ଆଉ ୧୦୨ ରନ ଯୋଗକରି ଅବଶିଷ୍ଟ ୪ ଉଇକେଟ ହରାଇଥିଲା। କୃନାଲ କ୍ୟାରିୟରର ଦ୍ୱିତୀୟ ପ୍ରଥମଶ୍ରେଣୀ ଶତକ ହାସଲ କରିଥିଲେ। ସେ ୧୫ ଚୌକା ଓ ୪ ଛକା ସହାୟତାରେ ୧୧୯ ରନ କରିଥିଲେ। ଶେଷଭାଗରେ ମହେଶ ପିଥିୟା ୩୬ ଓ ଭାର୍ଗବ ଭଟ୍ଟ ୨୬ ରନରେ ଅପରାଜିତ ରହି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଓଡ଼ିଶା ପକ୍ଷରୁ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଦ୍ୱିତୀୟ ଥର ପାଇଁ କ୍ୟାରିୟରରେ ୫ ଉଇକେଟ ସଫଳତା ପାଇଥିବାବେଳେ ସୁନୀଲ ରାଉଳଙ୍କୁ ୨ଟି ଏବଂ କାର୍ତ୍ତିକ ବିଶ୍ୱାଳ, ହର୍ଷିତ ରାଠୋଡ ଓ ସୁମିତ ଶର୍ମାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

### କାର୍ତ୍ତିକ ଲଢ଼ିଲେ, ନିନାଦଙ୍କୁ ୬

ଦ୍ୱିତୀୟ ଇନିଂସରେ ଓଡ଼ିଶା ବ୍ୟାଟରଙ୍କୁ ସତର୍କତାର ସହ ଖେଳି କ୍ରିଜରେ ଅଧିକ ସମୟ ବିତାଇବା ଆବଶ୍ୟକ ହେଉଥିଲା। ମାତ୍ର ତାହା ହୋଇ ନ ଥିଲା। ଅଧିନାୟକ ପୋଦ୍ଦାରଙ୍କ ସହ ୬ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିବାବେଳେ ମଧ୍ୟଭାଗରେ କାର୍ତ୍ତିକ ବିଶ୍ୱାଳ ଏକାକୀ ଲଢ଼ି ୫୩ ରନରେ ଅପରାଜିତ ରହିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଯୁବ ବ୍ୟାଟର ମାତ୍ର ୨୬ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହାୟତାରେ ୫୩ ରନରେ ଅପରାଜିତ ରହିଥିଲେ। ଓପନର ଅନୁରାଗ ଷଡ଼ଙ୍ଗୀ ୪୯ ଏବଂ ଟପ୍ ଅର୍ଡରରେ ସନ୍ଦୀପ ପଟ୍ଟନାୟକ ୨୯ ରନ କରିବାକୁ ସକ୍ଷମ ହୋଇଥିଲେ। ବରୋଦା ପକ୍ଷରୁ ବାମହାତୀ ସ୍ପିନର ନିନାଦ ରଥଭା ୬ ଉଇକେଟ ନେଇ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ମହେଶ ପିଥିୟା ଓ ଭାର୍ଗବ ଭଟ୍ଟ ୨ଟି ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୯୩। ବରୋଦା ପ୍ରଥମ ଇନିଂସ: ୪୫୬/ଅଲ୍ଆଉଟ (କୃନାଲ ପାଣ୍ଡ୍ୟା-୧୧୯, ବିଷ୍ଣୁ ସୋଲାଙ୍କି-୯୮, ଶିବାଲିକ ଶର୍ମା-୯୬, ଗୋବିନ୍ଦ ପୋଦ୍ଦାର-୫/୧୩୧, ସୁନୀଲ ରାଉଳ-୨/୯୨, କାର୍ତ୍ତିକ ବିଶ୍ୱାଳ-୧/୪୧, ହର୍ଷିତ ରାଠୋଡ-୩୪, ସୁମିତ ଶର୍ମା-୧/୭୫)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୬୫/ଅଲ୍ଆଉଟ (କାର୍ତ୍ତିକ ବିଶ୍ୱାଳ-୫୩*, ଅନୁରାଗ ଷଡ଼ଙ୍ଗୀ-୪୯, ନିନାଦ ରଥଭା-୬/୬୦, ମହେଶ ପିଥିୟା-୨/୬୨, ଭାର୍ଗବ ଭଟ୍ଟ-୨/୩୮)।

# ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ୬ରୁ

**ଭୁବନେଶ୍ୱର,୨୮।୧୦(ବିଜୟ ରଣା):** ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ଆସୋସିଏଶନ ଆନୁକୂଲ୍ୟରେ ୩୦ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ୨୦୨୪ ଆୟୋଜନ କରାଯାଇଛି। ଏହା କଟକର ସିଡିଏ ସେକ୍ଟର-୬ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ନଭେମ୍ବର ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିରୁ ପ୍ରଦର୍ଶନ ଭିତ୍ତିରେ ବିଭିନ୍ନ ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତା ପାଇଁ ଓଡ଼ିଶାର ସିନିୟର ଏବଂ ବିଭିନ୍ନ ବୟସ ବର୍ଗର ବାଳିକା ଓ ବାଳକ ଦଳ ମନୋନୟନ କରାଯିବ। ଚାମ୍ପିୟନଶିପ୍‌ରେ ୧୪ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ଏଥିରେ କେବଳ ପୁରୁଷ ଓ ମହିଳା, ୟୁଥ୍ ବାଳକ ଓ ବାଳିକା (୧୯ବର୍ଷରୁ କମ୍), ଜୁନିୟର ବାଳକ ଓ ବାଳିକା (୧୭ ବର୍ଷରୁ କମ୍), ସବ୍‌ଜୁନିୟର ବାଳକ ଓ ବାଳିକା (୧୫ ବର୍ଷରୁ କମ୍), କ୍ୟାଡେଟ୍ ବାଳକ ଓ ବାଳିକା (୧୩ ବର୍ଷରୁ କମ୍) ଏବଂ ହୋପ୍ସ ବାଳକ ଓ ବାଳିକ (୧୧ ବର୍ଷରୁ କମ୍) ବିଭାଗରେ ବ୍ୟକ୍ତିଗତ ସିଙ୍ଗଲ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଖେଳାଳିଙ୍କ ଲାଗି ନାମ ପଠାଇବା ଶେଷ ତାରିଖ ଅକ୍ଟୋବର ୩୦ ତାରିଖ ରଖାଯାଇଛି। ଓଡ଼ିଶାର ଯେକୌଣସି ଜିଲା ଓ ଅନୁଷ୍ଠାନ ଏଥିରେ ଭାଗ ନେଇପାରିବେ। ସେମାନେ ଜିଲା ଆସୋସିଏଶନ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ଇ-ମେଲ ଜରିଆରେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ, ବାରବାଟୀ ଷ୍ଟାଡିୟମ, କଟକ ଠିକଣାରେ ଯୋଗାଯୋଗ କରିପାରିବେ।

# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୮।୧୦ (ତପନ ସ୍ୱାଇଁ)**

 କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଲିଆଣ୍ଡର ପେସ୍ ଟେନିସ ଷ୍ଟାଡିୟମରେ ସୋମବାର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଉଦ୍‌ଘାଟିତ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଦୀପକ କୁମାର ବେହେରା, ରେଜିଷ୍ଟ୍ରାର ପ୍ରଶାନ୍ତ କୁମାର ରାଉତରାୟ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିସ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ନିଜର ମ୍ୟାଚଗୁଡ଼ିକ ଜିତି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ମହିଳା ଦଳ ସେମିଫାଇନାଲରେ ପହଞ୍ଚିବା ସହ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ (ମହିଳା) ଓ ୫ମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଦଳକୁ ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## କିଟ୍ ଓ କିସ୍ ମହିଳା ଦଳକୁ ସର୍ବଭାରତୀୟ ଏବଂ ଖେଲୋ ଇଣ୍ଡିଆ ଯୋଗ୍ୟତା



କିସ୍ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ଟେନିସ ଦଳ।

ମହିଳା ବର୍ଗରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟକୁ କିସ୍ ଏବଂ ଡିଡିୟୁ ଗୋରଖପୁର ବିଶ୍ୱବିଦ୍ୟାଳୟକୁ କିଟ୍ ପରାସ୍ତ କରିଛି। ସେହିପରି ଏମ୍‌ଜି କାଶୀ ବିଦ୍ୟାପୀଠକୁ ହରାଇଛି ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ। ପୁରୁଷ ବର୍ଗରେ ତେଜପୁର ବିଶ୍ୱବିଦ୍ୟାଳୟକୁ କିସ୍, ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟକୁ କିଟ୍, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟକୁ ମଣିପୁର ବିଶ୍ୱବିଦ୍ୟାଳୟ ଏବଂ ସୋଆ ବିଶ୍ୱବିଦ୍ୟାଳୟକୁ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି।




# ମଞ୍ଜୁଲତା, ସବିତାଙ୍କୁ ଜୁଡୋ ଜୁଏଲ୍ ପୁରସ୍କାର

**ଭୁବନେଶ୍ୱର, ୨୮।୧୦ (ତପନ ସ୍ୱାଇଁ)**

ପାରା ଜୁଡୋ ଓଡ଼ିଶା ପକ୍ଷରୁ ସୋମବାର ବିଶ୍ୱ ଜୁଡୋ ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମଞ୍ଜୁଲତା ଦାସ ଓ ସବିତା ନନ୍ଦଙ୍କୁ ଜୁଡୋ ଜୁଏଲ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ପାରା ଜୁଡୋ ଓଡ଼ିଶା ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଜୁଡୋ ଖେଳାଳି ମନମୋହନ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଉଭୟ ମଞ୍ଜୁଲତା ଓ ସବିତାଙ୍କୁ ମାନପତ୍ର ସହ ୨୫,୦୦୦ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ପୂର୍ବତନ ଜୁଡୋ ଖେଳାଳି ଶାନ୍ତିଲତା ପାତ୍ର ଓ




ଅତିଥିଙ୍କ ଗହଣରେ ପୁରସ୍କାର ବିଜେତା ମଞ୍ଜୁଲତା ଦାସ ଓ ସବିତା ନନ୍ଦ।

ମଧୁସ୍ମିତା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଜୁଡୋ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରତିଷ୍ଠିତ ଜୁଡୋ ଖେଳାଳି ଅମିୟ କୁମାର ଦ୍ୱିବେଦୀ, ପୂର୍ବତନ ଜୁଡୋ ଖେଳାଳି ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଶ୍ୱ ଜୁଡୋ ଦିବସ ପାଳନର ପଞ୍ଚମ ବର୍ଷ ପୂର୍ତ୍ତି ଉପଲକ୍ଷେ ଅତିଥିଙ୍କ ଦ୍ୱାରା 'ନିମୋନିକ୍' ପତ୍ରିକା ଉନ୍ମୋଚନ କରାଯାଇଥିଲା। ଏହି ଉତ୍ସବକୁ ଜାତୀୟ ପଦକଧାରୀ ତଥା ଆୟୋଜକ ସମ୍ପାଦକ ବ୍ରଜ କିଶୋର ଦାଶ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଡର-ଗାଭାସ୍କର ଟ୍ରଫିରେ ଡେବ୍ୟୁ କରିବେ ଇଙ୍ଗଲିସ

**ସିଡ୍‌ନୀ,୨୮।୧୦(ପି.ଟି.):** ଆସନ୍ତା ବର୍ଡର-ଗାଭାସ୍କର ଟ୍ରଫିରେ ଉଇକେଟକିପର ବ୍ୟାଟର ଜୋଶ ଇଙ୍ଗଲିସ ପଦାର୍ପଣ କରିବାର ସମ୍ଭାବନା ରହିଛି ବୋଲି ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲି କହିଛନ୍ତି। ନଭେମ୍ବର ମାସରୁ ଏହି ଶୃଙ୍ଖଳା ଆରମ୍ଭ ହେବାକୁ ଯାଉଥିବା ବେଳେ ଇଙ୍ଗଲିସ୍ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବରେ ପଦାର୍ପଣ କରିବେ ବୋଲି ବେଲି ସୂଚନା ଦେଇଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳା ଯାଉଥିବା ଏହି ସିରିଜ୍‌ର ଅନ୍ତିମ ୪ ସଂସ୍କରଣରେ ଭାରତ ବିଜୟୀ ହୋଇଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ନଭେମ୍ବର ୨୧ ତାରିଖରେ ପର୍ଥରେ ଖେଳାଯିବ।




# ପ୍ରାଚୁର୍ଯ୍ୟ ଚାମ୍ପିୟନ, ସୌନ୍ଦର୍ଯ୍ୟ ରନରଅପ୍

**ଭୁବନେଶ୍ୱର, ୨୮।୧୦ (ତପନ ସ୍ୱାଇଁ)**

ଅଗରତାଲାରେ ଏଆଇସିଏଫ୍‌ବି (ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ ଫର ଦି ବ୍ଲାଇଣ୍ଡ) ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଓଡ଼ିଶାର ଦୁଇ ଭ୍ରାତା ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ଚାମ୍ପିୟନ ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ରନରଅପ୍ ହୋଇଛନ୍ତି। ପଶ୍ଚିମବଙ୍ଗର ଅମଲ ସର୍ଦ୍ଦାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୩ ଜଣ ଯାକ ଖେଳାଳି ୬ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ତେବେ ବୁକୋଲଜରେ ପ୍ରାଚୁର୍ଯ୍ୟ ଶୀର୍ଷରେ ରହି ଚାମ୍ପିୟନ ହୋଇଛନ୍ତି। ଓଡ଼ିଶାର ଅନ୍ୟ ଖେଳାଳିଙ୍କ ମଧ୍ୟରେ ଦୀପକ କୁମାର ଭୋଇ ୫ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଥିବାବେଳେ ନିମେଇ ଦାସ ଓ ସୁଧୀର କୁମାର ନାୟକ ୪

## ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଚେସ୍

ପଏଣ୍ଟ ଲେଖାଏ ଏବଂ ଶଶିକାନ୍ତ ରାଉତ ଓ ଆଶିଷ କୁମାର ସାହୁ ୩ ପଏଣ୍ଟ ଲେଖାଏ ପାଇ ଅଭିଯାନ ଶେଷ କରିଛନ୍ତି। ୭ ରାଉଣ୍ଡ ମଧ୍ୟରୁ ପ୍ରାଚୁର୍ଯ୍ୟ ୬ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ କେବଳ ତୃତୀୟ ରାଉଣ୍ଡରେ ଅନ୍ୟତମ ଓଡ଼ିଆ ଖେଳାଳି ଦୀପକ କୁମାର ଭୋଇଙ୍କଠାରୁ ପରାଜିତ ହୋଇଥିଲେ। ପ୍ରତିଯୋଗିତାରୁ ତାଙ୍କୁ ୧୨.୬ ପଏଣ୍ଟର ଫାଇଦା ହୋଇଛି। ଅନ୍ୟପକ୍ଷରେ ସୌନ୍ଦର୍ଯ୍ୟ ପ୍ରଥମ ୬ଟି ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରି ବିଜୟ ସ୍ୱାଦ ପାଇଥିବାବେଳେ ଶେଷ ରାଉଣ୍ଡରେ ନିଜ ଭାଇ ପ୍ରାଚୁର୍ଯ୍ୟ ନିକଟରୁ ହାରି ଯାଇଥିଲେ।







ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ